ଆଉ ଜଣେ ଗାନ୍ଧୀ ମଣିଷ

# ରବିସିଂ ମାଝୀ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

## ଆଉ ଜଣେ ଗାନ୍ଧୀ ମଣିଷ:

# ରବିସିଂ ମାଝୀ

ରଚନା

ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

ସମ୍ପାଦକ

ଡକ୍ଟର ପ୍ରମୋଦ କୁମାର ପରିଡ଼ା

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଆଉ ଜଣେ ଗାନ୍ଧୀ ମଣିଷ : ରବିସିଂ ମାଝୀ

*ରଚନା* : ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

*ସମ୍ପାଦକ* : ଡକ୍ଟର ପ୍ରମୋଦ କୁମାର ପରିଡ଼ା

© *ପ୍ରକାଶକ* : ସଦସ୍ୟ-ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ, ୨୦୦୯

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦

**AAU JANE GANDHI MANISHA : RABISINGH MAJHI**

**Writer** : **Shri Subash Chandra Mishra**

**Editor** : **Dr. Promod Kumar Parida**

© ***Publisher*** : Member-Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : **January, 2009**

***Printed at*** : Bholanath Press
1201/1601, Bomikhal, Bhubaneswar-751010

# ଆଉ ଜଣେ ଗାନ୍ଧୀ ମଣିଷ : ରବିସିଂ ମାଝୀ

*ରଚନା* : ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

*ସମ୍ପାଦକ* : ଡକ୍ଟର ପ୍ରମୋଦ କୁମାର ପରିଡ଼ା

© *ପ୍ରକାଶକ* : ସଦସ୍ୟ-ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ, ୨୦୦୯

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦

**AAU JANE GANDHI MANISHA : RABISINGH MAJHI**

**Writer** : **Shri Subash Chandra Mishra**

**Editor** : **Dr. Promod Kumar Parida**

© ***Publisher*** : Member-Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : **January, 2009**

***Printed at*** : Bholanath Press
1201/1601, Bomikhal, Bhubaneswar-751010

# ସୂଚିପତ୍ର


| କ୍ର.ସଂ. | | ବିଷୟ | ପୃଷ୍ଠା |
|---|---|---|---|
| | | ମୁଖବନ୍ଧ | ୧ |
| ଏକ | : | ଗାଆଁର ନାମ ବାଟିବେଢ଼ା | ୪ |
| ଦୁଇ | : | ପିଲାଦିନ | ୮ |
| ତିନି | : | କାଳ ଚକିରେ ଆଦିବାସୀ ଜୀବନ | ୧୨ |
| ଚାରି | : | ଗାନ୍ଧିବାଣୀ ଓ ବଣମୂଲକରେ ତା'ର ପ୍ରତିଧ୍ୱନି | ୧୯ |
| ପାଞ୍ଚ | : | ଗଣ୍ଡ ଜାତିର ବିବାହ ବିଧିରେ ରବିସିଂ | ୨୩ |
| ଛଅ | : | ରବିସିଂ ମାଝୀଙ୍କ କର୍ମୀ ହେବାର ଇଚ୍ଛା | ୩୧ |
| ସାତ | : | ନାତି ପିଲାକେ ଗାନ୍ଧି ମାପ୍ରୁକେ ଦେଲି | ୩୪ |
| ଆଠ | : | ବାଟିବେଢ଼ା ଗାଁର ଆଉ ଜଣେ କର୍ମୀ | ୩୬ |
| ନଅ | : | ଧାନ୍ ଗଡ଼ମ୍ ନାଇ ଦେବାର | ୩୮ |
| ଦଶ | : | ରବିସିଂଙ୍କ ଜାତିଗଲା | ୪୨ |
| ଏଗାର | : | ତ୍ରିଲୋଚନ ମିଶ୍ରଙ୍କ ପରାମର୍ଶ | ୪୫ |
| ବାର | : | କାଶୀ ବିଶ୍ୱନାଥ ସାହୁ | ୪୭ |
| ତେର | : | ସୁନାଧର ନାୟକ ମାଟିରେ ମିଶିଗଲା | ୫୩ |
| ଚଉଦ | : | ତାରାଗାଁ କର୍ମୀ ଶିବିରରେ ରବିସିଂ ମାଝୀ | ୫୮ |
| ପନ୍ଦର | : | ନୂଆପୁଟ ଗାଁରେ ଦୁଇ ମାସ | ୬୧ |
| ଷୋହଳ | : | କଂଗ୍ରେସ କହିଲା ଯୁଦ୍ଧ ଚନ୍ଦା ଦିଅ ନାହିଁ | ୬୮ |
| ସତର | : | ରବିସିଂ ମାଝୀଙ୍କ ବ୍ୟକ୍ତିଗତ ସତ୍ୟାଗ୍ରହ | ୭୦ |

ଅଠର : ଉମରକୋଟ ଥାନାରୁ ନବରଙ୍ଗପୁର ଜେଲ ............. ୭୬
ଉଣେଇଶି : କୋରାପୁଟ ଜେଲ୍‌ରେ ରବିସିଂ ମାଝୀ.......... ୭୮
କୋଡ଼ିଏ : ତେଣେ ବାଟିବେଡ଼ା ଗାଁ ଘରେ ........................ ୮୨
ଏକୋଇଶି : ପୁଣିଥରେ ବ୍ୟକ୍ତିଗତ ସତ୍ୟାଗ୍ରହ ........................ ୮୪
ବାଇଶି : ଗୋରା ସରକାର ଭାରତ ଛାଡ଼ ........................ ୮୯
ତେଇଶି : ଉମରକୋଟ ଥାନା ଘେରାଓର ପୂର୍ବ ପ୍ରସ୍ତୁତି ............ ୯୩
ଚବିଶି : ଉମରକୋଟ ଥାନା ଘେରାଓ ........................ ୯୯
ପଚିଶି : ରବିସିଂ ମାଝୀଙ୍କ ସ୍ତ୍ରୀ ବେଶରେ ପାପଡ଼ାହାଣ୍ଡି ଯାତ୍ରା ..... ୧୦୬
ଛବିଶି : ଉମରକୋଟ ଥାନା ଘେରାଓ ଓ ପୋଲିସ୍ ଅତ୍ୟାଚାର ... ୧୧୨
ସତେଇଶି : ଗାଁର ମାଟି ଜନମ୍ ମାଟି ........................ ୧୧୫
ଅଠେଇଶି : ରାତିସାରା ନିଆଁଝାସରେ ରବିସିଂ ମାଝୀ .............. ୧୧୮
ଅଣତିରିଶି : ବଗା ପୂଜାରୀ ଗିରଫ ହେଲେ ........................ ୧୨୩
ତିରିଶି : ରବିସିଂ ଓ ବଗାପୂଜାରୀଙ୍କ ବିଚାରଣା .................... ୧୨୯
ଏକତିରିଶି : କୋରାପୁଟ ଜିଲ୍ଲାରେ ଭାରତ ଛାଡ଼ ଆନ୍ଦୋଳନର ପ୍ରଭାବ ..... ୧୩୪
ବତିଶି : ଆମର ଦେଶ ଆମର ହେଲା ........................ ୧୩୭
ତେତିଶି : ଦୁଃଖର ସାଗରରେ ରବିସିଂ ମାଝୀ ........................ ୧୪୧
ଚଉତିରିଶି : ନବରଙ୍ଗପୁର ଡାକବଙ୍ଗଳାରେ ରବିସିଙ୍କ ମନର କଥା... ୧୪୩
ପଞ୍ଚତିରିଶି : ବାଟିବେଡ଼ା ଗ୍ରାମ ଓ ଭୂଦାନ ଆନ୍ଦୋଳନ । .............. ୧୪୬
ଛତିଶି : ରବିସିଂ ମାଝୀଙ୍କ ରାଜନୈତିକ ଜୀବନ: ବିଧାୟକ ଓ ଉପମନ୍ତ୍ରୀ... ୧୪୯
ସତେଇଶି : ମରଣ ନୁହେଁ ସେ ଅମର ହେବାର ବେଳା .............. ୧୫୧
ଅଠତିରିଶି : ରବି ସିଂ ମାଝୀଙ୍କ ବ୍ୟକ୍ତିତ୍ୱ: ସେମାନଙ୍କ ଆଖିରେ ....... ୧୫୩
ପରିଶିଷ୍ଟ : (କ) ବଂଶବିବରଣୀ........................ ୧୫୫

# ମୁଖବନ୍ଧ

ଦକ୍ଷିଣ ଆଫ୍ରିକାରୁ ମହାତ୍ମାଗାନ୍ଧୀଙ୍କର ଭାରତ ପ୍ରତ୍ୟାବର୍ତ୍ତନ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ଗତିପଥକୁ ପରିବର୍ତ୍ତିତ କରିଦେଇଥିଲା । ତାଙ୍କର ସତ୍ୟ ଓ ଅହିଂସା, ସତ୍ୟାଗ୍ରହ ଓ ଅସହଯୋଗର ବାର୍ତ୍ତା ସାରା ଭାରତକୁ ଚମକାଇ ଦେଲା । ଓଡ଼ିଶା ବି ବାଦଗଲା ନାହିଁ । ଗାନ୍ଧିଜୀ ହୋଇଗଲେ ଭାରତର ଜନଗଣ ମନର ଅଧିନାୟକ । ଗାନ୍ଧୀଙ୍କ ପାଖରେ କି ମନ୍ତ୍ର ଥିଲା କେଜାଣି ସମସ୍ତେ ତାଙ୍କ ଦେଖାଇବା ବାଟଟିକୁ ମୁକ୍ତିର ବାଟ ବୋଲି ଗ୍ରହଣ କରି ନେଇଗଲେ ।

ଗାନ୍ଧିଜୀ ୧୯୩୪ରେ ଓଡ଼ିଶା ଗସ୍ତରେ ଆସିଲେ, ଓଡ଼ିଶାର ଅଗଣିତ ମଣିଷ ଏଇ ସାଧାରଣ ମଣିଷଟି ଭିତରେ ଯେପରି ନିଜକୁ ହିଁ ଦେଖିବାକୁ ପାଇଲେ । ଏଇ ଓଡ଼ିଶାର କୋରାପୁଟ ଜିଲ୍ଲାର ହଜାର ହଜାର ଆଦିବାସୀଙ୍କ ପାଇଁ ଗାନ୍ଧିଜୀ ହୋଇଗଲେ "ଗାନ୍ଧୀମାପ୍ରୁ"। ବହୁତ ଆଦିବାସୀ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ଜେଲ ଗଲେ, ଲାଠିମାଡ଼ ଖାଇଲେ । କେତେ ପୋଲିସ ଗୁଳିରେ ଶହୀଦ ହେଲେ, ଫାଶି ପାଇଲେ । ଯୁଗଯୁଗର ଜଡ଼ତା, ଭୟକୁ ଛାଡ଼ି ଏହି ଆଦିବାସୀ ମଣିଷ କ୍ରାନ୍ତିର କଥା ଶୁଣିଲେ, କହିଲେ । ସମସ୍ତେ କଂଗ୍ରେସର ଚାରିଅଣିଆ ସଭ୍ୟ ହୋଇ "ଗାନ୍ଧୀଗୁମାସ୍ତା" ବୋଲାଇବାରେ ଗର୍ବ ଅନୁଭବ କଲେ ।

ଅବିଭକ୍ତ କୋରାପୁଟ ଜିଲ୍ଲାର ହଜାର ହଜାର ଆଦିବାସୀ ମଣିଷ ରାଜତନ୍ତ୍ର ଓ ଇଂରେଜତନ୍ତ୍ରର ଦ୍ୱୈତ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ଜୀବନ ଜୀଇଁବାର ସ୍ୱପ୍ନ ଦେଖିଲେ । ସେହି ସ୍ୱପ୍ନକୁ ସତ୍ୟରେ ପରିଣତ କରିବା ପାଇଁ ଗାନ୍ଧୀଜୀ ଯେମିତି ସେମାନଙ୍କ ପାଇଁ ଅବତାର ନେଇ ଆସିଥିଲେ । ବହୁ ଆଦିବାସୀ ତାଙ୍କ ବତାଇବା ବାଟରେ ପାଦ ଦେଲେ । କେତେ ଦୁଃଖ, ଯାତନା, କଷଣ ସହିଲେ । ସେହି ଆଦିବାସୀମାନଙ୍କ ମଧ୍ୟରେ ତତ୍‌କାଳୀନ କୋରାପୁଟ ଜିଲ୍ଲାର ନବରଙ୍ଗପୁର ସବ୍‌ଡିଭିଜନ୍ ଉମରକୋଟ ତାଲୁକର ମହୁଲ, ତିନ୍ତୁଳି, ଶାଳଗଛ ଘେରା ଛୋଟିଆ ଆଦିବାସୀ ଗାଁ 'ବାଟିବେଡ଼ା'ର ରବିସଂ ମାଝୀ ଥିଲେ ଜଣେ ।

ଭାରତର ଘୋର ଦୁର୍ଦ୍ଦିନ ସମୟରେ ତା୧୨.୧୦.୧୯୨୨ରିଖ ଦିନ ଗଣ୍ଡ ଆଦିବାସୀ ସମ୍ପ୍ରଦାୟରେ ଜନ୍ମ ନେଇଥିଲେ ସେ । ଶରୀର ଆକୃତି ଯୋଗୁଁ ତାଙ୍କ ଡାକ ନାଆଁ ହୋଇଗଲା ବୁଟି । (ଆଞ୍ଚଳିକ ଚଳଣିରେ ଏଶବ୍ଦର ଅର୍ଥ ବାଙ୍ଗରା)

ଲେଙ୍ଗୁଟି ମାରି, ବେଡ଼ାରେ, ନାଳରେ ମାଛ କଙ୍କଡ଼ା ଧରୁଥିବା ପିଲା, ବଣକୁ ଯାଇ ବାଟୁଲୀରେ ପକ୍ଷୀ ଶିକାର କରୁଥିବା ପିଲା, କେନ୍ଦୁ ଗୋଟାଉ ଥିବା ପିଲା ୧୫ ବର୍ଷ ବୟସରେ ପଢ଼ିଲା ତୃତୀୟ ଶ୍ରେଣୀର ପାଠ । ୧୬ ବର୍ଷରେ ସେ ହେଲା କଂଗ୍ରେସର ଚଉରିଅଣିଆ ସଭ୍ୟ । କି ମୋହନ ମନ୍ତ୍ର ଶିଖାଇଦେଲା କଂଗ୍ରେସିଆ ସନଦର ଗାଉଣ୍ଟିଆ (ସୁନାଧର ଗାଉଣ୍ଟିଆ) ଯେ ସେ ଗୋଟାପଣେ ହଜିଗଲା ଗାନ୍ଧୀ ଆଦର୍ଶରେ । ତାପାଇଁ ଗୁରୁଦ୍ରୋଣ ପାଲଟି ଗଲେ ନବରଙ୍ଗପୁରର କ୍ରାନ୍ତିପୁରୁଷ, ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ । ତା ଭିତର ଦେଇ ଯୁଗ ଯୁଗର ଜଡ଼ତା ଭାଙ୍ଗି ଯେମିତି କଡ଼ ଲେଉଟାଇଲା ଉମରକୋଟ, ଝରିଗାଁ, ରାଇଘର ଅଞ୍ଚଳର ଆଦିବାସୀ ମଣିଷ । ବେଠି, ବେଗାରି, ହାଟପାହାରି, ଗାଁ ଖେଦା, ବେଡ଼ାଛଡ଼ା, ହଳପାନ୍ଥ, ବଣପାନ୍ଥର ଅତ୍ୟାଚରରେ ଅତିଷ୍ଠ ଆଦିବାସୀ ମଣିଷ ଅଣଆଦିବାସୀ ସ୍ୱାର୍ଥପର ମଣିଷର ଚକ୍ରାନ୍ତରେ ମରି ମରି ଜୀଉଁଥିବା ଆଦିବାସୀ ମଣିଷ, ଓଡ଼ିଆ ତେଲେଙ୍ଗ ରାଜକର୍ମଚରୀଙ୍କ ଯାତନାରେ ଅଣ୍ଟା ସଳଖି ଠିଆ ହୋଇ ପାରୁନଥିବା 'ଦେଶିଆ' ଯେତେବେଳେ କଂଗ୍ରେସ ପତାକା ଧରି ଗାଇଲା ଇନ୍‌କିଲାବୀ ଗୀତ, ତା'ର ପଥରୋଧ କରି ପାରିଲା ନାହିଁ ଲାଠିମାଡ଼ ଗୁଳି ଓ ଜେଲର ଶିକୁଳୀ । କଷ୍ଟ ସହି କଷ୍ଟରୁ ମୁକ୍ତି ପାଇବାକୁ ଗାନ୍ଧୀବାଟରେ ଚଲିଯାଇ ଶପଥ ନେଇ ଯେତେବେଳେ ଆଗେଇଗଲା ସେଇ ୧୬ ବର୍ଷର ପିଲା, ୧୮ ବର୍ଷ ବେଳକୁ ଶିଖିଗଲା ଗାନ୍ଧୀଜୀଙ୍କ ଏକାଦଶ ବ୍ରତର କଥା, ତା'ର ରାଜନୈତିକ ଗୁରୁ ରାମଚନ୍ଦ୍ର ପୂରୀଙ୍କ ଠାରୁ ଆଉ ୧୯ ବର୍ଷ ବୟସରେ ପ୍ରଥମ କରି ବ୍ୟକ୍ତିଗତ ସତ୍ୟାଗ୍ରହ କରି କାରାବରଣ କଲା, ସେ ହୋଇଗଲା ଉମରକୋଟ ଅଞ୍ଚଳର ଗାନ୍ଧୀମଣିଷ – ରବିସିଂ ମାଝୀ ।

ଘରର ସୁଖକୁ ତୁଚ୍ଛ କରି ସେ ହେଲା ମୁକ୍ତିକାମୀ ମଣିଷର ପ୍ରତୀକ ପୁରୁଷ । ୧୯୪୨ ଉମରକୋଟ ଥାନା ଘେରାଉ ଅଭିଯୋଗରେ ଭୋଗିଲା ନବରଙ୍ଗପୁର ଓ କୋରାପୁଟ ଜେଲର ଯମ ଯନ୍ତ୍ରଣା । ଜେଲରେ ଦେଖିଲା ଶହୀଦ ବଗା ପୂଜାରୀଙ୍କୁ । ତିଳ ତିଳ ଯନ୍ତ୍ରଣାରେ ସଢ଼ି ଜଳି ଜଳି ମରୁଥିବା ଜୀବନ ଯାତନାକୁ । ଜେଲର ଅମାନବୀୟ ବର୍ବର ଯନ୍ତ୍ରଣା ଭିତରେ କଷ୍ଟ ସହିବାର ଗାନ୍ଧୀ ମାର୍ଗଟିକୁ ହାତଛଡ଼ା କଲାନାହିଁ ସେ । ଅନ୍ୟାୟ ଆଗରେ ନଇଁଲା ନାହିଁ । ସତ୍ୟ, ଅହିଂସା, ନିର୍ଭୀକତାକୁ ଜୀବନରେ ପାଥେୟ କରି ସେ ଦେଖିଲା ୧୯୪୭ର ସ୍ୱାଧୀନ ସୂର୍ଯ୍ୟୋଦୟ । ଗ୍ରାମ ସ୍ୱରାଜ ଓ ରାମରାଜ୍ୟରେ ସ୍ୱପ୍ନ ଦେଖୁଥିବା ସେଇ ଛୋଟ ମଣିଷଟି ଶାସନକ୍ଷେତ୍ରକୁ ଯାଇ ଦୁର୍ନୀତିର ଗନ୍ତାଘର ହୋଇ ପଡ଼ିଥିବା ମଣିଷମାନଙ୍କୁ ଦେଖି କିନ୍ତୁ ହତାଶ ହୋଇପଡ଼ିଲା । ୧୯୫୮ରୁ ୧୯୮୦ ମଧ୍ୟରେ ଚରିଥର ବିଧାନସଭା ସଦସ୍ୟ ହୋଇ ମଧ୍ୟ କ୍ଷମତାର ପଶାପାଲିରୁ ଦୂରେଇ ରହି ଦୁର୍ନୀତିମୁକ୍ତ ରହିବା ବୋଧହୁଏ ଗାନ୍ଧୀଜୀଙ୍କ ଆଦର୍ଶପ୍ରତି ଐକାନ୍ତିକ ନିଷ୍ଠା ଯୋଗୁଁ ସମ୍ଭବ ହୋଇ ପାରିଥିଲା ତା' ପାଇଁ ।

ତା'ର ନିଃସ୍ୱାର୍ଥପରତା, ସରଳତା, ମଣିଷପ୍ରୀତି, ଆତିଥ୍ୟପରାୟଣତା, ସତ୍ୟବାଦୀତା, ନିର୍ଭିକତାକୁ ନେଇ ଗଢ଼ି ହୋଇଥିବା ବ୍ୟକ୍ତିତ୍ୱ ଯେ ତାକୁ 'ଆଦିବାସୀ ଗାନ୍ଧୀମଣିଷ'ରେ ରୂପାନ୍ତରିତ କରି ନେଇଥିଲା, ଆଦିବାସୀ ମଣିଷ ଗାନ୍ଧୀଜୀଙ୍କୁ ନଦେଖି ମଧ୍ୟ ଏଇ ସାନ ମଣିଷଟି ଭିତରେ 'ଗାନ୍ଧୀମାପ୍ରୁ'କୁ ଦେଖିପାରି ତା କଥାକୁ ମାନି ସଂଗ୍ରାମ ପଥରେ ପଥିକ ହୋଇ ସବୁ ଦୁଃଖକଷ୍ଟ ସହି, ଯାତନା, ଶୋଷଣର ଫାଙ୍କ ଭିତରେ ସ୍ୱାଧୀନତାର ମନ୍ତ୍ର ଉଚ୍ଚାରିଥିଲା ।

ସେହି ଆଦିବାସୀ ଗାନ୍ଧୀମଣିଷ – ରବିସିଂ ମାଝୀଙ୍କ ଜୀବନ ଦୃଶ୍ୟ ଏହି ଚରିତ ଉପନ୍ୟାସରେ ରୂପାୟିତ । ଜଣେ ସତ୍ୟସନ୍ଧ ମଣିଷର ଜୀବନକଥାକୁ ନେଇ ଏହି ପୁସ୍ତକର ପରିକଳ୍ପନା । ସୁନାମଧନ୍ୟ କବି, ପ୍ରାବନ୍ଧିକ ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର, ରବିସିଂ ମାଝୀଙ୍କୁ ଖୁବ୍ ନିକଟରୁ ନିରେଖିଛନ୍ତି । ରବିସିଂ ମାଝୀଙ୍କୁ ଚରିତ ଉପନ୍ୟାସ ମାଧ୍ୟମରେ ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି । ଜନଜାତି ସମାଜର ଅନେକ କ୍ରାନ୍ତିପୁରୁଷ ସ୍ୱାଧୀନତା ସଂଗ୍ରାମରେ ମିଶି ଦେଶ ପାଇଁ, ଜାତି ପାଇଁ ଜୀବନ ଉତ୍ସର୍ଗ କରିଯାଇଛନ୍ତି । ଇତିହାସ ପୃଷ୍ଠାରେ ସେମାନଙ୍କୁ ସାଉଁଟି ସମ୍ମାନ ଦେବା ଆମ ଜାତୀୟ କର୍ତ୍ତବ୍ୟ । ସୁବାସ ଚନ୍ଦ୍ର ମିଶ୍ର ଏ ଜାତୀୟ କର୍ତ୍ତବ୍ୟଟି ପୂରଣ କରିଥିବାରୁ ପୁସ୍ତକ ପ୍ରକାଶନ ଅବସରରେ ଏକାଡ଼େମୀ ତରଫରୁ ତାଙ୍କୁ କୃତଜ୍ଞତା ଜଣାଉଛି ।

ଅଖିଳ ବିହାରୀ ଓତା

# ଏକ

## ଗାଆଁର ନାମ ବାଟିବେଡ଼ା

ଯୁଆଡ଼େ ଚାହିଁଲେ ସିଆଡ଼େ ବଣ । ଶାଳ, ଗମ୍ଭାରୀ, ଟାଙ୍ଗଣା, ସାହାରି ଗଛ, କେତେ ନାମ ଅନାମ ଲଟା । ବଣରେ ବାଘ, ଭାଲୁ, ଗୁରୁକା, ହରିଣ, ଜିଆଦ, ସମ୍ବର, ସଞ୍ଜ ହେଲେ ବିଲୁଆ ଡାକନ୍ତି ହୁକେ ହୋ । ଦିନରେ ବାଘ ଗାଁରେ ପଶି ମଣିଷକୁ ଘୋଷାରି ନିଏ । ବର୍ଷାଦିନ କହିଲେ ବର୍ଷକୁ ଛଅମାସ । ମାଘମାସ ଜାଡ଼ ଭେଦିଯାଏ ପଞ୍ଜରା ଭିତର ଯାଏ ।

ଏଇ ବଣ, ପାହାଡ଼ର ଦେଶ ଜୟପୁର ଜମିଦାରୀ । ୧୯୦୦ ମସିହା ବେଳକୁ ମାନ୍ଦ୍ରାସ ପ୍ରେସିଡେନ୍ସି ଅଧିନରେ । ଜୟପୁର ଜମିଦାରୀରେ ଶାସନ କରୁଥିଲେ ସୂର୍ଯ୍ୟବଂଶୀ ରାଜାମାନେ । ସେତେବେଳକୁ ବିଜୟ ନଗର, ବିଶାଖାପାଟଣା, ମାଡ଼ଗୁଲ୍ ଅଞ୍ଚଳରୁ ଲୁଣ ବିକିବାକୁ ଆସି ତେଲୁଗୁମାନେ ଏଠି ସାଉକାର । ଗାଁରେ ରହୁଥିବା ଲୋକ ଏ ଦେଶରେ 'ଦେଶିଆ' ବୋଲାନ୍ତି ।

ଜୟପୁର ରଜାଙ୍କ ରାଜଧାନୀ । ନବରଙ୍ଗପୁରରେ ଶାସନ କରନ୍ତି ଥାଟ ରାଜା । ଏହି ନବରଙ୍ଗପୁରରୁ ପଶ୍ଚିମ ମୁହାଁ ସିଧା ଆସିଲେ ପଡ଼େ ପାପଡ଼ାହାଣ୍ଡି । କେବେ ଏହି ଗାଁକୁ ଜଣେ ନଳବଂଶୀ ରାଜା ଦୁଇଜଣ ବ୍ରାହ୍ମଣଙ୍କୁ ଈଶ୍ୱର ଦେବତାଙ୍କ ପୂଜା ଅର୍ଚ୍ଚନା ପାଇଁ ତମ୍ବାପଟାରେ ସନନ୍ଦ ଲେଖି ଦାନ କରିଥିଲେ । ସେଇ ଗାଁର ନାମ ଦେଇଥିଲେ ପାଷେତଲ ଉଣ୍ଡି । ସେହି ପାଷେତଲ ଉଣ୍ଡି ଲୋକ ମୁହଁରେ ପାଲଟି ଗଲା ପାପଡ଼ାହାଣ୍ଡି । ଏହି ଗାଁ ପାଖରେ ବହି ଯାଉଛି ଟୁରି ନଈ । ଆଦିବାସୀ କିମ୍ବଦନ୍ତୀ କହେ ବହୁଦିନ ତଳେ କୌଣସି ଟୁରି (ଝିଅ)ଟିଏ କି ଦୁଃଖରେ କେଜାଣି ନଈ ହୋଇ ବହି ଯାଇଥିଲା, ଏଣୁ ନଈର ନାମ ଟୁରି ନଈ । ନଈ ପାର ହେଲେ ପଡ଼େ ଜଟାବାଲି, ସେଠୁ ଦାବ୍ ଗାଁ, ଦାବାଦେଈ ଠାକୁରାଣୀ ଆସ୍ଥାନ ଏବେ ଲୋକ ମୁହଁରେ ଡାବୁଗାଁ । ଡାବୁଗାଁରୁ ସିଧା ପଶ୍ଚିମ ମୁହାଁ ଗଲେ ଦଶକୋଶରେ (ବତିଶି କି.ମି.) ଦିଶେ ଉମରକୋଟ, ଯାହା ଭାସ୍କେଲ ନଈ କୂଳରେ ଠିଆ ହୋଇଛି । କୁହାଯାଏ ଆଜକୁ ଚାରିଶହ-ପାଞ୍ଚଶହ ବର୍ଷତଳେ ମୋଗଲ ରାଜାମାନଙ୍କ ଅତ୍ୟାଚାରରେ ମଧ୍ୟ ଭାରତର ଗଣ୍ଡ ସମ୍ପ୍ରଦାୟରେ କେତେ ପରିବାର ଏହି ଉଡୀୟାନ ରାଜ୍ୟକୁ ଚାଲି ଆସି ଘରବାନ୍ଧି ଗାଁ ବସାଇଲେ ।

ସେମିତି କେତେକ ଗଣ୍ଡ ପରିବାର ଆସି ରହିଲେ ଉମରଗାଓଁରେ । କୁଟୁମ୍ବ ବଢ଼ିଲେ । ପିଲାମାନେ ବଡ଼ ହେଲେ । ସେମାନଙ୍କ ଭିତରୁ କେତେ ଗଣ୍ଡ ପରିବାର ଆସି

ଭାସ୍କେଲ ନଦୀକୂଳରେ ଗାଁ ବସାଇଲେ, ଉମରଗାଓଁରୁ ଆସି ଏଠି ଗାଁ ବସାଇ ନାମ ଦେଲେ ଉମରକୋଟ ବୋଲି। ଏହି ଉମରକୋଟ ବସାଇ ଗଣ୍ଡ ସମ୍ପ୍ରଦାୟର ଲୋକମାନେ ପୂଜାରୀ ଭରଣ୍ଡି ଗ୍ରାମରେ ଥାପିଲେ ଲୋକ ଦେବୀ ପେଣ୍ଡ୍ରାଣୀଙ୍କ ଗୁଡ଼ି ।

ଏମିତି କେତେ ଗଣ୍ଡ ଗାଁ ଗଢ଼ି ଉଠିଲା କାଳକ୍ରମେ । ସେଇ ଗାଁଗୁଡ଼ିକ ମଧ୍ୟରୁ ବାଟିବେଡ଼ା ଗାଁ ଗୋଟିଏ । ଏହି ଗାଁକୁ ପ୍ରଥମରେ କିଏ ବସାଇଥିଲା ଜଣାନାହିଁ । ଉମରକୋଟରୁ ବିରିସାଡ଼ି ଛକ ଦେଇ ଡାହାଣ ହାତ ଭାଙ୍ଗି ମାଇଲିଏ ଖଣ୍ଡେ ଗଲେ ଏହି ଗାଁ ଦିଶେ ।

ଏହି ଗାଁର ଜଣେ ମୁଖିଆ ଭାବେ ଘଟି ମାଝୀଙ୍କୁ ସମସ୍ତେ ମାନୁଥିଲେ । ଛେଉଫିଟା ଦିହ, ପାଞ୍ଚହତା ମର୍ଦ୍ଦ, ସାହାସୀ, ବାଘ ସହ ଲଢ଼େଇ କରୁଥିବା ମଣିଷ । ଦେଶୀ ବନ୍ଧୁକରେ ବାରୁଦ ଖୁନ୍ଦି ଲାଖ କରି ଟିପିଦେଲେ ବାଘ ଟଳିପଡ଼ୁ ଥିବାରୁ ଲୋକେ ଘଟି ମାଝୀଙ୍କୁ ଘଟି ବାଣୁଆ ବୋଲି ଡାକନ୍ତି । ମେହେନତି ମଣିଷ, ସକାଳୁ ଜମିରେ କାମ । ତାପରେ ବଣରେ କାଠ ପାଇଁ, ଜନ୍ତୁଜନ୍ତା ପାଇଁ, ବାଟିବେଡ଼ାରୁ ବିରିସାଡ଼ି ଛକ ଦେଇ ପୋଡ଼ାଗଡ଼ ପାହାଡ଼ ଯାଏ ଚଳପ୍ରଚଳ ଘଟି ମାଝୀ ବାହା ହୋଇଥିଲେ ଗଣ୍ଡ ସମାଜରେ ରୀତି ଅନୁସାରେ ସୋନି ମାଝୀଙ୍କୁ ।

ଏମାନଙ୍କ ପୁଅ ଭାବେ ଜନ୍ମ ହେଲେ ପଟୁମାଝୀ ୧୯୯୦ରୁ୧୯୯୫ ମସିହା ଭିତରେ କେବେଦିନେ । ପ୍ରାୟ ୮୦ ବର୍ଷ ବଞ୍ଚିଲେ । ସେ ତାଙ୍କ ବାପାଙ୍କ ପରି ଭାରି ବଡ଼ ବାଣୁଆ, ଏଣୁ ହେଲେ ପଟୁ ବାଣୁଆ । ବିବାହ କଲେ ଦୁଃଖୀ ମାଝୀଙ୍କୁ, ପୁଣି ଆଉ ଏକ ପତ୍ନୀ ଆଣିଲେ ବିଶୋଇ ମାଝୀଙ୍କୁ । ଦୁଃଖୀ ମାଝି ବଡ଼ଲି, ବିଶୋଇ ମାଝୀ ସାନଲି । ସମ୍ଭ୍ରାନ୍ତ ପରିବାର । ଜମି ବାଡ଼ି, ଗାଈ ଗୁହାଳ, ଛେଳିମେଣ୍ଢା, କୁକୁଡ଼ାପଲରେ ଘର ଭର୍ତ୍ତି । ଧାନ ଦିନେ ଧାନ । ବିରି ଦିନେ ବିରି ।

ସେଦିନ ଥିଲା କାର୍ତ୍ତିକ ମାସ ଏକ ମଙ୍ଗଳବାର । ହାଡ଼ଥରା ଶୀତ । ପଟୁ ବାଣୁଆର ପିଣ୍ଡାରେ ଜଳୁଛି ଅନ୍ତରା କାଠ । ପିଣ୍ଡା କୋଣରେ କେତେ ବୟସ୍କା ଗଣ୍ଡ ସ୍ତ୍ରୀ ଜମା । ଦୁଃଖୀ ମାଝୀ ଗର୍ଭ ବେଦନାରେ ଛଟପଟ । ଗଣ୍ଡ ବୁଢ଼ୀଟିଏ ବଜ୍ରପଡ଼ା ଡାଳ ଖଣ୍ଡିଏରୁ କାଠିଟେ ଆଣି ପାଣିରେ ଧୋଇ ସୂତାରେ ବାନ୍ଧିଦେଲା ଦୁଃଖୀ ମାଝୀର ଅଣ୍ଟାରେ । ଏହା କଲେ କୁଆଡ଼େ ଶୀଘ୍ର ପ୍ରସବ ହୁଏ ।

ସକାଳ ପାହିବ ପାହିବ ହେଉଥିଲା । ଗୁହାଳରେ ଗାଈ ଗୋରୁ ଖୁରା ଛଟ୍‌ଛଟ୍ କଲେ । କୁକୁଡ଼ା ଘର ମଥାନରେ ଚଢ଼ି ରାବିଲେ । ପାଖ ଗଛ ଗୁଡ଼ିକରେ ଚଢ଼େଇ ସବୁ

ଚେଁଙ୍ଗ କଲେ । ଏମିତି ସକାଳ ବେଳାରେ ଦୁଃଖୀ ମାଝୀର ଗର୍ଭରୁ ପଡ଼ି ମାଟି ଛୁଇଁଲା କାଳିଆ ବିଲ୍ ବିଲ୍ ଏତେ ଟିକିଏ କୁନି ପିଲାଟିଏ । କୁଆଁ କୁଆଁ କାନ୍ଦରେ ଘର ସାରା ସ୍ୱର ପବନ ହୋଇ ପହଁଚି ଗଲା । ଜେଜେମା ସୋନି ମାଝୀର ନାତି ହେବାର ଦେଖି ପାଟି ଓସାରି ହୋଇଗଲା । ସେ ଦିନ ଥିଲା ୧୯୨୨ ମସିହାର ଅକ୍ଟୋବର ମାସ ୧୨ ତାରିଖ, ମଙ୍ଗଳବାର । ସମୟ ଗୋରୁଫିଟା ବେଳ ।

ଏକୋଇଶ ଦିନ 'ନାଁ ଦରାନି' (ନାମକରଣ) କ୍ରିୟା ହେଲା । ଗାଁ ପୂଜାରୀ ଓ ତାର ପତ୍ନୀ ଡକା ହୋଇ ଆସିଲେ । ଆସିଲେ ଜ୍ଞାତି କୁଟୁମ୍ବ, ସଗା-ସମ୍ପାନ୍ । ଘର ବେଟାକୁ, ପିତୃ ପୁରୁଷଙ୍କ ଡୁମାଙ୍କ ପୂଜା ଦେଇ ପୂଜାରିର ସ୍ତ୍ରୀ ପିଲାପେଟରେ ଖଣ୍ଡେ ଆମ୍ବଡାଳ ରଖି ସେ ଜାଣିଥିବା ଯେତେକ ଡାକ ନାମ, ଯେତେକ ପୂର୍ବରୁ ମରି ସାରିଥିବା, ଆତ୍ମା ହୋଇଯାଇଥିବା ପିତୃପୁରୁଷଙ୍କ ନାମ ଗୁଡ଼ିକୁ ଡାକିଲା । ସେ ଜାଣିବାକୁ ଚାହୁଁଥିଲା କେଉଁ ପୂର୍ବପୁରୁଷର ଆତ୍ମା ଏ ପରିବାରକୁ ପୁଅ ହୋଇ ଜନ୍ମ ନେଇଛି । ଯେତେବେଳେ ସେ ରବିସିଂ ନାମ ଉଚ୍ଚାରଣ କରିଛି ଆମ୍ବଡାଳଟି ଖସି ପଡ଼ିଲା ପିଲାପେଟରୁ । ଆଉ ସେଇ ସାନ (ବୁଟି) ପିଲାଟିର ନାମ ଦିଆହେଲା ରବିସିଂ । ଡାକ ନାମ ହେଲା ବୁଟି (ଆକାରରେ ଏଡ଼ିକି ଟିକିଏ ସାନ ପିଲା) ।

ତାପରେ ଭୋଜିଭାତ, ଗୀତ ମଉଜମଜି କେତେ ଆନନ୍ଦ ହେଲା । ବାଟିବେଡ଼ା ଗାଁ, ଘର ବୋଇଲେ ଏଠି ସେଠି ଛଡ଼ା ଛଡ଼ା ଝାଟିମାଟିର କୁଡ଼ିଆ । ମାଟି କାନ୍ଥ, ଖପରଲି (ଝିଙ୍କର) ଛାଉଣୀ ଘର କେତୋଟି । ଏଠି ଘରକୁ ଲୋକମାନେ ଲୋନା (ଲୋନ) କହନ୍ତି । ପାଦଚଲା ଗାଁ ଦାଣ୍ଡ । ଲଙ୍ଗଳା ପିଲା, ଲେଙ୍ଗୁଟି ପିନ୍ଧା ମଣିଷଟି ମାନ । ସ୍ତ୍ରୀମାନେ ପିନ୍ଧିଥାନ୍ତି ପାଟୀ (ମୋଟା ସୂତାର ହାତବୁଣା ଲୁଗା) । ପୁରୁଷ ମାନଙ୍କ ମୁଣ୍ଡ ପଛ ପଟେ ବାଳର ଜୁଡ଼ା । ଜୁଡ଼ା ମଝିରେ କାଠ କୀଳାଟିଏ ମରାଯାଇଥାଏ । ମାଟିର ମଣିଷ, ଦିନ ସାରା କାମ ମାଟି ହାଣିବା, ବିଲ (ବେଡ଼ା) ସମତୁଲ କରିବା । ବଣକୁ ଯାଇ କାଠ ଆଣିବା ।

ସାଉକାର ଘରକୁ ଯାଇ ବେଠି ଖଟୁଥିଲେ କେତେ । କେତେ ଗଣ୍ଡା ନାୟକର ହୁକୁମ ମାନି ବାବୁ (ସରକାରୀ, ରଜାଘର କର୍ମଚାରୀଙ୍କ) ଘରେ ଯାଇଛି, କବାର କରି ଦରମରା ହେଉଥିଲେ । ସେତେବେଳେ ଡୋବେଲ୍ (ଶାଳପତ୍ର ତିଆରି ବଡ଼ ଦନା) ମାଡିଆ ପେଜ୍ (ମାଣ୍ଡିଆ ଜାଉ) ପାଇଁ ଷୋଳ ଶିରା ଦୁହିଁ ଖଟିବାକୁ ପଡୁଥିଲା ବାଟିବେଡ଼ା ଗାଁର ଗଣ୍ଡ, ଭତରା, କଲାର, ମାଳି ଲୋକ ମାନଙ୍କୁ । କୋରାପୁଟ ଜିଲ୍ଲାର ଜୟପୁର ଜମିଦାରୀର ସବୁ ଆଦିବାସୀ ଗାଁର ହାଲ ଏଇପରି । ସବୁ ଗାଁରେ ମରି ମରି ଜୀଇଁଥିବା

ଲୋକ, ସେଇ ଅତ୍ୟାଚାର ଶୋଷଣ, ପେଷଣ ଭିତରେ ହା ହୁତାଶମୟ ଜୀବନ ଜୀଉଁଥିବା ଲୋକ - ୧୯୨୨ ମସିହା ବେଳକୁ ଆଦିବାସୀ ଗାଁ ଗୁଡ଼ିକର, ସେଠାମାଟି ମଣିଷର ଜୀବନ ଯେ କେମିତି ଥିଲା ଏବେ ଭାବି ହେବନି ।

ଏମିତି ଏକ ଆଦିବାସୀ ଗାଁରେ ୧୨.୧୦.୧୯୨୨ ତାରିଖ ଦିନ ଗୋରୁଫିଟା ବେଳରେ ଜନ୍ମ ହେଲେ ରବିସିଂ ମାଝୀ ।

ଚିରାଚରିତ ଏଇ ଜୀବନ ଧାରାର ଚଉହଦାକୁ ଆସିଯାଇଥିଲେ ରବିସିଂ ମାଝୀ, ସୂର୍ଯ୍ୟସ୍ନାତ ପ୍ରଭାତର ପୂର୍ଣ୍ଣକରି ନୂତନ ସମ୍ଭାକାର ସଂକେତ ନେଇ ସେ ଆସିଗଲେ ବାଟିବେଡ଼ାର ବୁଟି । ଭବିଷ୍ୟତର ଆଉ ଜଣେ ଗାନ୍ଧୀମଣିଷ - ରବି ସିଂ ।

****

# ଦୁଇ

# ପିଲାଦିନ

ମା ପେଟରେ ପ୍ରଥମ ବିନ୍ଦୁରୁ ଶିଶୁ ଦେହରେ ବଡ଼ହୁଏ । ମାଟି ଛୁଇଁ ରାହା ଧରି କାନ୍ଦେ । ଗୋଡ଼ ଛାଟେ । ମାଆ ଗେଲରେ, ସେବାରେ ସବଳ ହୁଏ । କଥା କହି ଶିଖେ । ଭଲ ପାଇ ଶିଖେ ମାଆକୁ, ବାପାକୁ, ଭାଇ ଭଉଣୀକୁ । ମାମୁଁ ମାଇଁକୁ, ସାଙ୍ଗ ସାଥୀକୁ । ଟିକିଏ ବଡ଼ ହେଲେ ନିଜ ମାଟି ମା-ଗାଁକୁ । ଆଉ ଟିକିଏ ବଡ଼ହେଲେ ଲୋଡ଼େ ମନମିତକୁ । ସେତେବେଳେ ସେ ଗୀତ ଗାଏ । ଆକାଶ, ଜହ୍ନ, ତାରା, ମାଛ, କଙ୍କଡ଼ାକୁ ନେଇ ପଦ ଫାନ୍ଦେ । ଭଲ ପାଇ ମନ ଦିଆନିଆର ରଚୁ ତାକୁ ଅସ୍ଥିର କରେ ଜାଲରେ ପଡ଼ିଥିବା ମାଛପରି ।

ରବିସିଂଙ୍କର ପିଲାଦିନ ଥିଲା ସବୁ ଆଦିବାସୀ ପୁଅଙ୍କ ପରି ସରଳରୈଖିକ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବଡ଼ ମଣିଷ ହେବାର ସେମିତି କିଛି ଲକ୍ଷଣ ନଥିଲା । ସେଇ ଲେଙ୍ଗୁଟି ମାରି ଗାଈ, ଛେଳି ଚରାଇବାକୁ ଯିବା ଗୋରୁଗୋଠକୁ । ଗାଁ ପାଖ ଝରଣାରେ ଲଙ୍ଗଳା ହୋଇ ଗାଧୋଇବା, ସାଙ୍ଗମାନଙ୍କ ସହିତ ତୁରୁ, ପଟି ମାଛ ଧରିବା କାମ । କେବେ କେବେ ବାପା ପଟୁ ମାଝୀ ସହିତ ବେଡ଼ା (ଜମି/ଧାନବିଲ)କୁ ଯାଇ କାମରେ ସାହାଯ୍ୟ କରିବା ।

୧ ୯ ୨ ୨ ମସିହା ବେଳକୁ ଆଦିବାସୀ ସମାଜର ମଣିଷ ପ୍ରକୃତିକୁ ନେଇ ବଞ୍ଚୁଥିଲା । ବଣ ଥିଲା ତାର ବଞ୍ଚିବାର ସାଧନା । ଶିକାର ଥିଲା ଏକ ଆବଶ୍ୟକତା । କନ୍ଦା ଦିନେ କନ୍ଦା, କରଡ଼ି ଦିନେ କରଡ଼ି (ବାଉଁଶ ଗଜା), ବଣର ଭାଜି (ଶାଗ) ଓ ଫଳମୂଳ ଖାଇ ଦିନ କାଟୁଥିଲା । ପାଠ ତା ପାଇଁ ଥିଲା ସାତସପନ ନଶୁଣିଥିବା, ନଦେଖିଥିବା କେମିତି ଏକ କଳ୍ପନା । ୧ ୯ ୨ ୨ ବେଳକୁ ବାଟିବେଡ଼ା ଗାଁରେ ୩୦/୩୫ ଘର ଗଣ୍ଡ ଓ କଲାର ସମ୍ପ୍ରଦାୟର ଜଣେ ଦି ଜଣ ଗଉଡ଼ ଘର, ଦୁଇ ତିନି ଘର ମାଳି । ଗାଁ ମୁଣ୍ଡରେ ଏମାନଙ୍କ ଘରଠାରୁ ଦୂରରେ ଦୂରରେ କେତେଟା ପନ୍‌ଜା (ଡମ) ଜାତିର ଘର । ସେତେବେଳକୁ ସେହି ଗାଁରେ ପାଠ ପଢ଼ିଥିବା ଲୋକ ମାତ୍ର ଜଣେ – ବାଲ୍ ସାଇ ଗଣ୍ଡ, ଯିଏକି କିଛି ଓଡ଼ିଆ, କିଛି ହିନ୍ଦୀ ଜାଣିଥିଲେ, ଗୋଣ୍ଡି ଓ ଦେଶିଆ ଭାଷାକୁ ଛାଡ଼ି ।

ପିଲା ମାନଙ୍କ ପାଠ ପାଇଁ ସେମିତି ସୁବିଧା ସୁଯୋଗ ନଥିଲା । କେବଳ ଥିଲା ଉମରକୋଟ ଭଳି କେତେକ ବଡ଼ ବଡ଼ ଗାଁରେ ତିନି କିଲାସ ଯାଏ ପାଠ ପଢ଼ାହେଉଥିବା ସ୍କୁଲ । ନିରକ୍ଷରତା ସବୁଠାରେ, ସବୁଗାଁରେ ପାଠ ଘର ଶୂନ । ରବିସିଂ ମାଝୀଙ୍କ

ଜେଢେବାପା ଘାଟୀ ମାଝୀ ପାଠ ପଢ଼ାଇବାକୁ ମନ କଲେ ନାତି ପିଲାକୁ । ଗାଁର ମୁଖିଆ ସେ । ଖାଦି ପିନ୍ଦି (ଖାଇବାପିଇବା)ର ଅଭାବ ନାହିଁ । ସେ ପଠାଇଲେ ରବିସିଂ ମାଝୀଙ୍କୁ ନିଜ ମାମୁଁ ଘର ଗାଁ ଝରିଗାଁ ପାଖରେ ଥିବା ବଣ୍ଣୁଆଗୁଡ଼ାକୁ । ସେଠି ସେ ଦି ଅକ୍ଷର ପାଠ ପଢ଼ିବ । ଲେଖି ପଢ଼ି ଶିଖିବ । ପାଠୁଆ ମଣିଷ ହେବ ।

ଝରିଗାଁ ଉମରକୋଟଠାରୁ ଉତ୍ତର ମୁହାଁ ହୋଇ ଚନ୍ଦାହାଣ୍ଡି ଆଡ଼କୁ ଗଲେ ବାଟ ୧୧ ମାଇଲ (୧୮ କିମି)ରେ ପଡ଼େ ମାଟି ରାସ୍ତା । ରାଜାଙ୍କ ଆଦେଶ ଅନୁସାରେ ସେମଲା, ଏକାମ୍ବା ଗୋରାମ୍ବା ଆଦି ଗାଁର ଆଦିବାସୀମାନେ ହାତରୁ ଭାତିଆ ଆଣି ବେଠି ଖଟି ଏଇ ରାସ୍ତା ତିଆରି କରିଥିଲେ । କାମରେ ଟିକିଏ ହେଳା କଲେ ରାଜାଙ୍କ ପାଇକ, ନିଙ୍ଗାମନ (ରାଜସ୍ୱ ଅଧିକାରୀ)ଙ୍କ ବାଡ଼ି ଓ କୋରଡ଼ା ମାଡରେ ପିଠି ଫାଟୁଥିଲା । ଆହା ପଦେ କହିବାକୁ କେହି ନାହିଁ । ଭୟରେ ଜଡ଼ସଡ଼ି ଆଦିବାସୀ ମଣିଷ ସୂର୍ଯ୍ୟୋଦୟରୁ ସଞ୍ଜଯାଏ ମାଟି ହାଣୁଥିଲା, ପଥର ତାଡୁଥିଲା, ଗଛମୂଳ ଖୋଳି ବାହାର କରୁଥିଲା । ତା ଝାଳରେ ମାଟି ତିନ୍ତୁ ଥିଲା ।

ଏହି ଝରିଗାଁ ଅଞ୍ଚଳରେ ଥିବା ଗାଁ ଗୁଡ଼ିକ ମଧ୍ୟରେ ବାଣ୍ଣୁଆଗୁଡ଼ା (ବାଣ୍ଣୁଆ ମାନଙ୍କ ସାନଗାଁ) ଅନ୍ୟତମ । ଏହି ଗାଁର ସମ୍ଭାରୁ ମାଝୀ, ରବିସିଂ ମାଝୀଙ୍କ ମାମୁଁ । ଏହି ଗାଁ ରବିସିଂ ମାଝୀଙ୍କ ଜୀବନର ଛନ୍ଦସାଧନାର ମୂଳ ସାକ୍ଷୀ । ଏହି ବାଣ୍ଣୁଆଗୁଡ଼ାରେ ରବିସିଂ ଶିକ୍ଷିଲେ ଅ-ଉ-ମ, ଶୂନ-ଏକ-ଦୁଇ । ଏହି ପାଠ ଶିଖିବା ପାଇଁ କୌଣସି ପାଠଶାଳା ନଥିଲା । ସେହି ସମୟରେ (ପ୍ରାୟ ୧୯୨୯-୩୦ ମସିହା ହେବ) ସେ ନାରାୟଣ ମାଝୀଙ୍କଠାରୁ ଏହା ଶିଖିଲେ । ତାଳପତ୍ର ଖୋଦାରେ ଲୁହା ଲେଖନୀ ମଡ଼ାଇ ପାଠ ପଢ଼ା ଆରମ୍ଭ କଲେ ସେ । ଗାଇବାକୁ ଶିକ୍ଷିଲେ 'କମଳ ଲୋଚନ ଶ୍ରୀହରି, କରେଣ ଶଙ୍ଖଚକ୍ରଧାରୀ ।' ଏହିପରି ପାଠପଢ଼ା ଆରମ୍ଭ ହେଲା ରବିସିଂଙ୍କର । ନାରାୟଣ ମାଝୀଙ୍କର ନିର୍ମଳ ଚରିତ୍ର, ସତ କହିବାର ଦୀକ୍ଷା, କୋମଳ ଓ ସ୍ନେହୀ ପ୍ରକୃତି ରବିସିଂଙ୍କୁ ବହୁ ଭାବରେ ପ୍ରଭାବିତ କଲା । ଅକ୍ଷର ଶିକ୍ଷା ଶେଷ କରି ନ'ଦଶ ବର୍ଷବେଳକୁ ସେ ଫେରିଲେ ନିଜ ଜନମ ମାଟି ବାଟିବେଡ଼ାକୁ ।

୧୯୩୦-୩୧ ବେଳକୁ ଉମରକୋଟ ଅଞ୍ଚଳରେ ଆଦିବାସୀ ମଣିଷଙ୍କ ଭିତରେ ଶିକ୍ଷା ସଚେତନାର ଘୋର ଅଭାବ । ସେତେବେଳେ ବାଟିବେଡ଼ା ଗାଁର ଘଟିମାଝୀଙ୍କ ପରିବାରରେ ଶିକ୍ଷା ପ୍ରତି ଆଗ୍ରହ ନିଶ୍ଚିତ ଭାବେ ଗୋଟାଏ ବଡ଼ କଥା, ଇତିହାସ ଯେମିତି । ୧୯୨୨ରୁ ୧୯୩୨, ରବିସିଂଙ୍କର ବୟସ ୧୦ବର୍ଷ । ଏହି ବୟସରେ ଘଟି ମାଝୀ ନାତିର ନାମ ଲେଖାଇଲେ ବାଟିବେଡ଼ା ଗାଁଠାରୁ ଅଳ୍ପ ଦୂରରେ ଥିବା (ପଶ୍ଚିମ

ଦିଗରେ) ଭାମିନୀ ଗାଁରେ ବିଦ୍ୟାଳୟରେ । ପ୍ରତିଦିନ ଲେଙ୍ଗୁଟି ମାରି, ସରୁ ଗାମୁଛାଟିଏ କାନ୍ଧରେ ପକାଇ ସେ ଭାମିନୀ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଉଥିଲେ । ସେତେବେଳେ ଶିକ୍ଷକଙ୍କୁ ଗୁରୁଜୀ ବୋଲି ଡକାଯାଉଥିଲା । ସେହି ବିଦ୍ୟାଳୟରେ ତାଙ୍କ ଗୁରୁ ଥିଲେ ଦୀନବନ୍ଧୁ ମାଝୀ । ଘର ପୂଜାରୀଗୁଡ଼ା (ପୂଜାରୀମାନେ ବିଶେଷତଃ ଲୋକଦେବୀ ପେଣ୍ଡ୍ରାଣୀଙ୍କୁ ପୂଜାର୍ଚ୍ଚନା କରୁଥିବା ପୂଜାରୀ ବଂଶର ବଂଶଧରମାନେ ବାସକରୁଥିବା ଗାଁ) । ଏହି ଗୁରୁ ପଞ୍ଚମ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ । ଆଉ ଜଣେ ଗୁରୁ ଥିଲେ ବିନାୟକ ମହାନ୍ତି, ଘର ନବରଙ୍ଗପୁର । ଏମାନେ ରବିସିଂଙ୍କୁ ଭାରି ସ୍ନେହ କରୁଥିଲେ ।

ସେତେବେଳର ପାଠ ଓ ଗୁରୁଜୀମାନଙ୍କ ସମ୍ବନ୍ଧରେ ରବିସିଂ ମାଝୀ କହନ୍ତି 'ହେଡ଼ିକି ଦାଏ ମୁଇଁ ଆରି ମୋର ସାଙ୍ଗୁଆରୀ ପାଟ ପଡ଼ୁଆ ପିଲାମନ୍ ଗୁରୁ ମନ୍‌କେ ଜବର୍ ଡର୍‌ତେ ରେଲାଇ । ଗୁରୁମାନଙ୍କର ବେତ୍ ବାଡ଼ି ଆରି କଡ଼ା ଶାସନ୍ ଦେକି ପିଲାମନ୍ ଇସ୍କୁଲକେ ଯିବାକେ ଡର୍‌ତେ ରେଲାଇ । ମାତର୍ ଗୁରୁମନ୍ ମକେ ଖିଣ୍ଡିକ୍ ସଉଦା କରତେ ରେଲାଇ ହେଲେ ମିଶା ମୁଇଁ ଡର୍‌ତେ ରେଲି, ମୋର୍ ଜେଜେବାପାକେ ମୋର୍ ବେଶୀ ଡର୍ । ହାଏକାରେ ମୁଇଁ ସବ୍‌ଦିନେ ଇସ୍କୁଲତାନେ ଯାଇତେ ରେଲି ।'

ଓଡ଼ିଶାରେ ତାହା ଏହିପରି:-

ଛୋଟଥାଏଁ ମୁଁ ଏବଂ ମୋର ପାଠପଢୁଆ ସାଂଗ ପିଲାମାନେ ଗୁରୁମାନଙ୍କୁ ଖୁବ୍ ଡରୁଥିଲୁ । ଗୁରୁମାନଙ୍କର ବେତବାଡ଼ି ଏବଂ କଡ଼ା ଶାସନ ଦେଖି ପିଲାମାନେ ସ୍କୁଲ ଯିବାକୁ ଡରୁଥିଲେ । ମାତ୍ର ଗୁରୁମାନେ ମତେ ସଉଦା କରିବାକୁ କହୁଥିଲେ ସୁଦ୍ଧା ମୋର ଭୟ ରହିଥିଲା । ମୋର ଜେଜେବାପାଙ୍କୁ ମୋର ବହୁତ ଭୟ । ତେଣୁ ମୁଁ ସବୁଦିନ ସ୍କୁଲ୍‌କୁ ଯାଉଥିଲି ।

ପ୍ରତି ରବିବାର ଦିନ ସ୍କୁଲରେ ସରସ୍ୱତୀ ପୂଜା କରାଯାଉଥିଲା । ପାଠ ପଢୁଥିବା ପିଲାମାନେ ଚକ୍‌ନେକ୍ ଚାଉର୍ (ଦନାଏ ଚାଉଳ) ଓ ଅଣାଏ ପଇସା, ପନିପରିବା ଆଣି ସ୍କୁଲରେ ବସାଯାଇଥିବା ସରସ୍ୱତୀ ଫଟୋ ଆଗରେ ରଖୁଥିଲେ । ଆଉ ବିଦ୍ୟା ପାଇଁ ଦେବୀ ସରସ୍ୱତୀଙ୍କୁ ପ୍ରାର୍ଥନା କରୁଥିଲେ । ସେତେବେଳେ ଗାଁ ଲୋକମାନେ ଶିକ୍ଷକମାନଙ୍କ ଖାଇବା, ପିନ୍ଧିବା, ରହିବାର ସୁବିଧା କରୁଥିଲେ । ଏହି ସ୍କୁଲରେ ପାଠପଢ଼ିବା ସମୟରେ ରବି ସିଂ ପ୍ରଥମ କରି ଶୁଣିଲେ ମହାତ୍ମାଗାନ୍ଧୀଙ୍କ କଥା । ଭାରତର ସ୍ୱାଧୀନତା ଲଢ଼େଇର କଥା ।

ପ୍ରତି ଶ୍ରେଣୀରେ ଦୁଇ ବର୍ଷ ଲେଖାଏଁ ପାଠ ପଢ଼ି ୧୫ ବର୍ଷ ବେଳକୁ (୧୯୩୭ ମସିହା) ରବିସିଂ ତୃତୀୟ ଶ୍ରେଣୀରେ ପହଞ୍ଚିଲେ । ଏହି ୧୫ ବର୍ଷ ବୟସରେ ତାଙ୍କ ମନରେ ରାଜ କର୍ମଚାରୀ, ପୋଲିସ, ଫରେଷ୍ଟ ଓ ଗାର୍ଡ଼ଙ୍କ ଶୋଷଣ କଥା ପୁରାଇଥିଲେ ଭାମିନୀ ଗାଁର ମୁଖିଆ । ସନଦୂର ଗାଉଁଟିଆ ଆଉ ପ୍ରଥମ କରି ଗାନ୍ଧୀଙ୍କ କଥାକୁ ପୁରେଇ ଦେଲେ ତାଙ୍କ ମନରେ । ତାଙ୍କ ଭିତରେ ପୋତିଦେଲେ ବୀଡିର ମଞ୍ଜିଟିକୁ ।

****

## ତିନି

# କାଳଚକ୍ରରେ ଆଦିବାସୀଜନଜୀବନ

୧୯୩୬ ମସିହା ଏପ୍ରିଲ ୧ ତାରିଖ । ପୂର୍ବରୁ କୋରାପୁଟଜିଲ୍ଲା ନାମରେ ଏକ ସ୍ୱତନ୍ତ୍ର ଶାସକୀୟ ଏକକ ନଥିଲା । ଏହା ଜୟପୁର ଜମିଦାରୀ ନାମରେ ଥିଲା । ୧୮୦୨ ମସିହାରେ ମାନ୍ଦ୍ରାଜ ପ୍ରେସିଡେନ୍‌ସି ଅଧିନରେ ଜୟପୁର ମାଳାଞ୍ଚଳ ବିଶାଖାପାଟଣା ଏଜେନ୍‌ସି ଅନ୍ତର୍ଭୁକ୍ତ ହୋଇ ସେହି ସମୟରୁ ଜମିଦାର ରାଜା ରାମଚନ୍ଦ୍ର ଦେଓଙ୍କୁ ହସ୍ତାନ୍ତର କରାଯାଇଥିଲା ଏବଂ ରାଜା ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ବାର୍ଷିକ ଟ୧୬,୦୦୦ ପେସ୍‌କସ ଦେଇ ଜମିଦାରୀକୁ ଭୋଗ କରି ଆସୁଥିଲେ । ଏହି ଅଞ୍ଚଳ ଗୁଣପୁର, ରାୟଗଡ଼ା, କୋରାପୁଟ, ନନ୍ଦପୁର, ମାଲକାନାଗିରି, ନବରଙ୍ଗପୁର, କୋଟପାଡ଼ ତାଲୁକାକୁ ନେଇ ଗଠିତ ହୋଇଥିଲା । ଘଞ୍ଚ ଅରଣ୍ୟ, ପାହାଡ଼ ପର୍ବତମାଳା ଓ ଆଦିବାସୀ ସମ୍ପ୍ରଦାୟକୁ ନେଇ ଗଠିତ ଏଇ ଅଞ୍ଚଳରେ ତତ୍‌କାଳୀନ ସାମାଜିକ ଜୀବନ ଯେତିକି ଶୋଚନୀୟ ଥିଲା ଅର୍ଥନୈତିକ ଅବସ୍ଥା ସେତିକି ଦୟନୀୟ ଥିଲା ।

ଇଂରେଜ ସରକାର ଓ ଜମିଦାରଙ୍କ ଦ୍ୱୈତ ଶାସନ ଯୋଗୁଁ ଲୋକ ସର୍ବସାନ୍ତ ହୋଇ ଦାଣ୍ଡର ଭିକାରୀ ହୋଇଯାଉଥିଲା । ଜମିଦାରଙ୍କ ଅଧସ୍ତନ କର୍ମଚାରୀଙ୍କ ସ୍ୱାର୍ଥପରତା, ଅମାନୁଷିକତା, ବର୍ବରତା ଓ ପଶୁତା ତଥା ସରକାର କର୍ମଚାରୀଙ୍କ ଲୋଲୁପତାର ଶିକାର ହୋଇ ବନବାସୀ ଗିରିଜନ ପଙ୍ଗୁ ଅଥର୍ବ ସମର୍ପିତ ଜୀବନ ଯାପନ କରୁଥିଲେ । ଉମରକୋଟ ଅଞ୍ଚଳ କୋରାପୁଟ ଜିଲ୍ଲାର ଅନ୍ୟ ଅଞ୍ଚଳଠାରୁ କୌଣସି ଗୁଣରେ ଭିନ୍ନ ନଥିଲା । ଶୋଷଣର ରାକ୍ଷସୀ ହାତ ସବୁ ଅଞ୍ଚଳର ଲୋକଙ୍କ ରକ୍ତକୁ ଶୁଖେଇ ଦେଇଥିଲା । ଆଞ୍ଚଳିକ ସ୍ତରରେ ଶୋଷଣର ଭିନ୍ନ ଭିନ୍ନ ପନ୍ଥା ଅନୁସରଣ କରାଯାଉଥିଲା । ଶାସନ ଥିବା ଅଣଆଦିବାସୀମାନେ ନିଜର ସବୁ ପ୍ରକାରର ସୁଖସମ୍ଭୋଗ ପାଇଁ ଆଦିବାସୀ ଜନତାକୁ ନିର୍ମମ ଭାବରେ ଶୋଷଣ କରୁଥିଲେ । ୧୯୧୯ ମସିହ ଇଂରେଜ ସରକାରଙ୍କ ଭାରତ ଆଇନ ଅନୁସାରେ ଜୟପୁର ଜମିଦାରୀ ପଛୁଆ ଅଞ୍ଚଳ ଭାବେ ଗଣିତ ହେଉଥିଲା । ଫଳରେ ଅନ୍ୟାନ୍ୟ ଅଞ୍ଚଳ ପରି ଏଠାରେ କୌଣସି ଜନହିତକର କାର୍ଯ୍ୟ କରାଯାଇ ନଥିଲା । ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ସରକାରୀ କର୍ମଚାରୀ ଏବଂ ରାଜାଙ୍କ ନିଯୁକ୍ତି ପାଇଥିବା ଅଧସ୍ତନ କର୍ମଚାରୀ ଶାସନ ପରିଚାଳନା ଆଳରେ, ଆଇନ ଶୃଙ୍ଖଳା ରକ୍ଷା କରିବା ଆଳରେ, ରାଜସ୍ୱ ସଂଗ୍ରହ କରିବା ବାହାନାରେ ଏବଂ ଜଙ୍ଗଲ ରକ୍ଷା କରିବା ବାହାନାରେ ନିରୀହ ସରଳ ଆଦିବାସୀଙ୍କୁ ମଶାମାଛିଠାରୁ ବି ହୀନ ଦୃଷ୍ଟିରେ ଦେଖୁଥିଲେ । ଏହି କର୍ମଚାରୀମାନଙ୍କୁ ଶୋଷଣ ଓ ଅତ୍ୟାଚାରରେ ସାହାଯ୍ୟ କରୁଥିଲେ ଗାଁର ଗଉନ୍ତିଆ ନାୟକ, ଗଣ୍ଡା, ଚଲାଣ, ପୂଜାରୀମାନେ ।

କେବଳ ସରକାରୀ କର୍ମଚାରୀ ମାନଙ୍କୁ ସନ୍ତୁଷ୍ଟ କରିବା ଆଉ ସବୁକଥାରେ ଟିଟମ୍ ମାହାପ୍ରୁ - ତୁଇ ମାଇ - ବାପ କହି ସେମାନଙ୍କ ନାମରେ ନିଜର ଫାଇଦା ଉଠାଇବା ଥିଲା ଏମାନଙ୍କର ପେଷା । ଗାଁର ନାୟକ ହେବା ଆଉ ଏଇ ହେବା ପାଇଁ ମାରପେଞ୍ଚ୍ ନୀତି ଧରିବା ଏମାନଙ୍କ ନୀତି ଥିଲା । ଅନ୍ୟ ଗାଁରେ ବାସ କରୁଥିବା ଡମମାନେ ଏହି ଦିଗରେ ଧୂରନ୍ଧର ଥିଲେ । ସହଜରେ ଆଦିବାସୀଙ୍କ ଅପେକ୍ଷା ଏମାନଙ୍କ କଥାଚାତୁରୀ ଓ ବୁଦ୍ଧି ବେଶୀ ଥିବାରୁ ଏମାନଙ୍କ ମନରେ ଅନିଷ୍ଟକାରୀ ଚିନ୍ତା ବେଶୀ ପଶୁଥିଲା । ଏମାନଙ୍କ ସାହାଯ୍ୟରେ ହିଁ ରାଜକର୍ମଚାରୀମାନେ ଗାଁର ଅତ୍ୟାଚାର ଶୋଷଣ କରୁଥିଲେ । ରବିସିଂଙ୍କ ଜୀବନରେ ଏହି ଜାତିର ଅତ୍ୟାଚାର କେତେ ଯେ ଝଡ଼ଝଞ୍ଜା ସୃଷ୍ଟି କରିଥିଲା ଏବଂ ଏହି ପାହାଡ଼ି ମଣିଷର ରକ୍ତରେ, ମଜ୍ଜାରେ ଘୃଣାର ଏକ ଆସ୍ତରଣ ସୃଷ୍ଟି କରି ଦେଉଥିଲା ତାର କଳନା ନାହିଁ ।

ସେହି ସମୟରେ କେତେକ ନିଷ୍ଠୁର ପ୍ରଥା ଗ୍ରାମ ଜୀବନକୁ ପଳ ପଳ କ୍ଷୟ କରି ଅନ୍ତଃସାର ଶୂନ୍ୟ କରି ଦେଉଥିଲା, ସେଗୁଡ଼ିକ ହେଲା- ବେଠିଆ, ରସିଦ, ଜମିଛଡ଼ା, ଗାଁ ଘଇଟା, କାଠ କଉଡ଼ି, ଘର ଛପର, ସପ୍ଲାଇ ଗଡମ, ରୋଡ଼ କାମ, ଡୋଲି ବୁହା, ଗୋଚର ଓ ଲଙ୍ଗଳପାନୁ ଗାଁ ଖେଦା, ମୁଣାଧରା । ବେଠି ଓ ଗଡ଼ମ ଏହି ଦୁଇଟି ବ୍ୟବସ୍ଥା ଗ୍ରାମ ଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିଲା । ଲୋକେ ଲୁହ ନକାନ୍ଦି ଲହୁ କାନ୍ଦୁଥିଲେ । ବିଦେଶୀ ଓ ଦେଶୀ ଶାସକଙ୍କ ଦାଉ, ଅଜଉତି ସହି ହେଉନଥିଲା କି କହି ହେଉନଥିଲା । ସେ ସମୟରେ ଅତ୍ୟାଚାର ଓ ଶୋଷଣ କଥା ମନେ ପକାଇ ବାଟିବେଡ଼ାର ଶୋଭା ମାଳି, ୭୫ ବର୍ଷ ବୟସଙ୍କ କହନ୍ତି- "ଗାଉଁଟିଆର କଥା ବେଠି ଯିବାର, ଉମରକୋଟ, ହାଟ- ପାହାରି (ହାଟପାଳି- ସାତଦିନ ଜଣଙ୍କ ଘରକୁ) ଗୁମାସ୍ତା ଘରେ ଯାଇ କାମ କରିବାର, ଭାତିଆପାଚି ଘରୁ ନବାର, ସକାଳୁ ଘର ଅଗଣା ଓଳାଇବା, ଗୋବର ପାଣି ଛିଞ୍ଚିବାର, ପଇସାପତ୍ର ଗୋଟ୍‌କେ ହେଲେ ନାଇଁ ଦେବାର । ହାଣ୍ଡି ଭାତିଆ ସବୁ ନେଇ ରାନ୍ଧି ଖାଇବାର, କାମରେ ଖଣ୍ଡ୍‌କେ ଅଳସ ହେଲେ ବାବୁ ବାବୁଆଣୀ ଗାଳି ଶୁଣିବାର ଆଉରି ମାଡ଼ ଖାଇବାର କଥା । ଭିତର ବାହାର ସବୁ କାମ, ପିଲା ଧରିବାର, ବାବୁ ବାବୁଆଣୀର ବାସି ଲୁଗା ଧୋଇବାର, ଲୁଗା ସଫାକରି ଶୁଖାଇବାର, ଦାରୁ ଫୁଟାଇବାର, (କାଠ ହାଣିବା), ସବୁ ପାଇଟି କରିବାର ହେଉଥିଲା । ଦେହ, ମୁଣ୍ଡ ଦୁକା, ଜର ହେଲେ ବି ନାଇଁ ଛାଡ଼ ।" ବିନା ପଇସାରେ ଲୋକଙ୍କୁ ବେଠି ଖଟାଇ, ସରକାରୀ କର୍ମଚାରୀ ସବୁ ସୁବିଧା ହାସଲ କରୁଥିଲେ ।

ବାଟିବେଢ଼ା ଗାଁର ଲୋକମାନଙ୍କୁ ପୋଲିସ କର୍ମଚାରୀ ମାନଙ୍କ ଘରେ ବେଠି ଖଟିବା ପାଇଁ ଖଞ୍ଜା ଯାଇଥିଲା । ସାତ ଦିନକୁ ସାତ ଦିନ ଲୋକ ବଦଳୁଥିଲେ । ଏହି ନିଷ୍ଠୁର ପ୍ରଥାର ପ୍ରତିବାଦ କରିବାକୁ କାହାର ଯୁ ନଥିଲା, ନୀରବରେ ସହିଯିବା ଛଡ଼ା ଅନ୍ୟ ଗତି ନଥିଲା ଆଦିବାସୀ ମଣିଷର ।

ଉମରକୋଟଠାରୁ ୧୦ କିମି ଦୂର ଅଞ୍ଚଳ ଗ୍ରାମର ଶ୍ରୀ ବାଳଚନ୍ଦ୍ର ନାୟକ, ପିତା ଜୟରାମ ନାୟକ, ୭୮ ବର୍ଷ ବୟସ, ତାଙ୍କ ଯୁବକ ସମୟର ଏହି ବେଠିଆ ପ୍ରଥା ଉପରେ ଆଲୋକପାତ କରି କହନ୍ତି ଯେ – "ସେତେବେଳେ ଅଞ୍ଚଳା ଗ୍ରାମ ଉମରକୋଟ ଅଞ୍ଚଳ ଜଙ୍ଗଲବିଭାଗ କର୍ମଚାରୀ ମାନଙ୍କ ଘରେ ହାଟ ପାହାରି ବେଠି ଖଟିବା ପାଇଁ କୁହାଯାଉଥିଲା । ଥରେ ଶ୍ରୀ ବାଳଚନ୍ଦ୍ର ନାୟକ, ଉମରକୋଟ ଫରେଷ୍ଟ ରେଞ୍ଜର ଘରେ ହାଟ ପାହାରି ବେଠି ଖଟିବା ପାଇଁ ଘରୁ ଭାତିଆ ନେଇ ପହଞ୍ଚିଲେ । ଭାତିଆ କାଉଚି ସହ ପହଞ୍ଚିବା ପରେ ତାଙ୍କୁ ଗୋରୁ ଗୁହାଳରେ ରହିବା ପାଇଁ ଜାଗା ଦିଆଗଲା । ଘର ଭିତର ବାହାର ସବୁ କାମ କରିବାକୁ ଏମିତି କି ରେଞ୍ଜରଙ୍କ ବାସି ଲୁଗା ଧୋଇ ଚିପୁଡ଼ି ଶୁଖାଇବାକୁ ପଡୁଥିଲା । ସେତେବେଳେ ଆଦିବାସୀଙ୍କଠାରୁ ଲୁଣ୍ଠିତ ସମ୍ପତ୍ତିରୁ ଏହି ଜଙ୍ଗଲ ବିଭାଗ ବାଲା ମଉଜ ମସ୍ତିରେ ଜୀବନ କାଟୁଥିଲେ । ମଦ ଓ କୁକୁଡ଼ା ନହେଲେ ନଚଳେ । ରେଞ୍ଜର ସାଇବ ମଦ ପିଇ ମାତାଲ ହୋଇ ଘରକୁ ଫେରୁଥିଲେ ଅନେକ ରାତିରେ, ଏପରିକି ଦିନେଦିନେ କ୍ୟାମ୍ପରେ ରହିଯାଉଥିଲେ । ସାଇବଙ୍କ ଅନୁପସ୍ଥିତିରେ ସାଇବାଣୀଙ୍କ ଦେହର ଭୋକ ବଢ଼ିଯାଉଥିଲା ।" ପୂର୍ବକଥାକୁ ମନେପକାଇ ବାଳଚନ୍ଦ୍ର ନାୟକ କହନ୍ତି – "ଦିନେ ରାତିରେ ଯେତେବେଳେ ସବୁ ଶୋଇ ପଡ଼ିଥିଲେ ସାଇବାଣୀ ଡକାଇ ପଠାଇଲେ ଘର ଭିତରକୁ ବାଳଚନ୍ଦ୍ର ନାୟକଙ୍କୁ । ଝିମ୍‌ଝିମ୍ ରାତି, ନିଶବଦ, ଘରଭିତରେ ଦୀପ ମିଞ୍ଜିମିଞ୍ଜି ଜଳୁଛି । ଖଟ ଉପରେ ସାଇବାଣୀଙ୍କ ଆଖିରେ ଅଧା ନିଦ । ବାଳଚନ୍ଦ୍ର ସନ୍ତର୍ପଣରେ ପହଞ୍ଚିଲେ । ଅଧରାତିରେ ଡକାଇବାର ଦେଖି ଭୟରେ ସେ ଗୋଟାପଣେ ଥରୁଥିଲେ ।" ଆସେ, ଖଟ ପାଖରେ ବସି ମୋର ଗୋଡ଼ହାତ ଖଣ୍ଡେ ପିଚ୍‌କି ଦେନା । ତା ଆରଦିନ ସକାଳୁ ବାଳଚନ୍ଦ୍ର ନାୟକଙ୍କୁ ପିତଳ ଗ୍ଲାସରେ ଭର୍ତ୍ତି ଡିକାସିନୀ ଆଉ ଥାଳିଏ ମୁଢ଼ି ଖାଇବାକୁ ମିଳିଥିଲା । ବ୍ୟଭିଚାର ଓ ବିଳାସର ସୀମା ନଥିଲା ସେତେବେଳେ ।" ମଣିଷକୁ ପଶୁପରି କେମିତି ବ୍ୟବହାର କରାଯାଉଥିଲା ସେହି ବିଷୟରେ ସ୍ୱୟମ୍ ରବିସିଂ ମାଝି କହନ୍ତି – "ସେତେବେଳେ ପୋଲିସ କର୍ମଚାରୀ ଥିଲେ ଅମାପ ଶକ୍ତିଶାଳୀ । ହାତରେ ଆଇନ ଧରି ଅନ୍ଧ ହୋଇଯାଇଥିଲେ ସେମାନେ ।" ତତ୍‌କାଳୀନ ପୋଲିସ ସର୍କଲ ଇନିସ୍‌ପେକ୍ଟର ଉମରକୋଟରେ ଥିଲେ । ତାଙ୍କ ନାମ ରାମକୃଷ୍ଣ ପଟନାୟକ

ରାଓ । ଲୋକେ ତାଙ୍କୁ କଳାନାଗ କହୁଥିଲେ । ଦେହ ରଙ୍ଗ ନିଗ୍ରୋ ଆଫ୍ରିକୀୟଙ୍କ ପରି । ଛୋଟ ଛୋଟ ଆଖି ସବୁବେଳେ ଜଳୁଥାଏ । ହାତରେ ବାଡ଼ି । ଲୋକଙ୍କୁ ଦଣ୍ଡଦେଲେ ତାଙ୍କୁ ଭାରି ଖୁସି ଲାଗେ । ମନୁଷ୍ୟ ରୂପରେ ହିଂସ୍ର ପଶୁ ଥିଲେ ସେ । ରାଜାଙ୍କ ଖୋଦ କର୍ମଚାରୀ ଜମାନ ମାନେ ତାଙ୍କଠୁ ବଳି । ଦିନେ ଉମରକୋଟରୁ ଡାବୁଗାଁ କ୍ୟାମ୍ପ କରିଗଲା ବେଳେ ବାଟିବେଡ଼ା ଗ୍ରାମର ଚାରିଜଣ ତାଙ୍କୁ ଡୋଲିରେ ବୋହି ନେଉଥିଲେ । ବାଉଁଶରେ ବୁଣା ହେଉଥିଲା ଡୋଲି । ଅଫିସର ଭିତରେ ପାଳ ବସ୍ତାର ଗଦି ପକାଇ ବସନ୍ତି । ଆଗରେ ଜମାନ ଚାଲନ୍ତି । ପଛରେ ଗାଁର ଚଲାଣ, ଗାଣ୍ଡା ଆଉ ନାୟକ । ସେଦିନ ସେମିତି ଡୋଲି ଭିତରେ ବସି ରାମକୃଷ୍ଣ ପଟନାୟକ ଡାବୁଗାଁ ଯାଉଥିଲେ ମଣିଷ କାନ୍ଧରେ ବୁହାହୋଇ । ଏହି ଡୋଲି ବୁହା ମଣିଷ ଭିତରେ ଥିଲେ ପଟୁ ମାଝୀ, ରବିସିଂଙ୍କ ବାପା । ଡୋଲିରେ ବୁହା ହୋଇ ଗଲାବେଳେ ଏହି ଅଧିକାରୀ ମାନଙ୍କୁ କେମିତି ଲାଗୁଥିଲା । ସେମାନଙ୍କୁ ପଚାରିଲେ ହୁଏତ କ୍ଷମତାବୋଲା ସରୁ ହସଟିଏ ଓଠ ଚହଟାଇ ବାହାରି ଆସିଥାଆନ୍ତି ଅବା ପ୍ରଶ୍ନ ପଚାରିବା ଲୋକର ପିଠି କୋରଡ଼ା ମାଡ଼ରେ ଫାଟି ଯାଇଥାଆନ୍ତା ବା କେତେଦିନ ଜେଲରେ ଘଣା ପେଲିଥାଆନ୍ତା କହିହେବ ନାହିଁ । ହେଲେ ସେଦିନ ରାମକୃଷ୍ଣ ପଟନାୟକ ଡୋଲି ଭିତରେ ବୁହା ହୋଇଗଲା ବେଳେ ତାଙ୍କୁ ମୁତ ମାଡ଼ିଲା । ଅଧିକାରୀ ଡୋଲିରୁ ଓହ୍ଲାଇ ତଳକୁ ମୁତିବାକୁ ଯିବେ । ଏ କଥା କେମିତି ହେବ । ନିଜ ପଦ ମର୍ଯ୍ୟାଦା କାଳେ ତଳେ ପଡ଼ିଯିବ ଏଣୁ ପେଣ୍ଟରୁ ବୋତାମ ଖୋଲି ସର୍କଲ ଇନସ୍‌ପେକ୍ଟର ମୁତି ପକେଇଲେ ଚରଚର କରି । ଧାର ଧାର ପରିସ୍ରା ଯେତେବେଳେ ପଟୁ ମାଝୀଙ୍କର ମୁଣ୍ଡ ଦେଇ ଦେହସାରା ବୋହିଗଲା ଆଉ ଲୁଣି ମୁତ ପାଟି ଭିତରେ ପଶିଗଲା ତାଙ୍କର; ଏକ ପାଶବିକ ଆନନ୍ଦରେ କୁରୁଳି ଉଠିଲେ ରାମକୃଷ୍ଣ ପଟନାୟକ । ପଚାରିଲେ – "ହଇନା ଏ ପଟୁ, କେନ୍ତା ଲାଗସି ଆଛେନା ।" ସେଦିନ ଏକ ନିଷ୍ଫଳ ଆକ୍ରୋଶରେ ପଟୁମାଝୀ କଥା କହି ପାରି ନଥିଲେ । କେମିତି ଘୃଣା ତାଙ୍କ ଦେହ ସାରା ସଞ୍ଚରି ଯାଇଥିଲା । ଶିକ୍ଷିତ ଅଧିକାରୀଙ୍କର ଏହି ପଶୁ ପ୍ରକୃତି କେତେ ନୀଚ, ହୀନ ନଥିଲା ! ଏମାନେ ମଣିଷ ଥିଲେ । ଶାସନ ମଣ୍ଡଣି କରୁଥିଲେ । ଲୋକଙ୍କ ସୁଖ ସୁବିଧା ବୁଝିବେ, ନ୍ୟାୟ ଦେବେ । ସେ ଦିନର ସେଇ ଘୃଣିତ ଘଟଣା କାନକୁ ଦିକାନ ହୋଇ ବାଟିବେଡ଼ାର ସବୁ ଲୋକଙ୍କ କାନରେ ପଶିଗଲା । ସ୍ଥାନୀୟ ଶାସନ ବିରୁଦ୍ଧରେ ପ୍ରଜା ଅସନ୍ତୋଷର ଅନ୍ୟତମ କାରଣ ଭାବରେ ମଧ୍ୟ ଏହି ଘଟଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ରବିସିଂ ଏଇ ଅତ୍ୟାଚାର ଆଉ ଶୋଷଣ ଭିତର ଦେଇ ବଢୁଥିଲେ । ଦେଖୁଥିଲେ ନିଜ ଜାତିର ଅସହାୟତା । ଦେଖୁଥିଲେ ମଣିଷ କିପରି ଚାହିଁବି ସତ କହି ପାରୁ ନଥିଲା । ହାତରେ ବେଡ଼ି, ପିଠିରେ କୋରଡ଼ା, ଚଲାଣ, ଗଣ୍ଡା, ନାୟକ, ଗାଉଁଟିଆ ପୁଲିସ, ରବିନି, ଏକ୍‌ସାଇଜ୍, ଫରେଷ୍ଟ କିଏ ଆଉ ଦାଉ ସାଧୁ ନଥିଲେ ବୋଲି ନାଇଁ । କ୍ଷୀଣ ଭାବରେ ମନ ଭିତରେ ଧିରେ ଧିରେ ଉଙ୍କି ମାରୁଥିଲା ବିଦ୍ରୋହର ସ୍ୱର । ସମୟ ତଥାପି ଆସି ନଥିଲା । ବହଳ ଅନ୍ଧାର ଆହୁରି ବି ଥିଲା ସୂର୍ଯ୍ୟଙ୍କୁ ଅପେକ୍ଷା କରି ।

ଖାଲି ଏତିକିରେ ସରୁ ନଥିଲା ଜୀବନର ଦୁର୍ଦ୍ଦଶା । ଗଡ଼ମ ପ୍ରଥା ଆଦିବାସୀଙ୍କ ଜୀବନକୁ ରାହୁ ପରି ଗ୍ରାସି ଥିଲା । ନିସ୍ତାର ନଥିଲା ସେଥିରୁ ତା'ର ବାଟିବେଡ଼ା ଗାଁ ବି ଏହି ନୃଶଂସ ପ୍ରଥାର ଶିକାର ହୋଇ କେତେ ଆଦିବାସୀ ଯେ ଦେଶାନ୍ତର ହେଲେ ଘରଦ୍ୱାର ଛାଡ଼ି । ଗାଁ ଭିଟାମାଟି ଛାଡ଼ି ଦୂରକୁ ଚାଲିଗଲେ । ମଣିଷର ମଣିଷ ପ୍ରତି ଏହି ଭାବ । ଜୀବନ ଯନ୍ତ୍ରଣାର କାହାଣୀ, ଯନ୍ତ୍ରଣା ଯାହା ସହି ହୁଏ ନାହିଁ, ପିଠି ହାଡ଼ ରଟରଟ ହୁଏ । କଲିଜା ଫାଟିଯାଏ । ତତଲା ଲୁହରେ ଭୂଇଁ ତିନ୍ତିଯାଏ, ଫୁଙ୍ଗୁଳା ଦେହରେ ଶୀତ, ଖରା, ବର୍ଷାର ଦାଉକୁ ସହି ଏହି ଆଦିବାସୀ ମଣିଷ ସହରି ମଣିଷର ଗୋଲାମୀ କରିଯାଏ । ତା ପୁଅ ବେଠି ଖଟେ, ମାଇକିନା ବି । ତା ନିଜ କଥା ନକହିଲେ ଭଲ । ଜମିର ଠିଆ ଫସଲ ଅଳ୍ପ ମୂଲରେ ମୂଲାଯାଇ ଅମଳ ପରେ ସାହୁକାର ଘରକୁ ଯାଏ । ବାବୁ ଭାଇଆମାନେ ଗାଁ ଲୋକଙ୍କ ଠାରୁ ଅଳ୍ପ ପଇସା ଦେଇ ବାଣ୍ ସମୟେ ସମୟେ ବିନା ମୂଲ୍ୟରେ କୁକୁଡ଼ା, ଛେଳି, ମେଣ୍ଢା, ଦୁଧିଆଳି ଗାଈ, ମଇଁଷି, ପୋଢ଼ ଯାହା ଦରକାର ମନ ମୁତାବକ ନେଇ ଯାଆନ୍ତି । କୌଣସି ଗାଁକୁ ଯଦି କୌଣସି କର୍ମଚାରି ଗଲା ସେ ଏମିତି ଶସ୍ତାରେ ବହୁତ ଜିନିଷ ଜମା କରେ ଏବଂ ଯେଉଁ ଲୋକ ଏତେ ଝାଳ ବୁହାଇ ତା ନିଜ ଜିନିଷ କରିଥାଏ ତାରି ହାତରେ କଉଡ଼ି ଧରାଇ ତା ନିଜ ଘରକୁ ବୁହାଇ ନିଏ । ପ୍ରତିବାଦ କରିବାକୁ ହେବ ନାହିଁ, ପ୍ରଶ୍ନ ପଚାରି ହେବ ନାହିଁ । ଆଦିବାସୀ ହିସାବ କରି ଜାଣେ ନାହିଁ । ସବୁବେଳେ ଅଭାବି ସେ । ସହରି ଲୋକଙ୍କ ବୁଦ୍ଧି, ରାଜକର୍ମଚାରୀଙ୍କ ସଲାସୁତୁରାରେ ସେ ହୋଇଯାଏ ପଙ୍ଗୁ, ଭାଷାହୀନ, କଥା କହିବାର ଉପାୟ ନାହିଁ । ଶାସନର ଭୟ ଯେତିକି ନାହିଁ ଶାସନକୁ ଚଲାଉଥିବା ମଣିଷକୁ ବେଶୀ ଡର ଥିଲା । ଇଜ୍ଜତ ଲୁଚାଇବାକୁ ଯାଇ ତାର ଝିଅ ବୋହୁ ଲୁଚୁଥିଲେ ବଣପାହାଡ଼ ଖୋଲାରେ ।

ଏମିତି ଏକ ଚିର ଦୈନ୍ୟ ଅଭାବୀ ଜୀବନକୁ ନେଇ ପେଷି ହୋଇ ତଥାପି ଏଇ ଗିରିଜନ ଯେ ନିଜ ସଂସ୍କୃତି ନିଜ ଗୀତ ନାଚ ଜାନି ଯାତରା ଭିତରେ ହସି ପାରୁଥିଲା,

ମହୁରୀର ତାନେ ତାନେ ମାଦଳର ତାଳେ ତାଳେ (କାଠ ମରଳ) ମୃଦଙ୍ଗର ଥାପରେ, ଟିଡ଼ିବୁଡ଼ିର ଟିଡ଼୍ ବିଡ଼୍ ଗାଁ ଧାଙ୍ଗଡ଼ିର ମନମତାଣିଆ ଗୀତରେ, ଧାଙ୍ଗଡ଼ାର ପାଦପାଦରେ ହଜେଇ ଦେଇ ପାରୁଥିଲା ନିଜକୁ । ରାତି ଯେମିତି ତା'ର ଅତି ନିଜର, ଆପଣାର, ସର୍ଗିଫୁଲର ବାସ୍ନା ଯେତେବେଳେ ସଞ୍ଚର ମାଇ ପବନକୁ ମତାଣିଆ କରି ଦେଉଥିଲା ସେତେବେଳେ ଭଲ ପାଇବାର ଉଜ୍ଜଳ, ଚଳଚଞ୍ଚଳ ଗୀତ ହୋଇ ଝରି ଯାଉଥିଲା କ୍ଷେତର ଛାତିକୁ ଥରାଇ ଦେଇ ଲାଉ ଫୁଲରେ, ଶିମ୍ବ ଫୁଲରେ ଛୁଇଁ ହୋଇ, ଆକାଶ ବିସ୍ତାରି ହୋଇ ଯାଉଥିଲା, ଜହ୍ନ ହସୁଥିଲା କିରିକିରି । ନଈର କୁଳୁକୁଳୁ, ଝରଣାର ମର୍ମରତା ତାକୁ ଦୋହରାଉ ଥିଲା । ରାତି ସରି ଆସୁଥିଲା, ସରିଆସୁଥିଲା ନିଶାର ଆସର, ଜୀବନର ଛନ୍ଦ ଉତଲା ହୋଇ ଉଠିଲା ବେଳକୁ, ଆଉ ଗୋଟିଏ ଯନ୍ତ୍ରଣାର ଦିନ ଆସିବାକୁ ଯାଉଥିଲା । ଗାଁବାସୀ ଦେଖୁଥିଲେ ପୂର୍ବ ଦିଗକୁ, ଲାଲ ପଡ଼ି ଆସୁଥିବା ଆକାଶକୁ ।

ଏଇ ପରିବେଶ ଯେ କେବଳ ଉମରକୋଟ ଅଞ୍ଚଳରେ ଥିଲା ତା ନୁହେଁ, ସାରା ବଣ ମୂଲକର ଅଞ୍ଚଳ ଜୟପୁର ଜମିଦାରୀ, ଗୁଣୁପୁର, ରାୟଗଡ଼ା, କୋରାପୁଟ, ପଟାଙ୍ଗି, ପାଡୁଆ, ମାଲକାନାଗିରି, କୋଟପାଡ଼, ନବରଙ୍ଗପୁର ସବୁଠାରେ । ଏକ ସମାନ ପ୍ରକାର ଜୀବନଯାପନ ପ୍ରଣାଳୀ । ସମାନ ପ୍ରକାର ଶୋଷଣ, ସମାନ ପ୍ରକାର ଅତ୍ୟାଚାର, କିଏ ଏଥିରୁ ବାଦ ଯାଆନ୍ତନି । ସଉରା, ଗାଦବା, ପରଜା, କୋୟା, ଗଣ୍ଡ, କନ୍ଧ, ଭତରା, ଯାତପୁ, ଦୋରା, ଯେଉଁଠି ପାହାଡ଼, ନଈ, ଜଙ୍ଗଲ ଆଉ ତା'ର ଅଧିବାସୀ ରହୁଥିଲେ । ସମସ୍ତେ ଏହି ପୀଡ଼ନର ଶୀକାର ହୋଇଥିଲେ । ପ୍ରତିବାଦ ପାଇଁ ମଞ୍ଚଟିଏ ନଥିଲା । ମୁହଁରେ କଥା ଦେବା ପାଇଁ ମଣିଷଟିଏ ନଥିଲା । ଯିଏ ଥିଲା ସେ ହେଲା ଶାସନର ନିର୍ମମ ନିଷ୍ଠୁର ସ୍ୱାର୍ଥପର ମଣିଷର ଦଳ, ଯେଉଁମାନଙ୍କ ମନରେ ନଥିଲା ମଣିଷ ପ୍ରତି ସ୍ନେହ ଶ୍ରଦ୍ଧା ସହାନୁଭୂତି ମଣିଷପଣିଆ । ଅଭିଶପ୍ତ ଆଦିବାସୀ କେବଳ ଜାଣିଥିଲା ଯନ୍ତ୍ରଣା କ'ଣ ବେଠି ବେଗାଡ଼ି କ'ଣ ଗଡ଼ମ, ଗାଁ ଖେଦା ବଣପାନ୍ଥ, ଗୋଚରପାନ୍ଥ, ଲଙ୍ଗଲପାନ୍ଥ କ'ଣ ସିସ୍ଟୁ କ'ଣ ଲାଠିମାଡ଼, ଲାତମାଡ଼ କ'ଣ ତତଲା ଲୁହରେ ଭୂଇଁ ଓଦା କରି ଏମିତି କାନ୍ଦିବାକୁ ହୁଏ ମୋର ଦୋଷ ହେଲା ମାହାପ୍ରୁ ନା ମାର୍‌ବେ ତର୍ ଗୁହ ମୁତ ଖାଇବିକିନା ନା ମାର୍‌ବେ । ଆରଥରେ ତର୍ କାତା ନା ମାନ୍‌ଲେ ପାଣ୍ଡେଇ ପାଣ୍ଡେଇ ମାର୍‌ବାଛୁ, ନା ପିଟାନି ବାବୁ, ପିଠି ପାଟି ରକ୍ତ ଝରିବାର ଯନ୍ତ୍ରଣା ସେ ଜାଣିଥିଲା । ବଣରେ ଲୁଚୁ ଥିଲା ଏହି ମଣିଷ । ହେଲେ କାହାକୁ କହିବ ତା ମନର କଥା, ଦୁଃଖର କାହାଣୀ, କିଏ ଶୁଣିବାକୁ ଅଛି ଯେ ?

ଏକ ଅସହାୟ ଜୀବନର କରୁଣ, ଅଶ୍ଳୀଳ, ପ୍ରାଣ କମ୍ପନ ଖୋଜୁଥିଲା ମାଧ୍ୟମଟିଏ ସବୁ ଅଞ୍ଚଳରେ । ଉମରକୋଟର ବାଟିବେଡ଼ା ଏହି ଅଞ୍ଚଳକୁ ଦେଖାଇଲା ସେଇ ବାଟ । ଯହିଁରେ ଚାଲିଲେ ପାଦରେ କଣ୍ଟାତ ଫୁଟିବ କିନ୍ତୁ ପାଇହେବ ସେଇ ଈପ୍ସିତ ଜିନିଷ ।

୧୯୩୭ ମସିହା । ରବିସିଂ ଶୁଣୁଥିଲେ ସୁନାଧର ନାଏକ ଗାଉଁଟିଆ, ଭାମିନିଙ୍କ ମୁହଁରୁ ଗାନ୍ଧୀ ମାହାପୁରଙ୍କ କଥା, ଲଢ଼େଇର କଥା, ଅସହଯୋଗ ଆନ୍ଦୋଳନର କଥା, ସିସ୍ତୁ ଦେବାକୁ ହେବନାହିଁ । ଅହିଂସାରେ ଲଢ଼ିବାକୁ ହେବ ସରକାର ପାଖରେ ।

****

# ଗାନ୍ଧୀବାଣୀ ଓ ବଣ ମୂଲକରେ ତା'ର ପ୍ରତିଧ୍ୱନି

ବମ୍ବେ ଭାରତର ଦ୍ୱାର । ହଜାର ହଜାର ଜନତା ଜମା, ଗାନ୍ଧୀଜୀ ଫେରୁଛନ୍ତି ଆଫ୍ରିକାରୁ ଭାରତ । ସ୍ୱାଗତ ଜଣାଇବେ ସମସ୍ତେ । ଗାନ୍ଧୀ ଘର ଫେରନ୍ତା । ଆଫ୍ରିକାରେ ଇଂରେଜ ମାନଙ୍କ ଦ୍ୱାରା ଅତ୍ୟାଚର ଭୋଗୁଥିବା ଭାରତୀୟମାନଙ୍କ ସମ୍ମାନ ଫେରାଇ ଆଣିଛନ୍ତି ଗାନ୍ଧୀ । ନିଜର ଅହିଂସା, ସତ୍ୟାଗ୍ରହ ଆନ୍ଦୋଳନ ଦ୍ୱରା ପୃଥିବୀ ଅନୁଭବ କରିପାରିଛି ଏକ ନୂଆ ବିଶ୍ୱାସର ମୂଳଦୁଆ । ବିନା ଅସ୍ତ୍ରଶସ୍ତ୍ରରେ ଯୁଦ୍ଧ କରି ହୁଏ । ଆଇନ ଅମାନ୍ୟ କରି ହୁଏ । ପୃଥିବୀର ସବୁଠୁ ବଡ଼ ଉପନିବେଶ ସ୍ଥାପନ କରିଥିବା ଦେଶ ଇଂଲଣ୍ଡ । ଯେଉଁ ସାମ୍ରାଜ୍ୟରେ କେବେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ ବୋଲି ସେମାନେ କହୁଥିଲେ, ଗର୍ବ କରୁଥିଲେ, ତାଙ୍କୁ ବି ସ୍ୱୀକାର କରେଇ ହେବ ଯେ ଗାନ୍ଧିଜୀଙ୍କ ନୂଆ ଅସ୍ତ୍ରର ମୁକାବିଲା କରିବା ସେତେ ସହଜ ନୁହେଁ । ସେ ଫେରୁଥିଲେ ଭାରତକୁ ଆଫ୍ରିକାରୁ ଜାନୁୟାରୀ ୯ ତାରିଖ ୧୯୧୫ ମସିହାରେ ଗାନ୍ଧିଜୀଙ୍କ ଜାହାଜ ଲାଗିଲା ବମ୍ବେରେ । ଭାରତ ଦ୍ୱାରରେ ଲୋକାରଣ୍ୟ । ହଠାତ୍ କୋଳାହଳ, ଗାନ୍ଧିଜୀ ଓହ୍ଲାଇଲେ ଜାହାଜରୁ ହାତଯୋଡ଼ି । "ମହାତ୍ମାଗାନ୍ଧୀ କି ଜୟ" ଗଗନ ପବନ ମୁଖରିତ ହେଲା । ଛୟାଳିଶ ବର୍ଷୀୟ ଗାନ୍ଧୀ ଦେଖୁଥିଲେ ପରାଧୀନ ଭାରତର ଆତ୍ମାକୁ । ସେଇ ଭାରତକୁ ଯାହାର ବିଶାଳତା କେବଳ ଏକ ଭୌଗୋଳିକ ସ୍ଥିତିରେ ସୀମିତ ହୋଇ ରହିପାରିଛି । ବହୁ ଜାତି ସଂପ୍ରଦାୟ ବିଭିନ୍ନ ଧର୍ମ ବିଶ୍ୱାସ, ଅନ୍ଧ ବିଶ୍ୱାସ, ସବର୍ଣ୍ଣ ଅସବର୍ଣ୍ଣ ଭେଦାଭେଦରେ ସଂକୀର୍ଣ୍ଣ ଭାରତକୁ । ସେଇ ଭାରତ ମାତାକୁ ଯାହାର ଅନ୍ନକ୍ଲିଷ୍ଟ, ଦାରିଦ୍ର୍ୟ, ପୀଡ଼ିତ ଜନ ସାଧାରଣ ଶୋଷଣର ଲୋମଶ ହାତରେ ଅର୍ଦ୍ଧମୃତ । ଜାତୀୟ ଚେତନାତ ବହୁ ଦୂରର କଥା । ସତ କଥା କହିବାର ସାହାସ ଟିକକ ହରାଇ ବସିଛନ୍ତି କାହିଁ କେଉଁ ଯୁଗରୁ । ଦୁଇ ଟୋପା ଲୁହ ଝରି ବୋହି ଗଲା ଗାନ୍ଧିଜୀଙ୍କ ଆଖିରୁ । ସେ ଭାରତ ମାତାର ପାଦ ସ୍ପର୍ଶ କରି ମୁଣ୍ଡରେ ବୋଳିଲେ ।

ପ୍ରଥମ ଥର ପାଇଁ ଭାରତୀୟମାନେ ଅନୁଭବ କଲେ ଯେ ଗାନ୍ଧୀଜୀ ସବୁ ନେତାଙ୍କଠୁଁ ଅଲଗା ଯିଏ ପ୍ରଥମ ଥର ପାଇଁ ଭାରତୀୟ ଜନ ଜୀବନକୁ ବାଣ୍ଟି ହୋଇଗଲା ନିଜର ସବୁ ଦେଇ । ଦୀନହୀନ ଭାରତୀୟଜନତାକୁ ସମ୍ବୋଧନ କରି କହିଲେ ଆତ୍ମବଳର କଥା । ବିହାରର ନୀଳଚଷୀ ମାନଙ୍କୁ ଏକତ୍ରିତ କରି ଗାନ୍ଧିଜୀ ଇଂରେଜ ଅତ୍ୟାଚରକୁ ରକ୍ଷା କରିବାର ବ୍ରତ ନେଲେ । ଅହମଦାବାଦ ଲୁଗା କଳର ଶ୍ରମିକ ମାନଙ୍କୁ ମିଲ୍ ମାଲିକଙ୍କ

ଶୋଷଣରୁ ମୁକ୍ତି ଦେବାର ରାସ୍ତା ଦେଖାଇଲେ । ବମ୍ବେର ଦୁର୍ଭିକ୍ଷ ପ୍ରପିଡ଼ିତ ଲୋକଙ୍କ ସେବା କଲେ । ତାଙ୍କର ଏହି ସେବା ଓ ସମଦୁଃଖ ଦେଖି ବହୁ ଭାବରେ ପ୍ରଭାବିତ ହେଲେ କବିଗୁରୁ ରବୀନ୍ଦ୍ରନାଥ । ଗାନ୍ଧିଜୀଙ୍କୁ ସେ ସମ୍ବୋଧନ କଲେ "ମହାତ୍ମା", ଭିକାରୀର ବେଶ ହେଲେ କ'ଣ ହେଲା, ତା ଦେହରେ ଏକ ମହାନ୍ ଆତ୍ମାର ନିବାସ । ସେଇ ଦିନ ଠାରୁ ମୋହନ ଦାସ କରମ ଚାନ୍ଦ ଗାନ୍ଧୀ "ମହାତ୍ମା" ନାମରେ ପରିଚିତ ହୋଇଗଲେ । ସମଗ୍ର ଭାରତବାସୀ ତାଙ୍କୁ ନିକଟରେ ପ୍ରଣିତ ହୋଇ ଡାକିଲେ "ବାପୁ" ।

ସବୁ ଭାରତବାସୀଙ୍କ ପରି ଗାନ୍ଧିଜୀ ବିଶ୍ୱାସ କରୁଥିଲେ ଯେ ବ୍ରିଟେନ୍ ପ୍ରଥମ ବିଶ୍ୱଯୁଦ୍ଧ ପରେ ଭାରତର ସ୍ୱାଧୀନତା ବିଷୟରେ ଚିନ୍ତା କରିବ ଏବଂ ଭାରତବାସୀଙ୍କ ଆଶା ଓ ଭରସାକୁ ସମ୍ମାନ ଦେବ । କିନ୍ତୁ ତା ହେଲା ନାହିଁ । ବରଂ ୧୯୧୯ ମସିହାରେ ଭାରତୀୟଙ୍କ ସ୍ୱାଧୀନତାର ଦାବୀ ଓ ଆନ୍ଦୋଳନକୁ ଦମନ କରିବା ପାଇଁ ଏକ ପ୍ରତିଶୋଧାତ୍ମକ ଆଇନ୍ ପ୍ରଣୟନ କଲା – "ରାଓଲଟ୍ ଆଇନ୍" । ଇଂରେଜ ସରକାରର ଏହି ଦୋ ମୁହାଁ ନୀତି ଗାନ୍ଧିଙ୍କ ମନରେ ଅଶେଷ ଦୁଃଖ ଦେଲା । ସେ ସ୍ଥିର କଲେ ଶାନ୍ତି ପୂର୍ଣ୍ଣ ଉପାୟରେ ଭାରତ ଏହାର ପ୍ରତିବାଦ ଜଣାଇବ । ସେ ସରକାରକୁ ଅଚଳ କରାଇ ଦେବେ ସଂପୂର୍ଣ୍ଣ ହରତାଳ ଦ୍ୱାରା । ଏଇ କଥା ଆଗରୁ କୌଣସି ନେତା ପରୀକ୍ଷା କରି ନଥିଲେ । ସେ ଚାହୁଁଥିଲେ ତାଙ୍କ ଦ୍ୱାରା ଅନୁସୃତ ଏଇ ହରତାଳ ଭାରତର ସମସ୍ତେ ପାଳନ କରିବେ । କୌଣସି ହିଂସା ଦ୍ୱାରା ବା ବଳ ପ୍ରୟୋଗ ଦ୍ୱାରା ନୁହେଁ ବରଂ ଘରେ ରହି । ସରକାରଙ୍କୁ କୌଣସି ସାହାଯ୍ୟ ନକରି ରାଓଲଟ୍ ଆଇନ୍ ବିରୁଦ୍ଧରେ ପ୍ରତିବାସ ଦିବସ ପାଳନ କରିବା ପାଇଁ ଗାନ୍ଧୀ ଏପ୍ରିଲ ମାସ ୭ ତାରିଖ ୧୯୧୯ ମସିହା ସ୍ଥିର କଲେ । ଯେଉଁ ଦିନ ନୀରବ ଭାରତୀୟର ଭାଷା ଜଣାଇବ ତା'ର ପ୍ରତିବାଦ ଅତ୍ୟାଚାରୀ ସରକାରକୁ ।

ହେଲେ ସେ ଦିନ ସବୁଠାରେ ସମାନ ବିତିଲା ନାହିଁ । ସ୍ଥାନେ ସ୍ଥାନେ ହିଂସାର ନିଆଁ ଜଳି ଉଠିଲା । ଏହା ତୀବ୍ର ହୋଇ ଉଠିଲା ପଞ୍ଜାବର ଅମୃତସର ସହରରେ । ଇଂରେଜ ଦ୍ୱାରା ବସା ଯାଇଥିବା ନୃଶଂସ ଆଇନ୍‌ର ପ୍ରତିବାଦ କରି ପଞ୍ଜାବର ହଜାର ହଜାର ଭାରତୀୟ ୧୯୧୯ ମସିହା ଏପ୍ରିଲ ମାସ ୧୩ ତାରିଖରେ ଜମା ହେଲେ ଜାଲିୱାନାବାଗରେ । ଏଇ ଜାଲିୱାନାବାଗ୍‌ରେ ଶାନ୍ତିପୂର୍ଣ୍ଣ ଭାବରେ ସଭା ଚାଲିଥିଲା ବେଳେ ଅମୃତସର ସହରର ମର୍ଶାଲ ଲ କମାଣ୍ଡର ବ୍ରିଗେଡ଼ିଅର ଆଇ. ଇ. ଡାୟାର ପଚାଶ ଜଣ ସୈନ୍ୟ ନେଇ ଛିଡ଼ା ହୋଇଗଲେ ଏକ ମାତ୍ର ପ୍ରବେଶ ପଥରେ ।

ବ୍ରିଗେଡ଼ିୟର ଡାୟାରଙ୍କ କ୍ରୋଧ କହିଲେ ନସରେ । ଏଇ ଭାରତୀୟମାନେ ସଭାକରି ପ୍ରତିବାଦ କରିବେ ପ୍ରବଳ ପ୍ରତାପୀ ଇଂରେଜ ସରକାର ବିରୁଦ୍ଧରେ । ଏହା ଅସହ୍ୟ । ହଠାତ୍ ସେ ଆଦେଶ ଦେଲେ "ଚଳାଅ ଗୁଳି" । ଦୀର୍ଘ ୧୦ ମିନିଟ୍ ଧରି ଅନ୍ଧ ଭାବରେ ଗୁଳି ବର୍ଷିଗଲା ସଭାମଞ୍ଚ ଆଡ଼କୁ । ସଭାରେ ଜମା ହୋଇଥିବା ପିଲା, ସ୍ତ୍ରୀ, ଯୁବକ, ବୃଦ୍ଧ ପ୍ରାଣଭୟରେ ଏପଟେ ସେପଟେ ଦୌଡ଼ିବାକୁ ଲାଗିଲେ । ଗୁଳି ମାଡ଼ରେ ଟଳି ପଡ଼ିଲେ ୧୫-୧୬ ଜଣ ଭାରତୀୟ । ଶହୀଦ ହୋଇଗଲେ ଦେଶ ପାଇଁ । ବ୍ରିଗେଡ଼ିୟର ଆର.ଇ. ଡାୟାର୍ ଆତ୍ମ ତୃପ୍ତିର ହସ ହସି ଫେରାଇ ଆଣିଲେ ନିଜ ସୈନ୍ୟଙ୍କୁ ।

ଏଇ ଜାଲିଓ୍ୱାନା ବାଗ ହତ୍ୟାକାଣ୍ଡ ସୃଷ୍ଟି କଲା ଭାରତ ଇଂରେଜ ମଧ୍ୟରେ ଏକ ବିରାଟ ଫାଟ । ଏହାର ପ୍ରଭାବ ୧୮୫୮ ମସିହା ସିପାହୀ ବିଦ୍ରୋହଠାରୁ ଅଧିକ ହେଲା ଗାନ୍ଧିଜୀଙ୍କ ଇଂରେଜ ସରକାରଙ୍କ ପ୍ରତି ଥିବା ବିଶ୍ୱାସ ଉଠିଗଲା । ଆଉ ନୁହଁ । ସହିବାର ସୀମା ଡେଇଁଗଲା । ସେ ଆଖି ଫେରାଇଲେ ଭାରତୀୟ କଂଗ୍ରେସ ଅନୁଷ୍ଠାନ ଆଡ଼କୁ ।

କଂଗ୍ରେସ ଅନୁଷ୍ଠାନକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମଞ୍ଚ କରିବା ପାଇଁ ସେ ପ୍ରସ୍ତାବ ଆଗତ କଲେ । ୧୯୨୦ ମସିହାରେ । ଭାରତୀୟ କଂଗ୍ରେସ ପାର୍ଟି ତାର କଲିକତା ଅଧିବେଶନରେ ଅହିଂସାତ୍ମକ ଉପାୟରେ ଇଂରେଜ ସରକାର ବିରୁଦ୍ଧରେ ଲଢ଼ିବା ପାଇଁ ନୀତି ଘୋଷଣା କଲା । ସେହି ଦିନ ଠାରୁ ନିଜର ମୃତ୍ୟୁ ପର୍ଯ୍ୟନ୍ତ; ୧୯୨୦ ମସିହାଠାରୁ ଜାନୁୟାରୀ ୩୦ ତାରିଖ ୧୯୪୮ ମସିହା ସନ୍ଧ୍ୟା ୫ଟା ୧୨ ମିନିଟ ଯାଏ ଗାନ୍ଧିଜୀ ହୋଇଗଲେ କଂଗ୍ରେସ ଅନୁଷ୍ଠାନର ଅପ୍ରତିଦ୍ୱନ୍ଦୀ ନେତା ଓ ପଥ ପ୍ରଦର୍ଶକ । ତାଙ୍କର ପଦେ କଥା ବେଦର ଗାର ଭଳି ଅଲଂଘ୍ୟ । ସାରା ଭାରତ ଉହିଁ ରହୁଥିଲା ମହାତ୍ମାଗାନ୍ଧୀଙ୍କର ପ୍ରତ୍ୟେକ ଗତିବିଧିକୁ, ପଦକ୍ଷେପକୁ, ଆଗକୁ କ'ଣ ହେବ ?

ଖଣ୍ଡେ ଆଣ୍ଠୁ ଲୁଚୁ ନଥିବା ମୋଟା ଖଦଡ଼ ପିନ୍ଧି, ଅଣ୍ଟାରେ ଘଡ଼ିଟିଏ ଝୁଲାଇ ହାତରେ ବାଡ଼ିଟିଏ ଧରି ମାଟି କାଦୁଅରେ ଲଥପଥ ହୋଇ କେତେବେଳେ ପାଦରେତ କେତେବେଳେ ରେଳର ତୃତୀୟ ଶ୍ରେଣୀ ବଗିରେ ଯାତ୍ରା କରି ଏଇ ଛୋଟିଆ ମଣିଷଟି ଯେତେବେଳେ ପ୍ରତିଦିନ ପାଞ୍ଚ ଛଅଟି ସଭାରେ ଇଂରେଜ ସରକାର ବିରୁଦ୍ଧରେ ଗାଁ ଲୋକଙ୍କୁ ଗାଁର ଆଞ୍ଚଳିକ ଭାଷାରେ ବୁଝାଇଲା ସାରା ଭାରତ ତା ପଛରେ ଛିଡ଼ା ହୋଇଗଲା ମରଣକୁ ଭୟ ନକରି, ଜେଲ ଦଣ୍ଡକୁ ଭ୍ରୁକ୍ଷେପ ନକରି, ଲାଠିମାଡ଼ ଆଗରେ ଛାତି ପତାଇ ଦେଇ । ଏକ ଚମତ୍କାରୀ ବ୍ୟକ୍ତିତ୍ୱ ଥିଲା ଏଇ ମଣିଷର ।

ସେତେବେଳେ  କଂଗ୍ରେସର ଚ଼ରଖାର ଘର ଘର ଶବ୍ଦ ହାତ ବୁଣା ଲୁଗା, ସ୍ୱଦେଶୀ ଆନ୍ଦୋଳନ ଭାରତର ଘରେ ଘରେ ପୁରେ ପୁରେ ଗୁଂଜି ଉଠିଲା । ଖାଲି ଶୁଭିଲା ଗାନ୍ଧିଜୀଙ୍କର ବାଣୀ କର୍ମୀ ହୁଅ । ନିଷ୍ଠାପର କଂଗ୍ରେସ କର୍ମୀ । ଦେଶସେବା ସର୍ବସ୍ୱ ତ୍ୟାଗୀ କର୍ମୀ, ସତ୍ୟବାଦୀ କର୍ମୀ, ମରଣ ଭୟ, ଶାସନର ତାଡ଼ନାକୁ ନଡ଼ରି ଭାରତର ପୁରପଲ୍ଲୀରେ ପ୍ରଚ଼ର କର କଂଗ୍ରେସର ବାଣୀ, ଦେଶକୁ ସ୍ୱାଧୀନ କରିବାକୁ ହେବ, ଆଗେଇ ଆସ । ଅହିଂସାତ୍ମକ ଉପାୟରେ ପ୍ରତିରୋଧ କର । କଂଗ୍ରେସର ସଭ୍ୟ ହୁଅ । ସାଧାରଣ ସଭ୍ୟ, ଚ଼ରିଅଣିଆ ସଭ୍ୟ । ଏଇ ସ୍ୱର ନବରଙ୍ଗପୁର ତାଲୁକାରେ ଶୁଭିଲା । ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, ସଦାଶିବ ତ୍ରିପାଠୀ ମାଧ୍ୟମରେ ୰ ସୁନାଧର ମାଝୀ ନାୟକ ନବରଙ୍ଗପୁର ଯାଇ ୰ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଦ୍ୱାରା କଂଗ୍ରେସ ଧର୍ମରେ ଦୀକ୍ଷିତ ହୋଇ ଯେତେବେଳେ ଚ଼ରିଜଣିଆ ସଭ୍ୟ ଗାନ୍ଧୀ ଗୁମାସ୍ତା ହୋଇ ଉମରକୋଟ ଫେରିଲେ; କଂଗ୍ରେସର ବାର୍ତ୍ତା ପ୍ରଚ଼ର କରିବା ପାଇଁ, ସୁନାଧର ନାୟକ ଆଉ ଭାମିନୀ ଗ୍ରାମର ଗାଉଁଟିଆ ନହୋଇ ହୋଇଗଲେ ସରକାର ବିରୋଧୀ ଲୋକ ।

****

# ଗଣ୍ଡଜାତିର ବିବାହ ବିଧିରେ ରବିସିଂ

ରବିସିଂ ମାଝୀଙ୍କୁ ଏବେ ପନ୍ଦର ବର୍ଷ ବୟସ । ବାଙ୍ଗରା ପିଲାଟିଏ । ଘଟି ମାଝୀ ତା ପୁଅ ପଟୁମାଝୀଙ୍କୁ ନିଜ ନାତିକୁ ବିବାହ କରାଇ ଦେବାର କଥା କହିଲା । ଦୁଃଖୀ ମାଝୀର ଭାରି ଖୁସି । ବୋହୂ ଘରକୁ ଆସିବ । ଝରିଗାଁ ବାଣୁଆଗୁଡ଼ାର ସମାରୁ ମାଝୀ ଓ ଗାଁ ମୁଖିଆର ଝିଅ ଧନମତୀ ମାଝୀ । ବୟସ ତା'ର ତେର । ରବିସିଂ ମାଝୀ ଯେଉଁ ମାମୁଁ ଘର ଗାଁରେ ପ୍ରଥମେ ଅକ୍ଷର ଶିକ୍ଷା କରିଥିଲେ, ସମାରୁ ମାଝୀର ଝିଅ ଧନମତୀ ମାଝୀକୁ ଦେଖିଥିଲେ, ସାଙ୍ଗ ହୋଇ ଖେଳିଥିଲେ । ସେଠି ବୟସ ବଢ଼ିଥିଲା ଦୁହିଁଙ୍କର । ସେହି ଧନମତୀ ମାଝୀ ସହ ରବିସିଂ ମାଝୀଙ୍କର ବିବାହ ପାଇଁ ଗଣ୍ଡ ସମ୍ପ୍ରଦାୟର ପ୍ରଥା ଅନୁସାରେ ସମାରୁ ମାଝୀ ନିକଟକୁ 'ମାହାଲାକାରିଆ'କୁ ପଠାଇବା ସ୍ଥିର ହେଲା ।

ଗଣ୍ଡ ସମ୍ପ୍ରଦାୟରେ ବିବାହ ପ୍ରକ୍ରିୟା ସେତେ ସହଜ ନୁହେଁ । ପ୍ରସ୍ତାବ ପଡ଼ିବା ଠାରୁ ଚଉଠି ଯାଏ ଏହା ପ୍ରାୟ ଦଶଟି ବିଭିନ୍ନ ସ୍ତର, ପର୍ଯ୍ୟାୟ ଦେଇ ଗତି କରିଥାଏ, ରବିସିଂ ମାଝୀଙ୍କ ବିବାହ ମଧ୍ୟ କୁଳର ରୀତି ଅନୁସାରେ ହୋଇଥିଲା । ରବିସିଂ ମାଝୀ 'ମାହାଲା ବିଭା' ହୋଇଥିଲେ । ଏହା ମାହାଲା (ମଧ୍ୟସ୍ଥି)ଦ୍ୱାରା ସ୍ଥିର କରାଯାଇଥିବା ବିବାହ ।

ରବିସିଂ ମାଝୀଙ୍କ ଘରେ କଥା ଛିଡ଼ିଲା । ମାହାଲାକାରିଆ ସାଙ୍ଗରେ ତାଙ୍କ ବାପା ପଟୁମାଝୀ, ଗାଁର ସିଆନ୍ (ବୟସ୍କ) ଲୋକ କେତେଜଣ ଦୁଲ୍ହା (ବର) ଘର ତରଫରୁ ଦୁଲ୍ହି (କନ୍ୟା) ଘରକୁ ଯିବେ । ରବିସିଂ ମାଝୀଙ୍କ ବାପା ପଟୁ ମାଝୀ, ମା ଦୁଃଖୀ ମାଝୀ, ସାନ ମା ବିଶେଇ ମାଝୀ, ସନଦର ନାୟକ ଏବଂ ବିବାହ କାମରେ ମଧ୍ୟସ୍ଥି ଭାବେ କାମ କରୁଥିବା ମାହଲାକାରିଆକୁ ପ୍ରସ୍ତାବ ନେଇ ଯିବାକୁ ଅନୁରୋଧ କଲେ । ମାଘ ମାସ । ଧାନ ଅମଳ ସରି ଯାଇଛି । ଘରେ ଖଳାରେ ଧାନ, ବିରି, ସୋରିଷ, ମକା । ହାତରେ ଦି ପଇସା ରହିବାର ସମୟ । ଏବେ ଖୁସିବାସିର ଦିନ । ବିବାହ ଋତୁ ।

ମାହାଲା କାରିଆ ଠାରୁ ପ୍ରସ୍ତାବ ଶୁଣି ବାଣୁଆଗୁଡ଼ାର ସମାରୁ ମାଝୀ ନିଜ ଝିଅ ଧନମତୀ ମାଝୀ (ଜନ୍ମ ୧୯୨୪)ର ବିବାହ ରବିସିଂ ମାଝୀ ସହିତ ଦେବାକୁ ରାଜି ହେଲେ । ସେ ଦେଖିଥିଲେ ରବିସିଂଙ୍କୁ ବାଣୁଆଗୁଡ଼ାରେ ରହି ପାଠ ପଢ଼ିବା ସମୟରେ । ତାଙ୍କ ପରିବାର ସହ ସମାରୁ ମାଝୀର ଆଗରୁ ସମ୍ବନ୍ଧ । ମାହାଲାକାରିଆ ସମାରୁ ମାଝୀ ଘରୁ ଫେରି ଖବର ଦେଲା ରବି ସିଂଙ୍କ ଘରେ । ଏଥର ଗାଁର ସିଆନ୍ ମାନଙ୍କ ସହ ବାଟିବେଡ଼ାରୁ ବାଣୁଆଗୁଡ଼ା ଯିବା ପାଇଁ ସମସ୍ତେ ସଜ ହେଲେ । ପଟୁ ମାଝୀ ନିଜ କୁଟୁମ୍ବ

ଭିତରୁ କେତେଜଣଙ୍କୁ ନେଇ ବାହାରିଲେ । ସାଙ୍ଗରେ ନେଲେ ନଡ଼ିଆ, ଧୂପ, ଚୁଡ଼ା, ଗୁଡ଼, ଗୋଟି (ତେଲ ଛଣା ଘଉଳଚୂନା ଗୁଡ଼ ମିଶା ପିଠା), ଲିଆ ଖଇ । ଦିସାରୀ ଦେଇଥିବା ଯୋଗ ଅନୁସାରେ ଗୋଟିଏ ଲାଠି ବେଳେ (ପ୍ରାୟ ମଧ୍ୟାହ୍ନ ହେବାର କିଛି ସମୟ ପୂର୍ବରୁ) ସେମାନେ ବାହାରିଲେ ବାଟିବେଡ଼ାରୁ ବାଣୁଆଗୁଡ଼ା । ବାଟ ପନ୍ଦର ମାଇଲ ହେବ ପାଦରେ ଚାଲି ଚାଲି । କାଉଡ଼ିଆ ମାନେ କାଉଡ଼ିରେ ବୋହିଥିଲେ ସମ୍ବନ୍ଧୀ ଘର ପାଇଁ ସବୁ ବେଭାର । ସେମାନେ ବାଟିବେଡ଼ା, ଅଧିକାରୀଗୁଡ଼ା, ମେନ୍ଦାବେଡ଼ା, ଗୋରାମ୍ବା, ଏକାମ୍ବା ଗାଁ ହୋଇ ବଣ ଭିତରେ ଭିତରେ ଚାଲିଲେ ବାଣୁଆଗୁଡ଼ାକୁ ।

ଆକାଶ ଅନ୍ଧାର ହୋଇ ଆସିଲା । ସଞ୍ଜ ହେଲା । ରାତିର ପହରେ ସରିଛି ସମସ୍ତେ ପହଞ୍ଚିଲେ ସମାରୁ ମାଝୀ ଘରେ । ଗାଁ ସାରା ନିଶବଦ୍ । ଘରେ ଘରେ ପୋଲାଙ୍ଗତେଲର ଦୀପ ଜଳୁଥିଲା । ମାଘ ମାସର ଜାଡ଼ । ଘର ଅଗଣାରେ ମୁଣ୍ଡା କାଠର ଅନ୍ତରା (ନିଆଁ) । ତାକୁ ଘେରି ଶୋଇ ପଡ଼ିଥିଲା ମଣିଷଟି ସାନ, ନିଆଁ ଆଡ଼କୁ ପିଠି ଦେଖାଇ, ମାଠ, କମ୍ବଳ, କନ୍ଥା ଓଢ଼ି (ଘୋଡ଼ି)ହୋଇ । ସମାରୁ ମାଝୀ ତା କୁଟୁମ୍ବ । ଜ୍ଞାତି କେତେ ଜଣକୁ ନିଜ ଘରକୁ ଡାକିଥିଲା । ପଟୁମାଝୀ ପହଞ୍ଚିଲା ପରେ ସେଦିନ ରାତିରେ ଦୁଇ ସମ୍ବନ୍ଦି ନିଜ ନିଜର ପରିଚୟ ଦେଲେ । ଚିହ୍ନା ଜଣା ହେଲେ । କଥାବାର୍ତ୍ତା ହେଲେ । ନେଇଥିବା ଜିନିଷ ସମସ୍ତେ ବ୍ୟବହାର କଲେ । ରାତିର ବହଳ ଅନ୍ଧାର ଭିତରେ କୁଳରୀତି ଅନୁସାରେ ଅତି ଗୋପନରେ ବିବାହର କଥାବାର୍ତ୍ତା ହେଲା । ଗାଁର କେହି ଜାଣିବା ବିଧି ନୁହେଁ । ଏବେ ସମଦନ୍ (ସଖା) ମାହାଲା ସରିଲା ।

ରାତି ପାହିଲା । ସକାଳେ (ବିହାନେ) ସମାରୁ ମାଝୀ ବାଣୁଆଗୁଡ଼ା ଗାଁର ସବୁ ଲୋକଙ୍କୁ ପାଇକ, ଚଲାଣ (ଖବର ନିଆ ଅଣା କରିବା ଲୋକ) ହାତରେ ଡକାଇ ପଠାଇଲା ନିଜ ଘରକୁ । ରୀତି ଅନୁସାରେ ସମସ୍ତେ ଖବର ପାଇ ଆସିଲେ । ସେଦିନ ସମସ୍ତଙ୍କ କାମଦାମ ବନ୍ଦ ହେଲା । ରାତିରେ ବଳିଥିବା ଜିନିଷ ସବୁ ସମସ୍ତଙ୍କୁ ବଣ୍ଟା ହେଲା । ଦୁଇ ଗାଁର ମାହାଲାଜାରିଆ ସମାରୁ ମାଝୀ ଘରେ ଘର ଦେବତାକୁ ସନ୍ତୁଷ୍ଟ କରିବା ପାଇଁ ନଡ଼ିଆ ଭାଙ୍ଗି ପୂଜା କଲେ । କୁଳ ଦେବତା ବୁଢ଼ିହାଦେଓକୁ ସୁମରଣା କରି ସବୁ କାମ ଭଲରେ ହେଉ ବୋଲି ମନାସିଲେ । ବିଧି ଅନୁସାରେ ଝିଅଘର ମୁରବୀ, ବୟସ୍କ ଲୋକମାନେ କହିଲେ "ରାତିରେ ସଗା ମାହାଲା ଖାଇଲୁ, ବିହାନେ ଚିନାରି ମାହାଲା ଖାଇଲୁ" ।

ଏବେ ପୁଅ ଘର ବିବାହ ପ୍ରସ୍ତୁତିର ବେଳ । ପଟୁ ମାଝୀ ବାଣୁଆଗୁଡ଼ାରୁ ଫେରି ବିବାହ ପ୍ରସ୍ତାବ ପକ୍କା ହେବାର ଖବର ଗାଁର ସମସ୍ତଙ୍କୁ ଜଣାଇ ଦେବା ପାଇଁ "ହଲଦୀ

କୁଟ୍‌ନୀ (ହଳଦୀ କୁଟା କର୍ମ) କରାଇଲେ ।” ବାଟିବେଡ଼ା ଗାଁର ପାଇକି (ଖବର ଦେବା – ନେବା, ଡକାହକା କରିବା ପାଇଁ ଗଣ୍ଡ ସମ୍ପ୍ରଦାୟର ମନୋନୀତ ବ୍ୟକ୍ତି) ଗାଁରେ ଯେତିକି ଲୋକ, ପରିବାରଙ୍କୁ ଖବର ଦେବାକୁ ବାହାରିଲେ । ସର୍ବ ପ୍ରଥମେ ଏହି କର୍ମ ପାଇଁ ଗାଁର ପୂଜାରୀ (ଗାଁ ଦେବତାକୁ ପୂଜା କରୁଥିବା ବ୍ୟକ୍ତି) ଯିଏ କି ପାଖ ଗାଁ "ଭାମିନୀ"ରେ ରହୁଥିଲା ଖବର ଦିଆଗଲା । ପୂଜାରୀ ଆସିଲା । କୁଳ ଦେବତା ବୁଢ଼ାହାଦେଓଙ୍କ ନାମରେ ନଡ଼ିଆ ଭାଙ୍ଗି, ଧୂପବାସ ଦେଲା । ଶୁକ୍ଳ ଫୁଲ ଓ ଶୁକ୍ଳ ଭୋଗ (ନଡ଼ିଆ, ଲିଆ) ଦେଲ । ପରେ ହଳଦୀ ଓ ଅରୁଆ ଚାଉଳକୁ କୁଟି କର୍ମ କଲା । ତାପରେ ଗାଁର ଦଙ୍ଗଡ଼ି (କୁମାରୀ କନ୍ୟା)ମାନେ ଖୁସିରେ ଗୀତ ଗାଇ ଗାଇ ହଳଦୀ କୁଟିଲେ । ଗୀତରେ ଗୀତରେ କହିଲେ :

"ରିରିଲୟୋ...ରିରିଲୟୋ...ରେଲାରେଲା
ମାଟି ମାୟେଁ ବରେ ଦୋ, ତୁମକେ ନୈତା ଫଡ଼୍‌ଲା
ରିରିଲହେୟା...
ମୟି ନେତା ପଡ଼୍‌ଲା ହଲଦୀ କୁଟେ ରିରିଲୟୋ...
କାକର ଘରେ ନୈତା, ଗାଓଁୟେ ମାଟିଆ ଘରେ ଦେ
ରିରିଲୟୋ...ରିରିଲୟୋ ରେଲାରେଲା ।"

ରେଲା ଗୀତର (ବିବାହଗୀତରେ) ଲହର ଗାଁ ପବନକୁ ଥରେଇ ଦେଲା । ହଲ୍‌ଦୀ କୁଟ୍‌ନୀ କର୍ମ ପରେ ଗାଁର ସମସ୍ତେ ପଟ୍ଟୁ ମାଝୀ ଘରେ ରନ୍ଧା ହୋଇଥିବା ଭୋଜି ଖାଇଲେ । ହଲ୍‌ଦୀ କୁଟ୍‌ନି କର୍ମର ଚାରିଦିନ ପରେ ପଟ୍ଟୁ ମାଝୀ ଘର ପରଘରୁ ମାହାଲା କାରିଆକୁ ବାଣୁଆଗୁଡ଼ା ସମାରୁ ମାଝୀ ଘରକୁ ଖବର ଦେଇ ପଠାଗଲା, ବାହାଘର ଲଗିନ୍ (ଲଗ୍ନ ତିଥି ବାର) ସ୍ଥିର କରିବାକୁ ।

ତାପରେ ପୁଅ ଘର ତରଫରୁ ପାଞ୍ଚ ଖଣ୍ଡି (ମାଣ)ଧାନ କମା, ପାଣି ଢୁଆରିବା ପାଇଁ ଦୁଇଟି ପିତଳ ଗାଗରି (ଗରା), ରୋଷେଇ ପାଇଁ ସବୁ ସାମାନ, ଦୁଇଟି ହଳଦୀ କୁଣ୍ଡି (ଛୋଟ ସରୁମୁହଁ ଆଟିକା), ମଉଡ଼ (ମୁକୁଟ) ରଖିବା ପାଇଁ ନୂଆ ହାଣ୍ଡି, ଚାରିଗୋଟି ସଳଖ ଲମ୍ବା ଶାଳ କାଠ (କଳସା), ଲଇ (ଲିଆ), ଗୁଡ଼ ଝିଅଘରକୁ ପଠାଇଲେ ପଟ୍ଟୁ ମାଝୀ । ଝିଅ ଘର ଏ ସମସ୍ତ ଜିନିଷ ମଧ୍ୟରୁ ଧାନ ଓ ଲିଆ ଗାଁର ପୂଜାରିକୁ, ସାହି ଲୋକଙ୍କୁ ବାଣ୍ଟିଦେଲେ । ଝିଅଘର ମଧ୍ୟ ହଲ୍‌ଦୀ କୁଟ୍‌ନୀ କର୍ମ କଲେ । ପୁଅ ଘର ପଠାଇଥିବା ରୋଷେଇ ଜିନିଷରେ ଭୋଜି କରି ସଭିଏଁ ଖାଇଲେ ।

ମାଘ ଗଲା, ଫଗୁଣ ଗଲା, ଚଇତ୍ର ଆସିଲା । ସମାରୁ ମାଝୀ, ପଟୁ ମାଝୀ ସେ ମାସରେ ଧନମତୀ ମାଝୀ ସହ ରବିସିଂ ମାଝୀର ବିବାହ ସ୍ଥିର କଲେ । ଲଗିନ କାରିଆ ପାଞ୍ଜି ଦେଖି ଯୋଗ ବାହାରକଲା । ତିଥି ସ୍ଥିର କଲା ।

ଚଇତ୍ର ମାସ, ଜନ୍ ଉଦି ସାତଦିନ୍, ଶୁକ୍ଳ ପକ୍ଷ ସପ୍ତମୀ ତିଥି ଯୋଗ ବାହାରିଲା । ସେଦିନ ଲଗିନ୍ ହେବ । ତୃତୀୟା ଦିନ ବାଟିବେଡ଼ା ଗାଁରୁ ମାହାଲାକାରିଆ ବାଣୁଆଗୁଡ଼ା ଯାଇ (ଝିଅଘର ଗାଁ) ଗାଁର ଦଙ୍ଗଡ଼ା ଦଙ୍ଗଡ଼ି (ଯୁବକ ଯୁବତୀ)ମାନଙ୍କୁ ଲିଆ ଓ ଗୁଡ଼ ବାଣ୍ଟି ଦେଲା । ସେମାନେ ଜାଣିଲେ ବାହାଘର କେବେ ହେବ ।

ବାହାଘର ଆଗ ଦିନ ବାଣୁଆଗୁଡ଼ା ସମାରୁ ମାଝୀ ଘରେ ଭାରି ଗହଳ ଚହଳ । ନିଜ ଜ୍ଞାତି କୁଟୁମ୍ବ ସବୁ ଜମା ହୋଇଛନ୍ତି । କାଉଡ଼ି କାଉଡ଼ି ଚାଉଳ । ବୋଇତାଲୁ, ବକଡ଼ା, କୁକୁଡ଼ା, ଛେଳି, ମେଣ୍ଢା, ବିରି, ପରିବା ସବୁ ଧରି ଆସିଛନ୍ତି । ଖୁସିର ଦିନ । ଯିଏ ଯାହାର ସାମର୍ଥ୍ୟକୁ ଦେଖି ଜିନିଷ ଆଣିଛନ୍ତି । ସବୁ ଆସିଛନ୍ତି ପାଖ ଗାଁରୁ, ଦୂର ଗାଁରୁ । ସାରାଗାଁରେ ଯେମିତି ଯାତରା । ଲେକାଲେକି (ପୁଅଝିଅ), ଧାଙ୍ଗଡ଼ା-ଧାଙ୍ଗଡ଼ି (ଯୁବକ-ଯୁବତୀ), ଡୋକ ଡୋକି (ଡୋକରା-ଡକ୍ରି- ଅର୍ଦ୍ଧ ବୟସ୍କ ପୁରୁଷ-ସ୍ତ୍ରୀ । କେହି କେହି ସର୍ଗି ପଚର ପିକାରେ ଧୂଙ୍ଗିଆଁ ପୁରାଇ ପିକା ଟାଣୁଛନ୍ତି, ବୁଢ଼ାମାନେ ଖରାକୁ ପିଠି ଦେଖାଇ ବସିଛନ୍ତି ।

ସମାରୁ ମାଝୀ ଘର ଆଗରେ ଛାମୁଣ୍ଡିଆ । ସର୍ଗି ଖମ୍ବ ଉପରେ ଆଡ଼ିରେ ମଲା (ସିଧାସଳଖ କାଠ) ବାନ୍ଧି ଉପରେ ପଡ଼ିଛି ଜାମୁକୋଳି ଡାଳ । ତଳେ ମାଟିର ବେଦୀ । ଶୁଖିଲା ବେଦୀ ଚାଉଳ ପିଠଉରେ ଚଉଖ (ଝୋଟି) ପଡ଼ିଛି । ପାଖ ମହୁଲ ଗଛରେ ପେନ୍ଥା ପେନ୍ଥା ମହୁଲ ଫୁଲ । ମଦ ମଦ ବାସ୍ନା ପବନରେ । ଗାଁର ମାଇକିନା ବସି ସର୍ଗି ପତ୍ର (ଶାଳ)ରେ ସିଲାଉଛନ୍ତି ଡୋବ୍ଲା, ଦନା, ଚକ୍ନି ।

ଲଗନକାରିଆ ଯୋଗ ଦେଇଛି । ସୂର୍ଯ୍ୟଦେବତା ମୁଣ୍ଡ ଉପରକୁ ଯିବା ଆଗରୁ ଝିଅଘର ଲୋକମାନେ ଝିଅକୁ ଧରି ବରଘର ଗାଁକୁ ଯିବେ । ଏଇଟା ବିଧି । ଦସୀ (ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଗଣ୍ଡ ସମ୍ପ୍ରଦାୟର ମନୋନୀତ ପୁରୁଷ ବ୍ୟକ୍ତି) ଧନମତୀ ମାଝୀକୁ ହଳଦୀ ପାଣିରେ ଗାଧୋଇଦେଲା । ପିନ୍ଧାଇ ଦେଲା ନୂଆ ରଙ୍ଗ ପାଟା (ଖଦି)ଟିଏ । ମୁଣ୍ଡରେ ଜୁଡ଼ା (ଖୋସା) ପାରିଦେଲା । ମାମୁଁ, ମାଇଁ ବନ୍ଧୁ ବାନ୍ଧବ ଧନମତୀକୁ ଆଶୀର୍ବାଦ କଲେ । ଡମ ବାଇଦର ଶବ୍ଦ ଭିତରେ, ଧାଙ୍ଗଡ଼ା ଧାଙ୍ଗଡ଼ିଙ୍କ ଖିଲି ଖିଲିହସ ଭିତରେ ବାଣୁଆଗୁଡ଼ାରୁ କନ୍ୟାଯାତ୍ରୀ ବାହାରିଲେ ବରଘର ଗାଁ ବାଟିବେଡ଼ାକୁ । ଧନମତୀ ଚେର

ବରଷର ଝିଅ ଯାଇଥିଲା ବାହା ହେବାକୁ ବାଟିବେଢ଼ା । ଆଗରୁ ସେ କେବେ ଦେଖି ନଥିଲା ସେହି ଗାଁକୁ । ବାଟସାରା, ଶାଳ, ଧଅଁରା, ମହୁଲ, ଟାଙ୍ଗଣା, ଗମ୍ଭାରୀ ଗଛର ବଣ ।

ସଞ୍ଜ ବେଳକୁ କନ୍ୟାଯାତ୍ରୀ ପହଞ୍ଚିଲେ ବାଟିବେଢ଼ା ଗାଁ ମୁଣ୍ଡରେ । ବରଘର ତରଫରୁ ତିଆରି ହୋଇଥିବା ଛାମୁଣ୍ଡିଆ ଚଳେ ସମସ୍ତେ ରହିଲେ । ପାଖରେ ତିଆରି ନୂଆ ପତ୍ର କୁଡ଼ିଆରେ ଦସୀ ଧନମତୀକୁ, ତା ମା, ସାଙ୍ଗସାଥୀ ସହିତ ନେଇ ବସାଇଲା । ରାତି ବଢ଼ିଲା । ପାଖ ଖନ୍ଦାରେ ଫୁଟିଲା ଭାତର ବାସ୍ନା, କଞ୍ଚାମରୀଚ ବଟାଦେଇ, ଜୀରା ଧନିଆ ମସଲାରେ ସିଝୁଥିବା ବକଡ଼ା (ବୋଦା) ମାଂସର ଆଇଁଷିଆ ବାସ୍ନା । କେହି କେହି ମାତାଲ । କେଉଁଠୁ ଭାସି ଆସୁଥିଲା ଚଇତ ପରବ ଗୀତର ଲହର । ଲୀର୍ ଗୀତର ସ୍ୱର ।

ପାହାନ୍ତିଆ ହେଲା । ପୁଅର ମା, ଝିଅର ମା ନୂଆ ଗରାଧରି ପୂଜାରୀ ସାଙ୍ଗରେ ଗଲେ ଧରମ୍ ପାଣି ଆଣିବାକୁ । ମହୁଲ ଡାଳ ଆଣିବାକୁ । ଗାଁ ବାହାରେ ଥିବା ପୋଖରୀରୁ ସେମାନେ ପାଣି ଆଣିଲେ । ତାପରେ ଗଲେ ଗାଁ  ଗୁଡ଼ିକୁ । ମାଟାଗୁଡ଼ିରେ ମାତା ମାକୁ ତେଲ ଲଗାଣି କରି, ବୁଢ଼ହାଦେଓଙ୍କୁ ଖଜୁରୀ ପତ୍ରରେ ତିଆରି ମକୁଟ (ମଉଡ଼୍) ପିନ୍ଧାଇଲେ । ତେଲ, ହଳଦୀ ଲଗାଇଲେ । ବଳକା ତେଲକୁ ମାଟି ସରାରେ ଆଣିଲେ । ପୁଅ ବୋହୁର ତେଲ ଚେଗାଣି (ତେଲ ଲଗାଇବା କର୍ମ) ପାଇଁ । ଏହା ପରମ୍ପରା । ପାଣି ଆଣିବାକୁ ଗଲାବେଳେ ସେମାନେ ଗାଇଲେ କଟ୍‌ନି ଗୀତ । ବାଇଦର ତାଳେ ତାଳେ କଟ୍‌ନି ଗୀତ (ବିବାହ ଗୀତ) ଗାଇ ଗାଇ ପୁଅ ଝିଅର ମା ମାନେ ଗାଁ ମାଟାଗୁଡ଼ିରୁ ଫେରିଲେ ଦେଓତେଲ (ଦେବତାଙ୍କ ଅର୍ଜିତ ଜଡ଼ାତେଲ) ଓ ନୂଆ ହାଣ୍ଡିରେ ଦୁଇଟି ସିନ୍ଧିମଉଡ଼୍ (ଖଜୁରିପତ୍ରର ମୁକୁଟ) ଓ ଦୁଇଟି ଆମ୍ବା ପତର ମଉଡ଼୍ (ଆମ୍ବ ପତ୍ରରେ ତିଆରି ମୁକୁଟ) ଧରି ବିବାହ କର୍ମ ବଢ଼ାଇବା ପାଇଁ ।

ଏଣେ ନୂଆ ତିଆରି ପତ୍ର କୁଡ଼ିଆ ଭିତରେ ଦସୀ (ବିବାହ କର୍ମରେ ସହାୟକ ବ୍ୟକ୍ତି) ପ୍ରଥମେ ରବିସିଂଙ୍କୁ ଗାଧୋଇ ଦେଲା । ନୂଆ ଲୁଗା ପିନ୍ଧାଇଲା । ମୁଣ୍ଡରେ ପଗଡ଼ି ବାନ୍ଧିଲା । ହାତରେ ଖଣ୍ଡା ଓ ଅନ୍ୟ ହାତରେ ନେତ ଧରାଇଲା । ବରଯାତ୍ରୀ ସବୁ ସଜ ହେଲେ ।

ଦସୀ କନ୍ୟାକୁ ମଧ ଗାଧୋଇ ବେଶ କରିଦେଲା । ତାପରେ ଦସୀ, ରବିସିଂର ମା, ଧନମତୀର ମା ବେଦୀକୁ ଆସିଲେ । ବେଦୀ ମଝିରେ ପୂଜାରୀ ଦୁଇ ଖଣ୍ଡ ମହୁଲ ଡାଳ ପୋତିଲା । ଝଉରପିସାନ୍, ହଳଦୀ ପିସାନ (ଗୁଣ୍ଡ)ରେ ଦସୀ ବେଦୀରେ ବୁଢ଼ାଦେଓଙ୍କୁ ସୁମରଣା କରି ଝୋଟି ପକାଇଲା । ଝୋଟି ଯେତେ ସୁନ୍ଦର ହେବ

ଦେବତା ସେତେ ସନ୍ତୁଷ୍ଟ ହେବେ । ସେଠି ଥିବା ସ୍ତ୍ରୀଲୋକମାନେ ଗୀତ ଗାଇଲେ ସେଇ ଝୋଟି ପକାଇବା ବେଳେ ।

"ଦସୀ ବାନା ଲିଖେ ଦେ, ଆଛା ବାନା ଲିଖେ କିମ୍ ଦସୀ, ବୁଢ଼ାମାୟ ଓ୍ୱାୟାଡ଼୍, ମାଟି ମାୟ ଓ୍ୱାୟାଡ୍ ତାନ୍, ମନ୍ଦେ ଓ୍ୱାୟାଁବେ ପାରେ ଗୁଲ୍ଲଡ୍ । ତାନ୍ ମାନ୍ଦେ ଓ୍ୱାତେକି ମୁଲ୍ଲଡ୍ ମୁଟୁକ୍, ମୁଟୁକ୍ କୌସକ୍ ଓ୍ୱାୟାତ୍, ଓ୍ୱାସି ଖାଲା ମାତା ଓ୍ୱାଦାଡ୍ ଉଡ଼ାତ୍ ।"

(ହେ ଦସୀ ! ହଳଦୀ ଓ ଚାଉଳ ଚୂନାରେ ବେଦୀ ଉପରେ ତୁ ସୁନ୍ଦର ଝୋଟି ଆଙ୍କିଦେ । ଯାହା ଦେଖୁ ବୁଢ଼ଦେଓ ଓ ମାଟି ମାତା ମୁଗ୍ଧ ହୋଇ ସ୍ୱୟଂ ବେଦୀରେ ଆବିର୍ଭୁତ ହେବେ । ସେମାନଙ୍କ ସ୍ମିତ ହସ ଚହଟି ଯିବ ତୋର ଝୋଟି ଆଙ୍କିବା ଦେଖି । କେଡ଼େ ସୁନ୍ଦର ହସିବେ । ଚକାପିଢ଼ା ମାରି ସେମାନେ ତୋ ଝୋଟି ଉପରେ ବସିବେ । ଦସୀ ତୁ ସୁନ୍ଦର ଝୋଟି ଆଙ୍କିଦେ ।)

ଏମିତି ବେଦୀ ନିକଟରେ ବିଭିନ୍ନ କର୍ମକୁ ନେଇ ସେମାନେ ଗାଇଲେ କଲସ୍ ବରତ ପାଟୀ (କଲସୀ ଥାପନା ଗୀତ), ତେଲ ଚେଗାଣି ପାଟା (ପୁଅଝିଅକୁ ଦେଓ ତେଲ ଲଗାଇବା ଗୀତ), ମଉଡ୍ ପାଟା (ମୁକୁଟ ପିନ୍ଧିବା ଗୀତ) ।

ଝାଙ୍କର (ପୂଜାରୀ) ରବିସିଂ ମାଝୀ ଓ ଧନମତୀ ମାଝୀଙ୍କୁ ବେଦୀକୁ ଆଣି ମହୁଲ ଡାଳ ଆଗରେ ନୂଆ ଛପାରେ ବସାଇଲା । ତେଲ ଚେଗାଣି ସମୟରେ ସେମାନେ ମୁକୁଟ ପିନ୍ଧି ସାରିଥିଲେ । ଲଗ୍ନ ସମୟ ହେବାରୁ ପୂଜାରୀ ଝିଅର ବାମ କାଣୀ ଆଙ୍ଗୁଠିକୁ ରବିସିଂଙ୍କୁ ଧରାଇ ଦେଲା । ପିନ୍ଧିଥିବା ଲୁଗାରେ ଗଣ୍ଠି ପକାଇଲା ଆଉ ଝିଅମାନେ ଗାଇଲେ ଲଗିନ୍ ମାରା ପାଟା । ଜଳୁଥିବା ଅଗ୍ନିକୁ ସାକ୍ଷୀ ରଖି ସେମାନଙ୍କୁ ମହୁଲ ଡାଳର ଚାରିପଟେ ସାତଥର ପରିକ୍ରମା କରାଇଲା । ପ୍ରତି ପରିକ୍ରମା ପରେ ମହୁଲ ଡାଳରେ ନୂଆ ସୂତା ଗୁଡ଼ାଇଲା । ବେଦୀ ପାଖରେ ଶୁଭିଲା ମାଣ୍ଡ୍ କନ୍ଦରା ପାଟା (ବେଦୀ ପରିକ୍ରମା ଗୀତ):

ରିରିଲୟୋ...ରିରିଲୟୋ...ରେଲାରେଲା
ରିରିଲୟୋ...ରିରିଲୟୋ...ରେଲାରେଲା
ମାଣ୍ଡକେ କିଞ୍ଜୁରକୁ ଯାଉଁରେ
ମାଣ୍ଡକେ କିଞ୍ଜୁରକୁ ଯାଉଁ
ରିରିଲୟୋ...ରିରିଲୟୋ...ରେଲାରେଲା ।
ଯାଉଁ ବାବା ଯାଉଁରେ
ମାଣ୍ଡ୍ କିନ୍ଦୁ କଲା ଯାଉଁ

ଗିରିଲୟୋ...ଗିରିଲୟୋ...ରେଲାରେଲା
ମଙ୍ଗେଶିରି ଉତରଲି ଯାଉଁ ଦାଦା ଯାଉଁ
ମଙ୍ଗେଶିରି ଉତରଲି ଯାଉଁ ।

ଲଗିନ୍ କର୍ମ ସରିଲା । ଲୁଗାର ଗଣ୍ଠି ଫିଟିଲା । ଏବେ ରବିସିଂ ଧନମତୀ, ବର କନିଆ । ଏ ଦୁହିଁଙ୍କୁ ଆଣି ଗୋଟିଏ ବଡ଼ ନୂଆ ବାଉଁଶ ପାତିଆରେ ତିଆରି ଟୋକେଇରେ ବସାଇ ଦୋଳି ଝୁଲାଇଲେ । ଧାଙ୍ଗଡ଼ା, ଧାଙ୍ଗଡ଼ିମାନେ ବାଦ୍ୟର ତାଳେ ତାଳେ ନାଚିଲେ । ଦୋଳି ପାଟା ଗାଇଲେ ।

ପବନରେ ସଞ୍ଚରିଗଲା ବାହା ହୋଇ ଶାଶୁ ଘରକୁ ଯାଉଥିବା ଝିଅର ଦୁଃଖ ଯେମିତି ଗୀତ ହୋଇ –

ଗିରିଲୟୋ...ଗିରିଲୟୋ...ରେଲାରେଲା
ୟା ୟା ନାନାରେ ଇନାକେଞ୍ଜାରା
ଗିରିଲୟୋ...ଗିରିଲୟୋ...ରେଲାରେଲା
ୟା ୟା ଗୋଟିରେ ତନ୍ଦୋ ବାୟାରେ
ନନା ବାୟାରେ, ପେଞ୍ଜାରା ଦେଖାଲେ
ଗିରିଲୟୋ...ଗିରିଲୟୋ...ରେଲାରେଲା
ଇଓ୍ୱାନା ରୋ, ସୁଜାକି ନେ ନୁନି
ରେଲାରେଲା...
ୟା ୟା ମାମା ନିଓ୍ୱାଡ଼େ, ମନ୍ତାଡ଼େ
ଓ୍ୱାନାରେ ସୁାକେ ୟା ୟା
ଗିରିଲୟୋ...ଗିରଲୟୋ...ରେଲାରେଲା
ନୁନି ୟା...ୟା ରୋ ସୁଦା ଜନମାଡ଼େ
ନୁନି ଗେଡ଼ାରେ, ମାଣ୍ଡା ଜୋଡ଼ିଲେ
ଗିରିଲୟୋ...ଗିରିଲୟୋ...ରେଲାରେଲା ।

(ଗିରିଲୟୋ...ରେଲାରେଲା ସ୍ୱରରେ ଗୀତ ଗାଉଛୁ ମା, ମାଗୋ ତୁମେ ଶୁଣ ଗିରିଲୟୋ...ରେଲାରେଲା ସ୍ୱରରେ ଗୀତ ଗାଉଛୁ, ମାଗୋ ! ଦୋଳିରେ ଝୁଲାଉଛୁ, ଦେଖ ମୁ ଦୂରକୁ ଚାଲିଯିବି । ତୁମ ଗାଁ ଛାଡ଼ି ଯେଉଁ ସିଧାରାସ୍ତା ପଡ଼ିଛି ସେଇ ରାସ୍ତାରେ ।

ଝିଅଲୋ ! ତୁ ଚାଲିଗଲା ପରେ ବେଶି ମନେ ପଡ଼ିବୁ । ତୁମ ଦୁହିଁଙ୍କ ଯୋଡ଼ି ଛାମୁଣ୍ଡିଆ ଖୁଣ୍ଟପରି ସମାନ ହେଉ, ସଳଖ ହେଉ । )

ଏହାପରେ ବୁଢ଼ାବୁଢ଼ୀ, ଧାଙ୍ଗଡ଼ା ଧାଙ୍ଗଡ଼ି ଗାଇଲେ ଫନ୍ଦ ଶୁଲ୍‌କ ସରସରା ପଟା । ମନରୁ ପଦ ଯୋଡ଼ି, ଜୀବନରେ ଘଟିଥିବା ସାନ ବଡ ଘଟଣାକୁ ନେଇ ଗୀତ । ରବିସିଂଙ୍କ ବିବାହର ସବୁ ପର୍ଯ୍ୟାୟରେ ଗୀତ ଆଉ ଗୀତ । ଲଗିନ୍ ସରିଲା । ତାପରେ ଭୋଜିଭାତ, ଖୁସି, ରାତି, ଆନନ୍ଦ ।

ଚୈତ୍ର ମାସ ଶୁକ୍ଳ ସପ୍ତମୀ । ବାଟିବେଡ଼ା ଗାଁକୁ ସଞ୍ଜ ଓହ୍ଲେଇଲା ଆକାଶ ଦେହରୁ । ଗଛଟିପ ଦେଇ ଗଛମୂଳ ଯାଏ ଧୀରେ ଧୀରେ ଅନ୍ଧାର ଛୁଇଁଲା । ଚଢ଼େଇ ସବୁ ବସାକୁ ଫେରିଲେ । ଘରିଆଡ଼େ ଟିମ୍‌ରା ଘପି ଗଲା । ଆକାଶରେ ଜହ୍ନ ଉଦିଗଲା, ସାତିନର ଜହ୍ନ । ବଣ, ମାଟି ସବୁ ଜହ୍ନ ଆଲୁଅରେ ପାଣ୍ଡ୍‌ରା (ଧୂସର) ଦିଶିଲା । ଗାଁ ମଝିରେ ଦୁଇ ସମୁଦି ଗାଁର ଲୋକ । ଭୋଜି ରନ୍ଧା ଚାଲିଛି । ବାଉଁଶ ପାଟିଆ ଜାଲିରେ ଭାତ ଭର୍ତ୍ତି । ବିରିଡାଲି, ବୋଇତାଳୁ ପଡ଼ିଛି । ମସଲା ଦିଆ ମାଂସ ତରକାରୀ । ଲୋକ ଆସୁଛନ୍ତି, ଡୋବଲାରେ ଭାତ, ଭାତ ଉପରେ ତରକାରୀ ଖାଉଛନ୍ତି । ଟିକିଏ ଦୂରରେ କେଉଁ ମହୁଲ ଓ ତିନ୍ତୁଳି ଗଛମୂଳେ ଦୁଇ ଗାଁର ପୁରୁଷ-ସ୍ତ୍ରୀ ସର୍ଗି ଦନାରେ ମହୁଲୀ ମଦ ଢାଳି ପିଉଛନ୍ତି । କେତେ ଦିନରେ ଖୁସି ହେବାର ବେଳ ଆସିଛି । କାଲିକି ଏ ଶରଦା (ଶରଧା) ନଥିବ, ଆନନ୍ଦ ନଥିବ, ସେଇ ଦୁଃଖ, ସେଇ ଭୟ, ସେଇ ଆତଙ୍କ । ସେଇ ଗଣ୍ଡା, ଚଲାଣ, ନାୟକ, ଜମାନ, ଅମିନ, ଗାରତୁର ଅଦଉତି, ସେଇ ବେଠି, ବେଗାରୀ, ଗଡମ୍ ପାନୁଦିଆ ।

ରାତି ବଢୁଥିଲା । ନୂଆ ଘର ଭିତରେ ସାଙ୍ଗ ସାଥି ମେଳରେ ବସିଥିଲା ଧନମତୀ । ରବିସିଂ ମାଝୀର ବାଏଲ୍ (ସ୍ତ୍ରୀ), ଆଖିରେ କେତେ କଥା । ତାକୁ ଦେଖି ସାଙ୍ଗମାନେ ହସୁଥିଲେ । ହଠାତ୍ ଗାଁ ମଝିରେ ଶୁଭିଲା କିଏ କିଏ ରାହାଧରି ଚଇତ ପରବ ଗୀତ ଗାଇବାର ସ୍ୱର । ସେମାନେ ଘରୁ ବାହାରି ଆସିଲେ ଗୀତ ଶୁଣିବାକୁ ।

ସେ ଗୀତ ପ୍ରାଣର ଗୀତ । ଅଫୁରନ୍ତ ଆନନ୍ଦର ବିଭୋର ଏକ ତରଳର ପ୍ରାଣର ଗୀତ । ପବନରେ ତା'ର ସଂଚ଼ରଣ – ଜ୍ୟୋସ୍ନାରେ ତା'ର ସଂକ୍ରମଣ – ଶ୍ରୁତିରୁ ଶ୍ରୁତିକୁ । ହୃଦୟରୁ ହୃଦୟକୁ । ଦେହରୁ ଦେହ ଯାଏ । ପୁଲକିତ କରିଦିଏ ଗୀତର ମହକ ।

ସେଇ ଗୀତର କିମିଆରେ, ନୂଆ ଜୀବନସାଥିର ମହୁଆ ପରବରେ – ସେଦିନ ରବିସିଂ ନିଜକୁ ସାଉଁଟି ରଖୁଥିଲେ – ନୂଆ ସକାଳର ସୂର୍ଯ୍ୟ ନିକଟରେ ଆଉ ଏକ ଭିନ୍ନ ସକାଳର ଛୁଆଁ ପାଇବା ପାଇଁ ବ୍ୟାକୁଳ ହୋଇ ଉଠୁଥିଲେ ।

ଏମିତି ଭାବ ଅଭାବର ଗୀତ ଭିତରେ ମନକୁ ରସାଇ ରବିସିଂଙ୍କ ବିବାହ ରାତି ସରିଲା, ପୁଣି ଏକ ନୂଆ ଜୀବନର ସକାଳ ଦେଖିବାକୁ ।

****

## ଛଅ

# ରବସିଂଙ୍କ କର୍ମୀ ହେବାର ଇଛା

ଘଟି ବାଣୁଆ ନିଜ ନାତି ରବିସିଂକୁ ପାଠ ପଢ଼ାଇବାର ଦୃଢ଼ ନିଶ୍ଚୟ କରିଥିଲେ । ୧୯୩୭ ମସିହାରୁ ୧୯୪୦ ମସିହା । ଏଇ ତିନି ବର୍ଷ ରବିସିଂ ଭାମିନୀ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ । ତାଙ୍କର ଶିକ୍ଷକ ଥିଲେ ପୂଜାରୀ ଗୁଡାର ଦୀନବନ୍ଧୁ ମାଝୀ ଯିଏ କି ସେ ସମୟରେ ପଞ୍ଚମ ଶ୍ରେଣୀଯାଏ ପାଠ ପଢ଼ିଥିଲେ । ରବିସିଂ ବିଶେଷ ଭାବେ ସତ୍ୟବାଦିତା ଓ ନ୍ୟାୟ ପରାୟଣତା ଗୁଣ ନିଜ ଶିକ୍ଷକଙ୍କ ଠାରୁ ଶିଖିଥିଲେ । ନବରଙ୍ଗପୁରର ବିନାୟକ ମହାନ୍ତି ଯିଏ କି ଭାମିନୀ ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷକ ଥିଲେ । ତାଙ୍କଠାରୁ ସେ ଶୁଣୁଥିଲେ ପୁରାଣର କଥା ଓ କାହାଣୀ । ମହାତ୍ମାଗାନ୍ଧୀଙ୍କ କଥା, ଯୌବନର ପାଦ ଶେଷରେ ବିବାହର ଅଳ୍ପ ଦିନ ପରେ ସେ ବିଦ୍ୟାଶିକ୍ଷା କରିବାର ସଂକଳ୍ପ କରି ଆଗେଇ ଯିବା ପାଇଁ ଯେଉଁ ପାଦଟି ବଢ଼ାଇଥିଲେ ତାହା ହଠାତ୍ ମଝିରେ ଅଟକି ଗଲା । ଭିନ୍ନ ମୋଡ଼ରେ ବାଙ୍କିଗଲା । ଯେମିତିକି ବାଳକ ରବିସିଂର ମନର ସମସ୍ତ ଘୃଣା ଅଜାଡ଼ି ହୋଇ ପଡ଼ିଲା । ଶୁକ୍‌ଚନ୍ଦ ପନ୍‌କା ଯାହାକୁ ଲୋକେ ଶୁକ୍‌ଚନ୍ଦ ଗଣ୍ଡା ବୋଲି ଡାକୁଥିଲେ, ତା ଉପରେ ।

ରବିସିଂ ପିଲାବେଳୁ ଦେଖି ଆସୁଥିଲେ ଶୁକ୍‌ଚନ୍ଦ ଗଣ୍ଡା କେମିତି ଧାନ ଗଡ଼ମ୍ ଲଗାଇ ଫସଲ ଅମଳ ହେଲାପରେ ବାଟିବେଡ଼ା ଗାଁକୁ ଆସି ଆଦାୟ କରେ ମାଣେ ଦେଇ ଥିଲେ ଦିମାଣ । ପୁଟିଏ ଦେଇଥିଲେ ଦିପୁଟି । କାହା ବାଡ଼ିରେ କାକୁଡ଼ି, ବୋଇତାଳୁ, ଫଳନ୍ତି କଦଳୀ ଗଛର କାନ୍ଧୀ ରହେ ନାହିଁ । ଗିବିନି ବାବୁ, ଅମିନ୍‌ବାବୁ ଓ ଜାମାନବାବୁ ପାଇଁ ଅସୁଲ କରେ ଚଉଳ । କୁକୁଡ଼ା, ଆଦାୟ କରେ ପଇସାଏ, ଦି ପଇସା, ଅଣାଏ ଦୁଇଅଣା । ଅଭାବୀ ଲୋକ ଯଦି ଦେଇ ନପାଇଲା ଶୁକ୍‌ଚନ୍ଦ ଗଣ୍ଡା ପିଣ୍ଡାରେ ବସାଇଦିଏ ନିଜଘର ଜଣେ ଦିଜଣ ପିଆଦାକୁ । ଗଣ୍ଡ ସଂପ୍ରଦାୟ ଯେଉଁ କଥାକୁ ବେଶୀ ଘୃଣା କରେ ସେଇ କଥାକୁ କରି ଶୁକ୍‌ଚନ୍ଦ ଗଣ୍ଡାକୁ ଖୁସି ଲାଗେ । ଦୁଆରେ ଡମ ବସିଲେ ମାରା ହୁଏ ଘର, ଦୁଆର, ଘୃଣାର ଆସ୍ତରଣ ଘୋଡ଼େଇ ପକାଏ ବାଟିବେଡ଼ ମଣିଷକୁ, ଅଣନିଶ୍ୱାସୀ ହୋଇପଡ଼େ ସେ ।

ଭାମିନୀ ସ୍କୁଲରେ ପାଠ ପଢୁଥିଲା ବେଳେ ରବିସିଂ ଭାମିନୀ ଗ୍ରାମର ଗାଉଁଟିଆ ସୁନାଧର ନାୟକଙ୍କ ସଂପର୍କରେ ସବୁବେଳେ ଆସୁଥିଲେ । ସେ ସୁନାଧର ନାୟକଙ୍କୁ ଡାକୁଥିଲେ ଗାଁ ଲେଖାରେ ମାମୁଁ ବୋଲି । ସୁନାଧର ଦେଖୁଥିଲେ ଶୁକ୍ରଚାନ୍ଦ ଗଣ୍ଡାର ନାଆଁ ଶୁଣିଲେ ରବିସିଂର ନାକପୁଡ଼ାର ଫୁଲ ଉଠୁଛି । ହାତ ମୁଠା ମୁଠା ହୋଇ ଯାଉଛି, ଅନ୍ୟାୟର ପ୍ରତିରୋଧ କରିବାର ରାହା, ଯେମିତି ସେ ପାଉନି । ଏକ ଉପଯୁକ୍ତ ଶିଷ୍ୟର ସନ୍ଧାନ ଯେମିତି ସେଦିନ ସଂପୂର୍ଣ୍ଣ ହେଲା ସୁନାଧର ନାୟକଙ୍କର । ସେଦିନ ଥିଲା ୧୯୩୭ ମସିହା ଏପ୍ରିଲ୍ ମାସ ପ୍ରଥମ ସପ୍ତାହର କୌଣସି ଏକ ଦିନ, ଏକ ଶୁଭ ଦିନ ରବିସିଂର । ଏଇ ଅଞ୍ଚଳର ସୁନାଧର ନାୟକଙ୍କଠୁ ସେ ଶୁଣିଲା ପ୍ରଥମ କରି ଗାନ୍ଧୀ ମହାପ୍ରଭୁ କଥା, ଅହିଂସାର କଥା ।

ଯେତେବେଳେ ନବରଙ୍ଗପୁର ସୋମବାର ହାଟରେ ସୁନାଧର ନାୟକ ଶୁଣିଲେ ଲକ୍ଷ୍ମୀଚନ୍ଦ୍ର ଦାସ ସେଦିନ ହାଟରେ କେତେ ଯେ ଜନତାଙ୍କୁ ଏକଥା କହିଥିଲେ । ତେଜୋଦୀପ୍ତ ଆଖି ଲୋଭନୀୟ ବପୁ ତାଙ୍କର । ନିର୍ଭୀକ ସ୍ୱାଭିମାନୀ ମଣିଷର ସେଇ କେତେ ପଦ କଥା । କଂଗ୍ରେସର ଲକ୍ଷ୍ୟ ଓ କର୍ମୀ ହେବାର ପ୍ରତିଜ୍ଞାକୁ ନେଇ ଆଗେଇ ଯିବାର ପ୍ରେରଣା ସୁନାଧର ନାୟକ ମନରେ ଯେଉଁ ଗଭୀର ରେଖାପାତ କଲା ତାକୁ ପୁଞ୍ଜି କରି ସେ ଫେରିଲେ ନବରଙ୍ଗପୁରରୁ, ମନରେ ମୁକ୍ତି ମଶାଲ ଜଳାଇ ।

ସୁନାଧର ନାୟକ ଯେଉଁଦିନ କଂଗ୍ରେସର ଚାରିଅଣିଆ ସଭ୍ୟ ହୋଇ ପ୍ରଥମ କରି ଖଦଡ଼ ପିନ୍ଧିଲେ, ଉମରକୋଟ ଅଞ୍ଚଳରେ ଏକ ନୂଆ ଯୁଗର ସୂତ୍ରପାତ ହେଲା । ଶୋଇଥିବା ମଣିଷ ଚାହିଁଲା ଆଖିଖୋଲି, ବିଶ୍ୱାସ କରି ପାରିଲା ନାହିଁ ସେ ତା ଆଖିକୁ । ସୁନାଧର ନାୟକ ପ୍ରଥମ ଶଙ୍ଖନାଦ କଲେ ଲଢ଼େଇ କରି ଗଡ଼ମ୍ ଉଠାଇବାକୁ । ବେଠି ଉଠାଇବା ପାଇଁ, ହାଟ ପାରିଆ ଉଠାଇବା ପାଇଁ । ଗାଁରେ ଗାଁରେ ରଘୁପତି ରାଘବ ରାଜାରାମର ଗୀତ, ଚରଖାର ଘର୍ ଘର୍ ଶବ୍ଦ ଶୁଣାଇବାକୁ ହେବ । କର୍ମୀ ଲୋକ, କର୍ମୀ ଗଢ଼ିବାକୁ ଲାଗିବାକୁ ଆଦେଶ ଦେଇଛନ୍ତି । ଗାନ୍ଧୀ ମହାପ୍ରଭୁର ଆଦେଶ । ପ୍ରତି ଗାଁରୁ ଅନ୍ତତଃ ଦୁଇଜଣ କର୍ମୀ ବାହାର କରିବାକୁ ହେବ । କଂଗ୍ରେସର ବାର୍ତ୍ତା ପ୍ରଚାର କରିବାକୁ, ରାଜା ରାଜୁଡ଼ା ଶାସନ, ଜମିଦାର ଶାସନ, ଗୋରାଶାସନ ଉଠିଲେ ଯାଇ ସ୍ୱରାଜ ଆସିବ । ଆମର ଦେଶ, ଆମର ଦେଶ । ରବିସିଂ ସେଦିନ ମନେ ମନେ ସଂକଳ୍ପ କଲେ । ସେ ଲଢ଼େଇ କରିବେ ଅନ୍ୟାୟ ବିରୁଦ୍ଧରେ । ହଠାତ୍ ତା ଆଖି ଆଗରେ ଆସି ଠିଆ ହେଲା ଶୁକ୍ରଚାନ୍ଦ ପନ୍‌କା (ଗଣ୍ଡା) ଅତ୍ୟାଚାରର ଜୀବନ୍ତ ନୃଶଂସ ମଣିଷର ରୂପ । ପ୍ରତିରୋଧ କରିବ ସେ

ନିଶ୍ଚୟ । ନିଜର ରାଜନୈତିକଗୁରୁ ସୁନାଧର ନାୟକଙ୍କୁ ପ୍ରଣାମ କରି ସେ ସଂକଳ୍ପ କଲେ କର୍ମୀ ହେବ ଆଉ କହିବ "ଭାରତମାତାକି ଜୟ, ମହାତ୍ମାଗାନ୍ଧୀକି ଜୟ"।

ସରକାର ବିରୁଦ୍ଧରେ ଗଲେ ଯେ ଗାଉଁଟିଆ ପଦ ଯିବ, ମାନ ସନମାନ ଯିବ । ସର୍ବସ୍ୱାନ୍ତ ହେବାକୁ ପଡ଼ିବ । ବହୁତ ପରେ ବୁଝିଲେ ସୁନାଧର ନାୟକ, ଯେତେବେଳେ ଶୁକ୍ରଚନ୍ଦ ପନ୍‌କାର ଶିକାର ହେଲେ ସେ ।

****

## ସାତ

# ନାତିପିଲାକେ ଗାନ୍ଧୀ ମାପ୍ରୁକେ ଦେଲ

ବାଟିବେଡ଼ାର ମୁଖିଆ ଘଟୀ ମାଝୀ । ଗାଁ ଲୋକେ ତାଙ୍କୁ ଘଟୀ ବାଣୁଆ କହନ୍ତି ତାଙ୍କର ଅବ୍ୟର୍ଥ ଶିକାର ଲକ୍ଷ୍ୟକୁ ଦେଖି । ବଡ଼ ଘଷୀ, ଗୁହାଳରେ ଗୋଠେ ଗାଈ, ପଲେ ଛେଳି ମେଣ୍ଢା, ପଲ ପଲ କୁକୁଡା, ଖୁସ୍ ହାଲ ପରିବାର । ସେ ଶିଖି ନଥିଲେ ଅନ୍ୟାୟ ଆଗରେ ନଇଁବା । ବଣର ବାଘ ସଙ୍ଗେ ଲଢ଼େଇ କରିବା ମଣିଷ ସେ । ପ୍ରକୃତିକୁ ଭଲ ପାଉଥିବା ସ୍ୱାଧୀନଚେତା ମଣିଷ ସେ ।

ସେଦିନ ନିଜ ମାଟି ପିଣ୍ଡା ଉପରେ ବସିଥିଲେ ଘଟି ମାଝୀ । ଅଗଣାରେ, ପିଣ୍ଡାରେ ଗାଁ ଯାକର ଲୋକ ଭର୍ତ୍ତି । ଆଗରୁ ଖବର ଆସିଛି ସୁନାଧର ନାୟକ କଂଗ୍ରେସର କଥା କହିବେ । ଗାନ୍ଧୀ ମାହାପ୍ରୁର କଥା କହିବେ । ଜୋର,ଜୁଲମ, ଗଡ଼ମ, ବେଠି ବନ୍ଦ ହେବ । ଲୋକେ ସୁଖରେ ରହିବେ । ପୁଲିସ ବାନ୍ଧିନେବ ନାହିଁ । ଗଣ୍ଡାବେଡ଼ା ଛଡ଼ାଇବ ନାହିଁ । ଜମାନ ଘରେ ପଶି ଜିନିଷ ନବ ନାଇଁ । ଫରେଷ୍ଟ ଗାର୍ଡ ପାନୁ ନବ ନାଇଁ । ତଥାପି ଅବିଶ୍ୱାସର ଭାବ । ସତେକି ହେବଏମିତି ! କଂଗ୍ରେସ କ'ଣ ? କର୍ମୀ କ'ଣ ? ମନରେ ଅନେକ ଜାଣିବାର ଇଚ୍ଛା ।

ସୁନାଧର ନାୟକ ଆସିଲେ, ଆସିଲେ ସଙ୍ଗରେ ଆଖପାଖ ଗାଁର କେତେଜଣ ଲୋକ । କେତେଜଣ କଂଗ୍ରେସ କର୍ମୀ, ଘଟି ମାଝୀ ଶୁଣିଲେ ସବୁ କଥା । ଅତ୍ୟାଚାରକୁ ବନ୍ଦ କରିବା ପାଇଁ ବଳି ଦେବାକୁ ହେବ । ଦେଶ ପାଇଁ ନିଜର ସବୁଠୁ ବେଶୀ ଭଲ ପାଉଥିବା ବ୍ୟକ୍ତିକୁ ଦେବାକୁ ହେବ । ହୁଏତ ସେଦିନ ଘଟି ମାଝୀ ରବିସିଂର ଭବିଷ୍ୟତ ଇତିହାସକୁ ଭାବି ପାରିନଥିବେ । ଭାବି ପାରିନଥିବେ ରବିସିଂ କଂଗ୍ରେସର କର୍ମୀ ହୋଇ ଉମରକୋଟ ଅଞ୍ଚଳର ଜଣେ ସ୍ୱାଧୀନତା ସଂଗ୍ରାମୀ ହେବ । ହେବ ଆନ୍ଦୋଳନର ଜଣେ ଉନ୍ନତ ପ୍ରଚାରକ । ହେବ ଅକ୍ଳାନ୍ତ କର୍ମୀ । ଅନେକ ସମଧର୍ମୀଙ୍କର ପଥ ପ୍ରଦର୍ଶକ । ତଥାପି ସେଦିନ ଯେତେବେଳେ ସୁନାଧର ନାୟକ ଘଟିମାଝିଙ୍କୁ ତାଂକ ନାତିକୁ ଦେଶପାଇଁ ସମର୍ପି ଦେବାକୁ କହିଲେ, ଘଟିମାଝୀ ସ୍ଥିର ଭାବରେ ଚାହିଁଲେ ପାଖରେ ଠିଆ ହୋଇଥିବା ଷୋହଳ ବର୍ଷର କଳା ମଚ୍‌ମଚ୍ ବଳିଲା ବଳିଲା ଦେହ ଉଜଳ ଆଖି ଓସାରିଆ ମୁହଁର ରବିସିଂକୁ । ନିଜ ନାତିକୁ । କିଛି କ୍ଷଣପରେ ସେ ଧୀର ଭାବରେ ସମସ୍ତଙ୍କ ଉପସ୍ଥିତିରେ ସୁନାଧର ନାୟକଙ୍କ ହାତରେ ନାତିର ହାତ ଧରାଇ ଦେଇ କହିଲେ: "ସନଦର ମର

ନାଚି ପିଲାକେ ଡକେ  ସର୍ପିଦେଲି । ଗାନ୍ଧୀ ମାପ୍ରୁକେ ଦେଲି । ଗାଁଗୁଡା ତାନେନେ କଂଗ୍ରେସର କାଚା ସାଙ୍ଗିନେସ୍ ।" ସେଇ ରବି ସିଂ ପରେ ପରେ ଗଣ୍ଡ ସଂପ୍ରଦାୟର ପ୍ରତିନିଧି ପୁରୁଷ ଭାବରେ ଉଭା ହେଲେ ।

ଜୀବନର ଅନ୍ଧ ଗଳିରେ ଅକସ୍ମାତ୍ ଆଲୁଅ ରେଖାଟିଏ ପଥିକକୁ ବାଟ ଦେଖାଇ ଦେଲାପରି ସେଦିନ ଘଟିମାଝୀଙ୍କର ନିଷ୍ପତ୍ତି ଉମରକୋଟ ଅଞ୍ଚଳପାଇଁ ଏକ ନୂତନ ଭବିଷ୍ୟତ ଗଢ଼ିବାର ରାସ୍ତା ଦେଖାଇଦେଲା ।

ସୁନାଧର ନାୟକ ବାଟିବେଡା ଛାଡିଲେ । ତାଙ୍କ ପଛରେ ରବିସିଂ ମାଝୀ । ତରୁଣ ପ୍ରାଣରେ ବିପ୍ଳବର ଗୁରୁ ଗୁରୁ ଧ୍ୱନି । ଦେଶ ଡାକୁଛି ଏମିତି ଭାବେ ଇତିହାସ ପୁରୁଷଟିଏର ଜନ୍ମ ହେଲା । ୧୯୩୭ ମସିହାର ଶୁଭ ଲଗ୍ନରେ ଉମରକୋଟ କୋଳକୁ ଧନ୍ୟ କରିବ ବୋଲି ସଂଗ୍ରାମର ଗୀତ ଗାଇ ସମସ୍ତଙ୍କ ଭିତରେ ଛାଇହୋଇଯିବ ବୋଲି । ତାପରେ ଦୁର୍ଗମଗିରି, ହିଂସ୍ର ଜନ୍ତୁ ପୂର୍ଣ୍ଣ ଜଙ୍ଗଲ ବଢ଼ିଲା ନଇ, ଶ୍ରାବଣର ବର୍ଷା ଆଉ ଶାସନ କଳର ଦମନ ଚକ୍ର ରବି ସିଂ ମାଝୀଙ୍କ ଅଗ୍ରଗତିକୁ ରୋଧି ପାରିଲେ ନାହିଁ । ଗାନ୍ଧିଙ୍କର ଡାକ ଶୁଭୁଛି । କଂଗ୍ରେସକୁ ବଳ ଦିଅ ।

****

## ଆଠ

# ବାଟିବେଡ଼ା ଗାଁର ଆଉଜଣେ କର୍ମୀ

କର୍ମୀ ଖୋଜିବାକୁ ହେବ । ସେତେବେଳେ ଜାଣିବା ଦରକାର କଂଗ୍ରେସରେ ମିଶିଲେ ଗଡ଼ମ ଦୁଃଖ ଯିବ, ସାହୁକାର ଦୁଃଖ ଯିବ, ଗାଉଁଟିଆ ଗଣ୍ଡା ଚଲାଣର ଅତ୍ୟାଚାରେର ଆଉ ସହିବାକୁ ପଡ଼ିବ ନାହିଁ ।

ଘଟି ମାଝୀ ରବିସିଂକୁ କଂଗ୍ରେସର ଚାରିଅଣିଆ ସଭ୍ୟ ହେବାର ସ୍ୱୀକୃତି ଦେଇ ସୁନାଧର ନାୟକ ହାତରେ ସମର୍ପି ଦେଲାବେଳେ ବାଟିବେଡ଼ା ଗାଆଁରେ ଯେମିତି ଯାଦୁ ଲାଗିଗଲା ସମସ୍ତଙ୍କୁ । ଦେଶ ପ୍ରେମ ଯେ ଏମିତି ଏକ ମୋହନ ବଂଶୀର ସୁର ଯିଏ ଶୁଣିଲା ମୋହି ହୋଇଗଲା । ଜୀବନକୁ ହାତରେ ନେଇ ଆଗକୁ ମଡ଼ା ଅମଡ଼ା ନମାନି ଦଉଡ଼ି ଯିବାର ଦୁନିର୍ବାର ଇଚ୍ଛା କ'ଣ, କେବଳ ସିଏ ଜାଣେ, ଯିଏ ଦେଶକୁ ଭଲ ପାଏ । ରବିସିଂଙ୍କ ପରେ ଦ୍ୱିତୀୟକର୍ମୀ ଭାବେ ବାଟିବେଡ଼ା ଗ୍ରାମରୁ ବାହାରି ପଡ଼ିଲେ ରବିସିଂଙ୍କ ପାଠପଢ଼ା ସାଥୀ ଜୟରାମ ବାସୁଦେବ । ସେ ଥିଲେ ଦେଶିଆ ବ୍ରାହ୍ମଣ । ସେମାନଙ୍କ ବିବାହ କର୍ମ, ବିହନ ଯାତ୍ରା, ପଣ୍ଡ ଯାତ୍ରା, ଦିଆଲି ପର୍ବ, ବାଲି ଯାତ୍ରା, ଚଇତି ପରବର ପୁରୋହିତ । ଜଙ୍ଘରେ ଘଣ୍ଟିଟିଏ ବାନ୍ଧି ଯେତେବେଳେ ସେ ଗ୍ରାମରୁ ଗ୍ରାମକୁ "ଶୁଣ ଶୁଣ ଡାକୁଅଛି ଘଣ୍ଟାକର୍ଣ୍ଣ ବୀର" ଗାଇ ପହଞ୍ଚନ୍ତି, ଗାଁର ସମସ୍ତେ ସମସ୍ତେ ସମ୍ମାନ କରନ୍ତି ତାଙ୍କୁ । ଚାଉଳ, କଦଳୀ, ଲାଉ, ମରିଚରେ ଜୟରାମର ଝୋଲା ପୂରିଉଠେ । ଜଜମାନି ବୃତ୍ତି କରି ଜୀବିକା ଚଳାଉଥିବା ଜୟରାମ ନିଜ ବସିଥିବା ଯାଗାରୁ ଉଠି ଆସିଲା । କି ପ୍ରକାର ଏକ ଆବେଗରୁ ଥରି ଉଠିଲା ତାର ସମସ୍ତ ଅବୟବ । କପାଳରେ ବିନ୍ଦୁ ବିନ୍ଦୁ ଝାଳ । ଆବେଶ କହିଲେ ନସରେ । କେବଳ ପଦଟିଏ କଥା "ଗଉଣ୍ଟିଆ ମତେ ବି କର୍ମୀ କରିଦେ, ମୁଇଁ ବି କଂଗ୍ରେସରେ ମିଶିବି । ତୋର ପାଲି ପାଲିରେ ବି ଗାନ୍ଧୀ ମହାପୁରୁ କାମ କର୍‌ବି" । ପାସୁର ନାୟକ, ଶୋଭାମାଳୀ, ପଟ୍ଟମାଝୀ ନିର୍ବାକ । ରବିସିଂ କୁଣ୍ଢାଇ ପକାଇଲେ ଜୟରାମକୁ । ଅନ୍ୟ ଗାଁରୁ ଆସିଥିବା କର୍ମୀ କହି ଉଠିଲେ "ଭାରତମାତାକି ଜୟ" ।

ରବିସିଂ ମାଝୀ ଓ ଜୟରାମ ବାସୁଦେବ କଣ୍ଠ ମିଶାଇଲେ ସେମାନଙ୍କ ସହିତ । ଘଟି ବା ଶୁଆର ଛାତି କ୍ରୋଧେ ମୋଟ ହୋଇଗଲା । ରବିସିଂଙ୍କ ନବ ବିବାହିତା ପତ୍ନୀ ଧନମତୀ ବୁଝିପାରୁ ନଥିଲା କ'ଣ ଏ ସବୁ ହେଉଛି । ସେ ବଲବଲ କରି ଚାହିଁଥିଲା ସମସ୍ତଙ୍କ ମୁହଁକୁ । ଘର ଭିତରେ କବାଟ ପାଖରେ ଠିଆ ହୋଇ ।

ରବିସିଂ ମାଝୀ କଂଗ୍ରେସକର୍ମୀ ହେବାକଥା ବଣର ନିଆଁ ପରି ଦାଉ ଦାଉ ମାଡ଼ିଗଲା ଭାମିନୀ ହୋଇ ଉମରକୋଟ ଥାନା ଯାଏ । ଚମକି ଉଠିଲେ ତ୍ରିଲୋଚନ ମିଶ୍ର । ପୋଲିସ ସବ୍‌ଇନସ୍‌ପେକ୍ଟର, ଉମରକୋଟ ଥାନା ଯେ କି ଜନମାନସରେ ଜଣେ ନିର୍ମମ, ନିଷ୍ଠୁର, ପ୍ରଜାପୀଡ଼କ ଓ ଗୋରା ସରକାରଙ୍କ ପାଦଚଟା ଗୋଲାମ ଭାବେ ନିଜର ଛବିକୁ ସବୁବେଳେ ସଜାଡ଼ି ରଖିବାରେ ବ୍ୟସ୍ତ ଥିଲେ । ଆଦିବାସୀ ଜନତାର ମୂଲ୍ୟ ତାଙ୍କ ପାଇଁ ମାଛି କିମ୍ବା ମଶାଠାରୁ ଅଧିକ ନଥିଲା ।

ସେ ଥିଲେ ନୃଶଂସତାର ପ୍ରତୀକ । ଅତ୍ୟାଚାରର ଅନ୍ୟ ନାମ । ମହୁଲ ମଦର ପରମ ଭକ୍ତ । ରବିସିଂ ମାଝୀଙ୍କ କାର୍ଯ୍ୟ ଯେ ଭବିଷ୍ୟତରେ ତାଙ୍କର ଅନେକ ରାତିର ନିଜ ହଜେଇ ଦେବ ହଠାତ୍ ବୁଝିଗଲେ ସେ ।

****

## ନଅ

# ଧାନ୍ ଗଡ଼ମ୍ ନାଇଁ ଦେବାର

୧୯୩୭ ମସିହାର ଉମରକୋଟ ତାଲୁକ । ତୋହରା ଠାରୁ ହୀରାପୁର ଯାଏ ଖଡ଼କାଠାରୁ ସାଙ୍ଗସାଗି ଯାଏ ବ୍ୟାପିଥିଲା । ଘଞ୍ଚ ଜଙ୍ଗଲ, ଝୋଲା ପର୍ବତ, ହିଂସ୍ରଜନ୍ତୁ, ସଞ୍ଜ ହେଲେ ଗାଁରେ କୁସୁମ ତେଲର ଦୀପ ଜଳେ । ଶୁଖିଲା କାଠରେ ଅନ୍ତରା (ନିଆଁ) ଲାଗେ । ମାଣ୍ଡିଆ ପେଜ, ଲୁଣ, ପିଆଜରେ ଜୀବନ ବଢ଼େ, ବଞ୍ଚେ । ରକତ ଝାଳ ହୋଇ ଜମିରେ ସୁନାର ଫସଲ ଫଳାଏ । ମାଟିର ମଣିଷ । ସମୟ ଆସେ ଜମିରେ ଫସଲ ସୁନା କେଣ୍ଡାରେ ଲହରାୟିତ ହୁଏ । ଶରତ ପବନର ଶିରି ଶିରି ପରଶରେ କ୍ଷେତ ଗୀତ ଗାଏ, ଜୀବନ ସଂଗୀତ । ହେଲେ ସଦା ଅଭାବୀ ବଣର ମଣିଷ । ମାଟିର ମଣିଷ । ଅଭାବ ଭିତରେ ଲୁଗା ଖଣ୍ଡେ, ଓଢ଼ି ହେବା ପାଇଁ ମାଠ ଖଣ୍ଡେ ପାଇଁ ପଇସାଟିଏ ଦି ପଇସାର ହିସାବ ରଖୁଥିବା ଆଉ ଘରି ପଇସା ଲାଭ ଉଠାଉଥିବା ସହରୀ ମଣିଷ । ସରକାରୀ ମଣିଷ । ପୁଲିସି, ଭିବିନି, ଫରେଷ୍ଟ ଗାର୍ଡ଼ର ଦ୍ୱାରସ୍ଥ ହୁଏ । ସବୁ ହରାଏ ଗଡ଼ମ୍ ରାକ୍ଷସ ତାକୁ ଘେରିଯାଏ । ଘପିଦିଏ ଚଳାରୁ ଚଳକୁ । ଝରିଗାଁକୁ ଉମରକୋଟ ରାସ୍ତା ତିଆରି ହେବ । ଥାନା ନଥିବ ସେଠି । ବଣ ଜଙ୍ଗଲରେ ଥିବା ଗାଁ, ଗୁଡ଼ା ଭଟ୍ଟା, ବେଡ଼ାର ମଣିଷ ସବୁ ଧରା ହୋଇ ଆସନ୍ତି ରୋଡ୍ କାମ କରିବାକୁ । ନିଜର ଭାତିଆ ଖାଇ ବେଠି ଖଟିବେ । ସକାଳୁ ରାତି ହେଲା ଯାଏ । କେତେ ପିଠି କୋରଡ଼ା ମାଡ଼ରେ ରକତ ନାଦିଆ ହୁଏ । ଏବେ ବି ଅଞ୍ଚଳ ଗାଁର ବଡ଼ ବୁଢ଼ା ସେଇ ଦିନ କଥା ମନେ ପକାଇ ଦୀର୍ଘଶ୍ୱାସ ଛାଡ଼ନ୍ତି ।

ସେମିତି ଅତ୍ୟାଚରର ଅଛିଣ୍ଡା ଧାରା ଭିତରେ ଅଣନିଶ୍ୱାସୀ ଗିରିଜନ ଆଦିବାସୀ ଏବଂ ସମାଜର ଅବହେଳିତ ଶ୍ରେଣୀ ଯେତେକଙ୍କ ମତରେ ଆତ୍ମ ବିଶ୍ୱାସ ଓ ସାହାସର ମନୋଭାବ ସୃଷ୍ଟି କରିବା, ଏକ ଐତିହାସିକ ଆବଶ୍ୟକତା ଥିଲା । ସେ ସମୟର ବିପ୍ଳବ ଗତିକୁ, ରୂପକୁ ଚିହ୍ନାଇ ଦେବା ପାଇଁ ଚିହ୍ନା ଲୋକଟିଏ ଦରକାର ଥିଲା । ସେଇ ଚିହ୍ନା ଲୋକଟିକୁ ନାଆଁରୁ ଜାଣି ଦେଇହେବ । ସେ ହେବ ସମସ୍ତଙ୍କ ବିଶ୍ୱାସର ପାତ୍ର । ପରମ ସୋଦର । ସୁଖ ଦୁଃଖର ସାଥୀ । ଅତ୍ୟାଚରକୁ ଡରିବ ନାଇଁ । ବିରୋଧ କରିବ । ପ୍ରାଣ ପଛେ ଯାଉ, ସୁନାଧର ନାୟକ ଏହି ଗୁଡ଼ିକୁ ଦେଖି ପାରିଥିଲେ ରବିସିଂ ମାଝୀଙ୍କ ପାଖରେ ।

ଝରିଗାଁର ବାଣୁଆଗୁଡ଼ା । ରାଇଘର ଅଞ୍ଚଳର ଅଗମ୍ୟ ଗାଆଁ । ବେହେଡ଼ା, ଖଡ଼କା, ଅଞ୍ଚଳା, କେଉଁ ଗାଁ ବାଦ ପଡ଼ିଲା ନାହିଁ । ସୁନାଧର ନାୟକଙ୍କ ଶିଷ୍ୟ ରବିସିଂ ମାଝୀ, ଜୟରାମ ବାସୁଦେବ, ମୂର୍ତ୍ତୁମା ଗାଁର ଯୁଗଧର ମାଝୀ, ବଲଦା ଗାଁର ଜାଆଁଳା ଭାଇ ରାମ-ଲକ୍ଷ୍ମଣ ସକ୍ରିୟ କର୍ମୀ ଭାବରେ ଲୋକଙ୍କ ମନରେ ଚେତନା ଜନ୍ମେଇବା ପାଇଁ ଘରଦ୍ୱାର  ଛାଡ଼ି ପାଦରେ ଚାଲି ଚାଲି ରାତି ଅନିଦ୍ରା ରହି ଘୁରି ବୁଲିଲେ । ଗ୍ରାମ ସଂଗଠନ ଓ ଗାନ୍ଧୀ ବାଣୀ ପ୍ରଚାର କରିବା ଥିଲା ସେମାନଙ୍କର ପ୍ରଥମ କାମ । ସ୍ୱାଧୀନ ହେବା ପାଇଁ ପ୍ରଥମେ ସ୍ୱପ୍ନ ଦେଖିବାର କଳାଟିକୁ ଶିଖିଲେଇ ତାର ମହତ୍ତ୍ୱକୁ ପରବର୍ତ୍ତୀ ସମୟରେ ବୁଝିହେବ । ସ୍ୱପ୍ନକୁ ସାକାର କରିବା ପାଇଁ ଯେଉଁ ପ୍ରେରଣା ସେଇ ପ୍ରେରଣାକୁ ଗୋଟାପଣେ ଆଦରି ନେଲେ ରବିସିଂ ମାଝୀ । ତାଙ୍କର ଆଦର୍ଶ ପୁରୁଷ ହେଲେ ନବରଙ୍ଗପୁର ସହରର ଅପ୍ରତିମ ସାହସୀ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଚନ୍ଦ୍ର ଦାସ । ସେ ସବୁ ଲୋକ ବୁଝି ପାରିଲା ଭଳିଆ ମନ ମତାଣିଆ ସରଳ ଭାଷାରେ କହିଚାଲନ୍ତି ଅହିଂସାର କଥା । ଅସହଯୋଗର କଥାକୁ ଲୋକ ମୁହଁରେ ଶୁଣି ଖୋଦ ତାଙ୍କ ସଂପର୍କରେ ଆସି ରବିସିଂ ରଙ୍ଗେଇ ଗଲେ ଗୋଟାପଣେ ସେଇ ରଙ୍ଗରେ ।

ସବୁ ଗାଁରେ ସଭାସମିତି, ପୋଲିସର ଭୟ, ଗାଁ ଗଣ୍ଡା ଚଲାଣ, ଯେଉଁମାନେ ପୋଲିସର ଦଲାଲୀ କରୁଥିଲେ ସବୁ ଖବର ପହଞ୍ଚାଇବା ପାଇଁ ମୁକରିର ହୋଇଥିଲେ ସେମାନଙ୍କୁ ଭୟ ନକରି ରବିସିଂଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ତିଆରି କଲେ ନୂଆ ମୂଳଦୁଆ । ଏ କଥା ଅଛପା ରହିଲା ନାହିଁ । ଭାମିନୀ ଗାଁର ଶୁକଚାନ୍ଦ ପନ୍‌କାକୁ । ରବିସିଂ ମାଝୀଙ୍କ ବିରୁଦ୍ଧରେ ବିଷ ଉଦ୍‌ଗାର କଲା । ଲୋକଙ୍କୁ ମତାଇ ଗଡ଼ମ ନଦେବାକୁ କହିବା ଶୁକଚାନ୍ଦ ପନ୍‌କା (ଗଣ୍ଡା) ମନରେ ରବିସିଂ ମାଝୀଙ୍କ ପ୍ରତି ଘୃଣାଭାବ ସୃଷ୍ଟି କଲା । ପୋଲିସର ସାହାଯ୍ୟ ନେଇ ସେ ଚାହିଁଲା ଦମନ କରିବ ରବିସିଂ ମାଝୀଙ୍କୁ । ହେଲେ କ'ଣ କରିବ ସେ ? ନିଜର ବନ୍ଧୁ ବଗା ପୂଜାରୀ (ଭାମିନୀ ଗ୍ରାମବାସୀ)ଙ୍କୁ ପଚାରିଲା ଶୁକ୍‌ଚାନ୍ଦ । ରବିସିଂ ମାଝୀଙ୍କ କଥା ପଡ଼ିଲେ ସେ ମନେ କରୁଥିଲା ସୁନାଧର ନାୟକ ଗଉଁଟିଆ ହିଁ ତାର ସର୍ବନାଶର ବାଟ ସଫା କରୁଛି । ଗୋଟିଏ ଢେଲାରେ ଦୁଇଟା ଚଢ଼େଇ କେମିତି ଶିକାର କରିହେବ ବଗା ପୂଜାରୀ ବତାଇ ଦେଲା ତାକୁ ।

ବଗା ପୂଜାରୀ ଶୁକଚାନ୍ଦକୁ କହିଲା ପନ୍‌କା (ହରିଜନ) ଜାତିର ଲୋକଙ୍କୁ ବାଟିବେଡ଼ାର ଲୋକମାନେ (ଗଣ୍ଡ) ଘୃଣା କରନ୍ତି । ଆମେ ଛୁଇଁଲେ ତାଙ୍କର ଜାତି ଯିବ । ଆମକୁ ଦାଣ୍ଡରେ ବସାଇବେ ସେମାନେ । ଆମର ପିଲାମାଇଚ୍ଛୀ ସବୁକୁ ହୀନ

ଆଖିରେ ଦେଖିବେ । ଆମେ ସବୁ ଖରାପ ମଣିଷ । ଘଟି ମାଝୀ ବାଟିବେଡ଼ାର ନାଏକ । ତା'ର ନାତି ରବିସିଂ ମାଝୀ । ବୁଢ଼ାକୁ ଦେଖେଇ ଦେବାକୁ ହେବ ଶୁକଚାନ୍ଦ କ'ଣ କରିପାରିବ ? ରବିସିଂ ଜାତି ହରାଇଲେ ତାର ନାତି ବି ହାରିଯିବ । କାଲିର ପିଲା ଏତେ ନାଟ, ଏଇଟା ଖାଲି ସୁନାଧର ନାୟକର ମୁହଁ ବଢ଼େଇବାର କଥା । ସାରା ରାତି ବିଚରା ବିମର୍ଶ । ସୋମବାର, ଉମରକୋଟ ହାଟ ସାରି ଭାମିନୀ ଲୋକେ ଫେରିଲେ ସେ ଦିନ । ତା ଆରଦିନ ମଙ୍ଗଳବାର । ଭାମିନୀ ହାଟ ବସିବ । କେତେ ଗାଁରୁ କେତେ ଲୋକ ଆସିବେ । ବିକା କିଣା କରିବେ । ଲୁଣ, ମାଟିତେଲ, ଗୁଡ଼ ଆଦି ଜିନିଷ ।

ସେଇ ମଙ୍ଗଳବାର ରାତି । ଝରିଗାଁର ପଣସ ଗାଁରୁ ସଞ୍ଜ ସମୟରେ ପହଞ୍ଚିଲେ କର୍ମୀ କେତେଜଣ । ଘଟି ମାଝୀ ଘର ଅଗଣାରେ ସଭା ହେଲା । ମଝିରେ ଜଳୁଥିଲା ଶୁଖିଲା ମହୁଲ କାଠ । ନିଆଁର ଲାଲ ଆଲୁଅରେ ଖଦଡ଼ ଲୁଗା ଆହୁରି ଉଜ୍ଜ୍ୱଳି ଉଠୁଥିଲା । ସବୁ କଥା ପଡ଼ିଲା । ଶୁକଚାନ୍ଦ ଧାନ ଗଡ଼ମ ପାଇଁ ଯେଉଁ ଟଙ୍କା ବାଟିବେଡ଼ା ରୟତ ମାନଙ୍କୁ ଦେଇଥିଲା ସେ ଟଙ୍କା ତାକୁ ଫେରାଇ ଦେବାକୁ ସ୍ଥିର ହେଲା । ଧାନ ଦେବାକୁ ହେବ ନାଇଁ । ପରମ୍ପରା ଗତ ଗୋଟିଏ ଘୃଣିତ ପ୍ରଥା ବିରୁଦ୍ଧରେ ପ୍ରଥମ କରି ୧୯୩୮ ମସିହାର ଆରମ୍ଭରେ ବାଟିବେଡ଼ାର ଲୋକେ ପ୍ରତିବାଦ ସଭା କଲେ । ଏହି ସଭାର ଫଳାଫଳ ଯେ ପରବର୍ତ୍ତୀ ଇତିହାସକୁ ପ୍ରଭାବିତ କରିବ ସେତେବେଳେ କେହି ଜାଣି ନଥିଲେ । ସେଦିନ ବାଟିବେଡ଼ା ଗାଁର ସବୁ ଲୋକ ପ୍ରତିଜ୍ଞା କଲେ 'ମଦ ପିଇବେ ନାଇଁ' ଶୁକଚାନ୍ଦର କଥା ମାନିବେ ନାଇଁ । ତାକୁ ସିସ୍ତୁ ଦେବେ ନାଇଁ । ତା ଆରଦିନ ଶୁକଚାନ୍ଦ ଶୁଣିଲା ତା ବିରୁଦ୍ଧରେ ବାଟିବେଡ଼ା ଲୋକେ ନେଇଥିବା ନିଷ୍ପତ୍ତିର କଥା । ସେଦିନ ସେ ରାଗିଯାଇ ଏତେ ମଦ ପିଇ ଦେଇଥିଲା ଯେ ଆଖି ତା'ର ରକ୍ତ ପରି ଲାଲ୍ ଦେଖା ଯାଉଥିଲା ।

ତା ଆରଦିନ, ୧୯୩୮ ମସିହା । ଭାଦ୍ରବ ମାସର ବୁଧବାର । ଗତ ରାତିର ନିଷ୍ପତ୍ତି କ୍ରମେ ପଣସ ଗାଆଁର କର୍ମୀ ମାନଙ୍କ ସମେତ ସୁନାଧର ନାୟକଙ୍କ ନେତୃତ୍ୱରେ ଭାମିନୀ ଗ୍ରାମରେ ଗୋଟିଏ ବଡ଼ ଧରଣର ସଭା ହେଲା । ଯେଉଁମାନେ କି ଅତ୍ୟାଚାରିତ, ଅସହାୟ, ମୂକ, ବଧିର ଓ ପଙ୍ଗୁଥିଲେ ସେମାନଙ୍କ ମନର କଥା କହିଲେ ତୃତୀୟ ଶ୍ରେଣୀରେ ପଢୁଥିବା ରବିସିଂ ମାଝୀ, ଷୋହଳ ବର୍ଷର ତରୁଣ, ନାତିଦୀର୍ଘ ଶରୀର । ଛୋଟ ଛୋଟ ଆଖି ଓସାରିଆ ଓଠରୁ ଯେତେବେଳେ ପ୍ରଥମ ପ୍ରତିବାଦର ସ୍ୱର ଶୁଭିଲା

ଗୋରା ସରକାର ବିରୁଦ୍ଧରେ ଜୟପୁର ରାଜାଙ୍କ ଅତ୍ୟାଚାରୀ କର୍ମଚାରୀଙ୍କ ବିରୁଦ୍ଧରେ ଏବଂ ଶୁକଚାନ୍ଦ ପନ୍‌କା (ଗଣ୍ଡା) ଯିଏ କି ଭାମିନୀ ଖଣ୍ଡମଣ୍ଡଳରେ କୁଖ୍ୟାତ ଥିଲା ତା ବିରୁଦ୍ଧରେ ତାରି ଗାଁରେ ଜମା ହୋଇଥିବା ସବୁ ଲୋକ ହଠାତ୍ ପାଇଗଲେ ପଚିଆରା ଗୋଟିଏ ଗୋଟିଏ । ଛୋଟିଆ ତରୁଣ ଦେହରେ ନିହିତ ବିରାଟ ସମ୍ଭାବନାର ସ୍ଫୁଲିଙ୍ଗଟିଏ ଦେଖିଲେ ସଭିଏଁ । ସ୍ଥାନୀୟ ସମସ୍ୟା ଯେମିତି ଏକ ଜାତୀୟ ସମସ୍ୟା ହୋଇ ଉଠିଲା ସେଦିନ । ଭାରତର ଅନ୍ୟ ଗାଁର ସମସ୍ୟା ଅଳ୍ପେ ବହୁତେ ଠିକ୍ ଏହିପରି ଥିଲା ।

****

## ଦଶ

# ରବିସିଂଙ୍କ ଜାତି ଗଲା

ସଂଗ୍ରାମୀ ଜୀବନ ବହୁ ଝଡ଼ ଝଞ୍ଜାରେ ପୁଷ୍ଟ ହୁଏ । ବିପଦ ହୁଏ ତା ପାଇଁ ଆଗେଇ ଯିବାର ପ୍ରେରଣା, ପ୍ରତିବନ୍ଧକ ତା ପାଇଁ ଦୃଢ଼ ପ୍ରତିକାରର ନିଶ୍ଚିତ ସ୍ୱାକ୍ଷର, ଅତ୍ୟାଚାରୀର ଘୃଣା ତା ପାଇଁ ସହିଷ୍ଣୁ ହେବାର ବଜ୍ର ଶପଥ ହୁଏ । ପରୀକ୍ଷାର ଘଡ଼ିସନ୍ଧି ମୁହୂର୍ତ୍ତରେ ଯେ ଧୈର୍ଯ୍ୟ ହରାଏ ସେ ହାରିଯାଏ । ସଫଳତାର ସିଡ଼ି ସେହି ଚଢ଼େ ଯାହାର ପାହାଡ଼ ଚଢ଼ିବା ମନଟିଏ ଭିତରେ ଭିତରେ ଅହରହ ଡେଉଁଥାଏ । ସେମିତି ମଣିଷ ଥିଲେ ରବିସିଂ ମାଝୀ ।

ଜାତୀୟ କଂଗ୍ରେସର ଆହ୍ୱାନ - ପ୍ରତି ଘରୁ ଜଣେ କର୍ମୀ ହୁଅ । ତା ହେଲେ ପରାଧୀନତାର ଶିକୁଳିରୁ ସମସ୍ତେ ମୁକ୍ତ ହେବ । କୁଟି ଖାଅ, କାଟି ପିନ୍ଧ, ଚରଖାକୁ ଧର୍ମ କର । ଅନ୍ୟାୟକୁ ଅହିଂସା ହୋଇ ପ୍ରତିରୋଧ କର । ଅତ୍ୟାଚାରୀର ମନ ନିଶ୍ଚୟ ବଦଳିବ, ଶାନ୍ତ ସଂଯତ ହୁଅ । ସବୁ ଧର୍ମକୁ ସମ୍ମାନ କର । ଜାତିଭେଦ ମାନ ନାହିଁ । ସମସ୍ତେ ଭଗବାନଙ୍କ ସନ୍ତାନ । ଏଇ ସମଦର୍ଶୀ ମନୋଭାବ ମଣିଷ ମନରେ ପ୍ରଭାବ ପକାଇ ତା ଚେତନାରେ ନବ ଦିଗନ୍ତ ସୃଷ୍ଟି କରିବାର ସମୟ ହୋଇ ନଥିଲା । ଭାରତରେ ୧୯୩୮ ମସିହା ବେଳକୁ । ସନ୍ଧିକ୍ଷଣର ଇତିହାସଟିଏ, ସମୟ ପ୍ରତିକୂଳ, ସ୍ରୋତ ନିଶ୍ଚଳ, ଦାସତ୍ୱ ନିବିଡ଼, ମୁକ୍ତି ବିଡ଼ମ୍ବନା, ଏକ ଅବିଶ୍ୱାସୀ ପରିବେଶ, ରାଜକର୍ମଚାରୀଙ୍କ ଲୋଲୁପତା, ପରସ୍ୱ ହରଣ, ହୀନ ମନ୍ୟତା ଓ ଅତ୍ୟାଚାରର ଲୋମଶ ନିଷ୍ଠୁର ହାତରୁ ରକ୍ଷା ପାଇବା ପାଇଁ ଆଦିବାସୀ ମଣିଷର ବାଟ ନଥିଲା । ତା'ର ନା ସାହାସ ଥିଲା ନା ନିଜ ବ୍ୟଥା କହିବାକୁ ଭାଷା ଥିଲା । ସଳଖ ହୋଇ ଛଡ଼ା ହେବା ଥିଲା ଆଇନତଃ ଅପରାଧ । ଆଉ ରବିସିଂ ମାଝୀ ସେଇ ଅପରାଧର ଅପରାଧୀ ହୋଇଗଲେ ସେଦିନ ଯେଉଁଦିନ ଭାମିନୀ ଗ୍ରାମର ସଭାରେ ସମସ୍ତଙ୍କର ବିରୁଦ୍ଧରେ ସେ ନିର୍ଭୀକ ସ୍ୱର ଉଠାଇଲେ । ଶୁକଚାନ୍ଦର ମନ ମଳି ହୋଇଗଲା, ଖିନ୍‌ଭିନ୍ ହୋଇଗଲା ସେ, ରକ୍ତ ଚାଉଳ ଚେବାଇଲା । ବକ୍ଷା ପୂଜାରୀ କହିଲା ଠିକ୍ ବେଳ ଆସିଗଲା ଏବେ ।

ଗାଁ ଗାଁ ବୁଲି କର୍ମୀ ଗଠନ କରିବା, ନେତାମାନଙ୍କ ସହିତ ମିଶିବା ଗାଁ ସଂଗଠନରେ ସକ୍ରିୟ ଭାବେ ଭାଗନେବା ସତ୍ତ୍ୱେ ରବିସିଂ ମାଝୀ ପାଠ ପଢ଼ା ଛାଡ଼ି ନଥିଲେ । ବ୍ୟସ୍ତତା ଭିତରୁ ସମୟ ବାହାର କର ସେ ବାଟିବେଢ଼ାରୁ ଭାମିନୀ ସ୍କୁଲକୁ ଯାଉଥିଲେ । ଖରାବେଳେ ସୁନାଧର ନାୟକଙ୍କ ଘରେ ପଖାଳ ଖାଉଥିଲେ ।

ଭାମିନୀ ଗ୍ରାମର ସଭାରେ ଭାଷଣ ଦେବାର ତୃତୀୟ ଦିନ । ଶନିବାର ରବିସିଂ ମାଝୀ ସ୍କୁଲରୁ ଫେରୁଥିଲେ ନିଜ ଗାଁକୁ । ପିନ୍ଧିଛନ୍ତି ଖଣ୍ଡେ ଗାମୁଛା । କାନ୍ଧରେ ଗାମୁଛାଟିଏ ପଡ଼ିଛି । ତୃତୀୟ ଶ୍ରେଣୀର ଛାତ୍ର । ବୟସ ଷୋହଳ । ବେଳ ରତ ରତ ହେଉଛି । କିଛି ଦୂରରେ ସେ ଦେଖିଲେ ଶୁକଚାନ୍ଦ ପନ୍‌କା ତାଙ୍କୁ ହାତଠାରି ଡାକୁଛି । ପଛରେ ବସିଛି ବଗା ପୂଜାରୀ । ରବିସିଂ ମାଝୀଙ୍କ ପଛରେ ତାଙ୍କର କେତେଜଣ ସହପାଠୀ ବିଶେଷତଃ ହରିଜନ ପିଲା କେତେଜଣ ।

ରବିସିଂ ମାଝୀ ଶୁକଚାନ୍ଦର ଡାକ ଶୁଣି ତା ପାଖକୁ ଗଲେ । ପୂର୍ବରୁ ସଞ୍ଚିତ ସବୁ ରାଗକୁ ଅଜାଡ଼ି ଦେଲା ରବିସିଂ ମାଝୀଙ୍କ ଉପରେ – "ଡଇନା ଏ ବୁଟି, କାଲିର ପିଲା ତୁଇ, ଏଡେକ ବଡ଼ଲୋକ ହେଲୁସ୍ କିନା, ସୁନାଧର ଗାଉଁଟିଆର କାଣରେ ମକେ ଗଡ଼ମ୍ ନା ଦେବା କାଯେ ମଟାଇଲୁ ଆଛୁ ସବ୍‌କେ । ଆଜି ତର ପିଠି ଥାନେ କିଏ ପଡ଼ସି ଦେଖିବି ବେ", ରବିସିଂ ମାଝୀ ଏତିକି ଶୁଣି ଆଗ ପଛକୁ ଚାହିଁଲେ ।

ହଠାତ୍ ବଗା ପୂଜାରୀ ପାଖରେ ଛିଡ଼ା ହୋଇଥିବା କେତେଜଣ ହରିଜନ ପିଲାଙ୍କୁ ଯେଉଁମାନଙ୍କର ସଙ୍ଗୀ ପନ୍‌କା ଥିଲା, ଆଖି ଠାରି ଦେଲା, ଆଉ ସେମାନଙ୍କ ମଧ୍ୟରୁ ଦୁଇଜଣ ମାଡ଼ିବସିଲେ ରବି ସିଂ ମାଝୀଙ୍କୁ । ଆଉ ଦୁଇଜଣ ନିସ୍ତୁକ ମାଡ଼ ଦେଲେ । ମାଡ଼ରେ ପିଠି ଫାଟିଗଲା ରବିସିଂ ମାଝୀଙ୍କର । ରାଗରେ ଜଳୁଥିଲା ଶୁକଚାନ୍ଦର ଆଖି । ସେ ଗାଳି କରୁଥିଲା ରବିସିଂ ମାଝୀଙ୍କର ମା ଭଉଣୀଙ୍କୁ ନେଇ । ରବିସିଂ ତଳେ ପଡ଼ିଗଲେ ।

ଏ ଅତ୍ୟାଚାର ବିଜୁଳି ବେଗରେ ଘରେ ଘରେ ପହଞ୍ଚିଗଲା । ଭାମିନୀ ଗ୍ରାମର ସୁନାଧର ନାୟକ ଶୁଣି ନିଜେ ନିଜର କେତେଜଣ ସହାୟକଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଗଲେ । ହାତରେ ପାଞ୍ଚ ହାତିଆ ଠେଙ୍ଗା । ସୁନାଧର ନାୟକ ଆସୁଥିବାର ଶୁଣି ଶୁକଚାନ୍ଦ ସେଠାରୁ ଚାଲିଯାଇ ଲୁଚିଗଲା କେଉଁଠି । ଦୁଇ ଜଣ ଲୋକ ରବିସିଂଙ୍କୁ ଟେକି ନେଇ ତାଙ୍କ ଘରକୁ ଗଲେ । ରବିସିଂ ଚେତା ଫେରିପାଇବା ପୂର୍ବରୁ ଖବର ପହଞ୍ଚିଗଲା ବାଟିବେଡ଼ା ଗ୍ରାମରେ । ସନ୍ଧ୍ୟା ଆସିଯାଇ ଥିଲା । ରାତିର ପ୍ରଥମ ପ୍ରହର । ସାରା ବାଟିବେଡ଼ା ଗାଁ ଅଶାନ୍ତ । ଧନମତୀ ଆଖିରେ ଆଖିଏ ଲୁହ । ଘଟି ମାଝୀ ଯେମିତି ନିଆଁର ପିଣ୍ଡୁଳାଟିଏ । ରବିସିଂ ଫେରିଲେ ଭାମିନୀରୁ ବାଟିବେଡ଼ା ସଞ୍ଜ ହେବାର ଅନେକ ପରେ । ଫୁଲି ଯାଇଛି ଦେହ ହାତ ପିଠି । ରକ୍ତ ଝରୁଛି ଓଠ ଫାଟି । ଚିରି ଯାଇଛି ଗାମୁଛା । ମୁଣ୍ଡ ସାରା ଧୂଳିଭର୍ତ୍ତି । ଆସ୍ତେ ଆସ୍ତେ ସାନ ମା ବିଶେଇ ମାଝୀଙ୍କ କାନ୍ଦରେ ହଠାତ୍ ଚମକି ପଡ଼ିଲେ ସବୁ । ଛାତି ଫଟାଇ କାନ୍ଦ ଆସୁଛି । ଦୁଇ ଗାଲ ଦେଇ ଝର ଝର ଲୁହ ବୋହି ଯାଉଛି । ଗଣ୍ଡ ପିଲା ହରିଜନ ହାତରୁ ମାଡ଼ ଖାଇ ଜାତି ହରାଇଲା । ଏବେ କ'ଣ ହେବ ? ପରମ୍ପରାବାଦୀ ଗଣ୍ଡ ସଂପ୍ରଦାୟ ମନରେ କେବଳ

ଗୋଟିଏ ପ୍ରଶ୍ନ "ଜାତି ଗଲା ରବିସିଂର" । କୋଳାହଳ, ଡାକ ଜୟରାମ ବାସୁଦେବଙ୍କୁ । ପଘର ପ୍ରାୟଶ୍ଚିତର କଥା । ଯୋଗାଡ଼ କର ଗୋବରପାଣି, ହଳଦୀ ପାଣି, ଆଉ ସବୁ ବିଧିବିଧାନମାନ ।

ଏଇ ଘଟଣା ରବିସିଂ ମାଝୀଙ୍କ ଜୀବନରେ ଗଭୀର ରେଖାପାତ କଲା । ଗାଁଲୋକେ ସ୍ଥିର କଲେ ଆଉ ଭାମିନୀ ଗାଁ ସହତି ସମ୍ପର୍କ ରଖିବେ ନାହିଁ । ସିସ୍ତୁ ସିଧା ସଳଖ ଉମରକୋଟ ଆସି ବାନ୍ଧିବେ । ସେମାନେ ଭାମିନୀ ଗାଁକୁ ବାସନ୍ଦ କରିବେ । ଭାମିନୀର ରୟତ ଗାଁ ହୋଇ ରହିବ ନାହିଁ କେବେ । ଏ ଅପମାନ ଅସହ୍ୟ । ଏ କଥା ନବରଙ୍ଗପୁର ତହସିଲଦାର (ସେତେବେଳେ ଅଞ୍ଚଳ ଅଧିକାରୀ) କାଶୀ ବିଶ୍ୱନାଥ ସାହୁଙ୍କ ଯାଏ ଗଲା । ଉମରକୋଟ କ୍ୟାମ୍ପ କୋର୍ଟ କରି ସେ ଡକାଇଲେ ରବିସିଂ ମାଝୀ ବାପା ପଟୁ ମାଝୀ ଓ ଗାଁ ଜଣେ ଦୁଇଜଣ ଲୋକଙ୍କୁ ପିଆଦା ହାତରେ ।

ପଟୁ ମାଝୀଙ୍କୁ କାଶୀ ବିଶ୍ୱନାଥ ସାହୁ ନାନା ଧମକ ଚମକ ଦେଲେ । ଯଦି ତାଙ୍କ ଗାଆଁର ଲୋକମାନେ ଭାମିନୀ ଗଣ୍ଡାର ବିରୁଦ୍ଧରେ ଯାଆନ୍ତି କି ସିସ୍ତୁ ନଦିଅନ୍ତି ତା ହେଲେ କଥା ଖରାପ ହେବ । ଜମି ଛଡ଼ାଇ ନିଆଯିବ । ହଳବଳଦ ଛଡ଼ାଇ ନିଆଯିବ । ଗାଁରେ ରହି ପାରିବେ ନାହିଁ ସେମାନେ ।

ତାଙ୍କ କଥା ନମାନିଲେ ଜେଲ୍ ହୋଇଯିବ । କ୍ଷମତାର ପ୍ରକୋପ ସଚକଥା କହୁଥିବା ମଣିଷକୁ ବି ଚମକେଇ ଦିଏ । ଡରେଇ ଦିଏ । ସେତିକି ନୀରବରେ ପଟୁମାଝୀ ଓ ବାଟିବେଡ଼ା ଗାଁର ଯେଉଁ କେତେଜଣ ଲୋକ ଯାଇଥିଲେ ଡକରା ପାଇ ଫେରି ଆସିଲେ ମୁଣ୍ଡ ନୁଆଁଇ । ଅନ୍ୟାୟ ଯେତେବେଳେ ନ୍ୟାୟର ପୋଷାକ ପିନ୍ଧେ ସବୁ ବଦଳି ଯାଏ । ସେତେବେଳେ କାଶୀ ବିଶ୍ୱନାଥ ସାହୁଙ୍କ ଧମକ ଚମକ ବାଟିବେଡ଼ା ଗାଁ ଲୋକମାନଙ୍କୁ କେତେଦିନ ଯାଏ ସ୍ଥାଣୁ କରିଦେଲା ।

ଶୁକଚନ୍ଦ ପନ୍‌କା (ଗଣ୍ଡା) ସରକାରର ଲୋକ । ରାଜାଘର ପାଇଁ ସିସ୍ତୁ ଆଦାୟ କରୁଛି । ତାର କଥା ବାଟିବେଡ଼ା ଗାଆଁର ଲୋକେ ନଶୁଣିଲେ ଶାସନ ନସିଯିବ । ହାତ ଯୋଡ଼ି ଶୁକଚନ୍ଦ ପନ୍‌କା ଛିଡ଼ା ହୋଇଥିଲା । କାଶୀ ବିଶ୍ୱନାଥ ସାହୁଙ୍କ ଆଗରେ ।

****

## ଏଗାର

# ତ୍ରିଲୋଚନ ମିଶ୍ରଙ୍କ ପରାମର୍ଶ

ଭାମିନୀ ଗାଆଁର ବଗା ପୂଜାରୀ ପୁଲିସର ବୋଲକରା । ଖବର ଦେବାପାଇଁ ପୁଲିସ୍‌ରୁ ଇନାମ ପାଏ । ଶୁକଋନ୍ଦ ଗଣ୍ଡାର ପଛରେ ବୁଲି ଲୋକଙ୍କୁ ଠକେ । ନିଜର ଫାଂୟଦା ଉଠାଏ । ଅନ୍ୟକୁ ଅସୁବିଧାରେ ପକାଇବା ପାଇଁ ସୁଯୋଗ ଉଣ୍ଡି ବସିଥାଏ । ଶୁକଋନ୍ଦ ଗଣ୍ଡା ଋଲିଲେ ଗର୍ଭିଣୀ ଗାଈ ବାଟ ଛାଡ଼େ । ବଗା ପୂଜାରୀ ହସିଲେ ଜଣେ ସର୍ବସ୍ୱାନ୍ତ ହୁଏ । ଆଉ ଏ ଦୁହେଁ ମିଶିଲେ ଗାଁ ଉଚ୍ଛନ୍ନ ହୋଇଯାଏ ।

ଉମରକୋଟ ଥାନା । ଏବର ପକ୍କା ଥାନାର ଠିକ୍ ଆରପଟେ ରାସ୍ତାର ଆରପଟେ ବିରାଟ ମାଟିଘର । ମାର୍ଦ୍ଦା ପଡ଼ିଛି । ଉଚ୍ଚ ପିଣ୍ଡା, ତ୍ରିଲୋଚନ ମିଶ୍ର ପୁଲିସ ସବ୍‌ଇନ୍‌ସପେକ୍ଟର ବସିଛନ୍ତି କାଠ ତିଆରି ହାତଥିବା କୁର୍ଚ୍ଚିରେ । ପବନରେ ରହି ରହି ହଲି ଯାଉଛି ମୁଣ୍ଡ ପଛପଟ ଚେଣ୍ଡିଟି (ଶିଖାଟି) । ଜାତିରେ ବ୍ରାହ୍ମଣ, ଘର ସମ୍ବଲପୁର । ଏକାନ୍ତ ରାଜଭକ୍ତ, ଛାମୁଦାନ୍ତ ଋରୋଟି  ଭାଙ୍ଗିଯାଇଥିବାରୁ କଥା କହିଲେ ସ୍ପଷ୍ଟ ଶୁଭେ ନାହିଁ । ଭଦ୍ର ବ୍ୟବହାର କହିଲେ ସେ ତିରସ୍କାରକୁ ବୁଝନ୍ତି । ଭଦ୍ର ଭାଷାର ପ୍ରତି ଦ୍ୱିତୀୟ ପଦରେ ଶଳା ଶବ୍ଦର ପ୍ରୟୋଗ ତାଙ୍କ ମୁହଁରେ ଖୁବ୍ ସୁନ୍ଦର ଶୁଭେ ବୋଲି ସେ ମନେ କରୁଥିଲେ । ଠିଆ ଧାନଜମିରେ ନିଆଁ ଲଗାଇବା, ଋଷୀର ହଳବଳଦ ଛଡ଼ାଇ ଆଣିବା, ବିନା କାରଣରେ ଗାଁ ଲୋକଙ୍କୁ ମାଡ଼ ମାରିବା ତାଙ୍କ ଜୀବନର ଅଙ୍ଗ ଥିଲା । କଂଗ୍ରେସ କର୍ମୀ ମାନଙ୍କ ପ୍ରତି ତୀବ୍ର ଘୃଣା ପ୍ରକାଶ କରୁଥିଲେ । ତାଙ୍କୁ ଦଣ୍ଡ ଦେବା ପାଇଁ ଯେତେକ ଫନ୍ଦି ଫିକର କରୁଥିଲେ ସବୁବେଳେ ଶୁକଋନ୍ଦଠାରୁ ସୁନାଧର ନାୟକ ଓ ରବିସିଂ ମାଝୀଙ୍କ ବିଦ୍ରୋହର କଥା ଶୁଣି ରାଗ ତାଙ୍କର ପଞ୍ଚମକୁ ଉଠିଗଲା । ଏତିକି ସାହାସ ଏମାନଙ୍କର । ସେମାନେ ଜାଣନ୍ତି ନାହିଁ ତ୍ରିଲୋଚନ ମିଶ୍ର ଋହିଁଲେ ଏମାନଙ୍କ ପତ୍ତା ରହିବ ନାହିଁ ।

ଫୁସଫୁସ୍ କରି ତ୍ରିଲୋଚନ ମିଶ୍ର ଅନେକ ସମୟ ଯାଏ ଶୁକଋନ୍ଦ ଓ ବଗା ପୂଜାରୀକୁ ବତାଇଲେ କେମିତି ସୁନାଧର ନାୟକ ଭାମିନୀ ଗାଁ ଛାଡ଼ି ଋଲିଯିବ । ତାଙ୍କୁ କେମିତି ଅପମାନିତ କରିବାକୁ ହେବ । ଥାନା ପିଣ୍ଡା ଅନ୍ଧାର । ଜମାନ ପ୍ରେମଋନ୍ଦ କାର୍ତ୍ତିକ ଚୁପ୍‌ଋପ୍ ଛିଡ଼ା ହୋଇଥିଲା ସେଇଠି ।

ଶୁକଋନ୍ଦ ପନ୍‌କା ଘୋଡ଼ାଇ ହୋଇଥିବା ମାଠ ତଳୁ ବାହାର କଲା ସଜ ମହୁଲି ମଦର କାଚଟିଏ । ବଗା ପୂଜାରୀ ଆଗରୁ ବାବୁଙ୍କ ଘରକୁ ପଠାଇ ଦେଇଥିଲା କୁକୁଡ଼ା

ଦି'ଟା । ବୋତଲ ଦେଖି ତ୍ରିଲୋଚନ ମିଶ୍ର କୁରୁଳି ଉଠିଲେ । ପ୍ରେମଚାନ୍ଦ କାର୍ତ୍ତିକ ହାତ ବଢ଼ାଇ ନେଇଗଲା ତାକୁ ଭିତରକୁ । ଥାନା ଭିତରେ ଲଗାଇ ଦିଆଗଲା ଜର୍ମାନୀ ତିଆରି ଲଣ୍ଠନଟିଏ ମିଞ୍ଜି ମିଞ୍ଜି କରି । ତ୍ରିଲୋଚନ ମିଶ୍ର କହିଲେ "ଶୁକଚାନ୍ଦ ତୁଇ ଯଦି ଭାମିନୀ ଗାଉଁଟିଆ ହବାର ଇଛା ଏଇ ଦିନେ ଦୁଇଦିନ ଭିତରେ ନବରଙ୍ଗପୁର ତହସିଲଦାର ଭାମିନୀ କେମ୍ପ କରିବେ । ତାଙ୍କର ସେବା ଠିକ୍‌ଠାକ୍ କରି ପାରିଲେ ପରେ କ'ଣ କରିବାକୁ ହେବ ମୁଁ ତତେ ବତେଇଦେବି । ଜାଗ୍ରତ, ଏ କଥା କାହାକୁ କହିବାକୁ ହେବ ନାହିଁ । ସୁନାଧର ନାୟକ ଯେମିତି ଶୁଣି ନପାରେ ।"

ଶୁକଚାନ୍ଦ ସନମତ ହେଲା । ଜୁହାର କଲା ବାବୁଙ୍କୁ । ତହସିଲଦାରଙ୍କ ସେବା ପୂଜାରେ ଯେମିତି କିଛି ଖିଲାପ ନଘଟେ ସେଥିପ୍ରତି ପୁଣି ଥରେ ତାଗିଦ କରିଦେଲେ ତ୍ରିଲୋଚନ ମିଶ୍ର । ବଗା ପୂଜାରୀ ଦଣ୍ଡବତ ହେଲା ।

ରାତିର ଅନ୍ଧାର ଭିତରେ ଶୁକଚାନ୍ଦ ଓ ବଗା ପୂଜାରୀ ଥାନା ପିଣ୍ଡାରୁ ତଳକୁ ଓହ୍ଲାଇଲେ । ପିଣ୍ଡା ତଳେ ପ୍ରେମଚାନ୍ଦ କାର୍ତ୍ତିକ ଫୁସଫୁସ କରି କହିଲା । "ମୁଁ କାଲିକୁ ଭାମିନୀ ଆସିବି ତହସିଲଦାରଙ୍କ ବ୍ୟବସ୍ଥା ଦେଖିବାକୁ ମୋ ସାଙ୍ଗରେ ଆସିବ କୁରୁମଲ ନାଇକଲୁ । ତିଆରି ଥିବ ସବୁ । ବଗା ପୂଜାରୀ ବଢ଼ାଇଦେଲା ଚାରିଅଣିଟିଏ ପ୍ରେମଚାନ୍ଦ କାର୍ତ୍ତିକ ହାତକୁ । କୁରୁମଲ ନାଇକଲୁ ତହସିଲଦାର ଓ ମାଜିଷ୍ଟ୍ରେଟ କାଶୀ ବିଶ୍ୱନାଥ ସାହୁଙ୍କ ଅର୍ଦ୍ଦଳି, ବୋକଚା ବୁହା । ଏକ ନମ୍ବରୀ ଟାଉଟର ତେଲୁଗୁକରଣ ।

****

## ବାର

# କାଶୀ ବିଶ୍ୱନାଥ ସାହୁ

ଗାଆଁକୁ ସାଇବ ଆସିଲେ ତାଙ୍କ ମକାମ ଦେଖିବା, ତାଙ୍କର ସୁବିଧା ଅସୁବିଧା ବୁଝିବା, ଖାଇବା ପିଇବାର ବ୍ୟବସ୍ଥା କରିବା, ସାଇବଙ୍କର ବେଣ୍ଟ ଶିକାର ବ୍ୟବସ୍ଥା କରିବା ପାଇଁ ରାଜାଙ୍କ ନିର୍ଦ୍ଦେଶରେ ଗାଆଁମାନ ଖଞ୍ଜା ହୋଇଥିଲା । ଗୋଟିଏ ଗାଆଁର ଲୋକ ଗୋଟିଏ କାମ ପାଇଁ ଉଦ୍ଦିଷ୍ଟ ଥିଲେ । ସାଇବ ଆଉ ତାଙ୍କ ସିରସ୍ତାଦାର ମାନଙ୍କ ପାଇଁ ଭାତିଆ ଯୋଗାଡ଼ କରିବା, ସେମାନଙ୍କର ବିଳାସ ପାଇଁ ସରକାର ଲୋକମାନଙ୍କୁ ଦାୟୀ କରୁଥିଲେ । ଗାଁ ଗଉଣ୍ଟିଆ, ଗଣ୍ଡା, ଚଲାଣ ଏସବୁ ତଦାରଖ କରୁଥିଲେ । କିନ୍ତୁ ଏବେ ସୁନାଧର ନାୟକଙ୍କ ସରକାର ବିରୋଧି ବିଶେଷତଃ ଏଇ ସ୍ଥାନୀୟ ଅଧିକାରୀଙ୍କ ପ୍ରତି ମନୋଭାବର ପରିବର୍ତ୍ତନ ଦେଖି ଏମାନେ ଶୁକଚନ୍ଦ ଗଣ୍ଡା ଉପରେ ନିର୍ଭର କଲେ ବେଶୀ । ସେମାନେ ଭାବିଲେ ତାଙ୍କ ରାସ୍ତାର କଣ୍ଟା ସୁନାଧର ନାୟକ ଓ ବାଟିବେଡ଼ାର ରବିସିଂ ମାଝୀ ।

ବଗା ପୂଜାରୀ ସବୁ ତଦାରଖ କରୁଥିଲା । ବିଭିନ୍ନ ଗାଆଁରୁ ସରୁ ଚାଉଳ, ମୁଗ, କଦଳୀ, ପନିପରିବା, କୁକୁଡ଼ା ଭଲ ଘିଅ ସଂଗ୍ରହ କରାଗଲା । ନବରଙ୍ଗପୁରର ତହସିଲଦାର ଓ ମାଜିଷ୍ଟ୍ରେଟ ଭାମିନୀ କ୍ୟାମ୍ପ କୋର୍ଟ କରିବେ ।

ଶୁକଚନ୍ଦ ପନ୍‌କା (ଗଣ୍ଡା) ବିଶେଷ ତତ୍ପର । ଅଭିଯୋଗମାନ ସଜାଡ଼ି ରଖୁଛି । କିଏ ସିସ୍ତୁ ଦେଉନାହିଁ । କିଏ ବେଠିଆ ଖଟୁନାହିଁ । ହାଟପାଗିଆ ହିସାବରେ କିଏ ରେଞ୍ଜର ସାଇବ, ଫରେଷ୍ଟର ସାଇବ, ପୁଲିସି ସାଇବ ଗିବିନି ବାବୁଙ୍କପ ଘରକାମରେ ଖିଲାପ କରୁଛି, ସବୁ କଥା । କାହା ହାତରୁ ଜମି ଛଡ଼ାଇ ନିଆଯିବ ସବୁ ।

ହୀରାପୁର ଓ ଭାମିନୀ ଗାଆଁର ସିପାଇ ବସାରେ ସିପାଇମାନେ ଠୁଳ ହେଲେଣି । କେତେବେଳେ କଣ ଦରକାର ପଡ଼ିଯିବ । ତ୍ରିଲୋଚନ ମିଶ୍ର କହିବାର ଦୁଇଦିନ ପରେ, ସକାଳ ପ୍ରାୟ ନଅଟା । ଉମରକୋଟ ଥାନାରୁ ଖବର ଆସିଲା । ମାଜିଷ୍ଟ୍ରେଟ ପହଞ୍ଚିବେ ଭାମିନୀ ଗାଆଁରେ । ଦୁଇଦିନ ରହିବେ । କେସ୍ ବଚାରଣା ହେବ । ସୁନାଧର ନାୟକ ସେଦିନ ଗାଆଁରେ ନଥିଲେ । ଶୁକଚନ୍ଦ ଭାରୀ ଖୁସି । ଗାଆଁ ସାରା ଖବର ରାଷ୍ଟ୍ର ହେଲା । ସାଇବଙ୍କୁ ସଙ୍ଖୋଳି ଆଡ଼ମ୍ବରରେ ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କଲା ବଗା ପୂଜାରୀ । ଗାଆଁ ମୁଣ୍ଡରେ ଯେଉଁଠି ଅଧିକାରୀ ଗୁଡ଼ା ଡେଇଁ କିଛି ବାଟ ଗଲା ପରେ ଡାହାଣ ପଟକୁ ବାଙ୍କି ଯାଇଛି ମାଟି ମୁରୁମଦିଆ ରାସ୍ତା । ସେଠି ଭାମିନୀ ଗାଁର ଧାଙ୍ଗିଡ଼ିମାନେ ଜଗି

ରହିଲେ ନାଚ କରି ଗୀତ ଗାଇବେ ସାଇବଙ୍କ ପାଇଁ । ମହୁରିଆ ମହୁରୀର ପିକ ସଜାଡୁ ଥିଲା । ନାଗରାବାଲା ପାଳ ଜାଳି ନାଗରା ଚମଡ଼ାକୁ ଗରମ କରୁଥିଲା ଭଲ ବାଜିବ ବୋଲି । ଟୁଡ଼ୁବୁଡ଼ିଆ ପିଲା ଟୁଡ଼ୁବୁଡ଼ି ଧରି ଦେଖୁଥିଲା ଏପଟରୁ ସେପଟକୁ । ମହୁଲୀ ମଦର ଅଳପ ନିଶା ଧରି ଆସୁଥିଲା ଶୁକଚାନ୍ଦ ଗଣ୍ଡାକୁ । ତାର ପିଆଦା ମାନେ ଠେଙ୍ଗା ଧରି ଛିଡ଼ା ହେଇଥିଲେ ଅପେକ୍ଷା କରି ।

ଦୂରରୁ ଦେଖାଗଲା ତହସିଲଦାରଙ୍କ ଘୋଡ଼ା । ସାଇବ ଘୋଡ଼ାରେ ବସିଛନ୍ତି । ଘୋଡ଼ାର ଲଗାମ ଧରିଛି ସୁଖରାମ ପନ୍‌କା । ପଛରେ ସିରସ୍ତାଦାର, ଗିବିନିବାବୁ, ଅମିନ, ଜମାନ ଗାର୍ଡୁ ଓ ଆଉ କେତେ ଲୋକ ।

ଅଟକିଗଲା ପଟୁଆର ଲୋକଙ୍କ ପାଖରେ । ମହୁରୀ ଉଚ୍ଚାଟ ହେଲା । ନାଗରା ବାଜିଲା ଗୁଡ଼୍‌ଦମ୍ ଗୁଡ଼୍‌ଦମ୍ । ଟୁଡ଼ୁବୁଡ଼ି ବାଜି ଉଠିଲା । ଲୟରାୟିତ ହୋଇ ସ୍ତ୍ରୀମାନେ ଅଣ୍ଟା ଓ କାନ୍ଧରେ ହାତ ଦେଇ ନାଚି ଉଠିଲେ ଧୂଳି ଉଡ଼ାଇ ଢ଼େମ୍‌ସା । ଗୀତ ଗାଇଲେ ପଦ ଯୋଡ଼ି । ବାବୁକୁ ଦେଖିଲେ ଆମକୁ ରଜା ପିଲାକୁ ଦେଖିଲା ପରି ଲାଗେ । ବାବୁର ନାକ ବଡ଼ ସୁନ୍ଦର । ଆଖିରେ ଆକାଶ ନୀଳ । ଖଜା ହୋଇଥିଲେ ଆମେ ସବୁ ବାଣ୍ଟି ଖାଇଥାନ୍ତୁ । ଆସ ଆମର ଗାଆଁକୁ ଆସ । ଆମେ ମଦ ଦବୁ, ସଲପ ଦବୁ, ବକଡ଼ା ଦବୁ, ତମେ ଖୁସି ହେଲେ ଆମେ ଖୁସି ହବୁ । ଆସ ଆମର ଗାଆଁକୁ ଆସ । ଆମ ସାଙ୍ଗରେ ନାଚିବ ରାତିସାରା । ନାଚ ଦଳର ସବା ଆଗରେ ଶୁକଚାନ୍ଦ ପନ୍‌କାର ସାନ ଭଉଣୀ ହୀରା ଦେଇ ଗାମୁଛା ହଲାଇ ନାଚୁଥିଲା ବଙ୍କେଇ ବଙ୍କେଇ ।

ହୀରା ଦେଇ । କଞ୍ଚାସୁନା ପରି ରଙ୍ଗ । ପନ୍‌କା କୁଳରେ ଏମିତି ସୁନ୍ଦରୀ । ଭାମିନୀ ଗାଆଁର ହୀରା ଦେଇ ସେ । ଗୋଟିଏ ଛାଉଳରେ ଗଢ଼ା । ବୟସ ପନ୍ଦର । ନୂଆ ଯୌବନର ଉଚ୍ଛୁଳା ତରଙ୍ଗ ଦେହରେ ନଖରୁ ଶିଖ ଯାଏ । ବଣହରିଣୀ ପରି ଚଞ୍ଚଳ । ହସିଲେ ଫୁଲ ଫୁଟେ । ଗୀତ ଗାଇଲେ ସବୁ ଥମକି ଯାଆନ୍ତି । ବେଳେବେଳେ ଶ୍ୟାମଳ ବର୍ଣ୍ଣ ଶୁକଚାନ୍ଦ ଗଣ୍ଡା ବିଶ୍ୱାସ କରିପାରେ ନାହିଁ ତା' ଘରେ ଏମିତି ସୁନ୍ଦରୀ ଝିଅଟିଏ କେମିତି ହେଲା ବୋଲି । ଗାଆଁର ସବୁ ଯୁବକ ହୀରା ଦେଇର ଟିକିଏ ପରଶ ପାଇଁ ଯେ ଝୁରି ମରୁଥିଲେ । ଗୀତ ଗାଇଲା ବେଳେ, ନାଚ କଲାବେଳେ ତାର ଟିକିଏ ସାନିଧ୍ୟ ପାଇଁ କେତେଯେ ଭିଡ଼ାଓଟରା । ଏ ଆକର୍ଷଣ କାଶୀ ବିଶ୍ୱନାଥ ସାହୁଙ୍କୁ ଯେ ଅଲବତ ସ୍ପର୍ଶ କରିବ ଏଥିରେ ସନ୍ଦେହ ନଥିଲା । ଅପଲକ ଘୋଡ଼ା ଉପରୁ ତହସିଲଦାର ଚାହିଁ ରହିଥିଲେ ତାକୁ । ତାଙ୍କୁ ଘୋଡ଼ାରୁ ଓହ୍ଲାଇ ଭାମିନୀ ଗ୍ରାମର ଲୋକେ ଏକରକମ ଟେକି ନେଲେ କ୍ୟାମ୍ପକୋର୍ଟ ହେବାକୁ ଥିବା ଘରକୁ । ସମସ୍ତ ଗ୍ରାମବାସୀ ସାଷ୍ଟାଙ୍ଗ ପ୍ରଣିପାତ କଲେ ।

କୁରୁମଲ ନାୟକଙ୍କୁ ସବା ଆଗରେ ଥାଇ ନିଠେଇ ନିଠେଇ ଦେଖୁଥିଲା ହୀରା ଦେଇକୁ । ତା ମନରେ କେମିତି ଏକ ଭାବ ଏତେ ଗହଳି ଭିତରେ ବି ।

ସାରା ଦିନର କାର୍ଯ୍ୟକ୍ରମ ଭିତରେ କେତେ ଲୋକ କାଙ୍ଗାଳ ହୋଇଗଲେ । ଗଣ୍ଡାର ପରାମର୍ଶ ଅନୁସାରେ ସିସ୍ତ ନଦେବାରୁ ଅଭିଯୋଗରେ ରୟତମାନଙ୍କ ହାତରୁ ଜମି ଛଡ଼ାଇ ଅନ୍ୟମାନଙ୍କୁ ଦେଇ ଦିଆଗଲା । କେତେ ଲୋକର ହଳ, ବଳଦ, ଲଙ୍ଗଳ ଜବତ ହେଲା । ଅସହାୟ ଗ୍ରାମବାସୀ ଭୟରେ ଜଡ଼ସଡ଼ ହୋଇ ଠିଆ ହୋଇଥିଲେ ।

ସଞ୍ଜ ହେଲା । ଗାଈଗୋରୁ ଗୋଠରୁ ଫେରିଲେ । ଆସ୍ତେ ଆସ୍ତେ ଗାଆଁ ଶୁନଶାନ୍ ହେଲା । ସାଇବ ଗାଆଁରେ କେମ୍ପ କୋର୍ଟ କରିଥିଲେ , କଥା ବି ପାଟି ଚିପି ଚିପି କହିବାକୁ ହୁଏ । ଗାଆଁ ଲୋକଙ୍କ ମନକୁ ବାନ୍ଧ ଦେଇ ଜୋରଜବରଦସ୍ତି ମୁକ କରି ଦିଆ ଯାଇ ପାରୁଥିଲା । ସେତେବେଳେ ଖାଲି ଜମାନଟିଏକୁ ଦେଖିଲେ ଲୋକେ ଘର ଛାଡ଼ି ପୋଡ଼ାଗଡ଼, ନାଗଝରି ବଣରେ ଲୁଚୁଥିଲେ । ଆଉ ଖୋଦ୍ ମାଜିଷ୍ଟ୍ରେଟ୍ ସାଇବ ଯେତେବେଳେ ଗାଆଁରେ ସେତେବେଳର ଅବସ୍ଥା ନକହିଲେ ଭଲ ।

ସଞ୍ଜ ରାତି ହେଲା । ମାଜିଷ୍ଟ୍ରେଟ ସାହେବ କାଶୀ ବିଶ୍ୱନାଥ ସାହୁ ଛୋଟେଇ ଛୋଟେଇ ବାଡ଼ି ଉପରେ ଭରା ଦେଇ ଇଜ୍‌ଲାସରୁ ବାହାରିଲେ । ଧଳା ପଞ୍ଜାବୀ ପକେଟରେ କୁଞ୍ଚିକାନିକୁ ପୁରାଇ ଏପାଖରୁ ସେ ପାଖକୁ ଢଳିଢଳି ଚାଲିବା ସମୟରେ ଚାଲିବାର ତାଳ, ଲୟ, ଛନ୍ଦହୀନ ହୋଇ ପଡୁଥିଲେ ବି କ୍ଷମତାକୁ ଘୋଡ଼େଇ ହୋଇ ଥିବାରୁ ଲୋକେ ହସି ପାରୁନଥିଲେ । ନିରୋଳାରେ ଯାହା କଥା ହେଉଥିଲେ । ସମସ୍ତେ ତାଙ୍କୁ ଡାକୁଥିଲେ ଛୋଟା ମାଜିଷ୍ଟ୍ରେଟ୍ ବୋଲି ଘୃଣାରେ । ଏମିତି କୋଉ ଦିନ ନଥିଲା ଯେଉଁଦିନ ରାତିରେ ନାରୀ ଶରୀର ନଭୋଗିଲା ଯାଏ ସେ ଶୋଇ ପାରୁଥିଲେ । ମଦ ଓ ସ୍ତ୍ରୀଦେହ ତାଙ୍କର ସବୁଠାରୁ ବଡ଼ ଦୁର୍ବଳତା ଥିଲା । ଶୁକଚାନ୍ଦ ଗଣ୍ଡା ଠିକ ଜାଣିଥିଲା ମାଜିର୍ଷ୍ଟେଟ୍ ସାହେବଙ୍କୁ । ହଠାତ୍ ତା ମନରେ ଚମକି ଉଠିଲା ହୀରାଦେଇର ମୁହଁ, ତାର ସାନ ଭଉଣୀ । ଭାମିନୀ ଗାଉଁଟିଆ ହେବା ପାଇଁ ନଶ୍ଚିତ ରାସ୍ତା ।

ଶରତ ଋତୁର ନିର୍ମଳ ଆକାଶ । ନୀଳ ବିସ୍ତାରି ପାଖ ମହୁଲ ଗଛରେ ଶୋଇ ପଡ଼ିଛନ୍ତି ଚଢ଼େଇ ସବୁ । ସର୍ଗି ଗଛରୁ ଝରି ପଡୁଛି କାଁଭାଁ ପତ୍ର ଗୋଟିଏ, ଦିଓଟି । ହଠାତ୍ ନିଦ ଭାଙ୍ଗି ଚଢ଼େଇଟିଏ ଉଡ଼ିଯାଉଛି ନୀଳ ଆକାଶ ଆଡ଼େ । ପବନରେ ପାଚିଲା ଧାନ କେଣ୍ଡାର ମହକ ବାସନା । କେଉଁଠି ଦୂର ଗଛମୂଳରେ ଗାଁର ଦେବତା ଦେଖୁଛି ନିଜ ଲୀଳାଖେଳାକୁ । ଧୂସର ଜହ୍ନ ଆଲୁଅ ମୋହି ହଉଛି ପୃଥ୍ୱୀ । ଚାରିଆଡ଼େ ଯାଦୁର କାଉଁରୀ ପରଶ । ପ୍ରକୃତି ସୁନ୍ଦର ।

ଏତେ ନିର୍ମଳ ଶୋଭାମୟ ପରିବେଶ ଭିତରେ ଛୋଟା ମାଜିଷ୍ଟ୍ରେଟଙ୍କ ମାନସିକ ଅବସ୍ଥା ବିକ୍ଷିପ୍ତ, ଅଶାନ୍ତ । କୋଠରୀ ଭିତରେ ଖଟରେ ବସିଛନ୍ତି କାଶୀ ବିଶ୍ୱନାଥ ସାହୁ । ପାଖରେ ଛୋଟା ଗୋଡ଼ର ସାହାରା ବାଡ଼ିଟି ଆଉଜା ହୋଇଛି । ପଛପଟେ ଚୁଲିରେ ବସିଛି କୁକୁଡ଼ା ମାଂସର ଭଜା । ପିଆଜ, ରସୁଣ ବଟା ଓ ଲଙ୍କା ମରିଚର ବଟା । ଘଣାପେଡ଼ା ସୋରିଷ ତେଲରେ ମାଂସର ବାସ୍ନା । ଘରିଆଡ଼ ଖେଳେଇ ହୋଇ ପଡୁଛି ପବନରେ, କାଶୀ ବିଶ୍ୱନାଥଙ୍କ ନାକ ପୁଡ଼ାଯାଏ ।

ହାତ ଯୋଡ଼ି ଛିଡ଼ା ହୋଇଥିଲା ଅର୍ଦ୍ଦଳି କୁରୁମଲ ନାୟକଲୁ । ବାବୁଙ୍କ ଶିରା ପ୍ରଶିରା ସେ ଚିହ୍ନେ । ଶୁକଚାନ୍ଦ ଗଣ୍ଡା ସଞ୍ଜବେଳେ ସୁବିଧା ଦେଖି ପିଏଇ ଦେଇଚି ରସ ଗିଲାସରେ ଦି ଗିଲାସ ମଦ । ଖାଣ୍ଟି ମାଲ୍ । କଥା ଦେଇଚି ରାତି ହେଲେ ଟାର ଦେହ ସେ ଗରମ କରିଦେବ । ଟା ଅଣ୍ଟାରେ ଖୋସି ଦେଇଚି ସେ ଦଶଟି ଟଙ୍କା । କୁରୁମଲ ନାୟକଲୁ କହିବ ଶୁକଚାନ୍ଦର ଗୁହାରୀ ମାଜିଷ୍ଟ୍ରେଟ୍ ସାହେବଙ୍କୁ ବେଳକାଳ ଦେଖି । ସୁଯୋଗ ଆସିଛି । କବାଟ ଆରପାଖେ ଶୁକଚାନ୍ଦ ଗଣ୍ଡା ଓ ବଗା ପୂଜାରୀ ଛିଡ଼ା ହୋଇଛନ୍ତି ।

ଲଣ୍ଠନ ଆଲୁଅରେ ଘର ଉଜ୍ଜ୍ୱଳ ଦିଶୁଛି । ମାଜିଷ୍ଟ୍ରେଟ୍ ହାତରେ ଧରିଛନ୍ତି ରସ ଗିଲାସ । ପାଖରେ ଥୁଆ ହୋଇଛି ମାଂସ ଭଜା । ହାଡ଼ ରେକେଟୁ ରେକେଟୁ ସେ ପଚାରିଲେ, "କୋରାମଲ" ।

"ହଜୁର" । ନମ୍ରତାର ସହିତ କହିଲା ସେ ।

"ଆଉ ସବୁ ଖବର କ'ଣ ? ରାତି କେତେ ହେଲାଣି ?"

"ଶୁକଚାନ୍ଦ ଭାରି ଦୁଃଖୀ ମଣିଷ ହଜୁର । ସୁନାଧର ନାୟକ ଟାକୁ ହଇରାଣ କରୁଛି । ପ୍ରାଣରେ ମାରିଦେବ ବୋଲି ଧମକ ଦଉଚି ହଜୁର । କଂଗ୍ରେସରେ ମିଶିଗଲା ପରେ ସେ ସରକାର କଥା ମାନୁନାଇଁ । ସିସ୍ତୁ ବି ଜମା କରୁନାଇଁ ।"

"ହୁଁ । ଆଖିପତା ପଡ଼ି ଆସୁଥିଲା କାଶୀ ବିଶ୍ୱନାଥଙ୍କର । ଟା ହେଲେ ସୁନାଧର ନାୟକ ଗାଉଁଣିଆ ହୋଇ ପାରିବ ନାଇଁ । ରଜାଙ୍କ ଦିବାନଙ୍କୁ ରିପୋର୍ଟ କର । ଥାନାକୁ ଖବର ଦିଅ । ରିବିନିଙ୍କୁ କହିଦିଅ ସେ ସକାଳୁ ହିସାବ କରିବ । ସୁନାଧର କେତେ ପଇସା ବାନ୍ଧିବାର ଅଛି ।"

"ହଜୁର" । କୁରୁମଲ ଅନାଉଥିଲା । କାଶୀ ବିଶ୍ୱନାଥଙ୍କ ହାତରେ ଧରିଥିବା ମଦ ଗିଲାସକୁ । ସରି ଆସିଥିବା ଗିଲାସରେ ପୁରି ଥରେ ସେ ଭର୍ତ୍ତି କରିଦେଲା ମଦ ।

ଅର୍ଦ୍ଦଳିର ମନ ଜାଣିବା କଥା ଦେଖି ହସିଦେଲେ କାଶୀ ବିଶ୍ୱନାଥ । ପଞ୍ଚମ ଗିଲାସ ଶେଷ ହୋଇଗଲା, ଶେଷ ହୋଇଗଲା ମାଂସ । ସେ ଆଦେଶ ଦେଲେ ଶୁକଚନ୍ଦ ଗଣ୍ଡାକୁ ତାଙ୍କ ଆଗରେ ପେଶ୍ କରିବାକୁ । କୁରୁମଲ ନାୟକଙ୍କୁ କୋଠରୀରୁ ବାହାରକୁ ଚାଲିଗଲା ଧୀରେ ଧୀରେ ।

ଶୁକଚନ୍ଦ ଘର ଭିତରକୁ ନିଃଶବଦରେ ପଶିଲା ହାତଯୋଡ଼ି, ପାଦ ଛୁଇଁ ମୁଣ୍ଡରେ ଲଗାଇଲା ।

"ମୁଇଁ ତୋର ପାଦର ପାଣ୍ଡେଇ ମାହାପ୍ରୁ । ତୋର କଥା ମୁଇଁ ଜାଣି । ତୋର କଥାକୁ ମୋର ସନମତ ଚିନିମ ।"

କାଶୀ ବିଶ୍ୱନାଥ ଚାହିଁଲେ ଶୁକଚନ୍ଦ ଗଣ୍ଡାକୁ । "ତୁ ଗଉଁଣ୍ଟିଆ ହେବୁ । ତୋତେ ଗୋଟେ ପାଇଟି କରିବାକୁ ହବ । କୁରୁମଲ କହି ଦବ ତତେ କଣ କରିବୁ ?" ।

"ଶୁକଚନ୍ଦ" ।

"ହଜୁର" ।

"ତୋର ଭଉଣୀ ହୀରାଦେଇ ଭାରି ସୁନ୍ଦରୀ ।"

"ହଜୁର" ।

"ତୋର ଭଉଣୀ ଭାରି ସୁନ୍ଦରୀ । ବଢ଼ିଆ ନାଚୁଥିଲା ।" ଅସ୍ପଷ୍ଟ ହୋଇ ଆସିଲା କାଶୀ ବିଶ୍ୱନାଥଙ୍କ ସ୍ୱର । ଶୁକଚନ୍ଦ ଗଣ୍ଡା କୋଠରୀରୁ ବାହାରି ଆସିଲା ।

ରାତିର ନିସ୍ତବ୍ଧ ପ୍ରହର । କାଶୀ ବିଶ୍ୱନାଥଙ୍କ ଆଖିରେ ରହି ରହି ଭାସି ଯାଉଥିଲା ହୀରା ଦେଇର ମୁହଁ । ବଢ଼ିଲା ବଢ଼ିଲା ଦେହ । ଚଞ୍ଚଳ ହୋଇ ଉଠିଲେ ସେ । ଉତ୍ତେଜିନ ବି । ବୋତଲରେ ଥିବା ବଳକା ମଦ ଟିକକ ବି ସରିଗଲା । ଦୂରରେ ଭୁକି ଉଠିଲା କୁକୁରଟିଏ । ହଠାତ୍ ଆଉଜା ହୋଇଥିବା କବାଟ ଠେଲି କିଏ ଜଣେ ଭିତରକୁ ପେଲି ଦେଲା ହୀରାଦେଇକୁ ପୁଣି କବାଟ ଆଉଜା ହୋଇଗଲା ।

କାଶୀ ବିଶ୍ୱନାଥ ଦେଖୁଥିଲେ ହୀରାଦେଇକୁ ଗୋଟାପଣେ । କବାଟକୁ ଆଉଜି ସେ ଛିଡ଼ା ହୋଇଥିଲା । ଖୋସାରେ ମେଞ୍ଚାଏ ଫୁଲ । ରଙ୍ଗ କପ୍ତାରେ ସେ ଦିଶୁଥିଲା ଭାରି ସୁନ୍ଦର । ଲଣ୍ଠନ ଆଲୁଅ ଓ ରାତିର ନିଃଶବ୍ଦ ନିରାପଦ ସମୟର ପ୍ରଭାବରେ କାଶୀ ବିଶ୍ୱନାଥ ଦେଖୁଥିଲେ ହୀରାଦେଇର ପୁଷ୍ଟ ଛାତିକୁ । ଅସମ୍ଭାଳ ହୋଇ ପଡ଼ିଲେ ସେ । ସେଦିନ ସେ ପ୍ରଥମ କରି ନିଜ ଛୋଟା ଗୋଡ଼କୁ ନେଇ ଅସହାୟ ହେବା କଥା ଅନୁଭବି

ପାରିଲେ । ବାଡ଼ିଟାକୁ ଧରି ଛିଡ଼ା ହୋଇ ପଡ଼ିଲେ ହଠାତ୍ । ହୀରା ଦେଇ ସେମିତି ଛିଡ଼ା ହୋଇ ରହିଥିଲା ଚୁପ୍‌ଚାପ୍ କବାଟକୁ ଆଉଜି ।

ରାତି, ମନର ତାତି, ଦେହର ଅଦଉତି ସବୁ ଏକାକାର ହୋଇ ମିଶିଗଲା ମହୁଲ ମଦର ନିଶାରେ । କୋଳେଇ ଆଣିଲେ କାଶୀ ବିଶ୍ୱନାଥ ହୀରାଦେଇକୁ ନିଜ ଆଡ଼କୁ । ରାତିର ଶେଷ ପ୍ରହରରେ ହୀରାଦେଇ ଚାଲିଗଲା ନିଜ ଘରକୁ, ନିଜର ଭାଇର ସ୍ୱାର୍ଥ ପାଇଁ ସମର୍ପିତ ହୋଇ । ତା ଆରଦିନର ସୂର୍ଯ୍ୟ କହିବାକୁ ଆସୁଥିଲା ଅନ୍ୟ ଏକ କାହାଣୀ ଯାହା ଇତିହାସ ହେବ ।

****

ତେର

# ସୁନାଧର ନାୟକ ମାଟିରେ ମିଶିଗଲା

ଭାମିନୀ ଗାଆଁ ଓ ଆଖପାଖ ଗାଆଁରେ ଶୁକଚନ୍ଦ ପନ୍‌କା (ଗଣ୍ଡା) ନବରଙ୍ଗପୁର ତହସିଲଦାର ଓ ମାଜିଷ୍ଟ୍ରେଟ୍ କାଶୀ ବିଶ୍ୱନାଥ ସାହୁଙ୍କଠାରୁ ବୁଦ୍ଧି ପାଇ ପ୍ରଚାର କରାଇ ଦେଲା ଯେ ଭାମିନୀ ଗାଉଁଟିଆ ସୁନାଧର ନାୟକ ପନ୍‌କା (ହରିଜନ) ଜାତିର ଝିଅଟିଏକୁ ରକ୍ଷିତା କରି ରଖିଛି ।

ଏଇ ଖବର କମ୍ ସମୟ ଭିତରେ ହଜାରେ ତୁଣ୍ଡ ହୋଇଗଲା । ସେ ସମୟର ସାମାଜିକ ଅବସ୍ଥା ଯାହା ଥିଲା, ସୁନାଧର ନାୟକଙ୍କ ଏମିତି କାମ ଯେ ତାଙ୍କ ନିଜ ଲୋକଙ୍କ ଭିତରେ ଘୃଣା ସୃଷ୍ଟି କରିବ ଆଉ ସେ ନିଜ ଲୋକ ପରିବାର ପାଖରେ ନିନ୍ଦିତ ହୋଇଯିବେ ଏହା ନିଶ୍ଚିତ ଭାବେ ଶୁକଚନ୍ଦ ପନ୍‌କା ଜାଣିଥିଲା ।

ହିରନ୍ଦି ପନ୍‌କା । ଶୁକଚନ୍ଦ ପନ୍‌କାର ସତର ବର୍ଷ ବୟସର ଭଉଣୀ । ତାକୁ ଶିଖେଇ ମତେଇ ଶୁକଚନ୍ଦ ପନ୍‌କା ସୁନାଧର ନାୟକଙ୍କ ଚରିତ୍ର ସଂହାର କଲା । ଭାମିନୀ ଗାଆଁର ବଗା ପୂଜାରୀ ଓ ଉମରକୋଟ ଥାନାର ପୋଲିସ ସବ୍‌ଇନସ୍‌ପେକ୍ଟର ତ୍ରିଲୋଚନ ମିଶ୍ରଙ୍କ ପରାମର୍ଶରେ ଶୁକଚନ୍ଦ ପନ୍‌କା ଏଇ କାମ କଲା ଯାହାକି ସୁନାଧର ନାୟକଙ୍କ ବ୍ୟକ୍ତିତ୍ୱକୁ ନଷ୍ଟ କରିଦେବ ।

ଖାଲି ଏତକିରେ କଥା ସରିଲା ନାହିଁ । ଭାମିନୀର ବଗା ପୂଜାରୀ ସୁନାଧର ନାୟକଙ୍କ ବଡ଼ ପୁଅକୁ ମଦ ଦେଇ, ମାତାଲ କରାଇ ସବୁବେଳେ ବାପ ବିରୁଦ୍ଧରେ କହିଲା । ମଦନିଶା ଓ ବାପ ପାପ କରୁଛି ବୋଲି ଧାରଣା ମିଶି ସେ ଦିନେ ରାଗିଯାଇ ସୁନାଧର ନାୟକଙ୍କୁ ହାତ ଉଠାଇଲା । ମାଡ଼ ମାଇଲା । ମମତାର ଯୋଡ଼ା ସୂତ୍ର ଛିଣ୍ଡି ଛିଣ୍ଡି ଗଲା ହଠାତ୍ ସେଦିନ । ବେଦନାର ତୀବ୍ରତା ତାଙ୍କ ମନକୁ କରି ପକାଇଲା ଖଣ୍ଡ ଖଣ୍ଡ । ସେ ମନେ ମନେ ଭାବିଲେ ଗାଆଁ ଛାଡ଼ି ଚାଲିଯିବେ । ଅପମାନ ସହ ବଞ୍ଚିବା ଛଡ଼ା ମରିଯିବା ଭଲ ।

ସୁନାଧର ନାୟକଙ୍କ କୁଳ କଟୁମ୍ବ, ଜାତିଭାଇ ବସି ବେହରଗ (ସଭା) କଲେ । ପନ୍‌କା ଜାତିର ମାଇଜି (ସ୍ତ୍ରୀ) ରଖିଥିବାରୁ ସୁନାଧର ନାୟକଙ୍କୁ ଜାତିରୁ ବାହର କରି ଦିଆଯିବ । ଜାତିର ନାଆଁ ପକାଇଥିବାରୁ ସେ ଏହି ଦଣ୍ଡ ଭୋଗିବେ । ମନ ଟିକି ଟିକି ହୋଇଗଲା ସୁନାଧର ନାୟକଙ୍କର ଜାତି ବାସନ୍ଦ ହେବାର ସାମାଜିକ ବ୍ୟବସ୍ଥା, କୁଳ ଲୋକଙ୍କ ବ୍ୟବହାର, ନିଜ ପୁଅର ଘଣା ଓ ଶୁକଚନ୍ଦ ପନ୍‌କାର ଚକ୍ରାନ୍ତ ଯେମିତି ସୁନାଧର ନାୟକଙ୍କୁ ବଦଳେଇ ଦେଲା ଗୋଟାପଣେ ।

ଦଶରା ମାସ । ଆଦିବାସୀ ଜୀବନରେ ଏ ମାସର ମହତ୍ତ୍ୱ ବେଶୀ । ଦଶହରାର ପର୍ବ । ପେଣ୍ଡ୍ରାଣୀ ଲାଠି ଜୟପୁର ଯିବ ଜାକଜମକରେ । ଉମରକୋଟଠାରୁ ଜୟପୁର ଯାଏ ତିରିଶ କୋଶ ବାଟ ପେଣ୍ଡ୍ରାଣୀ ମାଙ୍କ ଲାଠି ଆଗରେ ବାଜା ବଜାଇ ପ୍ରତ୍ୟେକ ଗାଆଁରୁ ଲୋକ ଚାଲିବେ । ମଝିରେ ମଝିରେ ପଡୁଥିବା ଗାଁରୁ ଭୋଗରାଗ ଖାଇ ଲାଠିକୁ ପୂର୍ଣ୍ଣ ଭକ୍ତି ଓ ସମ୍ମାନର ସହିତ ପହୁଞ୍ଚାଇ ଦିଆଯିବ ଜୟପୁର ଜମିଦାରଙ୍କ ଭଗବତୀ ପୀଠରେ । କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲାଠି ପହଞ୍ଚିଲା ପରେ ଦେବୀ ଭଗବତୀଙ୍କ ନବରାତ୍ର ପୂଜା ଆରମ୍ଭ ହେବ । ଦଶହରା ପର୍ବ ପାଳନ ଅବସରରେ ସରକାରୀ କର୍ମଚାରୀ ଓ ରାଜାଙ୍କ ଲୋକେ ଲାଗି ପଡ଼ିଲେ ଦଶରା ମାମୁଲି ଆସୁଲ କରିବାରେ । ଦଶହରା ବାୟଦା ସିସ୍ତ ପ୍ରତ୍ୟେକ ଚାଷୀମାନଙ୍କଠାରୁ ଆଦାୟ କରିବା ପାଇଁ ଗାଆଁ ନାୟକ ମାନଙ୍କୁ ରଜାଘର ତରଫରୁ ଆଦେଶ ଆସିଲା ।

ଏଇ ସୁଯୋଗକୁ ଯେମିତି ଜଗି ବସିଥିଲା ଶୁକଚାନ୍ଦ ପନ୍‌କା । ଭାମିନୀ ଗାଆଁର ଗଣ୍ଡା, ଯିଏ ସୁନାଧର ନାୟକଙ୍କ ଅଧୀନରେ ଲୋକଙ୍କଠାରୁ ସିସ୍ତ (ଖଜଣା) ଆଦାୟ କରି ପୈଠ ଦେଉଥିଲା ତାଙ୍କୁ । ଥରେ ସୁଯୋଗ ହାତଛଡ଼ା ହୋଇ ଗଲେ ଆଉ ଆସିବ ନାହିଁ । ସେ ଜଗାଇ ଦେଲା ଦୁଆରେ ଦୁଆରେ ଡମମାନଙ୍କୁ ହାତରେ ଠେଙ୍ଗା ଧରାଇ । ସିସ୍ତ ନଦେଲା ଯାଏ ଲୋକଙ୍କ ପିଣ୍ଡାରୁ ଉଠିବାକୁ ହବନାଇଁ । ଭୟ, ଘୃଣାରେ ଆତଙ୍କିତ ଭାମିନି ପଞ୍ଚାୟତର ରୟତକୁଳ ଉଚ୍ଛନ୍ନ ।

ଦଶହରା ସିସ୍ତ ଆଦାୟ ସହିତ ଯୋଡ଼ି ହୋଇଗଲା ସୁନାଧର ନାୟକଙ୍କ ଭାଗ୍ୟ । ଶୁକଚାନ୍ଦ ପନ୍‌କା ସିସ୍ତ ଆଦାୟ କଲା ସତ ହେଲେ ପୈଠ ଦେଲା ନାହିଁ । ଜୟପୁର ଜମିଦାରଙ୍କ ଦିବାନଙ୍କ ନିକଟକୁ ରିପୋର୍ଟ ଗଲା ଯେ ଭାମିନି ଗାଆଁର ସୁନାଧର ନାୟକ ଦଶହରା ସିସ୍ତ ଟ୧୬୦୦/-ଙ୍କା(ଷୋଳଶହ ଟଙ୍କା) ଆଦାୟ କରି ଖାଇ ଦେଇଛି ।

ଦିବାନଙ୍କ ଠାରୁ ଆଦେଶ ପାଇ ନବରଙ୍ଗପୁର ତହସିଲଦାର କାଶୀ ବିଶ୍ୱନାଥ ସାହୁ ତାଙ୍କ ପିଆଦା ମାନଙ୍କୁ ଧରି ପହଞ୍ଚିଲେ ଉମରକୋଟ । ଭାମିନି ଗଣ୍ଡାକୁ ଡକାଇ କହି ଦିଆଗଲା ସାଇବ କ୍ୟାମ୍ପକୋର୍ଟ କରିବେ ଭାମିନି ଗାଆଁରେ । ସୁନାଧର ନାୟକଙ୍କ କେସ୍ ବିଚାରଣା ହେବ । ସବୁ ବ୍ୟବସ୍ଥା ହବ । ସନମତ କଲା ଶୁକଚାନ୍ଦ ପନ୍‌କା । ଦୁଇପାଦ ପଛକୁ ଘୁଞ୍ଚି ଶୁକ୍‌ଚାନ୍ଦ ପନ୍‌କା ଜୁହାରି ହେଲା ଥାନା ବାବୁଙ୍କୁ ।

ଇତିହାସ ଯେମିତି କଡ଼ ଲେଉଟାଇ ଥିଲା ସେଦିନ ଭାମିନି ଗାଆଁରେ । କାଶୀ ବିଶ୍ୱନାଥଙ୍କ ଇଜଲାସରେ ରାଜସ୍ୱ ପୈଠ ନକରି ନିଜେ ଆତ୍ମସାତ କରିଥିବା ଅଭିଯୋଗରେ ସୁନାଧର ନାୟକଙ୍କ ବିଚାର ଆରମ୍ଭ ହେଲା । ରୟତମାନେ ସିସ୍ତ ଦେଇଥିବାର କହିଲେ ।

ଶୁକଚାନ୍ଦ ପନ୍‌କା ସାକ୍ଷୀ ଦେଲା ସିସ୍ତୁ ଆଦାୟ ହୋଇଛି । ସୁନାଧର ନାୟକ ରାଜାଙ୍କର ଅପରାଧ କରିଥିବାରୁ ଆଉ ଦଶହରା ସିସ୍ତୁ ପୈଠ କରି ନଥିବାରୁ ସେ ବାବଦ ଅପରାଧ ପାଇଁ ସୁନାଧର ନାୟକଙ୍କ ଜମି, ହଳ, ବଳଦ, ଘରେ ଥିବା କଂସାବାସନ, ସୁନାରୂପା ସବୁ ଜବତ୍ କରି ନିଆଗଲା । ଶୁକଚାନ୍ଦ ପନ୍‌କାର ଚକ୍ରାନ୍ତ ସଫଳ ହେଲା । ଧୂଳିସାତ ହୋଇଗଲା ସୁନାଧର ନାୟକଙ୍କ ପ୍ରତିଷ୍ଠା, ବ୍ୟକ୍ତିତ୍ୱ ଆଉ ନାୟକ ହୋଇ ଭୋଗିଥିବା ଦିନ ଗୁଡ଼ିକର ମାନସମ୍ମାନ । ଲୋକେ ବୁଝନ୍ତିନି କିଛି । ବାହାରଟାକୁ ଦେଖି ସତ ମଣିବା ପ୍ରବୃତ୍ତି ସାଧାରଣ ମଣିଷଙ୍କର ସବୁବେଳେ ଥାଏ ।

ନିଜର କିଛି ଦୋଷ ନଥାଇ ସୁନାଧର ନାୟକ ଦୋଷୀ ହୋଇଗଲେ । ଶୁକଚାନ୍ଦ ପନ୍‌କାର ଭଉଣୀକୁ ରଖି ଜାତି ହରାଇବାର କଥା ଜାତିର ମୁଖିଆଙ୍କ ଦ୍ୱାରା ତାଙ୍କୁ ଜଣାଇ ଦିଆଗଲା । ମାନୁଷୀ ଚକ୍ରାନ୍ତରେ ଆହତ ସୁନାଧର ନାୟକଙ୍କ ଛାତି ଫାଟିଗଲା ଯେମିତି ।

ଏ ଅନ୍ୟାୟର ପ୍ରତିବାଦ ସମ୍ଭବ ନଥିଲା ସେତେବେଳେ । ସାହସହୀନତା, ପ୍ରଭୁଭକ୍ତି ସବୁ ଚାଲିଗଲେ ବି କିଛି କହି ନପାରିବାର ଭୟ ସେଦିନ ସେଠାରେ ଥିବା ସବୁ ଲୋକଙ୍କୁ କାଠ କରି ଦେଇଥିଲା । ସର୍ବସ୍ୱାନ୍ତ ହେବା ପରେ ସୁନାଧର ନାୟକ ଚାହିଁଲେ ନାହିଁ ଭାମିନୀ ଗ୍ରାମରେ ରହିବା ପାଇଁ । ଯେଉଁ ଗାଆଁ କୋଳରେ ଧରି ତାଙ୍କୁ ବଢ଼େଇ ଥିଲା, ଆଙ୍ଗୁଠି ଧରି ଚାଲି ଶିଖେଇଥିଲା, କଣ୍ଠରେ ଭାଷା ଓଠରେ କଥା ଦେଇଥିଲା, ଖରାର ଗରମ, ବର୍ଷାର ପାଣି ଓ ଶୀତ ସକାଳର ଶିଶିର ବିନ୍ଦୁ ଯାହା ଜୀବନକୁ ଧୋଇ ସ୍ନେହିଳ ସ୍ପର୍ଶରେ ଜଡ଼େଇ ନେଇଥିଲା ସେଇ ଗାଆଁକୁ ସେ ଦେଖିନେଲେ ଶେଷଥର ପାଇଁ । କ୍ଷେତରେ ପାଚିଲା ଧାନକେଣ୍ଡାର ମୁଣ୍ଡ ହଲା, ପାଣିରେ ବେଙ୍ଗଫୁଲାର ପହଁରା, ଘର ଚାଳ ଉପରେ ଲାଉଫୁଲର ଧଳାରଙ୍ଗ ଆଉ ପାଚିଆସୁଥିବା ବୋଇତାଳୁ ତାଙ୍କୁ ଅଟକାଇ ପାରିଲେ ନାହିଁ । ଜାତିଲୋକଙ୍କ ପ୍ରତି ଅଭିମାନ ଓ ଶାସନର ଅନ୍ୟାୟ ତାଙ୍କୁ ବାଧ୍ୟ କରିଥିଲା ଯେମିତି ଏକ ନାମହୀନ ମଣିଷ ହେବା ପାଇଁ । ହିରିନ୍ଦି ପନ୍‌କାର ହାତ ଧରି ରାତିର ଧୂସର ଆଲୋକ ଭିତରେ ସୁନାଧର ନାୟକ ଭାମିନି ଛାଡ଼ିଲେ ଜଣେ ରୂପାନ୍ତରିତ ମଣିଷ ହେବା ପାଇଁ । ଯେମିତି ଭାରତର ସ୍ୱାଧୀନତା ସଂଗ୍ରାମ ତାଙ୍କୁ ଡାକୁଥିଲା ହାତଠାରି, ସବୁ ହରାଇଲେ ଯାଇ ଦେଶ ପାଇଁ କାମ କରିହୁଏ ବୋଲି ।

ରାଜାରାଜୁଡ଼ା ଶାସନ ସମୟରେ ଗାଁ ଖେଦା (ଗାଆଁରୁ ବାହାର କରିଦେବା)ର ଏହା ଅନ୍ୟ ଏକ ରୂପ ଥିଲା । ତା ପରଦିନ ସାରା ଭାମିନି ଗାଆଁ ଦେଖିଲା ନାହିଁ ଆଉ ସୁନାଧର ନାୟକଙ୍କୁ କି ହିରିନ୍ଦି ପନ୍‌କାକୁ ।

ଏହି ଖବର ଯେତେବେଳେ ବାଟିବେଡ଼ା ଗାଆଁରେ ପହଞ୍ଚିଲା ସମସ୍ତେ ହାହାକାର କରିଉଠିଲେ । "ସରକାର ସୁନାଧର ନାୟକଙ୍କ ସବୁ ଲୁଭ(ଲୁଟି) ନେଇ ଗାଆଁରୁ ଖେଦି

ଦେଲାବେ" ଲୋକ ତୁଣ୍ଡରୁ ଶୁଣି ରବିସିଂ ମାଝୀ ମର୍ମାହତ ହୋଇପଡ଼ିଲେ । ତାଙ୍କ ଦୀକ୍ଷା ଓ କର୍ମଗୁରୁଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ଯେମିତି ପରବର୍ତ୍ତୀ ଦିନମାନଙ୍କ ପାଇଁ ତାଙ୍କର ପ୍ରତିରୋଧ କରିବାର ଶକ୍ତିକୁ ବଢ଼ାଇ ଅନ୍ୟାୟକୁ ପ୍ରତିହତ କରିବାର ପ୍ରେରଣା ହୋଇ ମନ ଭିତରେ ପଶିଗଲା ।

ସୁନାଧର ନାୟକ, ଭାମିନି ଗାଆଁ ଛାଡ଼ିବା ଦିନ ରାତିରେ ବଗା ପୂଜାରୀ ସହିତ କଥା ହେଲା ଶୁକଚାନ୍ଦ ପନ୍‌କା । ତହସିଲଦାରଙ୍କୁ ସନ୍ତୁଷ୍ଟ କରି ପାରିଲେ ସେ ହେବ ଭାମିନି ଗାଉଁଣ୍ଡିଆ । ସୁନାଧର ନାୟକ ଗାଁ ଛାଡ଼ି ଚାଲି ଗଲାପରେ ଆଉ କିଏ ଅଛି ଏଠି ଗଉଣ୍ଡିଆ ହେବାକୁ । ସେ ଅନୁରୋଧ କଲା ବଗା ପୂଜାରୀକୁ ରାସ୍ତା ଦେଖେଇବାକୁ । ନିଶାରେ ମଦ୍‌ହୋସ୍ ହୋଇ ଆସୁଥିଲା ବଗା ପୂଜାରୀ । ଓଠରେ ଚହଟି ଗଲା ହସ । ସେ ଖାଲି ଏତିକି କହିଲା, "ପଠେଇଦେ, ତୋ ଭଉଣୀ ହୀରାଦେଇକୁ ।"

ଏ ପାଖରେ ତହସିଲଦାର କାଶୀ ବିଶ୍ୱନାଥ ସାହୁଙ୍କ ନିଃଶ୍ୱାସରେ ମଦର ଗନ୍ଧ । ମିଞ୍ଜି ମିଞ୍ଜି ଜଳୁଥିବା ଲଣ୍ଠନର ଆଲୁଅରେ ଘର ଭିତରର ସବୁ ଜିନିଷ ଦିଶୁଥିଲା ସ୍ୱପ୍ନିଳ । ଅନ୍ଧାର ଆଲୁଅର ମନଲୋଭା ନିସ୍ତବ୍ଧତା ଭିତରେ ଯେତେବେଳେ ହୀରା ଦେଇ ବଢ଼େଇ ଦେଲା ରସ ଗିଲାସରେ ଭର୍ତ୍ତି ମଦ ଆଉ ଅଜାଣତରେ ହେଉ କି ଜାଣତରେ ହେଉ ହୀରା ଦେଇର ଲମ୍ବା ସରୁ ଆଙ୍ଗୁଠିର ଟିପ ଛୁଇଁଦେଲା କାଶୀ ବିଶ୍ୱନାଥ ସାହୁଙ୍କୁ ନିଆଁ ଲାଗିଗଲା ତାଙ୍କ ଦେହରେ, ମନରେ, ପ୍ରତି ଲୋମକୂପରେ । ହୀରା ଦେଇ ନାକର ଫୁଲ ଝଲମଲ ଦିଶୁଥିଲା ଲଣ୍ଠନ ଆଲୁଅରେ । ପ୍ରତିଫଳିତ ହେଉଥିଲା ଏଠି, ସେଠି ସବୁଠୁ ବେଶୀ ବିଶ୍ୱାନାଥ ସାହୁଙ୍କ ଆଖିରେ । ଶିରାପ୍ରଶିରାରେ ରକ୍ତ ଲାଭା ହୋଇଯାଇଥିଲା ତାଙ୍କର । ହୀରା ଦେଇ କପାଳରେ ବିନ୍ଦୁ ବିନ୍ଦୁ ଝାଳ । ଆଉଜେଇ ଆଣିଲେ ହୀରାଦେଇକୁ ସେ । ହଜିଗଲେ ହୀରାଦେଇର ପଡୁଥିବା ଉଠୁଥିବା ଛାତିର ଉଷୁମ ଭିତରେ । ପଶୁଟିଏ କନ୍‌କନେଇ ଉଠିଲା ତାଙ୍କର ତାଳୁରୁ ତଳିପା ଯାଏ । ପାଟି ଓ ନାକପୁଡ଼ାରୁ ମଦର ବାସ ଚହଟି ଯାଉଥିଲା ହୀରା ଦେଇର ଦେହସାରା । ଯେତେବେଳେ କାଶୀ ବିଶ୍ୱନାଥ ସାହୁ ଭୁଲିଗଲେ ସବୁ କିଛି ଆଉ ତୀବ୍ର ଆବେଗରେ କାମୁଡ଼ି ଦେଲେ ହୀରାଦେଇର କଅଁଳ ଗାଲକୁ, ହୀରାଦେଇ ମୁହଁ ବୁଲେଇନେଲା ।

ଏମିତି ଏକ ସନ୍ଧିଲଗନରେ ହୀରାଦେଇ ଧୀର ଭାବରେ କହିଲା, "ବାବୁ, ମୋର ଭାଇକୁ ଗଉଣ୍ଡିଆ କରିଦବୁ କି ?" ଏଇ କଥା ପଚାରିବାକୁ ଶୁକଚାନ୍ଦ ପନ୍‌କା କହିଥିଲା ତାକୁ ।

ତା ପରଦିନ ସକାଳେ ଦନା ଦନା ମଦ ଓ ବକଡ଼ା ମାଂସର ଚକନି ଭିତର ଦେଇ ଜମା ହୋଇଥିବା ପାଖ ଆଖର ସମସ୍ତେ ଶୁକରଚନ୍ଦ ପନ୍‌କାକୁ ଗାଉଁଟିଆ ଭାବେ ମାନିନେଲେ । ସରକାରୀ ସ୍ୱୀକୃତି ବି ମିଳିଗଲା ତହସିଲଦାରଙ୍କ ରିପୋର୍ଟ ଉପରେ । ବହୁଦିନର ଇଛା ପୂରଣ ହୋଇଗଲା ତାର । ଆଉ ସେ ରୟତ ଦୁଆର ବୁଲି ସିସ୍ତୁ ଆଦାୟ କରିବା ଗଣ୍ଡା ନଥିଲା । ହେଲା ଗାଉଁଟିଆ, ରାଜ ପ୍ରତିନିଧି, ଅଖଣ୍ଡ ପ୍ରଭୁ ସତ୍ତାର ପ୍ରତୀକ, ଅନେକ ପରିବାର, ଅନେକ ଘର ତା ପାଇଁ ଉଛନ୍ନ ହେବାର ବେଳ ଆସିଗଲା ।

****

## ଚଉଦ

# ତାରାଗାଁ କର୍ମୀଶିବିରରେ ରବିସିଂ ମାଝୀ

୧୯୩୯ ମସିହା । ରବିସିଂ ମାଝୀଙ୍କ ବୟସ ୧୮ ବର୍ଷ । କଂଗ୍ରେସର କର୍ମୀ ହେଲାପରେ ସୁନାଧର ନାୟକଙ୍କ ସହ ସେ ଗାନ୍ଧୀ ବାର୍ତ୍ତା ପ୍ରଚାରରେ ବୁଲିଲେ ଉମରକୋଟ, ରାଇଘର, କୁନ୍ଦେଇ ଅଞ୍ଚଳର ଗାଁ ଗୁଡ଼ିକରେ । ତାଙ୍କ ସାଙ୍ଗରେ ଛାଇ ପରି ଥିଲେ ତାଙ୍କର ପିଲାଦିନର ସାଙ୍ଗ ଜୟରାମ ବାସୁଦେବ । ଦିନରାତି ଘର ଦୁଆର ଛାଡ଼ି ଗାଁରୁ ଗାଁକୁ ଘୁରି ବୁଲିଲେ । ସେ ପାଲଟି ଗଲେ ଅଧିକ ପଦ ଯାତ୍ରୀ । ସୁନାଧର ନାୟକ ହେଲେ ତାଙ୍କର ଆଦର୍ଶ । କର୍ମୀ ଗଢ଼ିବାକୁ ଲୋକଙ୍କ ମନରୁ ଭୟ ଛଡ଼ାଇ ଗାନ୍ଧୀ କଥା ଶୁଣାଇବାକୁ ସେ ଶପଥ ନେଲେ ।

ଲୋକ ଡର ନଛାଡ଼ିଲେ କଷ୍ଟ ଭୋଗ କରିବାକୁ ହେବ । ଏକାଠି ମିଶିଲେ ସହଜରେ ସାହସରେ କଥା କହିହେବ ଏମିତି ଏକ ଚିନ୍ତା ତାଙ୍କ ମନରେ ଥିଲା, ସୁନାଧର ଏହି ଚିନ୍ତାକୁ ଆଉ ଟିକିଏ ଟେକେଇ ଦେଲେ ।

ରବିସିଂ ମାଝୀଙ୍କ ଏହି କାମ ତୁଣ୍ଡରୁ ବି ତୁଣ୍ଡ ହୋଇ ନବରଙ୍ଗପୁର ତାଲୁକାର ବଡ଼ କଂଗ୍ରେସ ନେତା ସଦାଶିବ ତ୍ରିପାଠୀ ଓ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ କାନରେ ପଡ଼ିଲା । ଜଣେ ଆଦିବାସୀ ଯୁବକର ଏହି କାମ ସେମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା । ଉମରକୋଟ ପୋଲିସ ବି ଜାଣିଲା ରବିସିଂ ମାଝୀଙ୍କ ଗାଁ ଗାଁ ବୁଲି ବେହରଣ କରି ଲୋକଙ୍କୁ ନଡରି ଅନ୍ୟାୟ ଆଗରେ ଛିଡ଼ା ହେବାର କଥା ବୁଝାଉଥିବାର ଘଟଣା, ଥାନାବାବୁ ତ୍ରିଲୋଚନ ମିଶ୍ର, ଭାମିନୀର ଗଉଁଣ୍ଡିଆ ଶୁକ୍‌ଚାନ୍ଦ ପନ୍‌କାକୁ ରବିସିଂ ମାଝୀଙ୍କ ପ୍ରତି ଗତିବିଧି ଉପରେ ନଜର ଦେବାକୁ ଆଦେଶ ଦେଲା । ପୋଲିସ ଆଦେଶକୁ ଶୁକଚାନ୍ଦ ପନ୍‌କା ସନମତ କଲା ।

ଆଜି ଖଡ଼କା, କାଲି ବକଦା, ପରଦିନ ଲେଙ୍ଗଡ଼ାଗୁଡ଼ା, ବକଡ଼ାବେଡ଼ା । ସବୁ ଗାଁରେ ସଂଗଠନ କରିବା ପାଇଁ ଯୋଜନାମାନ ହେଲା । ପ୍ରତି ଗାଁରୁ ଜଣେ, ଦୁଇଜଣ ଗାନ୍ଧୀ ଗୁମାସ୍ତା ବାହାର କରିବାକୁ ହେବ । ଡରିବାକୁ ହେବ ନାହିଁ । 'ଗାନ୍ଧୀ ମାପ୍ରୁ ସାଙ୍ଗଲା ଆଡ଼େ' (ଗାନ୍ଧୀ ମହାପ୍ରଭୁ କହିଛନ୍ତି), ରବିସିଂ ଡରିବାର କଥା ପିଲାବେଳୁ ଜାଣିନଥିଲେ । ବାଣୁଆ ଘରର ପିଲା । ବାଣୁଆର ମନ ତାଙ୍କର । ଏବେ ବଣର ପଶୁ ନୁହେଁ, ଗଡ଼ଖା ମଣିଷ ତାଙ୍କର ଶିକାର ହେବେ ।

୧୯୩୯ ବେଳକୁ ଏ ଅଞ୍ଚଳର, ସାରା କୋରାପୁଟ ଜମିଦାରୀର ମୂଳ ଲୋକମାନେ ସ୍ୱାଧୀନତାର କଥା ଜାଣିବା ସମ୍ଭବ ନଥିଲା । କେବଳ ଶୋଷିତ ହୋଇ ଡରି ଡରି ଜୀବନ

ଜୀଇଁଥିଲେ । ବୋଧହୁଏ ଏହି ଭୟରୁ ମୁକୁଳାଇ ଏହି ଜଡ଼ ମଣିଷଙ୍କୁ ସାହାସର କଥା କହିବା ପାଇଁ ରବିସିଂ ଉମରକୋଟ ଅଞ୍ଚଳରେ ଜନ୍ମ ନେବା ବିଧିର ବିଧାନ ଥିଲା ।

କଂଗ୍ରେସର ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ ଜାଣିବା ପାଇଁ ଲକ୍ଷ୍ମୀଚନ୍ଦ୍ର ଦାସ, ରବିସିଂ ମାଝୀଙ୍କୁ ଅନ୍ୟ କର୍ମୀମାନଙ୍କ ସହିତ ତାରାଗାଁ କଂଗ୍ରେସ ଶିବିରରେ ଯୋଗ ଦେବାକୁ କହିଲେ । ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ରବିସିଂ ମାଝୀଙ୍କ ପଥ ପ୍ରଦର୍ଶକ ଜନନାୟକ ।

ନବରଙ୍ଗପୁର ପାପଡ଼ାହାଣ୍ଡି ରାସ୍ତାର ଠିକ ମଝିରେ ବାମହାତ ଭାଙ୍ଗି ପାଖାପାଖି ମାଇଲିଏ ଗଲେ ଶାଳବଣର ଘେର ଭିତରେ ତାରାଗାଁ ପଡ଼େ । ଏହି ଗାଁରେ ଅନେକ ଜାତି ଓ ସମ୍ପ୍ରଦାୟର ଲୋକ । ୧୯୩୭-୩୮ ବେଳକୁ ଏହି ଗାଁର ଲୋକେ ଗାନ୍ଧୀଜୀ ଓ କଂଗ୍ରେସର କଥାର ଅନୁଗାମୀ ହୋଇ ସାରିଥିଲେ ।

ତାରାଗାଁ, ସ୍ୱାଧୀନତା ସଂଗ୍ରାମର ଏକ ମୁଖ୍ୟ ଗାଁ ହୋଇ ପାରିଥିଲା । ଏହାର ଆଖପାଖ ଅନେକ ଗାଁର ଗାନ୍ଧୀ ଗୁମାସ୍ତାମାନେ ସଂଗ୍ରାମୀ, ଜେଲଯାତ୍ରୀ ହୋଇ ପାରିଥିଲେ । ସେଇ ତାରାଗାଁରେ କଂଗ୍ରେସ ଶିବିର । କର୍ମୀମାନେ ତାଲିମ ନେବେ । ସେମାନଙ୍କୁ ଶିକ୍ଷା ଦିଆଯିବ ସର୍ବ ଧର୍ମ ପ୍ରାର୍ଥନା । ଅରଟ ଓ ଚରଖାରେ ସୂତା କାଟିବା, ସମଦର୍ଶୀ ଭାବ ସମସ୍ତଙ୍କୁ ସମାନଭାବେ ଦେଖିବା ଓ ହରିଜନ ସେବାର ପ୍ରେରଣା । ରବିସିଂ ପହଞ୍ଚିଲେ ଉମରକୋଟ ଅଞ୍ଚଳରୁ କଂଗ୍ରେସ ଶିବିରକୁ । ତାଙ୍କ ସହିତ ଆସିଥିଲେ ମୂର୍ତ୍ତୁମା ଗାଁର ଯୁଗଦର ମାଝୀ ଓ କୃପାସିନ୍ଧୁ ପୂଜାରୀ, ଖଡ଼କା ଗ୍ରାମର ରାଇ ସିଙ୍ଗ ଭକ୍ତ, ବେହେଡ଼ାର ସନସାୟ ବୈରାଗୀ, ଉମର ଗାଓଁର ଚକର ପୂଜାରୀ, ହୀରାପୁର ଗାଁର ମଙ୍ଗଲୁ ପୂଜାରୀ, ଜୟରାମ ବାସୁଦେବ, ବୁଦ୍ଧିସନ ପୂଜାରୀ, ରାମଚନ୍ଦ୍ର ମାଝୀ, କେଉଠ ପାଣ୍ଡେ, ଶୋଭାମାଳି, କମଳ ଗଣ୍ଡ, ପଣ୍ଡରୁ ଗଣ୍ଡ, ବୀରୁ ଧୁରୁଆ, ଏ ସମସ୍ତେ ଥିଲେ କଂଗ୍ରେସର ଚରିଅଣିଆ ସଭ୍ୟ ।

ବଡ଼ି ସକାଳୁ ରାମଧୂନର ସ୍ୱର ପବିତ୍ର କଲା ଏହି ଗାଁକୁ । ଏହି ଗାଁର ଶିବିରକୁ ପରିଚାଳନା କରୁଥିଲେ ସଦାଶିବ ତ୍ରିପାଠୀ, ଲକ୍ଷ୍ମୀଚନ୍ଦ୍ର ଦାସ । ମଝିରେ ମଝିରେ ଆସୁଥିଲେ ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, ନୀଳକଣ୍ଠ ପାତ୍ର । ବୁଝାଉ ଥିଲେ ଦେଶର କଥା । ଗାନ୍ଧୀଙ୍କର କଥା ।

ଚରିଆଡ଼େ ମହୁଲ, ତିନ୍ତୁଳି ଓ ଆମ୍ବ ଗଛ । ଗାଆଁକୁ ଲାଗି ଶାଳବଣ । ପାଖରେ ଚିକିଲି ନଈ । ବର୍ଷାପାଣିରେ ଗୋଳିଆ ଦିଶିବାର ସମୟ ନଥିଲା । ଶୀତ ସମୟ ପୌଷ, ମାଘର ମାସ । ଶରତ ଋତୁ ଆଉ ନାହିଁ । ରବିସିଂ ମାଝୀ, ପାସୁର ନାୟକ, ବାଲଚନ୍ଦ ନାୟକ ଆଖିରେ ନିଦ ନାହିଁ । ସକାଳ ଆସିବାକୁ ଡେରି ଥିଲା । କେମିତି ଏକ ନୂଆ ଅନୁଭବର ରାତି, ସେ ଶିବିରରେ ।

ଶିବିରରେ ପ୍ରଥମ ଦିନ । କର୍ମୀମାନେ ଗାଁ ଗାଁ ବୁଲି ଆଣିଥିବା ମୁଠି ଚାଉଳର ଭାତ, ମିଶାମିଶି ପରିବାର ତରକାରୀ, ଚିମୁଟାଏ ଲୁଣ ସହିତ ଖଲିରେ ଧରି ଯେତେବେଳେ 'ଓଁ ସହନୌ ଭୁନକ୍ତୁ' ମନ୍ତ୍ର ବୋଲି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଖାଇଲେ, ଏହାର ପ୍ରଭାବ ରବିସିଂ ମାଝୀଙ୍କ ଉପରେ ଗଭୀର ଭାବରେ ପଡ଼ିଥିଲା । ସେହି ଶିବିରରେ ସେ ଖଦଡ଼ ଟୋପି ଓ ଖଦଡ଼ ଲୁଗା ପିନ୍ଧି ତାଙ୍କୁ ଶିବିର ଭିତରକୁ ହାତ ଧରି ନେଇଥିବା ଚଇତନ ସାଠିଆଙ୍କୁ ପ୍ରଥମ କରି ଦେଖିଲେ ।

ତା ଆରଦିନ ସକାଳୁ ଉଠି ନିତ୍ୟକର୍ମ ସାରି ସମସ୍ତ କର୍ମୀଙ୍କ ସହ ରବିସିଂ ଗାଇଲେ ସମବେତ ସ୍ୱର ସହିତ ନିଜ ସ୍ୱରକୁ ମିଶାଇ -

"ରଘୁପତି ରାଘବ ରାଜାରାମ
ପତିତପାବନ ସୀତାରାମ
ଈଶ୍ୱର ଆଲ୍ଲା ତେରୋ ନାମ
ସବ୍ କୋ ସନ୍‌ମତି ଦେ ଭଗବାନ ।"

ମୃଦଙ୍ଗ ଗିନିର ତାଳେ ତାଳେ କର୍ମୀ ମାନଙ୍କର ସମବେତ କଣ୍ଠ ଯେମିତି ଅମୃତ ବରଷାଉ ଥିଲା । ରବିସିଂ ଯେମିତି ବୁଡ଼ିଗଲେ ଏଇ ପ୍ରାର୍ଥନା ଭିତରେ ।

ପ୍ରାର୍ଥନା ସରିଲା । ସମସ୍ତେ ଧାଡ଼ିବାନ୍ଧି ବସିଲେ ଧନୁଷ ଚରଖାରେ ସୂତା କାଟିବା ପାଇଁ । ପାଖରେ ତୁଳା ରଖି ଦିଆଗଲା । ଧନୁଷ ଚରଖାରେ କେମିତି ସୂତା କାଟିବାକୁ ହେବ, ତକଲି କେମିତି ବ୍ୟବହାର କରିବାକୁ ହେବ ସେ ବିଷୟରେ ପ୍ରଥମ ତାଲିମ ଆରମ୍ଭ ହେଲା ।

ଏହି ତାଲିମ ଦାୟିତ୍ୱରେ ଥିଲେ ସୁଦୂର ସମ୍ବଲପୁରରୁ ଆସିଥିବା ସମର୍ପିତ କଂଗ୍ରେସ କର୍ମୀ ରାମଚନ୍ଦ୍ର ପୁରୀ । ଆଣ୍ଠୁ ଲୁଚୁନଥିବା ଖଦଡ଼ ଖଦି ଓ କାନ୍ଧରେ ପଡ଼ିଥିବା ଖଦଡ଼ ଗାମୁଛାରେ ସେ ଦିଶୁଥିଲେ ଋଷି ପରି ଧୀର, ଶାନ୍ତ, ସଂଯତ, ମିଷ୍ଟଭାଷୀ । ଓଠରେ ସବୁବେଳେ ସରୁହସ । ଆଖିରେ ଜ୍ୟୋତି । ଗୋରା ସୁନ୍ଦର ଚେହେରା । ସେ ଯେତେବେଳେ ସ୍ନେହରେ ୧୮ ବର୍ଷର ଯୁବକ ରବିସିଂଙ୍କ କାନ୍ଧରେ ହାତ ରଖିଲେ, ରବିସିଂ ଯେମିତି ହଜିଗଲେ ସେହି ସ୍ପର୍ଶରେ ।

ରାମଚନ୍ଦ୍ର ପୁରୀଙ୍କ ଠାରୁ ସେ ଶୁଣିଲେ ଗାନ୍ଧୀଙ୍କ କଥା । ଅସହଯୋଗ ଆନ୍ଦୋଳନରେ କଥା । ନିଜର ସ୍ୱାର୍ଥକୁ ଛାଡ଼ି ଦେଶର ସେବା କରିବା ପାଇଁ ଧନ, ଜନ, ଜୀବନ ସମର୍ପି ଦେବାର କଥା । କଂଗ୍ରେସକୁ ଭଲ ପାଇବାର କଥା । ରାମଚନ୍ଦ୍ର ପୁରୀଙ୍କ ପ୍ରଭାବ ରବିସିଂ ମାଝୀଙ୍କୁ ସାରାଜୀବନ ବାଟ ଦେଖାଇ ଥିଲା କଷ୍ଟ ସହି କଷ୍ଟରୁ ମୁକ୍ତି ପାଇବା ପାଇଁ ।

****

## ପନ୍ଦର

# ନୂଆପୁଟ ଗାଁରେ ଦୁଇମାସ

୧୯୩୭ ମସିହା ବେଳକୁ କଂଗ୍ରେସ ଭାରତର ଜନଗଣଙ୍କର ଦଳ ହୋଇ ସାରିଥିଲା । ଅବଶ୍ୟ କୋରାପୁଟ ଜିଲ୍ଲାକୁ କଂଗ୍ରେସ ରାଧାକୃଷ୍ଣ ବିଶ୍ୱାସରାୟଙ୍କ କଂଗ୍ରେସର ଚାରିଅଣିଆ ସଭ୍ୟ ହେବାପରେ ୧୯୩୦ ମସିହାରେ ପ୍ରବେଶ କରିଥିଲା । ଗଞ୍ଜାମରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ, ୧୯୩୧ ଯାଏ ରାଜମହେନ୍ଦ୍ରୀ ଜେଲରେ ରହି ସେ ଜୟପୁରକୁ ଫେରିଲେ । ସାରା କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରି ପୁଣିଥରେ ଗିରଫ ହୋଇ ୧୯୩୪ ମସିହା ଯାଏ ବନ୍ଦୀ ହେଲେ ଗଞ୍ଜାମର ଦିବାକର ପଟ୍ଟନାୟକଙ୍କ ସହିତ । ୧୯୩୫ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟୀ ଗଠନ କରାଗଲା ଓ ରାଧାକୃଷ୍ଣ ବିଶ୍ୱାସରାୟ ଏହାର ପ୍ରଥମ ସଭାପତି ହେଲେ । ପରବର୍ତ୍ତୀ କାଳରେ ଜୟପୁରର ରାଧା ମୋହନ ସାହୁ ଏହି କୋରାପୁଟ ଜିଲ୍ଲା କଂଗ୍ରେସ କମିଟୀରୁ ସମ୍ପାଦକ ଓ ନବରଙ୍ଗପୁରର ସଦାଶିବ ତ୍ରିପାଠୀ ଏହାର ସଭ୍ୟ ହେଲେ ।

ରାଧାକୃଷ୍ଣ ବିଶ୍ୱାସରାୟଙ୍କ ଚେଷ୍ଟାରେ ସମଗ୍ର କୋରାପୁଟ ଜିଲ୍ଲାରେ କଂଗ୍ରେସର ହାୱା ବହିଲା । ଏଠି କଂଗ୍ରେସ କହିଲେ, ଲୋକେ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ତାଙ୍କୁ ହିଁ ବୁଝୁଥିଲେ । କୋରାପୁଟ ଜିଲ୍ଲାରେ ଯେମିତି ଗାନ୍ଧୀ ଥିଲେ ସିଏ, ମାଳାଞ୍ଚଳ ଗାନ୍ଧୀ, ଏଜେନ୍‌ସୀ ଗାନ୍ଧୀ । ତାଙ୍କର ତ୍ୟାଗ, କଂଗ୍ରେସ ପ୍ରତି ଆନୁଗତ୍ୟ ଗୋପବନ୍ଧୁ ଚୌଧୁରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ୧୯୩୫ରେ ରାଧାକୃଷ୍ଣ ବିଶ୍ୱାସରାୟ କଟକର ସ୍ୱରାଜ ଆଶ୍ରମକୁ ଯାଇ (ନଭେମ୍ବର-ଡିସେମ୍ବର) ଚୌଧୁରୀଙ୍କୁ ସାକ୍ଷାତ କଲେ ।

ସେତେବେଳକୁ ସ୍ୱରାଜ ଆଶ୍ରମ ଓଡ଼ିଶା କଂଗ୍ରେସର ମୁଖ୍ୟ ସ୍ଥାନ । ଓଡ଼ିଶା କଂଗ୍ରେସ ଦଳର ଯେଉଁମାନେ ନେତା ଥିଲେ ସେମାନେ ହେଲେ ନିତ୍ୟାନନ୍ଦ କାନୁନ୍‌ଗୋ, ରାଜ କିଶୋର ବୋଷ, ଗୌରାଙ୍ଗ ଚରଣ ଦାସ, ସୁଧୀର ଚନ୍ଦ୍ର ଘୋଷ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଫଣିଲାଲ, ମୋହନ ଦାସ, ଆଚାର୍ଯ୍ୟ ହରିହର ଦାସ, ରବିନ୍ଦ୍ର ମୋହନ ପଟ୍ଟନାୟକ, ଉମାଚରଣ ପଟ୍ଟନାୟକ, ବିଶ୍ୱନାଥ ଦାଶ, ନବକୃଷ୍ଣ ଚୌଧୁରୀ, ସାରଙ୍ଗଧର ଦାସ, ରାଧାନାଥ ରଥ, ରବି ଘୋଷ ଆଦି ।

କଟକରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟୀ ବସି ପ୍ରସ୍ତାବ ଧାର୍ଯ୍ୟ ହେଲା ଯେ କୋରାପୁଟ ଜିଲ୍ଲାରେ ଜିଲ୍ଲା କଂଗ୍ରେସ ତଥା ତା ଅଧୀନରେ ଅନ୍ୟାନ୍ୟ କମିଟୀ ମାନ ଗଠନ କରିବାକୁ ଏକ ସବ୍ କମିଟୀ ଗଠନ କରାଯାଉ ।

ଏହି ସବ୍ କମିଟୀରେ ତିନିଜଣ ସଭ୍ୟ ରହିବେ । ସେମାନେ ହେଲେ ବ୍ରହ୍ମପୁରରୁ ପ୍ରକାଶିତ ଆଶ ପତ୍ରିକାର ନିର୍ଭୀକ ସମ୍ପାଦକ ଶଶି ଭୂଷଣ ରଥ, ବ୍ରହ୍ମପୁରର ନିଃସ୍ୱାର୍ଥପର କଂଗ୍ରେସ ନେତା ଦିବାକର ପଟ୍ଟନାୟକ ଓ କୋରାପୁଟ ଜିଲ୍ଲାର ରାଧାକୃଷ୍ଣ ବିଶ୍ୱାସରାୟ ।

ବିଶ୍ୱାସରାୟଙ୍କ ଚେଷ୍ଟାରେ ୧୯୩୭ ମସିହା ଶେଷସୁଦ୍ଧା କୋରାପୁଟ ଜିଲ୍ଲାର ନବରଙ୍ଗପୁର, କୋଟପାଡ଼, ଉମରକୋଟ, ଦିଗି ସଲପା, ନନ୍ଦପୁର, ଡାବୁଗାଁ, ଭୈରବଗୁଡ଼ା, ସୁନାବେଡ଼ା, ବଡ଼ ମାରଲା, ଦଶମନ୍ତପୁର, ଗୁଣୁପୁର, ଜୟପୁର, ମାଟିଲି, ବୈପାରିଗୁଡ଼ା ଆଦି ସ୍ଥାନରେ ପ୍ରାଥମିକ କଂଗ୍ରେସ କମିଟୀମାନ ଗଠନ କରାଗଲା ।

୧୬ ବର୍ଷ ବୟସରେ ରବିସିଂ ମାଝୀ, ନବରଙ୍ଗପୁର କଂଗ୍ରେସ ନେତା ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସୁପାରିଶକ୍ରମେ ଉମରକୋଟ ପ୍ରାଥମିକ କଂଗ୍ରେସ କମିଟୀର ସଭାପତି ହେଲେ । ଆଉ ଯେଉଁ ତିନିଜଣ କଂଗ୍ରେସ କର୍ମୀ ଏହାର ସଭ୍ୟ ରହିଲେ ସେମାନେ ହେଲେ ବଳରାମ କଲାର, ସରାବୁ ଗୌଡ଼ ଓ ଗୁରୁ ଗୌଡ଼ । ଏମାନେ ସମଗ୍ର ଉମରକୋଟ ଅଞ୍ଚଳରେ କଂଗ୍ରେସର କାମ କରିବା ପାଇଁ ଗୁରୁ ଦାୟିତ୍ୱ ବହନ କଲେ । ଏହାପରେ ରବିସିଂଙ୍କ ଜୀବନ ଏକ କୀର୍ତ୍ତିମୟ ଜୀବନରେ ରୂପାନ୍ତରିତ ହୋଇଗଲା ।

ନିଷ୍ଠାପର କଂଗ୍ରେସ କର୍ମୀ ତିଆରି କରିବା, ସେମାନଙ୍କୁ ଶିକ୍ଷା ଦେବା, ତାଲିମର ବ୍ୟବସ୍ଥା କରିବା ଏବଂ ରାଜତନ୍ତ୍ରର ଶୋଷଣ ବିରୋଧରେ ଏକ ସଂଗଠିତ ନିଃସ୍ୱାର୍ଥପର କଂଗ୍ରେସକର୍ମୀଙ୍କ ଦଳ ଗଠନ କରିବା ପାଇଁ ତଥା ସେମାନଙ୍କୁ ଉପଯୁକ୍ତ ତାଲିମ ପରେ ସେମାନଙ୍କ କ୍ରିୟା କଳାପକୁ ନିୟନ୍ତ୍ରଣ କରିବା ପାଇଁ ରାଧାକୃଷ୍ଣ ବିଶ୍ୱାସରାୟ ଏକ ତାଲିମ ଶିବିର ବରୀ ଗାଁରେ ସ୍ଥାପନ କରିବା ପାଇଁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟୀ ତଥା ଉତ୍କଳ ଚରଖା ସଂଘର ସଭାପତି ଗୋପବନ୍ଧୁ ଚୌଧୁରୀଙ୍କ ସାହାଯ୍ୟ, ସହଯୋଗ ଲୋଡ଼ିଲେ । ଏହା ୧୯୩୭ ମସିହା ଶେଷ ଆଡ଼ର କଥା ।

ଯା ପୂର୍ବରୁ ଗୋଟିଏ ଘଟଣା ଘଟିଗଲା ଯାହା କଂଗ୍ରେସକୁ ଏହି ଜିଲ୍ଲାରେ ଲୋକମାନଙ୍କ ବିପଦ ଆପଦରେ ଛିଡ଼ା ହେବାର ଦଳ ଭାବରେ ବିଶ୍ୱାସ ଜନ୍ମାଇବା ପାଇଁ ଭିତ୍ତିଭୂମିଟିଏ ତିଆରି କରି ଦେଲା ।

୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ସାର୍ ଜନ୍ ଅଷ୍ଟିନ୍ ହବାକ୍ ଓଡ଼ିଶାର ଗଭର୍ଣ୍ଣର (ଛୋଟଲାଟ) ହୋଇ ଆସିଲେ । ସେ ସାହେବ କୋରାପୁଟ ଜିଲ୍ଲା ଦେଖିବା ଇଚ୍ଛା ପ୍ରକାଶ କଲେ । ଜୟପୁରରେ ଅବସ୍ଥାପିତ ପଲିଟିକାଲ ଏଜେଣ୍ଟଙ୍କୁ ଏହି ଖବର ଜଣାଇ ଦିଆଗଲା । ସାହେବ ଆସିବେ, ରହିବେ, ଖାଇବେ, ଶିକାର କରିବେ । ଆମୋଦ ପ୍ରମୋଦର ବ୍ୟବସ୍ଥା କରିବାକୁ ହେବ ।

ସେତେବେଳକୁ ଓ ପୁଲ୍ଲାରେଡ୍ଡୀ, ଆଇ.ସି. ଏସ୍ ମହାରାଜା ବିକ୍ରମଦେବ ବର୍ମାଙ୍କ ଦେୱାନ । ସେ ସାହେବଙ୍କ ମନୋରଞ୍ଜନ ପାଇଁ, ଖାଦି ପିନ୍ଦିର ବ୍ୟବସ୍ଥା କରିବା ପାଇଁ ଭୁକ୍ତା, ମୁଠାଦାର, ନାୟକ, ଗଣ୍ଡା, ଚଲାଣ ମାନଙ୍କୁ ନିର୍ଦ୍ଦେଶ ଦେଲେ ।

ସପ୍ଲାଇ ଆଦାୟ କରିବା ପାଇଁ ବୈପାରିଗୁଡ଼ା, ମାତିଲି, ରାମଗିରି ବନାଞ୍ଚଳରେ ଥିବା ଆଦିବାସୀ ଗାଁ ଗୁଡ଼ିକୁ ପାଇକ, ଜମାନ ଓ ଶିକାରର ବ୍ୟବସ୍ଥା କରିବା ପାଇଁ ଫରେଷ୍ଟ ଗାର୍ଡ଼ ମାନଙ୍କୁ ପଠାଗଲା । ଏମାନେ ସବୁ ରଜାଘର, ଗୋରା ସାଇବଙ୍କ ଲୋକ । ଲୋକମାନଙ୍କୁ ଡରାଇ, ଧମକାଇ, ସପ୍ଲାଇ ନଦେଲେ ସଜା, ଶିକ୍ଷା (ଜେଲ) ପଠାଇଦେବାର କହି ସଂଗ୍ରହ କଲେ ସରୁ ଚାଉଳ, ଭଲ ଘିଅ, ମୁଗ, କାନ୍ଦୁଲ, ଛେଳି ମେଣ୍ଢା, କୁକୁଡ଼ା । ଶିକାରରେ ବ୍ୟବହାର କରାଯିବା ପାଇଁ ବାଛୁରୀ, ବଛା, ସୁସ୍ଥ ସବଳ ଗାଈ, ବଳଦ ମାନ ବିନା ମୂଲ୍ୟରେ । ଶାସନର ଭୟ, ତାଡ଼ନାର ଭୟରେ ବନବାସୀ ମଣିଷ ଲୁହ ନକାନ୍ଦି ରକ୍ତ କାନ୍ଦିଲେ ।

ସାର୍ ଜନ୍ ଅଷ୍ଟିନ୍ ହବାକ୍ କଟକରୁ ଆସି ପହଞ୍ଚିଲେ ନବରଙ୍ଗପୁରରେ । ଜୟପୁର ମହାରାଜା ମହା ଆଡ଼ମ୍ବରରେ ସେଠି ତାଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଜଣାଇଲେ । ବାଇଦ, ନାଚ, ଫୁଲମାଳ, ପଣ୍ଡିତଙ୍କ 'ମଙ୍ଗଳାଷ୍ଟକ' ଉଚ୍ଚାରଣରେ ସ୍ତମ୍ଭୀଭୂତ ହୋଇଗଲେ ଓଡ଼ିଶା ପ୍ରଦେଶର ଛୋଟଲାଟ୍ । ତାପରେ ଜୟପୁର ଯାତ୍ରା । ଶିଙ୍ଗନାଟ, ଧାଙ୍ଗଡ଼ିନାଚ, ପଟୁଆରର ଆଡ଼ମ୍ବର ଭିତରେ ଜୟପୁର ରାଜଦଣ୍ଡର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ସାହେବଙ୍କୁ ସ୍ୱାଗତ ଜଣାଇଲେ ।

ସାହେବ ଆସିଲେ । ରାଜାଙ୍କର ଅତିଥି ହେଲେ । ଖାଇଲେ ପିଇଲେ, ହସିଲେ, ରସିଲେ, ଗଲେ ରାମଗିରି ଜଙ୍ଗଲକୁ । ମଞ୍ଚାରେ ବସି, ଆଦିବାସୀ ମଣିଷ ତଡ଼ି ଆଣୁଥିବା ବଣ ଜନ୍ତୁଙ୍କୁ ନଳୀରେ ଲାଞ୍ଛିଲେ । ବାଘ, ଗୟଳ, ସମ୍ବର, ଜିଆଦ, ନୀଳଗାଈ, କୁଟ୍ରା, ଶିକାର ହେଲେ ମୟୂର, ହରଡ଼ ଚଢ଼େଇ । ରାଜ କର୍ମଚାରୀ ହାତ ଚିକ୍କଣ କଲେ । ଆଦିବାସୀ ମଣିଷ ସର୍ବସ୍ୱାନ୍ତ ହେଲେ ।  ସାହେବ ବେଣ୍ଟଯାତ୍ରା ସାରି ମହା ସନ୍ତୋଷରେ ଫେରିଲା ବେଳକୁ ମହାରାଜା ବିକ୍ରମଦେବ ବର୍ମା ତାଙ୍କୁ ଭେଟିଦେଲେ ଲକ୍ଷେ ଟଙ୍କାର ଥାଳି ।

ଏହି ଅତ୍ୟାଚାର ଓ ଶୋଷଣରେ ଖବର ପାଇ ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ଓ ଘୁମର ଗାଁର ନୀଳକଣ୍ଠ ପାତ୍ରଙ୍କୁ ଦାୟିତ୍ୱ ଦେଲେ ବିବରଣୀ ସଂଗ୍ରହ କରିବା ପାଇଁ । ସେମାନେ ବୈପାରିଗୁଡ଼ା, ରାମଗିରି, ମାତିଲି ମୁଠାରେ ଥିବା ଗାଁ ଗାଁ ବୁଲି ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ସେମାନଙ୍କଠାରୁ ଲୁଟି ନିଆ ଯାଇଥିବା ଜିନିଷ

ଗୁଡ଼ିକର ଯଥାମୂଲ୍ୟ ଫେରସ୍ତ କରି ଦେବାକୁ ଦାବୀ କଲେ । ଏହି ଘଟଣାର ଏକ ରିପୋର୍ଟ ତତ୍‌କାଳୀନ ସମାଜ ସମ୍ପାଦକ ଲିଙ୍ଗରାଜ ମିଶ୍ରଙ୍କୁ ପଠାଗଲା । ଏହି ରିପୋର୍ଟ ସମାଜରେ ଛପିବା ଫଳରେ ଓଡ଼ିଶା ସରକାରରେ ମହା ହଇଚଇ ସୃଷ୍ଟି ହେଲା ( ୧୯୩୭-୩୮ ) । ଏଥିରେ ସାର୍ ଅଷ୍ଟିନ୍ ହବାକ୍ କ୍ଷୁବ୍ଧ ହେଲେ । ରାଜାଙ୍କ ତରଫରୁ ରାଧାକୃଷ୍ଣ ବିଶ୍ୱାସରାୟ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ନାମରେ ମୋକଦ୍ଦମା ଦାୟର ହେଲା ।

ସେତେବେଳେକୁ ଓଡ଼ିଶର ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ । ସେ ଘଟଣାର ଗୁରୁତ୍ୱ ଅନୁଭବ କରି ଛୋଟଲାଟ୍‌ଙ୍କ ସହିତ କଥାବାର୍ତ୍ତା କରିବା ଫଳରେ ଦେୱାନ୍ ଓ ପୁଲ୍ଲାରେଡ଼ି ରାଜକୋଷରୁ ଛୋଟଲାଟଙ୍କ ନିର୍ଦ୍ଦେଶରେ ଲୋକମାନଙ୍କଠାରୁ ଆଦାୟ କରା ଯାଇଥିବା ଜିନିଷ ଗୁଡ଼ିକର ଅର୍ଥମୂଲ୍ୟ ଫେରସ୍ତ କଲେ । ଫଳରେ ଏଠା ଆଦିବାସୀ ମଣିଷର କଂଗ୍ରେସ ପ୍ରତି ପତିଆରା ବଢ଼ିଗଲା ଏବଂ କଂଗ୍ରେସରେ ମିଶିଲେ ଯେ ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ମେଣ୍ଟିବ ଏହି ବିଶ୍ୱାସ ସେମାନଙ୍କ ମନରେ ଦୃଢ଼ ହେଲା ।

ଏମିତି ଏକ ବିଶ୍ୱାସକୁ ଭିତ୍ତି କରି ରାଧାକୃଷ୍ଣ ବିଶ୍ୱାସରାୟଙ୍କ ଅନୁରୋଧକ୍ରମେ ୧୯୩୮ ମସିହ ପ୍ରଥମ ମାସରେ କଟକ ସ୍ୱରାଜ ଆଶ୍ରମରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ନୂଆପୁଟ ଠାରେ ଏକ କଂଗ୍ରେସ କର୍ମୀ ତାଲିମ କେନ୍ଦ୍ର ଖୋଲିବା ପାଇଁ ସ୍ଥିର କରାଯିବା ସଙ୍ଗେ ସଙ୍ଗେ ଓଡ଼ିଶାର ବଡ଼ ବଡ଼ କଂଗ୍ରେସନେତା ମାନଙ୍କୁ ଏହି କେନ୍ଦ୍ରରେ ତାଲିମ୍ ଓ ଦିଶା ନିର୍ଦ୍ଦେଶ ଦେବାପାଇଁ ଅନୁରୋଧ କରାଯିବାକୁ ଏକ ପ୍ରସ୍ତାବ ଗୃହୀତ ହେଲା । ଏହି ତାଲିମ କେନ୍ଦ୍ରର ସମସ୍ତ ଦାୟିତ୍ୱ ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ତଥା ସଦାଶିବ ତ୍ରିପାଠୀଙ୍କୁ ଦିଆଗଲା । ପୂର୍ବଘାଟ ପର୍ବତମାଳାର ଅଂଶ ବିଶେଷକୁ ନେଇ ଅନେକ ଛୋଟ ବଡ଼ ପାହଡ଼, ଡଙ୍ଗର, କୁପୁଲିର ଘେର ଭିତରେ ଗଢ଼ି ଉଠିଥିଲା ୧୮୫୦ ମସିହା ବେଳକୁ ନୂଆପୁଟଗାଁ । ବୈପାରୀଗୁଡ଼ା ଅଞ୍ଚଳରୁ କେତେକ ଭୂମିଆ ଆଦିବାସୀ ପରିବାର ଆସି ଏହି ପର୍ବତମାଳା ପରିବେଷ୍ଟିତ ସତୀ ନଦୀ ଓ କୋଲାବ୍ ନଦୀର ସଙ୍ଗମସ୍ଥଳଠାରୁ ପଶ୍ଚିମ ଦିଗରେ ପ୍ରାୟ ଅଧମାଇଲ ଦୂରରେ ବଣ ସଫା କରି ଗ୍ରାମ ନୂଆ କରି ବସାଇ ଥିବାରୁ ଏହାକୁ ନୂଆପୁଟ୍ କୁହାଗଲା ।

ରାଧାକୃଷ୍ଣ ବିଶାସରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ନୂଆପୁଟ ଗାଁର ସତୀନଦୀ ଓ କୋଲାବ ନଦୀର ସଙ୍ଗମଠାରୁ ପଶ୍ଚିମପଟେ ଶହେ ହାତ ଦୂରରେ ବଣ କାଟି ଏକ ପ୍ରଶସ୍ତ ସ୍ଥାନ ନିର୍ମଳ କରାଗଲା । ନୂଆପୁଟ ଗ୍ରାମର ଗୁରୁ ନାୟକ କଂଗ୍ରେସ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ନିଜର ୭ ଏକର ଡଙ୍ଗର (ପଡ଼ିଆଜମି) ପ୍ରଦାନ କଲେ ।

ପୂର୍ବ ଆଡ଼କୁ ସତୀ ନଦୀ ଓ କୋଲାବ ନଦୀ । ଘରିପଟେ ଘଞ୍ଚ ଶାଳବଣ । ରାଜସନ୍ଧ ଡଙ୍ଗ୍‌ରି, ବାଗ୍ ଡଙ୍ଗରି, ଦେଓ ଡଙ୍ଗ୍‌ରି ଆଦି ସାନବଡ଼ ପାହାଡ଼ ଘେରରେ ଏହି

ଗାଁ । ୫୦-୬୦ ଭୂମିଆ, ପରଜା, ହରିଜନ ଘର । ନଦୀକୂଳରେ ଶେଡ଼୍‌ଜଡ଼୍‌ଦରି (ବାଜରା କାଣ୍ଡ)ର ଟାଟକୁ ବଲା (କାମଡ଼ା) ଦେଇ ବାନ୍ଧି କାନ୍ଥ ପରି ଠିଆ କରି, ପିରି (ଛଣ) ଛପର ଦେଇ କର୍ମୀମାନେ ରହିବା ପାଇଁ ତିନି ସାଉଡ଼ି (ଧାଡ଼ି) ଲମ୍ବା, ଲମ୍ବା ଘର ନିର୍ମାଣ କରାଗଲା । କର୍ମୀମାନଙ୍କର ଖାଇବା ପାଇଁ ସତୀ ନଦୀ କୂଳରେ ରନ୍ଧା ଖୁଆଡ଼୍, ନଦୀ ଓ ଗାଁ ମଝିରେ ଥିବା ବିସ୍ତୀର୍ଣ୍ଣ ପଡ଼ିଆରେ କର୍ମୀମାନଙ୍କୁ ବିଭିନ୍ନ ପ୍ରକାର ତାଲିମ୍ ଦେବାପାଇଁ ଖାଲି ସ୍ଥାନ ରଖାଗଲା । ନୂଆପୁଟ ଗାଁର ଲୋକେ ଶ୍ରମଦାନ ଦେଇ ଜୟପୁର-ଦିଗାପୁର ରାସ୍ତାରୁ ଏକ ସମ୍ପର୍କ ରାସ୍ତା ସତୀନଦୀ ପୂର୍ବ ଉପକୂଳ ଯାଏ (ମାଟି ମୋରମ୍ ରାସ୍ତା) ତିଆରି କଲେ । କର୍ମୀମାନେ ସ୍ନାନଶୌଚ କରିବା ପାଇଁ ଯେଉଁ ନଈ ତୁଠଟି ନିର୍ମାଣ କରାଗଲା ତାର ନାଁ ହେଲା କର୍ମୀଘାଟ । ଆଖପାଖର ବଡ଼ଋଷୀ, ରୟତମାନେ ରସଦ ଯୋଗାଇଦେଲେ । କଂଗ୍ରେସ ସର୍ବ୍ୟୋଦୟ (ମୁଣ୍ଡପିଛା ଋରିଅଣାରେ) ତାଲିମ କେନ୍ଦ୍ର ପରିଋଳିତ ହେବାର ସ୍ଥିର କରାଗଲା ।

ପ୍ରଥମ ଦଫାରେ ସାରା କୋରାପୁଟ ଜିଲ୍ଲାରୁ ୩୫୦ ଜଣ କଂଗ୍ରେସ କର୍ମୀଙ୍କୁ ତାଲିମ ଦେବା ପାଇଁ କୋରାପୁଟ ଜିଲ୍ଲା କଂଗ୍ରେସ କମିଟୀ ତରଫରୁ ପ୍ରାଥମିକ କଂଗ୍ରେସ କମିଟୀ ଗୁଡ଼ିକୁ ନିର୍ଦ୍ଦେଶ ଦିଆଗଲା ।

କଂଗ୍ରେସର ଲକ୍ଷ୍ୟ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସେବା କରିବା ପାଇଁ ଯେଉଁମାନେ ସ୍ୱେଚ୍ଛାରେ ଏହି ତାଲିମ କେନ୍ଦ୍ରରେ ଯୋଗ ଦେଇଥିଲେ ସେମାନେ ହେଲେ ଜୟପୁର ଅଞ୍ଚଳର ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, ନରସିଂହ ପଣ୍ଡା, ସୁବା ନାଇଡୁ ଶାସ୍ତ୍ରୀ, କୃଷ୍ଣଚନ୍ଦ୍ର ସାନ୍ତ୍ରା, କୋରା ପ୍ରସାଦ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାନ୍ତ୍ରା ପାତ୍ର, ଶିବ ପ୍ରସାଦ ସରାଫ, ଦାମୋଦର ସାନ୍ତ୍ରା, ସଦାଶିବ ବେହେରା, ଡମ୍ବରୁ ତଲିଆ, ବ୍ରଜବନ୍ଧୁ ନନ୍ଦ, ଆନନ୍ଦ ନନ୍ଦ, ନରସିଂହ ନନ୍ଦ, କୈଳାସ ନନ୍ଦ, ଭାଗିରଥୀ ନନ୍ଦ, ବଳଭଦ୍ର ପୂଜାରୀ, ନୀଳକଣ୍ଠ ପାତ୍ର, ମୁଦି ନାୟକ ।

ନବରଙ୍ଗପୁରରୁ ଆସି ଯୋଗ ଦେଲେ ଲକ୍ଷ୍ମୀଚନ୍ଦ୍ର ଦାସ, ମହମ୍ମଦ ବାଜୀ, କୋଟପାଡ଼ରୁ ସଦାଶିବ ତ୍ରିପାଠୀ, ବିଶ୍ୱନାଥ ମହାପାତ୍ର, ନିର୍ମଳ ପାତ୍ର, ଗୋପାଳ ପଟ୍ଟନାୟକ, ଗୋପୀନାଥ ସାହୁ, ମାଟିଲି ଅଞ୍ଚଳରୁ ଲକ୍ଷ୍ମଣ ନାୟକ, ବନସିଂ ପୂଜାରୀ, ଉମରକୋଟ ପ୍ରାଥମିକ କଂଗ୍ରେସରୁ ଆସିଥିଲେ ରବିସିଂ ମାଝୀ, ବଳରାମ କଲାର, ସରାବୁ ଗୌଡ଼ ଓ ଗୁରୁ ଗୌଡ଼ । ନୂଆପୁଟ ହୋଇଗଲା କଂଗ୍ରେସ କର୍ମୀଙ୍କ ପାଇଁ ମିଳନପୀଠ, ସ୍ୱାଧୀନତା ସଂଗ୍ରାମର ପ୍ରସ୍ତୁତି କ୍ଷେତ୍ର ।

ଯେଉଁଦିନ ଓଡ଼ିଶାର ଧୂଳିମାଟିର ସନ୍ଥ ପୂଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ, ମା ରମାଦେବୀ, ଋଷି ପ୍ରତିମ ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋକୁଳାନନ୍ଦ ମହାନ୍ତି ଏହି ତାଲିମ କେନ୍ଦ୍ରରେ ପାଦ ଦେଲେ ଧନ୍ୟ ହୋଇଗଲା ନୂଆପୁଟ ଗାଁର ମାଟି ।

ତତ୍‌କାଳୀନ ଓଡ଼ିଶା ପ୍ରଦେଶ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାଶ, ପଣ୍ଡିତ ନୀଳକଣ୍ଠ ଦାସ, ନବକୃଷ୍ଣ ଚୌଧୁରୀ, ମାଳତୀଦେବୀ ଆସେ ଏହି କେନ୍ଦ୍ରର କାମ, ତାଲିମ ଦେଖିବାକୁ, ଦିଗ୍‌ଦର୍ଶନ ଦେବାକୁ ।

ବଣମୂଲକର ମଣିଷ, କେବଳ କେବେ କେମିତି ନବରଙ୍ଗପୁର ହାଟକୁ ଯାଇଥିବା ମଣିଷ, କେବଳ ଲକ୍ଷ୍ମୀଚନ୍ଦ୍ର ଦାସ, ମହମ୍ମଦ ବାଜୀଙ୍କୁ ଜାଣିଥିବା ମଣିଷ ରବିସିଂ ମାଝୀ ଯେତେବେଳେ ଏହି ବଡ଼ ବଡ଼ କଂଗ୍ରେସିଆ ମାନଙ୍କୁ ପ୍ରଥମ କରି ଦେଖିଲେ ଆଖିରେ ପଲକ ପଡ଼ିଲା ନାଇଁ, ପାଟିରେ କଥା ପଇଟିଲା ନାଇଁ, କେମିତି ଏକ ବିସ୍ମୟ ବିମୁଗ୍ଧ ଭାବ, କେମିତି କେବେ ଜାଣିନଥିବା ଡର, ନିଜ ଭିତରେ ନିଜେ ସାଙ୍କୁଡ଼ି ହୋଇ ରହିଯିବାର ଭାବ, କେମିତି ଗୋଟାଏ ଅଭାବବୋଧର ଶୂନ୍ୟତା ଘେରିଗଲା ତାଙ୍କୁ ଅନେକ ବେଳ ଯାଏ ।

ଯେଉଁଦିନ ନୂଆପୁଟ ତାଲିମ କେନ୍ଦ୍ର ମଝିରେ ଥିବା ବଡ଼ ଋଞ୍ଜଡ଼ା ନାମକ ଏକ ବିଶାଳ କଳାପଥର ମଝିରେ ରାମଧୂନ ଓ ବନ୍ଦେ ମାତରଂ ଧ୍ୱନିରେ ଅଠର ହାତ ଉଚ୍ଚର ବାଉଁଶ ଖୁମ୍ବ ଉପରେ ଅତି ଯତ୍ନରେ ସୂତାରେ ବୁଣା ଯାଇଥିବା ଦୁଇହାତ ଓସାର, ଋରିହାତ ଲମ୍ବର ଅରଟ ଚିହ୍ନ ଥାଇ ତ୍ରିରଙ୍ଗା ପତାକାକୁ ଗୋପବନ୍ଧୁ ଚୌଧୁରୀ ଉତ୍ତୋଳନ କରି ତାଲିମ କେନ୍ଦ୍ରର ଶୁଭ ଉଦ୍‌ଘାଟନ କଲେ ଆଉ ଉପସ୍ଥିତ ୩୫୦ ଜଣ ଗାନ୍ଧୀ ଗୁମାସ୍ତା (କଂଗ୍ରେସ କର୍ମୀ)ଙ୍କୁ ସ୍ୱାବଲମ୍ବୀ ହେବା, ଗାଁ ସଫେଇ, ସତ୍ୟ, ଅହିଂସା, ସର୍ବୋପରି ଭୟହୀନ ଓ ନୀତିର ହେବା କଥା କହିଲେ, ସେ ସବୁ କଥା ଯେମିତି ରବିସିଂ ମାଝୀଙ୍କ ରକ୍ତରେ ମିଶି ଯାଉଥିଲା ।

ରବିସିଂ ଯେମିତି ଅନୁଭବ କରୁଥିଲେ ଗାନ୍ଧୀ ବତାଇଥିବା ବାଟରେ ଗଲେ ସବୁ ଦୁଃଖ ଯିବ । ସପ୍ଲାଇ, ଗଡ଼ମ୍, ପାନ୍ଥ, ସିସ୍ଥ ଉଠିଯିବ ଆଉ ଗାଁ ଖେଦା, ବେଡ଼ାଛଡ଼ା ହେବ ନାହିଁ । ସତେ ଯେମିତି ରବିସିଂ ମାଝୀ ଏଠି ଦେଖିଲେ ନୂଆ ସୂର୍ଯ୍ୟଙ୍କୁ ।

ନୂଆପୁଟରେ ଦୁଇମାସ ତାଲିମ ପାଇ ରବିସିଂ ଗାନ୍ଧୀବାଦର ସରଳ କଥାକୁ ମନ ଭିତରେ ରଖିନେଲେ । ସେ ଶିଖିଲେ କାହାକୁ ଘୃଣା ନକରିବା, ସତ କହିବା, ବିପଦକୁ

ସାହସର ସହିତ ମୁକାବିଲା କରିବା, ଧୀର, ସ୍ଥିର, ଶାନ୍ତ, ସଂଯତ, ମିତଭାଷୀ ହେବା । ନିଶା ଠାରୁ ଦୂରରେ ରହିବା । ପରୋପକାର ଓ ସେବା କରିବା । ସୂତାକାଟି ନିଜେ ନିଜର ଲୁଗା ବୁଣି ପିନ୍ଧିବା ।

ଏହି ତାଲିମ କେନ୍ଦ୍ରର ପ୍ରଭାବରେ ସେ ପାଲଟିଗଲେ ଆଦିବାସୀ ଗାନ୍ଧୀମଣିଷ ରବିସିଂ ମାଝୀ । ଏକ ଶୋଷଣହୀନ, ମୁକ୍ତ ସ୍ୱାଧୀନ ଜୀବନ ପାଇଁ ଆନ୍ଦୋଳନ କରିବାର ସଂକଳ୍ପ ନେଇ ସେ ଫେରିଲେ ମାର୍ଚ୍ଚ ମାସ ୧୯୩୮ ମସିହାରେ ପୁଣିଥରେ ବାଟିବେଡ଼ା ଗାଁକୁ ।

****

## ଷୋହଳ

# କଂଗ୍ରେସ କହିଲା ଯୁଦ୍ଧ ଚାନ୍ଦା ଦିଅନାହିଁ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର ବାର ବର୍ଷ ପୂର୍ବରୁ ୧୯୨୭ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ତାର ବୈଦେଶିକ ନୀତି ଘୋଷଣା କଲାଯେ ଭାରତୀୟ କଂଗ୍ରେସ ନିଜ ଦେଶବାସୀଙ୍କ ବିନା ସମ୍ମତିରେ କୌଣସି ସାମ୍ରାଜ୍ୟବାଦୀ ରାଜ୍ୟକୁ କୌଣସି ପରିସ୍ଥିତିରେ ଯୁଦ୍ଧରେ ସାହାଯ୍ୟ କରିବ ନାହିଁ ।

ଏହି ଘୋଷଣାର ପ୍ରତିକ୍ରିୟା ଇଂଲଣ୍ଡରେ ଭିନ୍ନ ରୂପ ନେଲା । ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ଇଂଲଣ୍ଡର ଯୁଦ୍ଧ ନୀତିକୁ ସମାଲୋଚନା କଲା ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟିନ୍ ଚର୍ଚ୍ଚିଲ ଭାରତର ସ୍ୱାଧୀନତା ଦାବୀକୁ ନେଇ ୧୯୩୦ ମସିହା ଜାନୁୟାରୀ ମାସରେ କହିଲେ, "ଯେତେ ଶୀଘ୍ର ସମ୍ଭବ ଆମକୁ ଗାନ୍ଧୀ ଏବଂ ଭାରତୀୟ କଂଗ୍ରେସକୁ ଧ୍ୱଂସ କରିଦେବାକୁ ହେବ ଏବଂ କଂଗ୍ରେସର ସମସ୍ତ ଦାବୀଗୁଡ଼ିକୁ ବି ନଷ୍ଟ କରିଦେବାକୁ ହେବ ।" ସେ ଆହୁରି ସ୍ପଷ୍ଟ ଭାବରେ ପ୍ରକାଶ କଲେ, "ଇଂରେଜ ଜାତି ଭାରତୀୟ ଜନଜୀବନର ଉନ୍ନତି ପାଇଁ କ୍ଷମତାକୁ ଛାଡ଼ି ଦେବାର କୌଣସି ଉଦ୍ଦେଶ୍ୟ ରଖିନାହିଁ । ଭାରତ ହେଉଛି ଇଂଲଣ୍ଡ ରାଜମୁକୁଟର ସବୁଠାରୁ ଉଜ୍ଜ୍ୱଳତମ ଓ ମହାର୍ଘ ମଞ୍ଜି ଯାହାକି ଇଂଲଣ୍ଡର ସମସ୍ତ ଉପନିବେଶ, ନିର୍ଭରଶୀଳ ରାଜ୍ୟ ଅପେକ୍ଷା ବହୁତ ବେଶୀ ମୂଲ୍ୟବାନ । ଏମିତି ଗୋଟାଏ ଦେଶକୁ ଇଂଲଣ୍ଡ କରଛଡ଼ା କରିବାର ପ୍ରଶ୍ନ ଉଠୁନାହିଁ ।

ସେପ୍ଟେମ୍ବର ମାସ ୧ ତାରିଖ ୧୯୩୯ ମସିହା । ଜର୍ମାନୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ଘୋଷଣା କଲା । ଅଳ୍ପ ଦିନ ଭିତରେ ୟୁରୋପର ବିଭିନ୍ନ ଦେଶ ଦୁଇ ଭାଗରେ ବିଭକ୍ତ ହୋଇଗଲେ । ଇଂଲଣ୍ଡ ଓ ଫ୍ରାନ୍ସ ଦେଶର ସୈନ୍ୟମାନେ ଜର୍ମାନୀର ଅପ୍ରତିହତ ଗତିକୁ ରୋଧି ପାରିଲେ ନାହିଁ, ଏମିତି ଏକ ସଙ୍କଟ କାଳରେ ଇଂଲଣ୍ଡ ସରକାର ଭାରତର ଗଭର୍ଣ୍ଣର ଜେନେରାଲଙ୍କୁ ଖବର ଦେଲେ ଯେ ସେ ଘୋଷଣା କରନ୍ତୁ, "ଭାରତ ଯୁଦ୍ଧରେ ଇଂଲଣ୍ଡକୁ ସାହାଯ୍ୟ କରିବ ଧନ, ଜନ ଓ ଜୀବନ ଦେଇ ।"

ଭାରତବାସୀଙ୍କ କୌଣସି ମତାମତ ନନେଇ, ଭାରତୀୟ ଜନତାର ପ୍ରତିନିଧି ଭାରତୀୟ ଜାତୀୟ କଂଗ୍ରେସକୁ ନପଚାରି ଇଂରେଜ ସରକାର ଏକ ତରଫାଭାବେ ଭାରତକୁ ଯୁଦ୍ଧ ଭିତରକୁ ଠେଲି ଦେବାର ଯେଉଁ ଘୋଷଣା କଲା ଏହା ଜାତୀୟ କଂଗ୍ରେସ ପ୍ରତି ଇଂରେଜ ସରକାରର ମନୋଭାବକୁ ସ୍ପଷ୍ଟ କରି ଦେଲା । ଇଂରେଜ ସରକାରର

ସାମ୍ରାଜ୍ୟବାଦୀ ଚିନ୍ତା ଓ କାର୍ଯ୍ୟ ପ୍ରଣାଳୀକୁ ନିଜସ୍ୱ ଢଙ୍ଗରେ ପ୍ରତିବାଦ ଜଣାଇବା ପାଇଁ ଜାତୀୟ କଂଗ୍ରେସ ମାର୍ଚ୍ଚ ମାସ ୧୯୪୦ ମସିହାରେ ବିହାରର ରାମଗଡ଼ ବାର୍ଷିକ ସମ୍ମିଳନୀରେ ନିଷ୍ପତ୍ତି ନେଲା । ସଭାପତି ଭାବେ ମୌଲାନା ଆବୁଲ କାଲାମ ଆଜାଦ୍ ବଜ୍ର ଗମ୍ଭୀର କଣ୍ଠରେ କହିଲେ ଯେ ଯେହେତୁ ଭାରତର ଜନତାକୁ ନପଚାରି ତାର ନିର୍ବାଚିତ ପ୍ରତିନିଧି ମାନଙ୍କ ମତାମତ ନନେଇ, ପ୍ରାଦେଶିକ କଂଗ୍ରେସ ମନ୍ତ୍ରୀମଣ୍ଡଳ ସହିତ ପରାମର୍ଶ ନକରି ଏକ ତରଫା ଭାବେ ଇଂରେଜ ସରକାର ଭାରତବାସୀଙ୍କ ଉପରେ ଯୁଦ୍ଧ ବ୍ୟୟ ଲଦି ଦେଲା, ଭାରତର ସୈନ୍ୟମାନଙ୍କୁ ନିଜ ଉପନିବେଶର ରକ୍ଷା କରିବା ପାଇଁ ସିଙ୍ଗାପୁର, ମଧ୍ୟ ପ୍ରାଚ୍ୟ ଅଞ୍ଚଳ, ଆଫ୍ରିକା ଓ ୟୁରୋପର ବିଭିନ୍ନ ଦେଶକୁ ପଠାଇବାର ଗୁପ୍ତ ନିଷ୍ପତ୍ତି ନେଇ ଗଲା, ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଇଂରେଜ ସରକାର ମୁକ୍ତିକାମୀ ଭାରତବାସୀଙ୍କ ପ୍ରତି ତାଚ୍ଛଲ୍ୟ ଓ ନ୍ୟୁନଭାବ ପ୍ରଦର୍ଶନ କରିଛନ୍ତି । ଜଣେ ଗଭର୍ଣ୍ଣର ଜେନେରାଲଙ୍କ ଆଦେଶରେ ୪୦କୋଟି ଭାରତୀୟଙ୍କୁ ଯୁଦ୍ଧକୁ ଠେଲିଦିଆ ଯାଇଛି ଏଣୁ କଂଗ୍ରେସ ଘୋଷଣା କରୁଛି କି କୌଣସି ଭାରତବାସୀ ଯୁଦ୍ଧ ଚାନ୍ଦା ଦେବେ ନାହିଁ ଏବଂ ବ୍ୟକ୍ତିଗତ ସତ୍ୟାଗ୍ରହ ଦ୍ୱାରା ଏହି ଅନ୍ୟାୟର ପ୍ରତିବାଦ କରିବେ ।

କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ଏହି ନିଷ୍ପତ୍ତି ସମଗ୍ର ଭାରତବର୍ଷକୁ ଚମକାଇ ଦେଲା । ହିମାଳୟଠାରୁ କନ୍ୟାକୁମାରୀ ଯାଏ ଯେଉଁ ତରଙ୍ଗ ସୃଷ୍ଟି ହେଲା ତାହାର ସ୍ପର୍ଶରୁ କୌଣସି ସ୍ଥାନ ବି ବାଦଗଲା ନାହିଁ । ଓଡ଼ିଶାରୁ କୋରାପୁଟ ଜିଲ୍ଲାର ହେଇ ପହଞ୍ଚିଗଲା ଏଇ ବାର୍ତ୍ତା ନବରଙ୍ଗପୁର । ଇଂରେଜ ସରକାରକୁ ଯୁଦ୍ଧ ଚାନ୍ଦା ଦିଅନାହିଁ । ଏହି ମନ୍ତ୍ରର ପ୍ରଭାବ ସୁଦୂର ପ୍ରସାରୀ ହେଲା ।

****

## ସତର

# ରବିସିଂ ମାଝୀଙ୍କ ବ୍ୟକ୍ତିଗତ ସତ୍ୟାଗ୍ରହ

୧୯୪୦ ମସିହା କଂଗ୍ରେସ ଅଧିବେଶନରେ ବ୍ୟକ୍ତିଗତ ସତ୍ୟାଗ୍ରହ କରିବା ପାଇଁ କଂଗ୍ରେସ କର୍ମୀମାନେ ସ୍ୱଇଚ୍ଛାରେ ନାମ ଦାନ କରିବା ପାଇଁ ଗାନ୍ଧିଜୀ ନିର୍ଦ୍ଦେଶ ଦେଲେ । ତାଙ୍କର ମତ ହେଲା, "ଏହି ଲଢ଼େଇରେ ଆମକୁ ଅନ୍ୟ ଏକ ମହାନ୍ ମନ୍ତ୍ର ଶିଖିବାକୁ ହେବ । ତାହା ହେଉଛି ଏହି ଯେ ଆମେ ଅସ୍ତ୍ର ନେଇ ଲଢ଼ିବା ନାହିଁ । ଆମକୁ ବନ୍ଧୁକ ତରବାରୀ ଉଠାଇବାକୁ ପଡ଼ିବ ନାହିଁ । କେବଳ ସତ୍ୟାଗ୍ରହ ମାଧ୍ୟମରେ ଲଢ଼ିବାକୁ ହେବ । ଏହି ସତ୍ୟରୂପୀ ଅସ୍ତ୍ର ଯାହା ପାଖରେ ଅଛି ତାର ଅନ୍ୟ କୌଣସି ଅସ୍ତ୍ରଶସ୍ତ୍ର ନିଷ୍ପ୍ରୟୋଜନ । କଷ୍ଟ ସହି କଷ୍ଟରୁ ମୁକ୍ତ ହେବାର ନାମ ସତ୍ୟାଗ୍ରହ" ।

ଭାରତର ପ୍ରତ୍ୟେକ ସତ୍ୟାଗ୍ରହୀ ପାଇଁ ଯେଉଁ ଆବଶ୍ୟକ ଯୋଗ୍ୟତା ଦରକାର ତାହାକୁ ଯେମିତି ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ ପ୍ରାର୍ଥୀ ନିର୍ବାଚନ କଲାବେଳେ କମିଟି ସଭ୍ୟମାନେ ଦୃଷ୍ଟିରେ ରଖିବେ ତାହା ମଧ୍ୟ ଗାନ୍ଧୀ ସ୍ଥିର କରି ନେଇଥିଲେ ।

ଭଗବାନଙ୍କ ଉପରେ ସତ୍ୟାଗ୍ରହୀର ଜୀବନ୍ତ ବିଶ୍ୱାସ ରହିଥିବ, କାରଣ ଭଗବାନ ହିଁ ତାହାର ଆଶ୍ରୟ । ଜୀବନର ବ୍ରତରୂପେ ସେ ସତ୍ୟ ଓ ଅହିଂସାରେ ବିଶ୍ୱାସ କରୁଥିବ ତେଣୁ କରି ମନୁଷ୍ୟର ଅନ୍ତର୍ନିହିତ ସଦ୍‌ବୁଦ୍ଧି ଉପରେ ମଧ୍ୟ ବିଶ୍ୱାସ କରୁଥିବ । ନିଜେ କଷ୍ଟ ସହି ଏହି ସଦ୍‌ବୁଦ୍ଧିକୁ ଜାଗ୍ରତ କରାଇବ । ସେ ପବିତ୍ର ଜୀବନଯାପନ କରୁଥିବ ଏବଂ ତାହାର ଉଦ୍ଦେଶ୍ୟ ସାଧନ ଲାଗି ନିଜର ଜୀବନ ଓ ଧନସମ୍ପତ୍ତି ଉତ୍ସର୍ଗ କରି ଦେବାକୁ ପ୍ରସ୍ତୁତ ଓ ଇଚ୍ଛୁକ ଥିବ । ସେ ଖଦୀ ପିନ୍ଧୁଥିବ ଓ ହାତରେ ସୂତା କାଟୁଥିବ । ସେ ମଦ ଏବଂ ଅନ୍ୟ କୌଣସି ପ୍ରକାର ନିଶା ଦ୍ରବ୍ୟ ବ୍ୟବହାର କରୁନଥିବ ଏବଂ କଂଗ୍ରେସର ଯେଉଁ ସବୁ ଶୃଙ୍ଖଳାର ନିୟମମାନ ନିର୍ଦ୍ଧାରଣ କରି ଦେଉଥିବ ସତ୍ୟାଗ୍ରହୀ ସେ ସବୁକୁ ଆଗ୍ରହର ସହିତ ମାନିବ ଓ ସତ୍ୟାଗ୍ରହୀର ଆତ୍ମ ସମ୍ମାନରେ ଆଘାତ ନଲାଗିଲା ଭଳି ଜେଲଖାନାର ସବୁ ନିୟମ ମାନି ସେ ଚଳିବ ।

ଦ୍ୱିତୀୟ ଦଫାରେ ସମଗ୍ର କୋରାପୁଟ ଜିଲ୍ଲାରୁ ଯେଉଁ ୨୯୦ ଜଣ ବ୍ୟକ୍ତିଗତ ସତ୍ୟାଗ୍ରହୀଙ୍କୁ କମିଟି ବାଛିଲେ ସେମାନଙ୍କ ମଧ୍ୟରେ ଉମରକୋଟର ରବିସିଂ ମାଝୀ ଥିଲେ ଅନ୍ୟତମ । ଉପଯୁକ୍ତ ସମସ୍ତ ଯୋଗ୍ୟତାର ଅଧିକାରୀ । କେଉଁଦିନ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହୀମାନେ ନିଜ ନିଜ ଅଞ୍ଚଳରେ ସତ୍ୟାଗ୍ରହ ଆରମ୍ଭ କରିବେ ଏବଂ ସ୍ୱେଚ୍ଛାରେ ଜେଲ ବରଣ କରିବେ ସେଇଥିପାଇଁ ତାରିଖ ଠିକ୍ କରିଦିଆଗଲା ।

ଉମରକୋଟ ଅଞ୍ଚଳର ପ୍ରତ୍ୟେକ ଗାଆଁର କର୍ମୀମାନଙ୍କୁ ଖବର ପଠାଇ ଦିଆଗଲା । ରବିସିଂ ମାଝୀ ଇଂରେଜ ସରକାର, ରାଜା ରାଜୁଡ଼ା ଶାସନ ବିରୁଦ୍ଧରେ ସତ୍ୟାଗ୍ରହ କରିବେ ଆଉ ସତ୍ୟାଗ୍ରହ ବାଟିବେଡ଼ା ଗ୍ରାମରୁ ଆରମ୍ଭ ହେବ ।

୧୯୪୦ ମସିହା ଡିସେମ୍ବର ମାସ ପ୍ରଥମ ସପ୍ତାହ । କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁଯାୟୀ ରବିସିଂ ମାଝୀ ତତ୍‌କାଳୀନ କୋରାପୁଟ ଜିଲ୍ଲା କଲେକ୍‌ଟର ଏଫ୍.ଇ.ଏ. ଟାଇଲର ଏବଂ ପୋଲିସ୍ ସୁପରିଟେଣ୍ଡେଣ୍ଟ ଏଫ.ଏଫ.ପି. ଗିଲଙ୍କୁ ଲିଖିତାକାରରେ ଜଣାଇଦେଲେ ଯେ ସେ ବ୍ୟକ୍ତିଗତ ସତ୍ୟାଗ୍ରହ କରିବେ ଏବଂ ସରକାରଙ୍କ ଆଇନ ଅମାନ୍ୟ କରିବେ । ସ୍ଥାନୀୟ ପୋଲିସ୍ ଇନସ୍‌ପେକ୍ଟର ତ୍ରିଲୋଚନ ମିଶ୍ର ଓ ସର୍କଲ ଇନିସ୍‌ପେକ୍ଟର ଶ୍ରୀ ବେଣୁଧର ଗଡ଼ନାୟକଙ୍କୁ ମଧ୍ୟ ଜଣାଇ ଦିଆଗଲା ।

ପୋଲିସ ମହଲରେ କଂଗ୍ରେସର ଏ ନୂତନ ନୀତି ଓ ସତ୍ୟାଗ୍ରହର ପ୍ରକୃତ ରୂପ କଣ ହେବ ସେ ସମ୍ବନ୍ଧରେ ସେତେ ସ୍ପଷ୍ଟ ଧାରଣା ନଥିଲା । ସ୍ଥାନୀୟ ପୋଲିସ ନିର୍ଦ୍ଦିଷ୍ଟ ଦିନ ରବିସିଂ ମାଝୀଙ୍କୁ ଗିରଫ କରିବା ପାଇଁ ପ୍ରସ୍ତୁତ ହେଲେ । ଆଖପାଖର ସବୁ ଗାଁ ଗଣ୍ଡା, ଚଲାଣ, ନାୟକ ମାନଙ୍କୁ ସତର୍କ କରି ଦିଆଗଲା । ରବିସିଂ ମାଝୀ ଯେମିତି କାହା ସହିତ ସଂପର୍କ ରଖି ନପାରନ୍ତି । ତାଙ୍କର ସବୁ ଗତିବିଧିକୁ ସବୁବେଳେ ନଜରରେ ରଖିବା ପାଇଁ ବିଶେଷ ଦାୟିତ୍ୱ ଦିଆଗଲା ଶୁକଚାନ୍ଦ ଗଉଣ୍ଟିଆକୁ ଓ ଟାର ଚେଲା ଘମୁଣ୍ଡାଙ୍କୁ ।

୧୯୪୧ ମସିହା ଜାନୁୟାରୀ ୧ ତାରିଖ । ବାଟିବେଡ଼ା ଗାଁର ଗଡି କବାଟ ବନ୍ଦ ହୋଇଗଲାଣି କେତେବେଳୁ । ଘଟୀ ବାଣୁଆର ଘର ପଛପଟେ ଅନ୍ଧାର ଭିତରେ ଖଦଡ଼ ପିନ୍ଧି ବସିଥିଲେ ପୋଲିସ୍ ଗାଁର ବଳରାମ ସେଠିଆ, ଅଞ୍ଚଳର ବାଲିଚନ୍ଦ୍ର ନାୟକ, ହୀରାପୁରର ହେଗୁ ଭତ୍ରା, ବୈପାରୀ ଭଟ୍ଟାର ମଙ୍ଗୁଲୁ ରାଜଗଣ୍ଡ, ସରାଗୁଡ଼ାର ଦଳସାଇ ମାଝୀ, ବେହେଡ଼ାର ସୋନସାଇ ବୈରାଗୀ, ଜକଦାର ରାମଚନ୍ଦ୍ର ସମରଥ, ବାଟିବେଡ଼ାର ଜୟରାମ ବାସୁଦେବ, ଧାର୍ଲୀର ଚୈତନ୍ୟ ଭତ୍ରା, ତେଲଗାଁର ମାନସିଂ ପୂଜାରୀ । ଜୟରାମ ବାସୁଦେବ ପାଖରେ ବସିଥିଲେ ରବିସିଂ ମାଝୀ । ଅଠର ବର୍ଷ ବୟସ । ସ୍ୱାଡ଼ୀନତା ପାଇଁ ସଂଗ୍ରାମୀ ହେବା ଯେମିତି ଜନ୍ମଜାତକ ଥିଲା ତାଙ୍କର । କଥା ହେଲା ରବିସିଂ ମାଝୀ ସକାଳେ ସତ୍ୟାଗ୍ରହ ଆରମ୍ଭ କରିବେ । କୌଣସ ହିଂସା ହେବ ନାହିଁ । ଯେତେଲୋକ ଜମାହେବେ ସେତେ ଭଲ । ସବୁ କର୍ମୀ ଉଠିଗଲେ ସେଠାରୁ । ଖବର ଦେଇ ପୁଣି ସକାଳୁ ଜମାହେବାକୁ ହେବ ବାଟିବେଡ଼ା ଗାଁରେ ।

ରାତି ଗହରେଇ ଆସୁଥିଲା । ଶୋଇବା ଘରକୁ ପଶିଲେ ରବିସିଂ ମାଝୀ । ତେଲ ଦୀପର ମିଂକି ମିଂକି ଆଲୁଅରେ ସେ ଦେଖିଲେ ତାଙ୍କ ସ୍ତ୍ରୀଙ୍କୁ । ବୟସ ଷୋହଳ । ମସିଣା ପଟିରେ ପଡ଼ିଥିବା କନ୍ଥା ଉପରେ ଆଣ୍ଠୁ ସନ୍ଧିରେ ମୁହଁ ମାଡ଼ି ବସିଥିଲେ ଧନମତୀ ମାଝୀଆଣୀ । ଆଖିରେ ଜକେଇ ଆସୁଥିଲାରେ ଲୁହ । ଟିକ୍ ଟିକ୍ କରୁଥିଲା ଗାଲ ଲୁହରେ ଭିଜି । ଓଠ ଆସୁଥିଲା କିଛି କହି ନପାଇବାର ଦୁଃଖରେ । ରବିସିଂ ମାଝୀ ବସିଥିଲେ ନିଜ ସ୍ତ୍ରୀଙ୍କ ପାଖରେ । ଏଇ ଲଢ଼େଇକୁ ଡେଇଁଲା ପରେ ସେ ଯେମିତି ହୋଇ ଯାଉଥିଲେ ଆଉ ଗୋଟିଏ ମଣିଷ । ବିବାହର ତିନି ବର୍ଷ ପରେ ସେ ଗୋଟିଏ କନ୍ୟାର ଜନକ ହୋଇ ସାରିଥିଲେ ତଥାପି ସଂସାରର ମୋହ ଏତେ ଆଣ୍ଡ ହୋଇ ପାରିନଥିଲା ତାଙ୍କ ପାଇଁ ।

ଧନମତୀ ମାଝୀଆଣୀ ରବିସିଂକୁ ଦେଖିଲା ଧୀରେ ଧୀରେ ଆଉଜି ଗଲା ଚଉଡ଼ା ଛାତିରେ ତାଙ୍କର । ଆଖିବୁଜି ସେ ଧୀରେ ପଚାଇଲା ତାଙ୍କୁ "ତକେ ପୁଲିସ୍ ବାନ୍ଧି ନେଲେ ମୁଇଁ କସନ କରି ଜୀବ୍ ଧରିବି । କାଇକା ଯେ ଏତେ ଭିଡ଼ଭାଡ଼ କରବୁ ଆଛୁ ତୁଇ । ତୋର ବେଟୀର କଥା ଭାବସୁ ଆଛୁକି ନାଇଁ ।"

ରବିସିଂ ସେମିତି ବସିଥିଲେ ନୀରବରେ । କଣ କହି ସେ ବୋଧିବେ ଧନମତୀକୁ । ବିବାହର ତିନିବର୍ଷ ଭିତରେ ସେ ଯେ ଅନେକ ଦିନ ଧରି ଘରେ ବି ନାହାନ୍ତି । ଘର ବୋଇଲେ କଣ, ସଂସାର ବୋଇଲେ କଣ ? ସେତିକି ଜାଣିବେ ଆଗରୁ ଝିଅଟିଏ ଜନ୍ମ ହୋଇ ସାରିଛି । କୋଠରୀର ସମସ୍ତ ନୀରବତାକୁ ଭେଦି ଦୁଇଟି ହୃଦୟର ଦୀର୍ଘ ଶ୍ୱାସ । ଧନମତୀର ମଥିତ ପ୍ରାଣ ବ୍ୟାକୁଳ, ହରାଇବାର ଦୁଃଖରେ ଜୀବନକୁ, ଜୀବନର ସ୍ୱପ୍ନକୁ, ଆଶାକୁ, ଦେହର ଜାଲକୁ । ରବିସିଂଙ୍କର ନିଜର କଥା କହି ବୁଝାଇ ନପାରିବାର ଅସହାୟତା ଓ ବନ୍ଧନର ନୀବିଡ଼ତାକୁ ଡେଇଁ ନପାରିବାର ଅସାମର୍ଥ୍ୟକୁ ନେଇ ।

ରାତ୍ରିର ଶେଷ ପହରରେ ସେ ଧନମତୀ ଖାଲି କହିଥିଲେ ପଦେକଥା "ତୋର ମନ୍ । ରବିସିଂ ଚାହୁଁଥିଲେ କୋଠରୀର କାନ୍ଥରେ ପଡ଼ୁଥିବା ନିଜର ଛାଇକୁ ଦୀପ ଆଲୁଅରେ । ମନରେ ଓଜନିଆ ଭାବ । କୋହ, ଲୁହ, ସଂସାରର ମୋହ ।

କୁକୁଡ଼ା ଡାକିଲା କକ୍‌ରେ କ୍ । ପାଖ ଗୁହାଳରୁ ଛେଳିର ମେଁ ମେଁ ସ୍ୱର ଶୁଭିଲା । ରବିସିଂ ଉଠିଲେ ଆସୁଥିବା ସକାଳକୁ ଭେଟିବା ପାଇଁ ।

ତା ୦୯.୦୧.୧୯୪୧ ମସିହା । ସକାଳ ହେଲା । ସୂର୍ଯ୍ୟ ଛୁଇଁଲା ବାଟିବେଡ଼ା ଗାଆଁକୁ । ବାଟିବେଡ଼ା, ହୀରାପୁର, ବରକନା, ବୈପାରୀ ଭଟା, ବିରିପାଡ଼ି ଆଡୁ ଆସିଲେ ସ୍ତ୍ରୀ, ପୁରୁଷ ଶହ ଶହ ସଂଖ୍ୟାରେ । ଆସିଲେ କର୍ମୀ ଦଳକୁ ଦଳ । ବାଟିବେଡ଼ା ଗାଆଁରେ

ବଢ଼ିଗଲା ଗହଳି । ଘଟୀ ବାଣୁଆ, ନିଜ ନାତିକୁ ଦେଖି ପାଟି ଓସାରି, ହୋଇଗଲା ଖଦଡ଼ ଲୁଗା ଓ ଦେହରେ ଖଣ୍ଡେ, ଖଦଡ଼ ଚଦର ପିନ୍ଧି ଉଣେଇସି ବର୍ଷର ଯୁବକ ଯେମିତି ଯାଇଥିଲା ଯୁଦ୍ଧକୁ ବୀଜୟ ଟୀକା ପିନ୍ଧି ।

ଦିନ ଦଶଟା । ସେଦିନ ପାଖଆଖ ଗାଁର ସବୁ ଘରେ ରନ୍ଧା ବନ୍ଦ । ହଳ ଫିଟା ହୋଇନାହିଁ । କାହାର ଘର ମେଲା ଓ କାହାର ଘର ଦରମେଲା । କାଖରେ ପିଲା, କୋଡ଼ରେ ପିଲା ନେଇ ଭରା, ଗଣ୍ଡ ସଂପ୍ରଦାୟକ ସ୍ତ୍ରୀ ଲୋକମାନେ ଗାଉଛନ୍ତି ଗୀତ । ଏଡ଼େ ବଡ଼ ପଟୁଆର । ନାହିଁ ନଥିବା ଲୋକ । ମହୁରୀ, ଟାମକ, ମାଦଳ, ନାଗରା ବାଜିଲା । କମ୍ପି ଉଠିଲା ଖଣ୍ଡ ମଣ୍ଡଳ । ସେଦିନ ଯେମିତି ହଠାତ୍ ଭୟଛାଡ଼ି ଯାଇଥିଲା ସେମାନଙ୍କର । ଏକ ଅପୂର୍ବ ଉନ୍ମାଦନା । ରୋମାଞ୍ଚ ଦେହରେ, ମନରେ ।

ଫୁଲମାଳରେ ଲଦି ହୋଇଗଲା ରବିସିଂ ମାଝୀଙ୍କ ବେକ । ନିଜ ଲୋକଙ୍କ ଉତ୍ସାହ, ଉନ୍ମାଦନା ଦେଖି ସ୍ୱତଃ ରବିସିଂ ମାଝୀଙ୍କ କଣ୍ଠରୁ ବାହାରି ପଡ଼ିଲା "ଭାରତ ମାତାକୀ ଜୟ । ଗାନ୍ଧୀ ମାହାପ୍ରୁ କୀ ଜୟ" । ସମସ୍ତଙ୍କ ସମ୍ମିଳିତ ସ୍ୱରରେ ଆକାଶ ଓ ପବନ ଥରି ଉଠିଲା ।

ଧନମତୀ ମାଝୀ କବାଟ ପାଖରେ ଝିଅକୁ କାଖେଇ ନିର୍ନିମେଷ ନୟନରେ ଚାହୁଁଥିଲା ରବିସିଂକୁ । ମନ ଭିତରେ କେମିତି ଆନନ୍ଦ ଓ ଦୁଃଖର ମିଶାମିଶି ଭାବ । ପୋଲିସ ବାନ୍ଧି ନେଇଯିବ । ଆଉ ସେ ଫେରିବ ନାଇଁ ଘରକୁ । ଏଇ ଧାରଣା ଯେମିତି ବସା ବାନ୍ଧିଗଲା ଧନମତୀ ମାଝୀର । ଆଖିରେ ଲୁହ ଜକେଇ ଆସିଲା ତା'ର ।

ଉନ୍ମତ୍ତ ଜନତା ରବିସିଂ ମାଝୀଙ୍କୁ ନେଇ ଚାଲିଲେ ହୀରାପୁର ଯେଉଁଠାରେ ସେ ସମବେତ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବେ ଏବଂ ପୋଲିସ ହାରେ ବନ୍ଦୀ ହେବେ । ସେଇଦିନଠାରୁ ସତ୍ୟାଗ୍ରହ ଆରମ୍ଭ ହେବ ।

ଜନଗହଳି ଆଖିରୁ ଲୁଚିଗଲା ଯାଏ ଧନମତୀ ମାଝୀ ସେମିତି ଚାହୁଁଥିଲା ଏକ ଲୟରେ । ହଠାତ୍ ତାର ମନ ଭିତରଟା ଖାଲି ହୋଇଗଲା ଯେମିତି ।

ଦୂରରେ ଶୂନ୍ୟ ଆକାଶ । ସବୁଜ ଶାଳବଣ । ଶୀତ ସକାଳର ହାତ ସୂର୍ଯ୍ୟକୁ ଉଠେଇ ଦେଲାଣି କେତେ ଉପରକୁ ।

ପଟୁଆର ଚାଲିଲା ଦୀର୍ଘ ଦୁଇ ମାଇଲ । ବାଟିବେଢ଼ାରୁ ହୀରାପୁର । ଧୂଳି ଉଡୁଥିଲା ରହି ରହି । ଶୁଭି ଯାଉଥିଲା "ଭାରତ ମାତାକୀ ଜୟ" ।

ରବିସିଂ ମାଝୀ ଚାଲୁଥିଲେ ଧୀରେ ଧୀରେ । ମୁହଁରେ ସେଇ ମନ ଲୋଭା ହସ, ଆଖିରେ ଚମକ ନେଇ ।

ହୀରାପୁର । କର୍ମୀ ଗାଁ । ସ୍ୱାଧୀନତା ସଂଗ୍ରାମରେ ଭାଗନେଇଥିବା କେତେ କର୍ମୀଙ୍କର ଜନ୍ମସ୍ଥାନ ।

ଦିନ ବାରଟା । ଗାଁ ଦେବତା ଗୁଡ଼ି । ଶହ ଶହ ଲୋକ । ରବିସିଂ ମାଝୀ ଯେତେବେଳେ ପହଞ୍ଚିଲେ ସେଠି ଏକାସ୍ୱରରେ ସମସ୍ତେ ସ୍ୱାଗତ କଲେ । ସ୍ୱଭାବ ସୁଲଭ ଭଙ୍ଗୀରେ ରବିସିଂ ସମସ୍ତଙ୍କୁ ସମ୍ବୋଧନ କରି କହିଲେ "ଭାଇମାନେ । ବିଦେଶୀ ସରକାର ତାର ପାଇଁ ଯୁଦ୍ଧ କରୁଛି । ଗାନ୍ଧୀ କହିଛନ୍ତି ଯୁଦ୍ଧ ଚାନ୍ଦା ଦବା ନାହିଁ । ସିପ୍ପୁ ଦବା ନାହିଁ । ଏଇଟା ସତ୍ୟର ଯୁଦ୍ଧ । ମରିବା ପଛେ ଡରିବା ନାହିଁ । ଅସହଯୋଗ କରିବା । ଧନ ଦବା ନାହିଁକି ଜନ ଦବା ନାହିଁ । ଭାରତ ମାତାକୀ ଜୟ । ମହାତ୍ମାଗାନ୍ଧୀକି ଜୟ ।

ଲହରେଇ ଗଲା ଏ ଉତ୍ତପ୍ତ ବାଣୀ ପବନର ଦେହରେ । ପତ୍ରର ମର୍ମରରେ । ମଣିଷ ମନରେ ।

ଲୋକ ଗହଳିକୁ ଭେଦି ଦଉଡ଼ି ଆସିଲେ କୋଡ଼ିଏ, ପଚିଶି ପୋଲିସ ଲୋକ । ଘେରି ଗଲେ ରବିସିଂ ମାଝୀଙ୍କୁ । ତ୍ରିଲୋଚନ ମିଶ୍ର, ପୋଲିସ୍ ସବ୍‌ଇନସ୍‌ପେକ୍ଟର ନିଜର ଭାଙ୍ଗିଥିବା ଛାମୁଦାନ୍ତକୁ ଦେଖାଇ ପକେଟରୁ ବାହାର କଲେ ଗିରଫ ପରୱାନା ଆଉ ପଢ଼ିଲେ ।

"ମହାରାଣୀଙ୍କ ସାମ୍ରାଜ୍ୟର ପ୍ରଜା ହୋଇ ରାଜଦ୍ରୋହ କାର୍ଯ୍ୟ କରିଥିବାରୁ ଭାରତ ରକ୍ଷା ଆଇନର ବଳରେ ତୁମକୁ ରାଜଦ୍ରୋହ ଅପରାଧରେ ଗିରଫ କରାଗଲା ।"

ହସି ହସି ହାତ ବଢ଼ାଇ ଦେଲେ ରବିସିଂ । କର୍ମୀ ନିଜ ଦେଶ ପାଇଁ ହସି ହସି ଜେଲ ଯିବାକୁ ହେବ ଏଇ ନିର୍ଦ୍ଦେଶ ଯେମିତି ରକ୍ତରେ ମିଶି ଯାଇଥିଲା ରବିସିଂଙ୍କର । ଅବାକ୍ ସମସ୍ତ ଲୋକ । ପୋଲିସକୁ ଦେଖି ବଣ ଜଙ୍ଗଲରେ ଲୁଚୁଥିବା ବନବାସୀ ସ୍ତବ୍ଧ । ରବିସିଂଙ୍କ ମୁହଁରେ ସ୍ମିତ ହସ ଦେଖି ଜମାନମାନେ ଯେମିତି ରାଗିଗଲେ । ପୋଲିସ ଘେରରେ ନେଇଥିବା ଶପଥକୁ ଫଳିଭୂତ କରିବାର ସୁଯୋଗ ମିଳିଥିବାରୁ ରବିସିଂ ମାଝୀ ନିଜକୁ ଧନ୍ୟ ମନେ କଲେ । ସେ ହାତ ବଢ଼ାଇ ମାଟି ମୁଠାଇଲେ । ବୋଳି ଦେଲେ ନିଜ କପାଳରେ ।

ସମଗ୍ର ଜନତା ଏକ ସ୍ୱରରେ କହି ଉଠିଲେ "ଭାରତ ମାତାକୀ ଜୟ" । ରବିସିଂ ମାଝୀ ହୀରାପୁର ଛାଡ଼ିଲେ ପ୍ରଥମ ସତ୍ୟାଗ୍ରହୀ ଭାବେ । ଉମରକୋଟ ଥାନା ପୋଲିସଙ୍କ ହାତକଡ଼ି ଓ ଲାଞ୍ଛନା ଓ ପରିହାସ ଭିତର ନେଇ । ଚାଲିଲେ ଦୀର୍ଘ ତିନିକୋଶ ବାଟ ।

ଉମରକୋଟ ସହାର ଉପକଣ୍ଠରେ ମା ପେଣ୍ଡ୍ରାଣୀ ମନ୍ଦିର । ସାହା ଭରସାର ପ୍ରତ୍ୟକ୍ଷ ଦେବୀ । ପ୍ରେମ, ସ୍ନେହ, ମମତାର ପ୍ରତିମୂର୍ତ୍ତି । ଅତୁଟ ଶ୍ରଦ୍ଧା ଓ ଭକ୍ତି ନେଇ ହାତ ଯୋଡ଼ିଲେ ରବିସିଂ ମାଝୀ ମା ପେଣ୍ଡ୍ରାଣୀଙ୍କୁ । ମୁହଁରେ ସେମିତି ହସ ଲାଖି ରହିଥିଲା । ପଶ୍ଚିମ ଦିଗ ଲାଲ ପଡ଼ି ଆସୁଥିଲା ସେତେବେଳକୁ ।

ସଞ୍ଜ ହେଲା । ଉମରକୋଟ ଥାନାର ମାଟି ପିଣ୍ଡାରେ ବସି ତ୍ରିଲୋଚନ ମିଶ୍ର ରବିସିଂ ମାଝୀଙ୍କୁ ନବରଙ୍ଗପୁର ମାଜିଷ୍ଟ୍ରେଟ କୋର୍ଟରେ ହାଜର କରିବା ପାଇଁ କାଗଜ ପତ୍ର ଲୋଡ଼ିଲେ । ତାଙ୍କ ମନରେ ଆଜି ଏତେ ଖୁସି ଯେ କହିଲେ ନସରେ । ତା ପୂର୍ବରୁ ରବିସିଂ ମାଝୀଙ୍କୁ ଥାନା ହାଜତରେ ରଖି, ପୋଲିସ ପହରା ବସାଇ ସେ ନିଜ ବସାକୁ ଯାଇଥିଲେ । ଖୁସିରେ ପିଇଦେଲେ ଦି ଗିଲାସ ଫୁଲୀ ମନ । ମନଟା ହାଲ୍‌କା ହେଇଗଲା ।

ଲଣ୍ଠନ ବତି ତେଜିଲେ ସେ । ଲଣ୍ଠନ ଆଲୁଅ ଘର କୋଣରେ ବସିଥିବା ରବିସିଂ ମାଝୀଙ୍କ ଉପରେ ପଡ଼ିଲା । ନିଠେଇ କରି ଚାହିଁଲେ ତ୍ରିଲୋଚନ ମିଶ୍ର ତାଙ୍କୁ । ମୁହଁରୁ ଘୃଣାରେ ବାହାରି ପଡ଼ିଲା "ହଇରେ ଶଳା, କଂଗ୍ରେସରେ ମିଶିଛୁ ନାଇଁ, ଏବେ ଥାଇ ଜେଲରେ ତୋର ହାତଗୋଡ଼ ଉଡ଼ିଯିବରେଶଳା, ମାଦରଚୋଦ । ପୁଲିସକୁ ଗାଳି କରିବୁ ନାଇଁ । ଡାଏରୀ ଲେଖିବୁ ଆମ ନାଆଁରେ । ଶଳା ନହେଲେ ପଡ଼ି ମରିବୁରେ "।

ରବିସିଂ ମାଝୀ ସହି ପାରିଲେ ନାହିଁ ତ୍ରିଲୋଚନ ମିଶ୍ରଙ୍କର କଥା । ସେ ରୋକ୍‌ଠୋକ୍ ଶୁଣାଇନେଲେ । ମୋତେ ଯାହା କରିବେ, କରିବେ । ମୋ ବାପା ମାଆ କଥା କହିବେ ନାହିଁ । ଏହି ନିନ୍ଦା ମୁଁ ସହି ପାରିବି ନାହିଁ ।

ସାରା ରାତି ଫୁଙ୍ଗଲା ଦେହରେ, ଖଣ୍ଡିଏ ଲୁଗାରେ ରବିସିଂ ମାଝୀଙ୍କୁ ହାଜତରେ ରଖାଗଲା । ତାଙ୍କୁ ଶୁଣାଇ ଦିଆଗଲା, ରାଜଦ୍ରୋହ ଅପରାଧରେ ତାଙ୍କର ବିଚାରଣା ହେବ ନବରଙ୍ଗପୁରରେ । ସକାଳ ହେଲେ ତାଙ୍କୁ ପଠାଇ ଦିଆଯିବ ଡାବୁ ଗାଁ । ଡାବୁ ଗାଁରୁ ନବରଙ୍ଗପୁର ଜେଲ ।

ପ୍ରଥମ କରି ଉମରକୋଟ ଥାନା ହାଜତ ଭିତରେ ସତ୍ୟାଗ୍ରହୀ ରବିସିଂ ମାଝୀ ଅନୁଭବ କଲେ ଯେମିତି ଏ ଜୀବନର ଗତି ସବୁ ଗତିଠୁ ଅଲଗା । ତାଙ୍କର ମୁହଁରେ ନାଚି ଉଠିଲା ଜେଜେବାପା ଘଟି ବାଣ୍ଡୁଆଙ୍କ ମୁହଁ । ମନେ ପଡ଼ିଲା ୧୯୩୭ ମସିହାରେ କଂଗ୍ରେସ ପାଇଁ ତାଙ୍କୁ ସୁନାଧର ନାୟକଙ୍କ ହାତରେ ସମର୍ପି ଦେବା ବେଳର କଥା । ୧୯୩୭ ମସିହାରୁ ୧୯୪୧ ମସିହା ଦୀର୍ଘ ଚାରିବର୍ଷର ସାଧନାର ଓ ତପସ୍ୟାର ଫଳ ଯେମିତି ଥିଲା ସେଦିନର ଜେଲଯାତ୍ରା ରବିସିଂ ମାଝୀଙ୍କ ପାଇଁ । ସାରା ରାତି ଆଖିରେ ନିଦ ନଥିଲା ତାଙ୍କର ।

****

## ଅଠର

# ଉମରକୋଟ ଥାନାରୁ ନବରଙ୍ଗପୁର ଜେଲ୍

ତା ୧୦.୦୧।.୧୯୪୦ରିଖ । ଉମରକୋଟ ଥାନା । ଥାନାକୁ ଲାଗି ବହି ଯାଉଛି ଭାସ୍କେଲ ନଈ । ମାଘ ମାସର ଜାଡ଼ । ପାଖ ମହୁଲ ଗଛରୁ କାକର ଖସୁଛି । କୁହୁଡ଼ି ଘେରି ଯାଇଛି ଘରିଆଡ଼େ ।

ଥାନାବାବୁ ତ୍ରିଲୋଚନ ମିଶ୍ର ବହୁତ ରାତି ଯାଏ କାଗଜ ପତ୍ର କାମ କରି କ୍ଳାନ୍ତ ହୋଇ ଶୋଇ ପଡ଼ିଥିଲେ । ସେଦିନ ରାତିରେ ରବିସିଂ ମାଝୀକୁ ଗିରଫ କରିଥବବା ଖୁସିରେ ସୁବାରାଓ ଜମାନ ଆଣି ଦେଇଥିବା ଖାଣ୍ଟି ଦେଶୀ ମଦରୁ ଦି ଗ୍ଲାସ ପିଇ ଦେଇଥିଲେ ସେ ।

ସୁବାରାଓ ଜମାନ ଓ କୁଞ୍ଜ ଜମାନ ଥାନା ହାଜତରେ ଫୁଙ୍ଗଲା ଦେହରେ ଜାକିଜୁକି ହୋଇ ବସିଥିବା ରବିସିଂକୁ ଅଣ୍ଟାରେ ଦଉଡ଼ି ବାନ୍ଧି ଭିତରଗଡ଼ ପାଦଚଲା ବାଟରେ ଭାସ୍କେଲ ନଈ କୂଳକୁ ନେଲେ । ଦୁଇ ପୁଲିସ୍ ଜମାନଙ୍କ ଉପସ୍ଥିତିରେ ରବିସିଂ ଝାଡ଼ା ଗଲେ, ଶୌଚ ହେଲେ । ଦାତୁନ୍ (ଦାନ୍ତକାଠି) କଲେ । ଅଣ୍ଟାରୁ ଲୁଗା ବାହାର କରି ସେଇ କାକର ପାଣିରେ ପୋଲିସ ଦିଜଣ ବୁଡ଼ାଇଲେ । ତାପରେ ସେଇ ସରସର ଓଦା ଦେହରେ ଏକ ବସ୍ତ୍ରୀ ରବିସିଂ ମାଝୀକୁ ଆଣି ଥାନା ହାଜତରେ ପୂରାଇଲେ । ତାପରେ ଆଣି ଥାନା ପିଣ୍ଡାରେ ବସାଇଲେ ।

ସକାଳ ହେଲା । କେତେବେଳ ପରେ ଆକାଶରେ ସୂର୍ଯ୍ୟ ଦିଶିଲେ । ତ୍ରିଲୋଚନ ମିଶ୍ରଙ୍କ ଆଦେଶରେ ଥାନା ପିଣ୍ଡାରୁ ରବିସିଂ ମାଝୀଙ୍କୁ ଅଣ୍ଟାରେ ଓ ହାତରେ ଦଉଡ଼ି ବାନ୍ଧି ଦୁଇଜଣ ଗଣ୍ଡା, ଦୁଇଜଣ ଘାସିଆ,ଜଣେ ଚାଲାଣ ଓ ଆଗରେ ପଛରେ ଦୁଇଜଣ ଜମାନ ତାଙ୍କୁ ଚଲାଇ ଚଲାଇ ଡାବୁଗାଁଆଡ଼କୁ ନେଲେ ।

ଉମରକୋଟର ପ୍ରଥମ ସତ୍ୟାଗ୍ରହୀ ରବିସିଂ ମାଝୀ । ତାଙ୍କୁ ଦେଖିବା ପାଇଁ ଭିତର ଗଡ଼ର ଲୋକେ ଥାନାଠୁ ଦୂରେ ଛିଡ଼ା ହୋଇ ରହିଲେ । ସେ ତାଙ୍କ ଗଣ୍ଡ ପରିବାରର ଲୋକ । କେଡ଼େ ଦୁଃଖରେ ଝାଉଁଳି ପଡ଼ିଲେ । ସେଦିନ ସେମାନେ ଦେଖିଲେ ଖଣ୍ଡେ ଅଣ୍ଟା ଲୁଚୁ ନଥିବା ଖଦଡ଼ ଲୁଗା ପିନ୍ଧି, ହାତରେ ହାତକଡ଼ି, ଅଣ୍ଟାରେ ଦଉଡ଼ି ବନ୍ଧା ହୋଇ ରବିସିଂ ଖାଲି ପାଦରେ ଯାଉଛି କୋଉ ଦୂର ଦେଶକୁ, ଗାଁର ନା ନବରଙ୍ଗପୁରକୁ । ନିଜ ଜାତି ଭାଇଙ୍କୁ ଦେଖି ରବିସିଂ ହସି ହସି ହାତ ଉଠାଇ ଜୁହାର କଲେ । ଲୋକେ ସେମିତି କାଠ ପରି ଛିଡ଼ା ହୋଇଥିଲେ ନୀରବ ।

ଗାନ୍ଧୀ ମଣିଷ ରବିସିଂ ମାଝୀ, ମୁକ୍ତିର ସ୍ୱପ୍ନରେ ବିଭୋର ସେ, ଏହି ଯାତ୍ରା ତାପାଇଁ କେମିତି ଏକ ନୂଆ ଅନୁଭୂତ ଯେମିତି ।

ଉମରକୋଟ ଠାରୁ ଡାବୁଗାଁ ବାଟ ଦଶକୋଶ । ଖାଲି ବଣ । ରବିସିଂ ପାର ହେଲେ ସାନଭରଣ୍ଡି, ବଡ଼ଭରଣଡି, ଧଡ଼୍ରାପଦର, ବକଡ଼ାବେଡ଼ା, ବିଜାପୁର ଗାଁ ସବୁ । ଡାବୁଗାରେ ପହଞ୍ଚୁ ପହଞ୍ଚୁ ଦିନ ଘରିଗଲା । ଡାବୁଗାଁର ନବରଙ୍ଗପୁର, ବାଟ ଦଶକୋଶ । ତାଙ୍କୁ ବସରେ ବସାଇ ଦୁଇ ଜମାନ ଗଲେ ନବରଙ୍ଗପୁର । ପହଞ୍ଚିଲେ ସଞ୍ଜବେଳେ । ନବରଙ୍ଗପୁର ସବ୍‌ଜେଲର୍‌କୁ ରବିସିଂଙ୍କୁ ସେମାନେ ସମର୍ପି ଦେଲେ । ରାତି ଆସିଲା ଅନ୍ଧାର ନେଇ । ନବରଙ୍ଗପୁର ସବ୍‌ଜେଲ୍‌ର ଗୋଟିଏ କୋଠରୀ ଭିତରେ ରବିସିଂଙ୍କୁ ଖୁନ୍ଦି ଦିଆଗଲା । ସେହି କୋଠରୀ ଭିତରେ କେତେ ଗାଁର କେତେ ବନ୍ଦୀ । କିଏ ଚୋରୀ କରି ସଜା ଭୋଗୁଛି ତ କିଏ ଫୌଜଦାରୀ କରି । ସମସ୍ତେ ରବିସିଂଙ୍କୁ ଚାହିଁଲେ, ଉଣେଇଶ ବର୍ଷର ଧାଙ୍ଗଡ଼ା, ଖଦଡ଼ ପିନ୍ଧା ପିଲା ।

ଅନ୍ଧାର । ଟିକିଏ ଆଗରୁ କଲେଇ କରା ଟିଣ ଥାଳିରେ ମୁଦାଭାତ, ଘମଚେ ମୂଳା ତରକାରୀ, ଅଧା ଅଣକେ ପାଣି ଡାଲି ମିଳିଥିଲା ଜେଲର ଅନ୍ତେବାସୀଙ୍କୁ । ଭାତର ଗନ୍ଧରେ ନାକ ଫାଟି ପଡୁଥିଲା । କହିଲେ କଷ୍ଟ, ମାଡ଼, ଗାଳି, ଅନ୍ଧାର ଭିତରେ ମଶା, ଡାଆଁସ, ମୂଷାଙ୍କ ଅଦଉତି । କେତେ ବନ୍ଦୀ ଘା ଘଉଡ଼, କାଛୁ କୁଣ୍ଡିଆରେ ଆକ୍ରାନ୍ତ । ରୋଗ ପାଇଁ ଔଷଧ ନାହିଁ । ଏମିତି ଏକ କୋଠରୀ ଭିତରେ ରବିସିଂ ସାରାରାତି ବିନା ନିଦରେ କଟାଇଲେ ।

ତା ୧୧.୦୧.୧୯୪୧ ରିଖ ଅପରାହ୍ନ ଦୁଇଟା । ନବରଙ୍ଗପୁର କ୍ୟାମ୍ପ କୋର୍ଟରେ ଉମରକୋଟ ଥାନା କେସ୍ ନଂ ୧୫/୧୯୪୧, ତା ୦୯.୦୧.୧୯୪୧ ଅନୁସାରେ ସରକାରୀ ବିରୋଧି କଥା କହି, ଯୁଦ୍ଧ ଚାନ୍ଦା ନଦେବାକୁ ସଭାରେ ଲୋକଙ୍କୁ ପ୍ରବର୍ତ୍ତାଇବା ଅପରାଧରେ ରବିସିଂ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇ ଦିଆଗଲା ।

ଅପରାଧି ସଂଖ୍ୟା ୯୧୩, ରବିସିଂ ମାଝୀ, ପିତା: ପଟ୍ଟମାଝୀ, ଗ୍ରାମ: ବାଟିବେଡ଼ା, ଥାନା: ଉମରକୋଟ, ଜିଲ୍ଲା: କୋରାପୁଟଙ୍କୁ ସରକାର ବିରୋଧି କାର୍ଯ୍ୟକଳାପ ଯୋଗୁଁ ଭାରତ ରକ୍ଷା ଆଇନର ୩୮(୫) ଓ ୩୪(ଖ) ଅନୁଯାୟୀ ଛଅ ମାସ ସଶ୍ରମ କାରାଦଣ୍ଡର ଆଦେଶ ତଥା ଟ୩୦/- ଜୋରିମାନା କରାଗଲା । ଜୋରିମାନା ଅର୍ଥ ଅନାଦେୟ ସେ ଏହି ବାବଦକୁ ଦୁଇମାସ ଅଧିକ କାରାଦଣ୍ଡ ଭୋଗ କରିବେ ।

ତା୧୨.୦୧.୧୯୪୧ରିଖ ବଡ଼ି ସକାଳୁ ପୋଲିସ ମାର୍ଫତରେ ଅନ୍ୟ ସଜା ଭୋଗିଥିବା ବନ୍ଦୀଙ୍କ ସହିତ ରବିସିଂ ମାଝୀଙ୍କୁ କୋରାପୁଟ ଜିଲ୍ଲା ଜେଲକୁ ପଠାଇ ଦିଆଗଲା ।

ତା ୧୧.୦୧.୧୯୪୧ରୁ ତା ୨୩.୦୬.୧୯୪୧ ଯାଏ ସେ ଜେଲରେ ରହିଲେ, ସଶ୍ରମ କାରାଦଣ୍ଡକୁ ଭୋଗି ।

****

# କୋରାପୁଟ ଜେଲରେ ରବିସିଂ ମାଝୀ

ରବିସିଂ ମାଝୀ ଦିନ ୧୧ଟା ସମୟରେ ସଜା ଭୋଗିବାକୁ କୋରାପୁଟ ଜେଲରେ ପହଞ୍ଚିଲେ । ସେତେବେଳକୁ କୋରାପୁଟ ଜିଲ୍ଲାର ମାତିଲି ଥାନାନ୍ତର୍ଗତ ଅଞ୍ଚଳଗୁମ୍ମାର ଲକ୍ଷ୍ମଣ ନାୟକ ଓ ତାଙ୍କ ସହକର୍ମୀ ନରସିଂହ ଚଲାଣକୁ କଏଦୀ ପୋଷାକ ପିନ୍ଧିବାକୁ ଦିଆଯାଉଥିଲା । ଏହା ଥିଲା ରବିସିଂ ମାଝୀଙ୍କର ଲକ୍ଷ୍ମଣ ନାୟକକୁ ପ୍ରଥମ ଥର ଦେଖିବା ।

କୋରାପୁଟ ଜେଲର କୋଠରୀ ସଂଖ୍ୟା ତିନିରେ ତାଙ୍କୁ ରଖାଗଲା । ଜେଲ ଅଧିକାରୀ ତାଙ୍କୁ କଏଦୀ ସଂଖ୍ୟା ୯୧୩ର ପୋଷାକ ଦେଲେ । ଧଳା ହାଫ ସାର୍ଟରେ ପଟା ପଟା କଳାଦାଗ ଓ ହାଫ୍ ପେଣ୍ଟ ।

ସେତେବେଳେ ସେମିତି ବଡ଼ ରାଜନୈତିକ ବନ୍ଦୀ ନହେଲେ ଅନ୍ୟ ରାଜନୈତିକ ବନ୍ଦୀମାନଙ୍କୁ ସାଧାରଣ ବନ୍ଦୀ ମାନଙ୍କ ସହିତ ରଖା ଯାଉଥିଲା । ଏମାନେ ଘୃଣାର ପାତ୍ର ଥିଲେ ।

କୋରାପୁଟ ଜିଲ୍ଲା ଜେଲ୍‌ର ଅଧିକାରୀ (ଜେଲର) କୁଳମଣି ଦାସ ନିଜ ନିଷ୍ଠୁରତା ପାଇଁ କୁଖ୍ୟାତ ଥିଲେ । ବନ୍ଦୀଙ୍କୁ ମାଡ଼ ମାରିବା, ଲହୁ ଲୁହାଣ କରିବା, ଗାଳି କରିବା, ନାନା ଭାବରେ ଅତ୍ୟାଚାର କରିବା ନିତିଦିନିଆ କଥା ଥିଲା ।

ଜେଲର ଅନୁଭୂତିକୁ ମନେ ପକାଇ ରବିସିଂ ମାଝୀ କହନ୍ତି ଯେ, ସେତେବେଳେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଯେଉଁ କଏଦୀ ପୋଷାକ ଦିଆ ଯାଉଥିଲା ତାହା ଧଳା କନାରେ ତିଆରି ଅଧାହାତର ଅଙ୍ଗି (ସାର୍ଟ) ଓ ଚେଡ଼ି (ପେଣ୍ଟ) କଳାଦାଗ ପଡ଼ିଥିଲା । ସଂଗ୍ରାମୀମାନଙ୍କୁ ସାଧାରଣ କଏଦୀ ମାନଙ୍କୁ ଦିଆଯିବା ଖାଦ୍ୟ ଖାଇବାକୁ ଦିଆ ଯାଉଥିଲା ।

ସକାଳଓଳି ମାଣ୍ଡିଆ ପେଜ । ଖରାବେଳେ ନଳମାପରେ ମୁଦା ଭାତ (ଗୋଡ଼ାଭାତ), ମୂଳା ଓ ଖଡ଼ାଶାଗ ତରକାରୀ ଏକ ଚମଚ ଓ ସଞ୍ଜବେଳେ ମୋଟା ବଗଡ଼ା ଚଉଳର ଭାତ ଓ ଡାଲି ଦିଆ ଯାଉଥିଲା । ପ୍ରାୟ ଅଧିକାଂଶ ଦିନ ଦୁର୍ଗନ୍ଧ, ଗମୁ ମାଣ୍ଡିଆ ଚୂନାର ରୋଟି ଖାଇବାକୁ ଦିଆଯାଉଥିଲା ।

ସାତ ଦିନରେ ଥରେ କଏଦୀ ପୋଷାକ କାଚିବା ପାଇଁ ଖଣ୍ଡେ ଖଣ୍ଡେ ସାବୁନ ଦିଆ ଯାଉଥିଲା । ଯାହା ପାଣି ଦେଇ ଲୁଗାରେ ଯେତେ ଘଷିଲେ ବି ଫେଣ ବାହାରୁ

ନଥିଲା । ଜେଲ କୋଠରୀ ଭିତରେ ପିଉ ବୁଲାଇବାକୁ ଜାଗା ନଥିଲା । ମଶା, ଓଡ଼ଶ, ଅସରପା ଭର୍ତ୍ତି । ଏମିତି ଏକ ଅନଭ୍ୟସ୍ତ ଜୀବନ ଜୀଇଁବା ସଂଗ୍ରାମୀ ମାନଙ୍କର ନିୟତି ଥିଲା ଯେମିତି ।

ଏହି ଜେଲରେ ରବିସିଂ ମାଝୀ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ସହ ସମ୍ପର୍କରେ ଆସିଥିଲେ ଛଅ ମାସ । ଲକ୍ଷ୍ମଣ ନାୟକଙ୍କ ସହିତ ପ୍ରଥମ ବ୍ୟକ୍ତିଗତ ସତ୍ୟାଗ୍ରହ ସମୟରେ କୋରାପୁଟ ଜେଲରେ ସାକ୍ଷାତ ଓ ତାଙ୍କ ବ୍ୟକ୍ତିତ୍ୱ ଓ କଥାବାର୍ତ୍ତାକୁ ମନେ ପକାଇ ରବିସିଂ ମାଝୀ କହନ୍ତି -

"ଲଇଖଣ ନାଏକ କେ କଏଦୀ ଅଙ୍ଗି ଚେଡ଼ି ଜେଲାବେଲେ ମୁଇଁ କରାପୁଟ ଜେଲଥାନେ ଓଲ୍‌ଲି (ଓହ୍ଲାଇଲି) । ଦେକି କରି କାବା ହେଲି । ଗାଗଡ୍ ତାନେ ଖଦଡ଼ ଖଦି । ତା'ର ଉପ୍‌ରେ ଜହର କୋଟ୍ । ମୁଣ୍ଡ୍ ତାନେ ଗାନ୍ଧି ଟୋପି । ଜବର ବପୁ (ସ୍ୱାସ୍ଥ୍ୟବାନ ଦେହ) । ଦେକ୍‌ଲା ପରା ମୁନୁଷ୍ । ଚାଲିଶି ବରଷ ପରା ହେଇ ରେଇସି । ମୁଣ୍ଡର୍ ବାଲ୍ ପାକି ରେଲା ଗୋଟେକ ଦୁଇଟା । ଆକିର ତେଜ ଦେକଲାପରା । ସୁସାରେ ସୁସାରେ ତାତା ସାକ୍ଷତେ ରେଲା । ଆଗତୁ କେତେ ନାଇଁ ଦେକି ରେଲାର, ତା'ର ନା ମାତର ସୁନି ରୋଲି, ପରଟମ୍ କରି ଦେକ୍‌ଲାବେଲେ ତାର ବପୁ । ପାଣ୍ଡରା ଗାଗଡ୍, ମୁହଁ ବେଟି ଲାଗଲା ହାଏ ମାନେ ଗଞ୍ଜାମ୍ ଜିଲ୍ଲାର ହେଇ ରେଇସି ପରା । ତାରପରେ ଲଇଖଣ ନାୟକ ମାତ୍‌ଲି ମୁଝାର ଲୋକ ବୋଲି ଜାନ୍‌ଲି । ତାର ବୁବା (ପିତା) ପଦଲାମ ନାୟକ ଗାଁର ମୁଟାଦାର, ଗଅନ୍ତିଆ ଏ । ଦେଶର୍ କାଜେ ଜୁଜ୍ କରଲାନି ।"

କୋରାପୁଟ ଜେଲର ପ୍ରଥମ ରାତି । ଗନ୍ଧିଆ ମାଣ୍ଡିଆ ଚୂନାର ରୋଟି ଆଉ ପେଜ ମିଶା ଆମ୍ବିଲି ଡାଲିରୁ ଆରମ୍ଭ ହେଲା । ଧାଡ଼ି ବାନ୍ଧି କଲେଇ କରା ଜେଲ୍ ଥାଳିରେ ଖାଇବାକୁ ନେଲାବେଳେ ରବିସିଂ ଦେଖିଲେ ତାଙ୍କ ଭଳି କଏଦୀ ପୋଷାକ ପିନ୍ଧିଥିବା କେତେ ବ୍ୟକ୍ତିଗତ ସତ୍ୟାଗ୍ରହୀଙ୍କୁ । ସେ ପ୍ରାୟ ନବରଙ୍ଗପୁରର ଜଣେ ଦୁଇଜଣଙ୍କୁ ଛାଡ଼ି ଦେଲେ ଆଉ କାହାକୁ ଚିହ୍ନି ନଥିଲେ । କୋରାପୁଟ ଜେଲରେ ଥିଲେ ଆଠ ଶହରୁ ଅଧିକ ବନ୍ଦୀ, ଦୁଇଶହ ପଚାଶ ଜଣଙ୍କ ଯାଗାରେ ।

ଜୟପୁରର ସଦାଶିବ ବେହେରା, ଡମ୍ବରୁ ଚଲିଆ, ସାନଗୁମ୍ମାରୁ ଗୋପୀନାଥ ପୂଜାରୀ, ପାପଡ଼ାହାଣ୍ଡି ବେପ୍‌ଟା ଆମାର କାଳିଆ ଜାନି, ମଝିଆଗାଁ ଟେନ୍ତୁଳିଖୁଣ୍ଟିର ସଦାଶିବ ରଣା, ବୋରିଗୁମ୍ମା ପରସଲାର ଖଗପତି ପୂଜାରୀ, ବାମ୍‌ଣିକୋଟ୍ ନବରଙ୍ଗପୁରର ହରି ଅମନାତ୍ୟ । ସମସ୍ତେ ଆସିଥିଲେ ଯୁଦ୍ଧ ଚାନ୍ଦା ନଦେବାର । ସଭା କରି ବ୍ୟକ୍ତିଗତ

ସତ୍ୟାଗ୍ରହୀ ହୋଇ । କଷ୍ଟ ସହିବେ ସିନା ଶତ୍ରୁକୁ କଷ୍ଟ ଦେବେ ନାହିଁ । ବେଶି ବେଶି ସତ୍ୟାଗ୍ରହ କରିବେ । ସରକାରର ମନ ନିଶ୍ଚେ ବଦଳିବ । ଗାନ୍ଧି ମାପ୍ରୁ ସାଙ୍ଗଲା ଅଟେ । ପରିଚିତ ଅପରିଚିତ ମୁହଁ, ସାରାରାତି ଏଇ ଗୋଟିଏ କଥା । ରାତି ବଢୁଥିଲା ଧୀରେ ଧୀରେ । ମାଘ ମାସର ହାଡ଼ ଥରା ଶୀତରେ କନକନେଇ ଯାଉଥିଲା ଜେଲ ଭିତର । ଜେଲ ପିଣ୍ଡାର ଶେଷରେ ଦିଶୁଥିବା ଜଳୁଥିବା ଜର୍ମାନ ଲଣ୍ଠନ ଆଲୁଅରେ ରାମଚନ୍ଦ୍ର ଜମାନର ବିଡ଼ି ଟାଣିବାର ଦୃଶ୍ୟ । ନା ପାଣିର ସୁବିଧା ନା ଝାଡ଼ା ଯିବାର ସୁବିଧା । ଗାଧୋଇବାତ ଦୂରର କଥା ।

ପ୍ରଥମ ସପ୍ତାହ ଜେଲ ଜୀବନ, କେମିତି ଏକ ଅନୁଭବ । ସଶ୍ରମ କାରାଦଣ୍ଡ । ଗଚରେ ପାଣି ମଡ଼ାଇବା, ମୁର୍ଗା ଛେଚି ତନ୍ତୁ ବାହାର କରିବା ଆଦି କାମ । ସପ୍ତାହର ଶେଷଦିନ, ଜେଲ ଭିତର ପାଣି କୁଣ୍ଡ ପାଖ ସିମେଣ୍ଟ ଚକଡ଼ାରେ କଏଦୀ ପୋଷାକ ସଫା କରୁଥିବା ବେଳେ ରବିସିଂ ଲକ୍ଷ୍ମଣ ନାୟକଙ୍କୁ ପଚାରିଲେ ଯୁବକ ମନର ଜିଜ୍ଞାସା ନେଇ-

"ଦାଦି, ତୁଇତ ରଜାଘର ଏଡ଼େବଡ଼ ନାଇକର ବେଟା । ମୁଟାଦାରର ପିଲା । ବେଡ଼ା ଖାଡ଼ା ଜବର । ତୁଇ କାୟଁକାଜେ କାଂଗ୍ରେସ୍ ତାନେ ବିଡ଼ଲୁସ୍ । କୋନି ତକେ ସାଙ୍ଗଲା ।"

(ବଡ଼ବାପା ! ତୁମେତ ରଜାଘର ଏଡ଼େବଡ଼ ନାୟକର ପୁଅ । ମୁଠାଦାରର ପୁଅ । ଜମିବାଡ଼ି ପ୍ରଚୁର । ତୁମେ କାହିଁକି କଂଗ୍ରେସରେ ଯୋଗଦେଲ । ତୁମକୁ କଂଗ୍ରେସରେ ମିଶିବାକୁ କିଏ କହିଲା ।)

ଲକ୍ଷ୍ମଣ ନାୟକ ହସିଲେ ସେ ଆଗ ଦିନର କଥା ମନେ ପକାଇ । ସେ ଧୀରେ ଧୀରେ ପୋଷାକ କାଚୁ କାଚୁ କହିଲେ – "ମିଟିଂ ମନ ହେବାର । ବିଶ୍ୱାସ ରାୟ ବାବୁ ଆଇଲାଇ । ବେଶି ଥର ମିଟିଂ କରଲାଇ । କର୍ମୀ ମନକେ ଗାଁ ଗାଁ ତାନୁ ଜମା କରଲାଇ । ଗୋଟେକ୍ ଦିନ୍ ମକେ ଖବର ପାଟାଲାଇ । ମିଟିଂ ସାର୍‌ଲା । ବିଶ୍ୱାସ ରାୟବାବୁ ମକେ କଇଲାଏ କି ହାଏ ରାଜା ରାଜୋଡ଼ା ମନ ଆରି ବେଶି ଦିନ୍ ନ ରଅତ୍ । ଗଡ଼ମ୍, ସାପ୍ଲାଇ, ପାନୁ ମନ ଉଟି ଯାଇସି । ତୁଇ କାୟକାଜେ ସରକାରକେ ନାମୁବୁ ଆଚୁ । ରଜାଘର ଲୋକମନ୍ ତମ ମନ୍‌କେ ଲୁଟଲାଇନି । ପିଟ୍‌ଲାଇନି । ହାଏମନ୍‌କେ ସାହାଜ କଲେ ପାପ୍ ହେଇସି । ଆମେ ଆମର ଶାସନ୍ କର୍‌ଲେ ଭଲ୍ ହେଇସି । ବିଶ୍ୱାସରାୟ ବାବୁର କାଟା ସୁନି ମୁଇଁ ଘୁମର୍ ଗାଁର ପାଟର୍ ବାବୁ (ନୀଳକଣ୍ଠ ପାତ୍ର) ଲଗେ ଗଲି । କାଂଗ୍ରେସ ତାନେ ମିଶ୍ ବିଡ଼୍‌ଲି ।"

ଓଡ଼ିଆ ରୂପ:

ମିଟିଂ ମାନ ହେଲାଣି । ବିଶ୍ୱାସରାୟ ବାବୁ ଆସିଲେଣି । ଅନେକ ଥର ମିଟିଂ କଲେଣି । କର୍ମୀମାନଙ୍କୁ ଗାଁ ଗାଁକୁ ଡକାଇ ରୁଣ୍ଡ କରାଇଲେଣି ।  ଦିନେ ମତେ ଖବର ପଠାଇଲେ । ମିଟିଂ ସରିଲା ବିଶ୍ୱାସରାୟବାବୁ ମତେ କହିଲେ କି ଏଇ ରଜାରାଜୁଡ଼ାମାନେ ଆଉ ବେଶି ଦିନ ରହିବେ ନାହିଁ । ଗଡ଼ମ୍, ସପ୍ଲାଇ, ଖଜଣା ସବୁ ଉଠିଯାଉଛି । ତୁ କାହିଁକି ସରକାରକୁ ସାହାଯ୍ୟ କରୁଛୁ । ରଜାଘର ଲୋକମାନେ ତମମାନଙ୍କୁ ଅତ୍ୟାଚାର କରୁଛନ୍ତି । ପିଟୁଛନ୍ତି । ସେମାନଙ୍କୁ ସାହାଯ୍ୟ କଲେ ପାପ ହେବ । ଆମେ ଆମର ଶାସନ କଲେ ଭଲ ହେବ । ବିଶ୍ୱାସ ରାୟ ବାବୁର କଥା ଶୁଣି ମୁଁ ଘୁମର ଗାଁର ପାତ୍ରବାବୁ (ନୀଳକଣ୍ଠ ପାତ୍ର)ଙ୍କ ପାଖକୁ ଗଲି । କଂଗ୍ରେସ ସାଥୀରେ ମିଶିବାକୁ କହିଲି ।

ସେଦିନ ରବିସିଂ ମାଝୀ ଦେଖୁଥିଲେ ଲକ୍ଷ୍ମଣ ନାୟକଙ୍କୁ । ଶୁଣୁଥିଲେ ତାଙ୍କର କଥା । ମନରେ ତାଙ୍କର ମଧ୍ୟ କିଛି ଗୋଟାଏ କରିବାର ଇଛା ବଢ଼ି ଆସିଲା ।

ଅତ୍ୟାଚାର, ରୋଗ, ଯନ୍ତ୍ରଣାକୁ ଦେଖି, ନିଜ ଦେହରେ ଭୋଗି ରବିସିଂ ମାଝୀ ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱ ସମୟ କୋରାପୁଟ ଜେଲରେ କଟାଇଲେ ।

ତା ୨୩.୬.୧୯୪୧ରିଖ ଦିନ ସଜା ସାରି ରବିସିଂ ଫେରିଲେ ନିଜ ଗାଁକୁ ପୁଣି ଥରେ କାରାବରଣ କରିବାର ଅନ୍ୟ ଏକ ପ୍ରସ୍ତୁତି ପାଇଁ ।

****

## କୋଡ଼ିଏ

# ତେଣେ ବାଟିବେଡ଼ା ଗାଁ ଘରେ

୧୯୪୧ ମସିହା ଜୁନ୍ ମାସ । କୋରାପୁଟ ଜିଲ୍ଲାରେ ବର୍ଷାକାଳ ଆସିଯାଏ ଏ ମାସରେ । ଘୁମର ଘୁମର କଳାହାଣ୍ଡିଆ ମେଘ । ଦିନେ, ଦୁଇଦିନ ତଳେ ବାଟିବେଡ଼ା ଗାଁରେ ବର୍ଷା ହେଇ ଛାଡ଼ି ଯାଇଛି । କୋଉଠି କେମିତି ପାଣି ଜମି ଯାଇଛି, କାଦୁଆ ପାଣି ।

ସଞ୍ଜ ହେଲା । ପାଣ୍ଡ୍‌କା (କପୋତ), ପରୁଆ (ପାରା), ହରଡ଼୍ ଚଢ଼େଇ ସବୁ ବସାମୁହାଁ ହେଲେ । କେତେବେଳୁ ଗୋରୁ ଗୋଠାନ୍‌ରୁ ଫେରି ସାରିଥିଲେ ଗାଈଗୋରୁ ।

ଏମିତି ଏକ ସଞ୍ଜବେଳେ ଘର ବାଡ଼ିପଟ ମହୁଲ ଗଛ ପାଖରେ ଝିଅକୁ କାଖେଇ ଛିଡ଼ା ହୋଇଥିଲା ଧନମତୀ ମାଝୀ, ରବିସିଂ ମାଝୀଙ୍କ ସ୍ତ୍ରୀ (ବାଏଲ୍) । ଉଦାସ ଆଖିରେ ଋହୁଁଥିଲା ବାଡ଼ ଡେଇଁ ଦିଶୁଥିବା ପାଦଚଲା ବାଟକୁ । ଏଇବାଟ ଦେଇ ତାର ଆଣ୍ଡ୍‌ରା (ସ୍ୱାମୀ) ହୀରାପୁର ଯାଇଥିଲା । ଆଉ ଫେରିଲାନି । ଛ ମାସ ହୋଇଗଲାଣି । କିଛି ଖବର ନାହିଁ । ଖାଲି ସେ ଶୁଣିଥିଲା "ତାର ଆଣ୍ଡ୍‌ରାକେ ଜମାନ୍ ମନ୍ ବାନ୍ଧି ନେଲାଇବେ ନବରଙ୍ଗପୁର୍‌କେ ।"

କେମିତି ଏକ ଅଭାବବୋଧ ଭିତରେ କଟିଗଲା ଛ ମାସ । ଧନମତୀ ବୁଝେ ନାହିଁ କଂଗ୍ରେସର କଥା । ଗଡମ୍, ପାନ୍ଥ, ସାପ୍ଲାଇର କଥା । ସେ ଋହିଁଥିଲା ଗାଁର ସବୁ ଝିଅ ବୋହୂ ପରି ବରଷା ପାଣିରେ ଭିଜି ସେ ବେଡ଼ାକୁ ଯିବି । ଧାନ ନିଞ୍ଜାଇବ (ବାଲୁଙ୍ଗା ବାଛିବ), ପଲା ରୋପିବ (ତଳି ରୋଇବା) । କାଦୁଅରେ ପଚ ପଚ ହୋଇ ବିଲହୁଡ଼ା ଗାତରୁ କଙ୍କଡ଼ା ଧରିବ । ପେଜ୍ ରାନ୍ଧିବ । ଆମଟ୍ ରାନ୍ଧିବ । ତା'ର ଆଣ୍ଡ୍‌ରା ତା ପାଇଁ ହାଟରୁ ଆଣିଦେବ ଖଦି, ଖଜା, ଖତ୍ରୁ, ଚୂଡ଼ି । ସବୁ ଯେମିତି ସୁଖମୟ ହେବ । ସେ ଉମରକୋଟ ଯିବ ଗୋନ୍‌ଚ୍ଛ (ଗୁଣ୍ଡିଚ୍ଛ ଯାତ୍ରା), କଲ୍‌ସୀ ଯାତ୍‌ରା (ଘଟଯାତ୍ରା) ଦେଖି ।

ସେମିତି କିଛି ହେଲା ନାହିଁ । ମନର କଥା କହିବ ବା କାହାକୁ । ଧନମତୀ ସେମିତି ଋହୁଁଥିଲା ମହୁଲଗଛ ମୂଳେ ଠିଆ ହୋଇ ଦୂର ପାଦଚଲା ମାଟି ବାଟକୁ ।

ଘରେ କୁସୁମ ତେଲର ଦୀପ ଜଳିଲା । ଗୁମ୍‌ସୁମ୍ ଛିଡ଼ା ହୋଇଥିବା ଧନମତୀକୁ ତା ଶାଶୁ ଦୁଃଖୀ ମାଝୀ ଡାକିଲେ ଘର ଭିତରକୁ ଆସିବାକୁ ।

ପଟୁ ମାଝୀ, ଘଟି ମାଝୀ ପିଣ୍ଡାରେ ଜଳୁଥିବା ଅନ୍ତରା ପାଖରେ ବସି ହାତ ସେକୁଥିଲେ । ରାତି ବଢୁଥିଲା, ଆକାଶରେ ହାଲ୍‌କା ମେଘ । କାକର ପବନ ଗଛର

ପତ୍ରକୁ ଥରେଇ ଦଉଥିଲା । ଧନମତୀ ବସିଥିଲା ଚୁପ୍‌ଚାପ୍, ଖାଇବାରେ ମନ ନାଇଁ, ଜୀବନରେ ସୁଖ ନାଇଁ ।

କୋରାପୁଟ ଜେଲରୁ ମୁକୁଳି ଘରକୁ ଆସୁଥିଲା ବେଳେ ରବିସିଂ ମାଝୀ ଶୁଣିଲେ ରବିସିଂ ମାଝୀ ଟ୩୦/-ଜମା ଦେବା ପରେ ପଟୁମାଝୀଙ୍କ ହଳ ବଳଦ ଫେରାଇ ଦିଆଗଲା ।

ରବିସିଂ ମାଝୀ ତ୍ରିଲୋଚନ ମିଶ୍ରଙ୍କ ଏହି କାମ ବିଷୟରେ ସାର୍କିଲ ବେଣୁଧର ଗଡ଼ନାୟକଙ୍କୁ ଲେଖି ଜଣାଇବା ପାଇଁ ସ୍ଥିର କଲେ ।

*****

# ଏକୋଇଶି

# ପୁଣିଥରେ ବ୍ୟକ୍ତିଗତ ସତ୍ୟାଗ୍ରହ

କୋରାପୁଟ ଜେଲରୁ ମୁକୁଳି ଫେରିବା ସମୟରେ ରବିସିଂ ସରାଗୁଡ଼ା ଗ୍ରାମରେ ଶୁଣିଲେ ତାଙ୍କ ଘର ପ୍ରତି ଉମରକୋଟ ପୋଲିସ୍ ଓ ଭାମିନି ଗାଉଣ୍ଟିଆ ଶୁକ୍‌ଚନ୍ଦ ପନ୍‌କାର ଅତ୍ୟାଚରର କାହାଣୀ । ସେ ସରାଗୁଡ଼ାରେ ରହିଗଲେ । ସତେ ଯେମିତି ଦେଶପାଇଁ ଲଢ଼େଇରେ ଘରର ମାୟା ତୁଚ୍ଛ ହୋଇ ପଡ଼ିଥିଲା ତାଙ୍କ ପାଇଁ ।

ନବରଙ୍ଗପୁର ସବ୍ ଡିଭିଜନାଲ୍ କଂଗ୍ରେସ କମିଟୀ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ଦାସ, ଉମରକୋଟ ପ୍ରାଥମିକ କଂଗ୍ରେସ କମିଟୀର ମୁଖ୍ୟ ରବିସିଂ ମାଝୀଙ୍କୁ ଖବର ପଠାଇଲେ ଯେ ଯେତେବେଳ ଯାଏ ଗୋରା ସରକାର କଂଗ୍ରେସ୍ କଥା ନମାନିଛି ସେତେବେଳ ଯାଏ ସ୍ୱରାଜ ପାଇଁ ଲଢ଼େଇ କରିବାକୁ ହେବ, ବ୍ୟକ୍ତିଗତ ସତ୍ୟାଗ୍ରହ ଚଲୁ ରଖିବାକୁ ହେବ ।

୧୯୪୧ ମସିହା ଜୁଲାଇ ମାସ । ରବିସିଂ ପୁଣି ଥରେ ସତ୍ୟାଗ୍ରହ କରିବେ ବୋଲି ଲେଖି ଜଣାଇଦେଲେ ଉମରକୋଟ ଥାନାକୁ । କୋରାପୁଟ ଜିଲ୍ଲା କଲେକ୍ଟର ଓ ପୋଲିସ ସୁପରିଟେଣ୍ଡେଣ୍ଟଙ୍କୁ । ସେ ଏଥର ଅତ୍ୟାଚରର ପ୍ରାଣକେନ୍ଦ୍ର ବାଟିବେଡ଼ାଠାରୁ ପଶ୍ଚିମରେ ଥିବା ଭାମିନୀ ଗ୍ରାମରୁ ସତ୍ୟାଗ୍ରହ ଆରମ୍ଭ କରିବାର ସୂଚନା ଦେଲେ ।

ସାରା ଜୁଲାଇ ମାସ ରବିସିଂ ତାଙ୍କର ଜଣେ ଅତି ଘନିଷ୍ଠ ବନ୍ଧୁ, ସହକର୍ମୀ ପାସୁର ନାୟକ ସହିତ ବୁଲିଲେ ପାଦରେ ଚଲି ଚଲି ଗାଁକୁ ଗାଁ । ଉମରକୋଟ, ରାଇଘର, କୁନ୍ଦାଇ ଅଞ୍ଚଳର ଏମିତି କୌଣସି ଗାଁ ନାହିଁ ଯେଉଁଠି ରବିସିଂ ନପହଞ୍ଚିଲେ । ସବୁଠି ସେଇ ଗୋଟିଏ କଥା, "ଗାନ୍ଧି ମାପ୍ରୁ ସାଙ୍ଗଲା ଆଚେ । ନା ଡରା, ସୂତାକଟ. ଖଦି ପିନ୍ଧା, ରାଜାରାଜୋଡ଼ା ଉଠି ଯାଇସିବେ ।"

ସେ ବୁଲିଲେ ଭାମିନି, ମିରିଗୁଡ଼ା, ବରକନା, ବୈପାରିଭଟ୍ଟା, ପଢ଼େଇଗୁଡ଼ା, ସରାଗୁଡ଼ା, ଖାଣ୍ଡା, ହୀରାପୁର, ବେହେଡ଼ା, ବକଦା, ଉମରଗାଓଁ, ଗୋଟିଗୁଡ଼ା, ବେନୋରା, ନେହୁରା, ଧାର୍ଲି, ତେଲଗାଁ । ବୁଲିଲେ ରାଜପୁର, ସିନ୍ଧିଗାଁ, ଜୀରାଗୁଡ଼ା, ଡୁମର ମଣ୍ଡି, ପୋଡ଼ାଗଡ଼, ଜାମଗୁଡ଼ା, ବକଡ଼ାବେଡ଼ା, ଧଡ଼ା ପଦର, ବଡ଼ ଭରଣ୍ଡି, ସାନଭରଣ୍ଡି । ଦିନକୁ ଚରି ପାଞ୍ଚଟି ଗାଁ । ସବୁଠି କର୍ମୀ ବେହରଣ (ସଭା) । ହାଟଭରଣ୍ଡି, ପକ୍‌ନାପାରା, ଜଲାନ୍ ପାରା, ଭିଖିଆ, ନାୟକଗୁଡ଼ା, ପନାର, ସଣ୍ଡୋସା, ଚିତାବେଡ଼ାର କର୍ମୀମାନେ ତାଙ୍କ ସହିତ ମିଶିଲେ । ପୁଣିଥରେ ରବିସିଂ ସତ୍ୟାଗ୍ରହ କରିବେ ।

କଂଗ୍ରେସବାଲା, ଗାନ୍ଧୀଗୁମାସ୍ତା ବୋଇଲେ ଭୁକ୍ତା, ନାୟକ, ଗଣ୍ଡା, ଚଲାଣଙ୍କ ଭାରି ରିଷା । ଜମାନ, ଗାର୍ଡ୍ଲୁ ରାଗରେ ମାରେ କି ମରେ । ୧୯୪୧ ମସିହା ବେଳକୁ ଗୋରା ସରକାର ଅବସ୍ଥା ଘାଇଲା । ଜୟପୁର ରାଜ କର୍ମଚାରୀଙ୍କ ଆଣ୍ଠ କହିଲେ ନସରେ । ଏମାନେ ଶୋଷଣର ପ୍ରତିନିଧି ଥିଲେ । ମହାତ୍ମାଗାନ୍ଧୀ କହିଲେ ବିଦେଶୀ ଶାସନ ନହଟିଲେ ଦେଶ ଧ୍ୱଂସ ପାଇଯିବ । ସଂସ୍କୃତି ଲୋପ ପାଇଯିବ ।

ଯେତେବେଶୀ ସକ୍ରିୟ କଂଗ୍ରେସ କର୍ମୀ ନିଜ ଇଚ୍ଛାରେ ଜେଲ ଯିବେ, ସେତେବେଶୀ ନୈତିକ ପ୍ରଭାବ ବିଦେଶୀ ଶାସକ ଉପରେ ପଡ଼ିବ । ସେ କହିଲେ ଅହିଂସା ହୋଇ, ଶତ୍ରୁକୁ କୌଣସି କଷ୍ଟ ନଦେଇ ନିଜେ ଯେତେ କଷ୍ଟ, ଦଣ୍ଡ ଆସୁନା କାହିଁକି ସହ ଆତ୍ମବଳରେ ବଳୀୟାନ ହେଲେ ଯାଇ ଅସାଧ ସାଧନ କରିହେବ । ସ୍ୱରାଜ ମିଳିବ ।

ଏ କଥାକୁ ତୃତୀୟ ଶ୍ରେଣୀ ପାଠ ପଢ଼ିଥିବା ରବିସିଂ କେତେ ଦୂର ବୁଝିପାରିଥିଲେ, ସେ ପ୍ରଶ୍ନ ଅବାନ୍ତର, କେବଳ ଗୋଟିଏ ବିଶ୍ୱାସ, "ଗାନ୍ଧି ମାପ୍ରୁ ସାଙ୍ଗ୍ଲା (କହିଲା) ଆଚେ ।" ବାସ୍ ଆଉ ଚିନ୍ତା କରିବାର ନାହିଁ ।

୧୨.୦୮.୧୯୪୧ । ସମୟ ପାଖାପାଖି ଦଶଟା ହେବ । ରବିସିଂ ବକଦା, ଇଡ଼ାପାରା, କସକଙ୍ଗା ଗ୍ରାମ ଗୁଡ଼ିକର କଂଗ୍ରେସ କର୍ମୀଙ୍କ ଗହଣରେ ଭାମିନି ଗ୍ରାମରେ ପହଞ୍ଚିଲେ । କିଛି ଦୂରରେ ଶୁକ୍ରଚନ୍ଦ ପନ୍କା, ଟାର କେତେଜଣ ଅନୁଗତ ଛିଡ଼ା ହୋଇଥିଲେ । ଗାଁ ମଝିଦାଣ୍ଡରେ ସତ୍ୟାଗ୍ରହ କରିବାର ଘୋଷଣା କଲେ । ତାପରେ ବାଟିବେଡ଼ା ଗାଁ ଦେଇ ବିରିସାଡ଼ି ଛକରେ ପହଞ୍ଚିଲେ । ସେଠାରୁ ଉମରକୋଟ, ବାଟ ଚରିକୋଶ । କର୍ମୀମାନଙ୍କ ଗହଣରେ ସେ ଚଲିଲେ ।

ଉମରକୋଟ ପୁରୁଣା ହାଟପଦା । ଶହ ଶହ କର୍ମୀ ଜମା । ଡର ନାହିଁ, ଭୟ ନାହିଁ ପୋଲିସକୁ । ସେହି ହାଟପଦାରେ ସେ କୌଣସି ଭାଷଣ ଦେଲେ ନାହିଁ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ସ୍ଥିର କରା ଯାଇଥିବା ସ୍ଲୋଗାନ ମାନ ଉଚ୍ଚ ସ୍ୱରରେ ଉଚ୍ଚାରଣ କଲେ । କର୍ମୀମାନେ ସେଗୁଡ଼ିକୁ ଦୋହରାଇଲେ -

'ଯୁଦ୍ଧ ଚନ୍ଦା ଦିଅ ନାହିଁ । ଗୋରା ସରକାରଙ୍କ ଗୋଲାମ୍ କର୍ମଚାରୀଙ୍କ କଥା ମାନ ନାହିଁ । ବ୍ରିଟିଶ୍ ସାମ୍ରାଜ୍ୟଶାହା ମୁର୍ଦ୍ଦାବାଦ । ମହାତ୍ମାଗାନ୍ଧୀଙ୍କ ଜୟ । ଭାରତ ମାତାକୀ ଜୟ ।"

ସଭା ଚଲିଥିବା ସମୟରେ ପହଞ୍ଚିଲେ ମହମ୍ମଦ ବାଜୀ । ଯେକି ନବରଙ୍ଗପୁର ସହରର ଜଣେ ଏକ ନିଷ୍ଠ ଗାନ୍ଧୀବାଦୀ କଂଗ୍ରେସକର୍ମୀ । ଉମରକୋଟ ପୁରୁଣା ହାଟପଦାରେ ଯେତେବେଳେ ରବିସିଂ ମାଝୀ ଓ ମହମ୍ମଦ ବାଜୀ ସ୍ଲୋଗାନ ଦେଲେ, ଏଇ ମୁହୂର୍ତ୍ତକୁ

ଯେମିତି ଅପେକ୍ଷା କରିଥିଲେ ନବରଙ୍ଗପୁର ଥାନାରୁ ଆସିଥିବା ସର୍କଲ ଇନ୍‌ସପେକ୍ଟର ଖାନ୍ ସାହେବ୍ । ସେ ରବିସିଂ ମାଝୀ ଓ ମହମ୍ମଦ ବାଜୀଙ୍କୁ ଗିରଫ୍ କରି ଉମରକୋଟ ଥାନାକୁ ନେଲେ, ପଛରେ ଶହ ଶହ କର୍ମୀ । ଉମରକୋଟ ଥାନା କୋଠରୀ ଭିତରେ ସାରାରାତି ରବିସିଂ ଓ ମହମ୍ମଦ ବାଜୀଙ୍କର କଟିଲା, ଆଖିରେ ନିଦ ନଥିଲା । ଆକାଶରେ ମେଘ । ଶ୍ରାବଣର ବର୍ଷା ବର୍ଷୁଥିଲା ବାହାରେ । ଉମରକୋଟ ଥାନାର ଜମାନ ମାନେ ଏପଟ ସେପଟ ନହୋଇ ଥାନା ପିଣ୍ଡାରେ ଛିଡ଼ା ହୋଇଥିଲେ । ତ୍ରିଲୋଚନ ମିଶ୍ର ଲେଖୁଥିଲେ ସେଦିନର ବିବରଣୀ କାଠ କୁର୍ଚ୍ଚିରେ ବସି ।

୧୩.୦୮.୧୯୪୧ ଦିନ ୧୧ଟା । ରବିସିଂ ମାଝୀ ଓ ମହମ୍ମଦ ବାଜୀଙ୍କୁ ହାଜର କରାଗଲା ନବରଙ୍ଗପୁର ସବ୍‌ଡିଭିଜନାଲ୍ ଅଫିସରଙ୍କ ଆଗରେ ଗିରଫ ହୋଇଥିବା ଅନ୍ୟକର୍ମୀ ସହିତ ।

ରବିସିଂ ମାଝୀ ସ୍ଲୋଗାନ୍ ଦେବା, ସଭା କରିବା ସତ ବୋଲି ମାନିଗଲେ । ଭାରତ ରକ୍ଷା ଆଇନ୍‌ର ଧାର ୩୮ ଉପଧାର ୫ ତଥା ୩୪(୬) କି.ଓ.କେ ଅନୁସାରେ ଦୁଇମାସ ସଶ୍ରମ କାରାଦଣ୍ଡ ତଥା ଟ୫୦/- ଜୋରିମାନା ଏବଂ ଜୋରିମାନା ଅନାଦାୟେ ଆଉ ଅଧିକ ଦୁଇମାସ ସଶ୍ରମ କାରାଦଣ୍ଡ ସଜା ଦିଆଗଲା । ୧୪.୦୮.୧୯୪୧ ସକାଳୁ ରବିସିଂ ମାଝୀ ଓ ମହମ୍ମଦ ବାଜୀଙ୍କୁ ଅନ୍ୟବନ୍ଦୀଙ୍କ ସହିତ ଗାଡ଼ିରେ କୋରାପୁଟ ଜିଲ୍ଲା ଜେଲକୁ ପଠାଇ ଦିଆଗଲା ।

କୋରାପୁଟ ଜିଲ୍ଲା ଜେଲରେ ସେ ପୁଣି ଭେଟିଲେ ଲକ୍ଷ୍ମଣ ନାୟକଙ୍କୁ, ନନ୍ଦପୁରର ଗଙ୍ଗାଧର ଜୋଲା ଏବଂ ପଟାଙ୍ଗିର ପନୁର ଦାସଙ୍କୁ । ସେଇ ଦୂଷିତ ପରିବେଶ, ସେଇ ପ୍ରଥମ ସତ୍ୟାଗ୍ରହ ସମୟର ବାତାବରଣ, ସେହି ଖାଦ୍ୟ, ସବୁ ସେମିତି ଆବର୍ଜନାମୟ ।

ସେତେବେଳକୁ ସତ୍ୟାଗ୍ରହ କରି ଯେଉଁ ସଂଗ୍ରାମୀମାନେ କୋରାପୁଟ ଜିଲ୍ଲା ଜେଲ ଭିତରେ ଥିଲେ ସେମାନେ ହେଲେ ନବରଙ୍ଗପୁରର ଲକ୍ଷ୍ମୀଚନ୍ଦ୍ର ଦାସ, ଆନ୍ନାଜୀରାଓ, ଚେନ୍ତୁଳି ଖୁଣ୍ଟି ଉମୁରି ଗାଁର ଖଗପତି ପୂଜାରୀ, ପିଡ଼ନି, ଝରିଗାଁର ଭଦର ମାଝୀ, ଡାବୁଗାଁ କଇଲାରି ଗାଁର ରବିସିଂ ମାଝୀ, କୋଡ଼ିଙ୍ଗା ଚଟାହାଣ୍ଡିର ରାମଚନ୍ଦ୍ର ପୂଜାରୀ, ବୋରିଗୁମ୍ମା ଆଉଁଳିର ରତନ ନାୟକ ଓ ଡାବୁଗାଁ କସମବନ୍ଧ ଗାଁର ସନୁମାଝୀ ।

ଜେଲ ଭିତରେ ସତ୍ୟାଗ୍ରହୀ ମାନଙ୍କୁ ରାତିରେ ଗମୁ ଗନ୍ଧିଆ ଦରସିଝା, ଦରପୋଡ଼ା ମାଣ୍ଡିଆ ଚୂନାର ରୋଟି ଓ ଆମ୍ବିଳି ପେଜ ମିଶା ଡାଲି ଦିଆ ଯାଉଥିଲା । ଏହି ପରି ଖାଦ୍ୟ ନଖାଇ ପ୍ରତିବାଦ କରିବାରୁ ନନ୍ଦପୁରର ଗଙ୍ଗାଧର ଜୋଲା ଓ ପଟାଙ୍ଗିର ଠାକୁର ଦାସଙ୍କୁ ଜେଲର କୁଳମଣି ଦାସଙ୍କ ନିର୍ଦ୍ଦେଶରେ ଜେଲର ୱାର୍ଡ଼େନ କେତେଜଣ ମାଡ଼ ମାରି

ଦରମରା କରିଦେଲେ ଓ ଗୋଡ଼ହାତ ବାନ୍ଧି ସେଡ୍‌ର ଗୋଟିଏ କୋଣରେ ପକାଇ ଦେଲେ । ଏହି ଅତ୍ୟାଚାର, ସତ୍ୟାଗ୍ରହୀଙ୍କ ମନରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି କଲା ।

ସେଦିନ ରାତିରେ କର୍ମୀମାନେ ଭାରି ବିବ୍ରତ, ଅଶାନ୍ତ ହୋଇ ପଡ଼ିଲେ । କଣ କଲେ ଏହି ଦଣ୍ଡରୁ ମୁକ୍ତି ମିଳିବ । ବହୁ ସମୟ ଆଲୋଚନା ପରେ ନବରଙ୍ଗପୁର ସତ୍ୟାଗ୍ରହୀ ଲକ୍ଷ୍ମୀଚନ୍ଦ୍ର ଦାସ କହିଲେ ଗାନ୍ଧିଜୀ ବତାଇଥିବା ମାର୍ଗରେ ଏହି ଅନ୍ୟାୟର ପ୍ରତିରୋଧ କରିବାକୁ ହେବ । ସମସ୍ତ ସତ୍ୟାଗ୍ରହୀ ଜେଲର ଜେଲ ସୁପରିଟେଣ୍ଡେଣ୍ଟଙ୍କୁ ଲେଖି ଜଣାଇଦେଲେ ଯେ ସେମାନେ ମାଣ୍ଡିଆ ରୋଟି, ଆମ୍ବିଳି ଡାଲି, ବଗଡ଼ା ଗୋଡ଼ି ଓ ଧାନମିଶା ଭାତ ଖାଇବେ ନାହିଁ । ଉସୁନା ଚାଉଳର ଭାତ ଛୁଇଁବେ ନାହିଁ । ଜେଲର କର୍ମଚାରୀ ମାନଙ୍କର ଅତ୍ୟାଚାର ଓ ଖରାପ ଖାଦ୍ୟର ପରିବର୍ତ୍ତନ ନହେଲା ଯାଏ ସମସ୍ତେ ସମ୍ପୂର୍ଣ୍ଣ ଉପବାସ କରିବେ ।

ଲେଖା ପଢ଼ି ଜେଲର କୁଳମଣି ଦାସ ତାଚ୍ଛଲ୍ୟର ହସହସି ଲେଖା କାଗଜଟିକୁ ଚିରିଦେଲେ । ଅନ୍ୟାୟର ପ୍ରତିବାଦରେ ଉପବାସ କରିବା କୋରାପୁଟ ଜିଲ୍ଲା ଜେଲରେ ପ୍ରଥମ ଥର ପାଇଁ ହେଲା । ସତ୍ୟାଗ୍ରହୀ ମାନଙ୍କୁ ଅନ୍ୟ ସାଧାରଣ ବନ୍ଦୀମାନେ ମଧ୍ୟ ସମର୍ଥନ ଜଣାଇଲେ । ଆଠଶହ ବନ୍ଦୀଙ୍କ ପାଇଁ ରନ୍ଧା ଯାଇଥିବା ଖାଦ୍ୟ ସେମିତି ପଡ଼ି ରହିଲା, କେହି ଛୁଇଁଲେ ନାହିଁ । ଦିନେ ଗଲା, ଦୁଇ ଦିନ ଗଲା । ଜେଲର, ୱାର୍ଡ଼ମ ମାନଙ୍କ ଧମକ ଚମକ କିଛି ପାଇଟିକୁ ଆସିଲା ନାହିଁ । ଏହା ଜେଲ ଭିତରେ ବିଷମ ସମସ୍ୟା ସୃଷ୍ଟି କରାଗଲା । ଜେଲ୍ ସୁପରିଟେଣ୍ଡେଣ୍ଟ ନିତ୍ୟାନନ୍ଦ ଦତ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଜଣାଇଲେ ଖବର ଗଲା ବିଶାଖାପାଟଣାର ଗୋରା ସରକାରଙ୍କ ପ୍ରତିନିଧି ପଲଟିକାଲ ଏଜେଣ୍ଟଙ୍କ ନିକଟକୁ । ତାଙ୍କ ହସ୍ତକ୍ଷେପରେ ତିନିଦିନ ପରେ ଜିଲ୍ଲା ମାଜିଷ୍ଟ୍ରେଟ ଦେଇଥିବା ଆଦେଶ ଯେ ସତ୍ୟାଗ୍ରହୀମାନଙ୍କୁ କେବଳ ମାଣ୍ଡିଆଜାଉ ଓ ମାଣ୍ଡିଆ ରୋଟି ଦିଆଯିବ ପ୍ରତ୍ୟାହାର କରି ନିଆଗଲା ଏବଂ ଦିଓଳି ଉସୁନା ବଗଡ଼ା ଭାତ ବଦଳରେ ଅରୁଆ ଭାତ ଦେବା ପାଇଁ ସାନି ଆଦେଶ ଜାରି ହେଲା ।

ସ୍ୱାଧୀନତା ସଂଗ୍ରାମୀଙ୍କ ମନୋବଳ, ଏକାତ୍ମଭାବ, କଷ୍ଟ ସହିବାର ପ୍ରବୃତ୍ତି ନୂଆ ଇତିହାସ ରଚିଲା କୋରାପୁଟ ଜେଲରେ । ରବିସିଂ ମାଝୀ କୋରାପୁଟ ଜିଲ୍ଲା ଜେଲରେ ଦୁଇମାସ ସଜା କାଟୁ ଥିଲାବେଳେ, ତାଙ୍କ ଗାଁ ବାଟିବେଡ଼ାରେ ପୋଲିସ୍ ଓ ଶୁକ୍‌ଦାସ ପନ୍‌କାର ଲୋକମାନେ ଅତ୍ୟାଚାରର ସୁଅ ବୁହାଇଦେଲେ ।

ପୋଲିସ୍ ଜମାନ ମାନେ କେତେଜଣ ଉମରକୋଟର ଘାସିଆଙ୍କୁ (ଯେଉଁମାନେ ଚୋରି କେସରେ ସଜାଭୋଗି ଫେରିଥିଲେ) ସାଙ୍ଗରେ ନେଇ ବାଟିବେଡ଼ା ଗାଁକୁ ଗଲେ

ରବିସିଂ ମାଝୀଙ୍କୁ ହୋଇଥିବା ଜୋରିମାନା ଟ୫୦/-ଙ୍କା ଆଦାୟ କରିବାକୁ କିନ୍ତୁ ମୁଖ୍ୟ ଉଦ୍ଦେଶ୍ୟ ଥିଲା ରବିସିଂଙ୍କ ପରିବାରକୁ ନାନ ଭାବରେ ହଇରାଣ କରିବା । ଶୁକଚନ୍ଦ ପନ୍‌କା ବାଟିବେଢ଼ା ଗାଁର ରୟତମାନେ ସିସ୍ତୁ (ଜମି ଖଜଣା) ଦେଉନାହାନ୍ତି ବୋଲି ଏକ ମିଛ ଅଭିଯୋଗ ପୋଲିସ ମାର୍ଫତରେ ଅଞ୍ଚଳ ଅଧିକାରୀଙ୍କୁ ଜଣାଇଲା ଯାହା ଫଳରେ ବାଟିବେଢ଼ାର ଲୋକମାନେ ରବିସିଂ ମାଝୀଙ୍କ ବାପା ପଟ୍ଟୁମାଝୀଙ୍କ ମତାଣରେ ସିସ୍ତୁ ଦେଉନାହାନ୍ତି ବୋଲି ଅଞ୍ଚଳ ଅଧିକାରୀ (କାଶୀ ବିଶ୍ୱନାଥ ସାହୁ) ପଟ୍ଟୁମାଝୀ ତଥା ତାଙ୍କ ସାହାଯ୍ୟକାରୀ ଚେଣ୍ଡିଆ କଲାର (ଜଗଚ କଲାର)କୁ ଗିରଫ କରିବାକୁ ଆଦେଶ ଦେଲେ । ଏମାନଙ୍କୁ ଗିରଫ କରି ଉମରକୋଟ ଥାନାକୁ ଅଣାଗଲା ।

ତାପରେ ଯେତେବେଳେ ପଟ୍ଟୁ ମାଝୀଙ୍କ ପରିବାର କୌଣସିମତେ ଟ୫୦/- ଯୋଗାଡ଼ କରି ଜୋରିମାନା ପଇଠ କଲେ ଥାନା ଅଫିସରେ ସେମାନଙ୍କୁ ଉମରକୋଟ ଥାନାରୁ ଛଡ଼ାଗଲା ।

ତାର କିଛି ଦିନ ପରେ ଭାମିନି ଗାଉଣ୍ଡିଆ ଶୁକ୍‌ଦାସ ପନ୍‌କା ଅନ୍ୟ ଗାଁ ରୟତମାନଙ୍କଠାରୁ ସିସ୍ତୁ ଧରି ବାଟିବେଢ଼ା ଦେଇ ଫେରୁଥିବା ସମୟରେ ରବିସିଂଙ୍କ ବାପା ପଟ୍ଟୁମାଝୀ ଉକ୍ତ ସିସ୍ତୁ ଟଙ୍କା ତା'ଠାରୁ ଲୁଟ୍ କରି ନେଇଗଲା ବୋଲି କେତୋଟି ମିଛ ସାକ୍ଷୀ ଯୋଗାଡ଼ କରି ଥାନାରେ ଅଭିଯୋଗ କଲା । ଥାନାବାବୁ ଏ ସଂକ୍ରାନ୍ତିୟ କାଗଜପତ୍ର କରି ଅଦାଲତକୁ ପଠାଇଦେଲେ କେସ୍ ବିଚାରଣା ପାଇଁ । ଏହା ୧୯୪୧ ସେପ୍ଟେମ୍ବର ମାସର କଥା । ଏହି ବିଚାର ଦୀର୍ଘ ୨ ବର୍ଷ ଧରି ଚାଲିଲା ।

ରବିସିଂ ମାଝୀ ସ୍ୱାଧୀନତା ସଂଗ୍ରାମୀ ହେବା ଫଳରେ ତାଙ୍କ ପରିବାର, ବନ୍ଧୁ କୁଟୁମ୍ବ, ଗାଁ ଲୋକ ଯେଉଁ ଦୁଃଖ, ଦୁର୍ଦ୍ଦଶା ସହିଥିଲେ ତାହା କହିଲାବେଳେ ରବିସିଂ ମାଝୀଙ୍କ ସାନଭାଇ ଶୋଭାସିଂ ମାଝୀ ଥରି ଉଠୁଥିବାର ଏହି ଲେଖକ ନିଜେ ପ୍ରତ୍ୟକ୍ଷ କରିଅଛି ।

୧୩.୧୦.୧୯୪୧, ଦୁଇମାସ ସଜା ଭୋଗି ରବିସିଂ କୋରାପୁଟ ଜିଲ୍ଲା ଜେଲରୁ ବାଟିବେଢ଼ା ଫେରିଲାବେଳେ ଭାବୁଥିଲେ ଧନମତୀକୁ ନଦେଖି ଏ ଭିତରେ ଦଶମାସ ହୋଇଗଲାଣି, ସେ କେମିତି ଥିବ କେଜାଣି ?

****

## ବାଇଶି

# ଗୋରା ସରକାର ଭାରତ ଛାଡ଼

କ'ଣ କଲେ ଗୋରା ସରକାର ଭାରତ ଛାଡ଼ି ଚାଲିଯିବେ ଏହା ବିଚାର କରି ନିଷ୍ପତ୍ତି ନେବା ପାଇଁ ୧୯୪୨ ମସିହା ଅଗଷ୍ଟ ମାସ ୭ ଓ ୮ ତାରିଖ ଦୁଇଦିନ ବମ୍ବେଠାରେ କଂଗ୍ରେସ କାର୍ଯ୍ୟକାରିଣୀର ବୈଠକ ଡକାଗଲା। ସାରା ଦେଶର ସବୁ ଅଞ୍ଚଳରୁ କଂଗ୍ରେସ କର୍ମୀମାନେ ବମ୍ବେ ପହଞ୍ଚିଲେ।

ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ଓଡ଼ିଶାରୁ ରାଧାକୃଷ୍ଣ ବିଶ୍ୱାସ ରାୟ, ହରେକୃଷ୍ଣ ମହତାବ, ରାଜକିଶୋର ବୋଷ ଆଦି ୫୦ ଜଣ ସଦସ୍ୟ ବମ୍ବେରେ ପହଞ୍ଚିଲେ।

ଅଗଷ୍ଟ ମାସ ୭ ତାରିଖ ୧୯୪୨ ଦିନ ଗାନ୍ଧୀଜୀ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସମସ୍ତ କଂଗ୍ରେସ କର୍ମୀଙ୍କ ଉଦ୍ଦେଶ୍ୟରେ କହିଲେ, "ଆମେ ଭାରତ ସ୍ୱାଧୀନ କରିବୁ, ନଚେତ ସ୍ୱାଧୀନ କରିବାର ଉଦ୍ୟମ କରୁ କରୁ ପ୍ରାଣଦେବୁ।" ଆମ ଗୋଲାମୀ ବଜାୟ ରହିଥିବା ଦେଖିବା ପାଇଁ କଦାପି ବଞ୍ଚିବୁ ନାହିଁ। ଏହା ହିଁ ଆପଣମାନଙ୍କର ଶପଥ ହେଉ... କାପୁରୁଷ ବା ଦୁର୍ବଳମନାକୁ ସ୍ୱାଧୀନତା ମିଳେ ନାହିଁ।

ସେହିଦିନ ସାମୁହିକ ଅହିଂସାତ୍ମକ ଯୁଦ୍ଧ ବା ସତ୍ୟାଗ୍ରହ ପାଇଁ କଂଗ୍ରେସ କର୍ମୀ ମାନେ କ'ଣ କରିବେ ସେ ବିଷୟରେ ସୂଚନା ଦେଲେ – "ଏହି ଲଢ଼େଇରେ ଯୋଗ ଦେବା ଆଗରୁ ପ୍ରତ୍ୟେକ ସତ୍ୟାଗ୍ରହୀ ବୁଝିରଖିବା ଦରକାର ଯେ, ଏହି ଲଢ଼େଇ ସ୍ୱରାଜ ହାସଲ ନ ହେଲା ଯାଏ ଲଢ଼ିବାକୁ ପଡ଼ିବ। ମୁଁ ସ୍ୱାଧୀନ ହେବି, ନ ହେଲେ ମରିବି ଏହି ଶପଥ ଗ୍ରହଣ କରି ତାକୁ କାମ କରିବାକୁ ପଡ଼ିବ।"

ରାଧାକୃଷ୍ଣ ବିଶ୍ୱାସରାୟ ନିଜ ଟିପାଖାତାରେ ଗାନ୍ଧୀଜୀ ଯାହା କହୁଥିଲେ ତାକୁ ଟିପି ନେଉଥିଲେ।

ଅଗଷ୍ଟ ମାସ ୮ ତାରିଖ ୧୯୪୨ ଦିନ କଂଗ୍ରେସର କାର୍ଯ୍ୟକଳାପକୁ ଦେଖି ଭାରତର ଇଂରେଜ ଗଭର୍ଣ୍ଣର ଜେନେରାଲ ଗୋଟିଏ ଘୋଷଣାପତ୍ର ପ୍ରକାଶ କଲେ –ଗତ କେତେଦିନ ହେଲା କଂଗ୍ରେସ ଦଳ ବେଆଇନ୍ ଭାବେ ଓ କେତେକ କ୍ଷେତ୍ରରେ ଯେଉଁ ବିପଜ୍ଜନକ କାର୍ଯ୍ୟ ପାଇଁ ପୂର୍ବ ପ୍ରସ୍ତୁତି ଚଳାଇଚି, ତାହା ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ହେଉଛି, ଏଣୁ କଂଗ୍ରେସ ଦଳକୁ ବେଆଇନ ଘୋଷଣା କରାଗଲା।"

ସେହି ଆଠ ଅଗଷ୍ଟ ରାତିରେ ଗାନ୍ଧୀଜୀ ଗୋଟିଏ ଛୋଟିଆ ମନ୍ତ୍ର ଉଚ୍ଚାରଣ କଲେ ସମସ୍ତ କଂଗ୍ରେସ କର୍ମୀଙ୍କ ଉଦ୍ଦେଶ୍ୟରେ 'କର ଅବା ମର' ଓ ଗୋରା ସରକାରକୁ ଚରମ ଆହ୍ୱାନ ଦେଇ କହିଲେ 'ଭାରତଛାଡ଼'।

ଅଗଷ୍ଟ ମାସ ୯ ତାରିଖ ରବିବାର ଦିନ ଗାନ୍ଧୀଜୀଙ୍କୁ ଭାରତ ରକ୍ଷା ଆଇନ୍ ବଳରେ 'ବିରଳା ହାଉସ୍'ରୁ ଗିରଫ କରାଗଲା। ସେ ଗିରଫ ହେବା ପରେ ରାଷ୍ଟ୍ର ପ୍ରତି ଶେଷ ବାର୍ତ୍ତାରେ କହିଲେ, ସ୍ୱାଧୀନତା ପାଇଁ ଲଢୁଥିବା ପ୍ରତ୍ୟେକ ଅହିଂସକ ସୈନିକ ଖଣ୍ଡେ କାଗଜରେ ବା କନାରେ 'କର ଅବା ମର' ଲେଖି ନିଜ ପରିଚ୍ଛେଦରେ ଖୋସିବ। ତା ହେଲେ ସେ ଯଦି ସତ୍ୟାଗ୍ରହ କରୁ କରୁ ମରିଯିବ, ତେବେ ତାକୁ ଅହିଂସାରେ ବିଶ୍ୱାସ କରୁ ନଥିବା ଲୋକଠାରୁ ଅଲଗା କରି ବାରିହେବ।"

କଂଗ୍ରେସର 'ଭାରତ ଛାଡ଼' ଘୋଷଣା ସାରା ଭାରତକୁ ଚହଲାଇ ଦେଲା। ସରକାର ସବୁ ଅଞ୍ଚଳରେ କଂଗ୍ରେସ କର୍ମୀଙ୍କୁ ଗିରଫ କଲେ। ସଭା ସମିତି ମନା ହେଲା ସବୁ ପ୍ରାଦେଶିକ କଂଗ୍ରେସ କମିଟି ବେଆଇନ୍ ଘୋଷଣା କରାଗଲା। ଖବର କାଗଜ ଉପରେ କଟକଣା ଜାରି କରାଗଲା।

ରାଧାକୃଷ୍ଣ ବିଶ୍ୱାସରାୟ ଗାନ୍ଧୀଜୀ କହିଥିବା ବାଣୀକୁ ଲେଖି ବମ୍ବେରୁ ଓଡ଼ିଶାକୁ ପଠାଇଦେଲେ। ସେ ସେହି ଅଗଷ୍ଟ ୯ ତାରିଖ ୧୯୪୨ ଦିନ ବମ୍ବେ ମେଲ୍‌ରେ ଓଡ଼ିଶାକୁ ଫେରିଲେ। ରାଧାକୃଷ୍ଣ ବିଶ୍ୱାସରାୟ ଟ୍ରେନ୍‌ରେ ବିଜୟନଗର ଷ୍ଟେସନ୍‌ରେ ଓହ୍ଲାଇ ବସ୍‌ରେ ଜୟପୁର ଆସୁଥିବା ବେଳେ ସାଲୁର ଠାରେ ତା ୧୧.୦୮.୧୯୪୨ରିଖ ଦିନ ତାଙ୍କୁ ଗିରଫ କରି କୋରାପୁଟ ଜିଲ୍ଲା ଜେଲକୁ ପଠାଇ ଦିଆଗଲା, ତାପରେ ବ୍ରହ୍ମପୁର ଜେଲକୁ।

କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ଜୟପୁର କଂଗ୍ରେସ କାର୍ଯ୍ୟାଳୟ ଚଢ଼ଉ କରି ସମସ୍ତ କାଗଜପତ୍ର ଟାଇପ୍ ରାଇଟର ଜବତ କରି ତାଲା ପକାଇଦେଲେ।

୧୬.୮.୧୯୪୨ ଦିନ ରାଧାମୋହନ ସାହୁଙ୍କୁ ଜୟପୁର ଠାରେ ଏବଂ ସଦାଶିବ ତ୍ରିପାଠୀଙ୍କୁ କୋଟପାଡ଼ ଠାରେ ଗିରଫ କରାଗଲା। ଅଗଷ୍ଟ ଶେଷ ସୁଦ୍ଧା କୋରାପୁଟ ଜିଲ୍ଲାର ସମସ୍ତ ଆଗଧାଡ଼ିର କଂଗ୍ରେସ କର୍ମୀ ଜେଲ ଭିତରେ ପହଞ୍ଚିଗଲେ, ବାହାରେ ରହିଗଲେ ଗାନ୍ଧୀ ଗୁମସ୍ତା, କଂଗ୍ରେସର ଋରିଅଣିଆ ସଭ୍ୟମାନେ ଆନ୍ଦୋଳନ ଚଳାଇବାକୁ।

ବିଶ୍ୱାସରାୟ ସାଲୁର ଠାରେ ଗିରଫ ହେବା ପୂର୍ବରୁ ବିଜୟନଗର ବସ୍‌ର ଡ୍ରାଇଭର ସୂର୍ଯ୍ୟନାରାୟଣ ହାତରେ ଗୁପ୍ତରେ ଲେଖିଥିବା ଗାନ୍ଧୀଜୀଙ୍କ ବାଣୀ ଓ ଭାରତ ଛାଡ଼ ପ୍ରସ୍ତାବର ମୂଳକଥା ଓ ନିର୍ଦ୍ଦେଶଗୁଡ଼ିକୁ ସାରା ଜିଲ୍ଲା କଂଗ୍ରେସ କର୍ମୀଙ୍କୁ ଜଣାଇଦେବା

ପାଇଁ ନବରଙ୍ଗପୁର ସବଡ଼ିଭିଜନାଲ କଂଗ୍ରେସ କମିଟିର ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ଦାସ ତଥା ଗୁଣୁପୁର କୁଜେନ୍ଦ୍ରୀର ଗାନ୍ଧୀବାଦୀ କର୍ମୀ ବିଶ୍ୱନାଥ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିଲେ।

ନବରଂଗପୁର କଂଗ୍ରେସ ଅଫିସ୍‌ରେ ଥିବା ସାଇକ୍ଲୋଷ୍ଟାଇଲ ମେସିନ୍‌କୁ ପୋଲିସ୍ ନଜରରୁ ବଞ୍ଚେଇ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀଙ୍କ ସୁନାରି ସାହି ସ୍ଥିତ ଘରକୁ ନିଆଗଲା। ସେଠି ଘରର ଆଟୁ (ମେର୍ଦ୍ଦା:ଉପରଘର)ରେ ଲଣ୍ଠନ ଜାଳି ଭାରତ ଛାଡ଼ ଆନ୍ଦୋଳନର ବାର୍ତ୍ତା ପ୍ରାୟ ଦୁଇ ତିନି ହଜାର ଖଣ୍ଡେ ଛପାଗଲା। ଏହି ବାର୍ତ୍ତାକୁ ସୁନ୍ଦର ଅକ୍ଷରରେ ନବରଙ୍ଗପୁରର ସୀମାଞ୍ଚଳ ବେହେରା ଲେଖିଥିଲେ। ବାହାରେ ଶ୍ରାବଣର ଘନଘୋର ବର୍ଷା। କୋରାପୁଟ ଜିଲ୍ଲାର ବର୍ଷା ଥରେ ବର୍ଷା ଆରମ୍ଭ ହେଲେ ପନ୍ଦର ଦିନ ଯାଏ ଥମିବାର ନାମ ନିଏ ନାହିଁ। ଏହି ପ୍ରଚାରପତ୍ରଗୁଡ଼ିକୁ ନବରଙ୍ଗପୁର, ପାପଡ଼ାହାଣ୍ଡି, ଡାବୁଗାଁ, ଉମରକୋଟ, ରାଇଘର, କୁନ୍ଦାଇ, ଝରିଗାଁ, ଚନ୍ଦାହାଣ୍ଡିର କଂଗ୍ରେସ କର୍ମୀ ମାନଙ୍କ ନିକଟକୁ ପଠାଇ ଦିଆଗଲା।

ଡାବୁଗାଁ ଓ ଉମରକୋଟ ଅଞ୍ଚଳରେ ଏହି ପ୍ରଚାରପତ୍ର ଗୁଡ଼ିକୁ ପହଞ୍ଚାଇବାର ଦାୟିତ୍ୱ ମହମ୍ମଦ ବାଜୀ ନେଲେ। ୧୩.୦୮.୧୯୪୨ ଦିନ ଉମରକୋଟ ପ୍ରାଥମିକ କଂଗ୍ରେସ କମିଟିର ମୁଖ୍ୟ ଭାବେ ରବିସିଂ ମାଝୀ ବାଜୀବାବୁଙ୍କ ଠାରୁ ଏହି ପ୍ରଚାରପତ୍ର ଗ୍ରହଣ କରି ବିଭିନ୍ନ ଅଞ୍ଚଳକୁ ପଠାଇବା ପାଇଁ କଂଗ୍ରେସ କମିଟି ଉମରକୋଟର ଅନ୍ୟତମ ସଭ୍ୟ ବଳରାମ କଲାର ଓ ସରାଧୁ ଗୌଡ଼ଙ୍କୁ ଦାୟିତ୍ୱ ଦିଆଗଲା। ଦିନେ, ଦୁଇଦିନ ମଧ୍ୟରେ ପ୍ରଚାରପତ୍ର ଗୁଡ଼ିକ ଉମରକୋଟ ତାଲୁକର ପ୍ରାୟ ସମସ୍ତ ଆଦିବାସୀ ଗ୍ରାମରେ ପହଞ୍ଚାଇ ଦିଆଗଲା। ସମସ୍ତ ଗାନ୍ଧୀଗୁମସ୍ତା (କଂଗ୍ରେସର ଚାରିଅଣିଆ ସଭ୍ୟ)ମାନଙ୍କୁ ଚିଠିର ମର୍ମ ପଢ଼ି ବୁଝାଇ ଦିଆଗଲା। ସମସ୍ତ ସାଧାରଣ ମଣିଷ ବଣଜଙ୍ଗଲରେ ଗାଁ ବସାଇ ରହୁଥିବା ଆଦିବାସୀ ମଣିଷ ବୁଝିପାରିଲା ଭଳି ଏହି ବାର୍ତ୍ତା ଲେଖା ଯାଇଥିଲା ଓଡ଼ିଆରେ ଓ ଆଞ୍ଚଳିକ ଭାଷାରେ ଅନୁବାଦ କରି ମଧ୍ୟ ଲୋକଙ୍କୁ ବୁଝାଇବାକୁ ପଡ଼ିଥିଲା।

ଭାରତ ଛାଡ଼ ଆନ୍ଦୋଳନ ନେଇ ଏଥିରେ କୁହାଯାଇଥିଲା: "ଗାନ୍ଧୀ ମହାତ୍ମାର ଡ଼ାକ। ସ୍ୱରାଜ ପାଇଁ ଲଢ଼େଇ କର। ନିଜକୁ ନିଜେ ନେତା ବୋଲି ଭାବ। ସରକାର ବୋଲି କେହି ନାହିଁ। ଇଛା ଅନୁସାରେ କାମ କର। ଟିକସ ଦିଅ ନାହିଁ। ଯୁଦ୍ଧକୁ ସାହାଯ୍ୟ କର ନାହିଁ। ଆଉ ସବୁବେଳେ କହ ଗୋରା ସରକାର ଭାରତଛାଡ଼।" ଏହି ବାର୍ତ୍ତାକୁ କୋରାପୁଟ ଜିଲ୍ଲା ଦେଶିଆ ଭାଷାରେ କହିଲେ ଏମିତି ହେବ:

'ଗାନ୍ଧି ମାପ୍ରୁ ସାଙ୍ଗଲା ଆଚେ। ସ୍ୱରାଜ କାଜେ ଜୁଜ୍ କରା। ତମେ ମନ୍ ନିଜ୍ କେ ନିଜେ ମୁକିଆ ଲୋଗ ବୋଲି ଚିନ୍ତା କରା। ଆମର୍ ଦେଶେ ଏବେ ସରକାର ବୋଲି

କୋନି ନିଆଏ। ପାନ୍ଥ, ସିସ୍ଥୁ ମେଡ଼ି ଦିଆସ୍। ଜୁଜ୍ କେ ଡାବ୍ଥ, ଖାସୁ ନାଇ ଦିଆସ୍। ଲୋକ୍‌ମନ ସାଙ୍ଗା (କୁହ) ଗୋରା ସରକାର୍, ଭାରତ ଛାଡ଼ା। (ଅନୁବାଦ ରବିସିଂ ମାଝୀଙ୍କ ଦ୍ୱାରା)

୨୦.୦୮.୧୯୪୨ ସୁଦ୍ଧା ଅବିଭକ୍ତ କୋରାପୁଟ ଜିଲ୍ଲାର ମୁଖ୍ୟ ନେତାମାନଙ୍କୁ ଗିରଫ କରି ନିଆଗଲା। ଆଉ ନେତୃତ୍ୱ ନେବାକୁ ଆଗ ଧାଡ଼ିର ନେତା କେହି ରହିଲେ ନାହିଁ। ନେତାମାନଙ୍କୁ ଗିରଫ କରି ନେବା ଫଳରେ ସତ୍ୟାଗ୍ରହ ବା ସେମାନଙ୍କ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳିଲା ନାହିଁ। ସାରା ଦେଶରେ ଅନେକ ପ୍ରକାର ଗୁଜବ ଓ ଜନରବ ଶୁଣାଗଲା। କଂଗ୍ରେସ ସଂଗଠନ ସରକାର ଦମନରେ ଖଣ୍ଡ ବିଖଣ୍ଡ ହୋଇଗଲା। ନିର୍ଦ୍ଦିଷ୍ଟ ନେତୃତ୍ୱର ଅଭାବରୁ ଜନସାଧାରଣ ଆନ୍ଦୋଳନର ବାଗଡ଼ୋର ଟିକୁ ନିଜ ହାତକୁ ନେଲେ ଏବଂ ୧୯୪୨ର ଆନ୍ଦୋଳନ ମହାତ୍ମାଙ୍କ ପ୍ରବର୍ତ୍ତିତ ସତ୍ୟାଗ୍ରହ ନ ହୋଇ ବିଶୃଙ୍ଖ ଗଣ ଆନ୍ଦୋଳନରେ ପରିଣତ ହେଲା।

ପ୍ରତି ଗାଁରେ ପହଞ୍ଚାଇ ଦିଆଗଲା ପ୍ରଚାରପତ୍ର। ରାତିର ଅନ୍ଧାରରେ ଗାଁ ଗାଁରେ ବେହରଣ, ବୈଠକ। ସେହି ବେହରଣ ଗୁଡ଼ିକରେ ନିଷ୍ପତ୍ତି ନିଆଗଲା କେହି ନେତା ନଥିବାରୁ ନିଜେ ନେତା ହୋଇ ଆନ୍ଦୋଳନ ଚଳାଇବାକୁ ପଡ଼ିବ। ହାଟ ବଜାରରେ ସବୁ କର୍ମୀ ଜମା ହୋଇ 'ଗୋରା ସରକାର ଭାରତ ଛାଡ଼' ବୋଲି ପାଟି କରି ଧ୍ୱନି ଦେବେ। ସରକାରକୁ ଅଡୁଆରେ ପକାଇବା ପାଇଁ, ପୁରାପୁରି ଅସହଯୋଗ କରିବା ପାଇଁ ସମସ୍ତ ଗାନ୍ଧୀଗୁମସ୍ତା ମାନେ କାମ କରିବେ।

ଏହି 'ଗୋରା ସରକାର, ଭାରତଛାଡ଼' ଧ୍ୱନି ପ୍ରତିଧ୍ୱନି ହୋଇ ସାରା କୋରାପୁଟ ଜିଲ୍ଲାକୁ ସେତେବେଳେ ଥରାଇ ଦେଲା ଅଗଷ୍ଟ ୧୯୪୨ରେ। ପ୍ରତିହିଂସାପରାୟଣ ଗୋରାସରକାର ଓ ଜୟପୁର ରାଜତନ୍ତ୍ରର ଅମାନୁଷିକ ଅତ୍ୟାଚାରୀ ଗଣ କେତେ କେତେ ସଂଗ୍ରାମୀକୁ ହତ୍ୟା କଲେ। ତାହା ରକ୍ତାକ୍ତ ଇତିହାସ ପାଲଟିଗଲା ଏ ଜିଲ୍ଲାର ତ୍ୟାଗ ବଳିଦାନକୁ ନେଇ ଚିରଦିନ ପାଇଁ।

****

## ତେଇଶି

# ଉମରକୋଟ ଥାନା ଘେରାଓର ପୂର୍ବ ପ୍ରସ୍ତୁତି

ନବରଙ୍ଗପୁର କଂଗ୍ରେସ କମିଟିର ଖବର ଆସିଲା ରବିସିଂ ମାଝୀଙ୍କ ନିକଟକୁ। ୨୪.୦୮.୧୯୪୨ ଦିନ ଉମରକୋଟ ଥାନା ଘେରାଓ କରି କର୍ମୀମାନେ ସ୍ୱଇଚ୍ଛାରେ ଜେଲ ଯିବା ପାଇଁ ପ୍ରସ୍ତୁତି ହେବେ। ଥାନା ଉପରେ କଂଗ୍ରେସ ପତାକା ଉଡ଼ାଇବେ। ସ୍ଲୋଗାନ ଦେବେ ଗୋରା ସରକାର ଭାରତ ଛାଡ଼। ସବୁ କାମ ଗାନ୍ଧୀ ମାଫ୍ଟ କହିଲା ପରି ହେବ। କେହି ହିଂସା କରିବେ ନାହିଁ। କାହାକୁ ହାତ ଉଠାଇବେ ନାହିଁ। ଏହି କାମର ନେତୃତ୍ୱ ରବିସିଂ ମାଝୀ ନେବେ ଆଉ ତାକୁ ବିଭିନ୍ନ ଅଞ୍ଚଳର ସ୍ଥାନୀୟ କର୍ମୀମାନେ ସାହାଯ୍ୟ କରିବେ। ଧାର୍ଯ୍ୟ କରାଯାଇଥିବା ଦିନ ହିଁ ଏହା କରିବାକୁ ହେବ।

ସାରା କୋରାପୁଟ ଜିଲ୍ଲାର କେଉଁ କେଉଁ ଥାନାର ଆଗରେ କର୍ମୀମାନେ ସ୍ଲୋଗାନ୍ ଧ୍ୱନି ଦେଇ ଜେଲ ଯିବେ ସେହି ତାରିଖ ଗୁଡ଼ିକ ସ୍ଥିର କରି ଦିଆଯାଉଥିଲା। ତା ୨୧.୦୮.୧୯୪୨ରେ ମାଟିଲି ଥାନା ଘେରାଓ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ, ୨୪.୦୮.୧୯୪୨ରେ ପାପଡ଼ାହାଣ୍ଡି ଥାନା ଘେରାଓ, ନବରଙ୍ଗପୁର ବାଘ ସିଉନି ଗ୍ରାମର ମୁଖ୍ୟ କଂଗ୍ରେସ କର୍ମୀ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ତଥା ସେହି ୨୪.୦୮.୧୯୪୨ ଦିନ ଉମରକୋଟ ଥାନା ଘେରାଓ ରବିସିଂ ମାଝୀଙ୍କ ନେତୃତ୍ୱରେ ହେବାର ଜଣାଇ ଦିଆଗଲା।

ପ୍ରସ୍ତୁତି ପର୍ବ ଆରମ୍ଭ ହେଲା। ପୋଲିସ୍ ଓ ପୋଲିସ୍ ଦଲାଲଙ୍କ ଆଖିରୁ ନିଜକୁ ବଞ୍ଚେଇ ରବିସିଂ ମାଝୀ ତାଙ୍କ ବନ୍ଧୁ ଓ ସହ କଂଗ୍ରେସ କର୍ମୀ ପାସୁର ନାୟକ ସହିତ ରାତିରେ ପହଞ୍ଚିଲେ ବାଣୁଆ ଗୁଡ଼ା ଗାଁରେ ତାଙ୍କ ଶ୍ୱଶୁର ସମାରୁ ମାଝୀ ଘରେ ୧୪.୦୮.୧୯୪୨ ଦିନ। ସେଠି କର୍ମୀମାନଙ୍କ ବୈଠକରେ ଯେତେବେଳେ ସେ ଉମରକୋଟ ଥାନା ଘେରାଉ କରି କର୍ମୀମାନେ ନିଜ ଇଚ୍ଛାରେ ଜେଲ ଯିବାର କଥା କହିଲେ ଚମକି ପଡ଼ିଲେ ସମାରୁ ମାଝୀ (ବାଣୁଆ ଗୁଡ଼ା ଗାଁ) ରବି ସିଂ ମାଝୀଙ୍କ ଶ୍ୱଶୁର।

ଦଶରଥ ଗାଉଣ୍ଟିଆ ରବିସିଂ ମାଝୀ ଓ ପାସୁର ନାୟକଙ୍କୁ ସବୁ ପ୍ରକାର ସାହାଯ୍ୟ ଦେବାର ପ୍ରତିଶ୍ରୁତି ଦେଇ ପୋଲିସ୍ ଜାଣିଲେ ଗାଁ ଲୋକଙ୍କୁ କାଳେ କୌଣସି ଛାଟି (ହଇରାଣ-ହରକତ) କରିବ ଏହି ଆଶଙ୍କା କରି ସେମାନଙ୍କୁ ସେଇ ରାତିରେ ବାଣୁଆ ଗୁଡ଼ା ଛାଡ଼ି ଚାଲିଯିବାକୁ କହିଲେ।

୧୪.୦୮.୧୯୪୨ ରାତିରେ ରବିସିଂ ମାଝୀ ଓ ପାସୁର ନାୟକ ବାଣୁଆ ଗୁଡ଼ା ଛାଡ଼ି ବେଲଗାଁ ଦେଇ ବଣ ବାଟରେ ହାତରେ ଠେଙ୍ଗାଟେ ଲେଖାଏଁ ଧରି ବଡ଼ ଭରଣ୍ଡି

ଗାଁ ଅଭିମୁଖେ ବାହାରିଲେ। ତାଙ୍କ ସହିତ କଂଗ୍ରେସ କର୍ମୀ ସରାଗୁଡ଼ା ଗାଁର ବଲ୍‌ସାଇ ମାଝୀ ବାଟି ବେଡ଼ାର ଜୟରାମ ବାସୁଦେବ, ହୀରାପୁରର ମଙ୍ଗଳପୂଜାରୀ ଓ ମୁର୍ତ୍ତୁମାର ଯୁଗାଦର ମାଝୀ ଥିଲେ।

ସକାଳ ହେଲା। ସାରାଦିନ ସେମାନେ ରହିଲେ ପରସଲା ବଣ ଭିତରେ। ସାରାଦିନ ସେଠି ରହି ରାତି ଆସିବାରୁ ସେମାନେ ବାହାରିଲେ ବଡ଼ଭରଣ୍ଡି ଗାଁକୁ। ବଡ଼ଭରଣ୍ଡି କର୍ମୀ ଗାଁ। ଏହି ଗାଁର ମୁଖିଆ, ପୂଜାରୀ, ଭାତ ନାୟକ ବଗାପୂଜାରୀ। ଗାଁର ମୁଣ୍ଡିଆଳ। ସମସ୍ତେ ତାଙ୍କ କଥା ମାନନ୍ତି। ସେତେବେଳକୁ ତାଙ୍କୁ ୫୭-୫୮ ବର୍ଷ। ସେ କଂଗ୍ରେସର ଚରିଅଣିଆ ସଭ୍ୟ ବଗାପୂଜାରୀ ଉମରକୋଟ ଥାନା ଘେରାଓରେ କି ଭୂମିକା ଗ୍ରହଣ କରିଥିଲେ ତାହା ଜାଣିବା ପୂର୍ବରୁ ବଗାପୂଜାରୀଙ୍କ ବିଷୟରେ ଜାଣିବା ଏକ ଆବଶ୍ୟକତା, ଯାହା ରବିସିଂ ମାଝୀଙ୍କ ପରବର୍ତ୍ତୀ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଥିଲା।

ମଧ୍ୟପ୍ରଦେଶ (ଏବର ଛତିଶଗଡ଼ ପ୍ରଦେଶ) ଓ ଆନ୍ଧ୍ର ପ୍ରଦେଶର ସୀମାରେ ବହି ଯାଉଛି ପୁଣ୍ୟ ଗୋଦାବରୀ ନଈ। ନଈର ପଶ୍ଚିମ ପାର୍ଶ୍ୱ ବଣ ଭିତରେ କେତେକ ଆଦିମ ଗୋଷ୍ଠୀର ଅଧିବାସୀ। କ୍ରମେ ସେମାନଙ୍କ ବଂଶ ବଢ଼ିଲା ସେମାନଙ୍କ ମଧ୍ୟରୁ କେତେକ ପରିବାର ପୂର୍ବ ଗୋଦାବରୀ କୂଳରେ ଉତ୍ତର ଆଡ଼କୁ ଆସି ମଧ୍ୟ ପ୍ରଦେଶର ଭରତଗଡ଼ରେ ବାସ କଲେ। କାଳକ୍ରମେ ଏମାନେ ଗଣ୍ଡମାନଙ୍କ ଠାରୁ ବିଭାଜିତ ଏକ ଉପଗୋଷ୍ଠୀ ଭାବେ ପରିଚିତ ହେଲେ। ତଥା କାଳକ୍ରମେ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳରେ ବସତି ସ୍ଥାପନ କଲେ। ନିଜକୁ ବସ୍ତରିଆ ବୋଲାଇଲେ। ପରବର୍ତ୍ତୀ କାଳରେ ଏମାନଙ୍କୁ ଭତ୍‌ରା କୁହାଗଲା।

ଏହି ଭତରାଙ୍କ ମଧ୍ୟରୁ କେତେକ ପରିବାର ଓଡ଼େଶା ବା ଉଡ଼ିୟାନ୍ ରାଜ୍ୟ (ଓଡ଼ିଆ ଭାଷା କହୁଥିବା ଅଞ୍ଚଳ)ର ଉମରକୋଟ ତାଲୁକ ଭିତରକୁ ଆସି ଭରାଗନ ପଦର (ଗ୍ରାମ) ନାମକୁ ଗାଁ ବସାଇ ରହିଲେ। ଏହା ଅନୁମାନତଃ ୧୮୫୦-୬୦ ମସିହାର ଘଟଣା। ଏମାନଙ୍କ ଯୌଥ ପରିବାର ଷାଠିଏରେ ପହଞ୍ଚିବାରୁ ସେମାନେ ଉରାଗନ୍ ପଦର ଛାଡ଼ି ଉମରକୋଟ ତାଲୁକର ପୂଜାରୀଗୁଡ଼ା (ପୂଜାରୀ ସଂଜ୍ଞାଧାରୀ, ଆଦିବାସୀ ଦେବଦେବୀଙ୍କୁ ପୂଜା କରୁଥିବା ବଂଶ ବାସ କରୁଥିବା ସାନ ଗାଁ)କୁ ଚାଲି ଆସିଲେ। ଏହି ପୂଜାରୀଗୁଡ଼ାରେ ବଗା ପୂଜାରୀଙ୍କ ପିତା ମୁକୁନ୍ଦ ପୂଜାରୀ ଜନ୍ମଗ୍ରହଣ କରିଥିଲେ।

ମୁକୁନ୍ଦ ପୂଜାରୀଙ୍କ ଚାରିପୁତ୍ର ଥିଲେ ସେମାନେ ହେଲେ ପାକଲୁ ପୂଜାରୀ, ମାଟା ପୂଜାରୀ, ମୋହନ ପୂଜାରୀ ଓ ସବୁଠାରୁ କନିଷ୍ଠ ପୁତ୍ର ଥିଲେ ବଗା ପୂଜାରୀ। ବଗାପୂଜାରୀ ସମ୍ଭବତଃ ୧୮୮୫ ମସିହାରେ ଜନ୍ମଗ୍ରହଣ କରିଥିଲେ।

ବଗା ପୂଜାରୀଙ୍କ କୌଣସି ପୂର୍ବପୁରୁଷଙ୍କୁ ଜୟପୁର ସମସାନମ୍ୱର ରାଜା ରାମଚନ୍ଦ୍ର ଦେବ, ସୂର୍ଯ୍ୟବଂଶୀ (୧୯୨୦-୧୯୩୧) ସୁବର୍ଣ୍ଣ କଙ୍କଣ ପ୍ରଦାନ କରି ତାଙ୍କୁ ବଡ଼ ଭରଣ୍ଡି ଗ୍ରାମ ଓ ତାହାର ନିକଟବର୍ତ୍ତୀ ବରିଗାଁ ମୁଠା, ହୀରାପୁର ମୁଠା, ବଡ଼ନୀ ମୁଠାର ବାରଖଣ୍ଡି ଗ୍ରାମର ଭାତ ନାୟକ ଭାବେ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ଭତ୍ରାମାନଙ୍କ କୁଳ ଦେବା କଙ୍କାଳିନୀ ମାତା ଓ ମାଓଲିଙ୍କ ପୂଜା ଅର୍ଚ୍ଚନା କରିବାର ଅଧିକାର ପ୍ରଦାନ କରିଥିବାରୁ ଏମାନେ ପୂଜାରୀ ବଂଶ ଭାବେ ପରିଚିତ ହେଲେ। ମୁକୁନ୍ଦ ପୂଜାରୀଙ୍କ ମୃତ୍ୟୁ ପରେ ବଗାପୂଜାରୀ, ପୂଜାରୀଗୁଡ଼ା ଛାଡ଼ି ବଡ଼ଭରଣ୍ଡି ଗ୍ରାମକୁ ଚାଲିଆସିଲେ ତାଙ୍କୁ ଗ୍ରାମରେ ବସବାସ କରିବା ପାଇଁ ଖଡ୍‌କା କାରିଆ ବଂଶର ଜଣେ ଭତରା ବ୍ୟକ୍ତି ସାତ ଏକର ଜମି,ଡଙ୍ଗର, (ପଦର) ଓ ଘରଡ଼ିହ ଦେଇଥିଲେ। ଏହି ଗ୍ରାମରେ ବଗାପୂଜାରୀ ନିଜର ନେତୃତ୍ୱ ଗୁଣ ଯୋଗୁଁ ସର୍ବମାନ୍ୟ ବ୍ୟକ୍ତି ଭାବେ ପରିଚିତ ହେଲେ। ସେ ତାଙ୍କ ବାପଙ୍କ ଠାରୁ ଶିଖିଗଲେ ଦେବଦେବୀ ପୂଜା ଓ ବୈଦ୍ୟ ବୃତ୍ତି। ସେ ଥିଲେ ଏକାଧାରାରେ ପୂଜାରୀ ଓ ଦିସାରୀ । ବଡ଼ହରଣ୍ଡି ଗ୍ରାମକୁ ଆସିଲା ପରେ ସେ ମୁରୀ ପୂଜାରୀଙ୍କୁ ବିବାହ କରିଥିଲେ। କାଳକ୍ରମେ ସେ ଚାରି ପୁଅ ଓ ତିନିଝିଅର ପିତା ହୋଇଥିଲେ।

ବଗା ପୂଜାରୀଙ୍କୁ ଯେତେବେଳେ ୫୧-୫୨ ବର୍ଷ (୧୯୩୭-୩୮) ସେ ଦିନେ ନବରଙ୍ଗପୁର ସୋମବାର ହାଟକୁ ନିଜ ଗାଁର କେତେ ଜଣଙ୍କ ସାଥିରେ ଯାଇଥିଲେ। ସେହି ହାଟରେ ସେ ନବରଙ୍ଗପୁରର ଲକ୍ଷ୍ମୀଚାନ୍ଦ ଦାସଙ୍କ ଠାରୁ ମହାତ୍ମାଗାନ୍ଧୀ ଓ କଂଗ୍ରେସର କଥା ପ୍ରଥମ କରି ଶୁଣିଲେ। କଂଗ୍ରେସରେ ମିଶିଲେ ସବୁ ଦୁଃଖ ଯିବ ଜାଣି ସେ କଂଗ୍ରେସରେ ମିଶିବାର ଇଚ୍ଛା ପ୍ରକାଶ କଲେ।

ବଗା ପୂଜାରୀ କଂଗ୍ରେସର ଚାରିଅଣିଆ ସଭ୍ୟ ହୋଇ ଗାନ୍ଧୀ ଗୁମସ୍ତା ହେବାର ଚାରିବର୍ଷ ପୂର୍ବେ ୧୯୩୦ ମସିହାରେ ଆଦିବାସୀଙ୍କ ଭିତରେ ଶିକ୍ଷାର ପ୍ରସାର କରିବା ସଙ୍ଗେ ସଙ୍ଗେ ସେମାନେ କିପରି ଦି' ପଇସା ରୋଜଗାରି ସ୍ୱଚ୍ଛଳ ଜୀବନ ଯାପନ କରି ପାରିବେ ଏହାର ବ୍ୟବସ୍ଥା କରିବା ପାଇଁ ଗାନ୍ଧିଜୀଙ୍କ ଉପଦେଶ ମାନି ବମ୍ବେର ଜଣେ କୋଟିପତି ଅମୃତଲାଲ ଠକ୍‌କର କୋରାପୁଟ ଜିଲ୍ଲାର ଆଦିବାସୀ ବହୁଳ କେତେକ ଅଞ୍ଚଳରେ ଆଶ୍ରମ ମାନ ଖୋଲିବାର ନିଷ୍ପତ୍ତି ନେଲେ। ନବରଙ୍ଗପୁରର ଡାବୁଗାଁ ବଡ଼ ଭରଣ୍ଡି ଓ ଯୋଡ଼େଗାଁ ଠାରେ ଆଶ୍ରମ ପାଇଁ ସ୍ଥାନ ବଛା ଗଲା।

୧୯୩୦ରେ ଠକ୍‌କର ବାପାଙ୍କ ନିର୍ଦ୍ଦେଶରେ ଗଞ୍ଜାମ ଜିଲ୍ଲାରୁ ଦୁଇଜଣ। ସମର୍ପିତ କର୍ମୀ ଲକ୍ଷ୍ମଣ ସାହୁ ଓ ଶ୍ରୀଧର ରେଡ଼୍‌ଡ଼ୀ ବଡ଼ ଭରଣ୍ଡୀ ଆସି ଆଶ୍ରମ ସ୍ଥାପନ ବିଷୟରେ। ବଗା ପୂଜାରୀଙ୍କ ସହ ଆଲୋଚନା କଲେ। ବଗାପୂଜାରୀ ଆଶ୍ରମ ପ୍ରତିଷ୍ଠା ପାଇଁ ନିଜର

ଦୁଇ ଏକର ଡଙ୍ଗର (ପଡ଼ିଆ ଜମି) ଦାନ କଲେ ସେଠି ଗଢ଼ି ଉଠିଲା ପ୍ରଥମେ ଆଶ୍ରମର ଦୁଇ ବଖରା ଘର। ନିଜ ହାତରେ ମାଟି ହାଣି, ମାଟି ଚକଟି ବଗାପୂଜାରୀ ସେ ଦୁଇ ବଖରା ଘର ତିଆରି କରିଥିଲେ। ସେ ଏହି ଆଶ୍ରମରେ ଶିଖିଲେ ଦୁଇ ଅକ୍ଷର ପାଠ ପଢ଼ିବା କପାରକ୍ଷ କରିବା, ଅରଟରେ ସୂତା କାଟିବା, ତନ୍ତରେ ଲୁଗା ବୁଣିବା ଆଉ ସକାଳେ ସଞ୍ଜରେ ସର୍ବ ଧର୍ମ ପ୍ରାର୍ଥନା ବୋଲିବା। ଏହି ଆଶ୍ରମ ତାଙ୍କର ଶିକ୍ଷା କେନ୍ଦ୍ର ହୋଇଗଲା ଆଉ ଏହି ଆଶ୍ରମ ତାଙ୍କ ସ୍ୱାଧୀନତା ସଂଗ୍ରାମର ପ୍ରସ୍ତୁତି ଭୂମି ହୋଇଗଲା।

ସୋମବାର ହାଟ ନବରଙ୍ଗପୁର (ସେତେବେଳେ ଏହି ହାଟ ଧର୍ମଶାଳା ଆମ୍ବତୋଟାରେ ବସୁଥିଲା, କୋରାପୁଟ ଜିଲ୍ଲାର ଅନ୍ୟତମ ବଡ଼ହାଟ)ରେ ବଡ଼ କଂଗ୍ରେସିଆ ଲକ୍ଷ୍ମୀ ଚନ୍ଦ୍ର ଦାସ (ଲୋକ ମୁହଁରେ ଲକି ଚନ୍ଦର)ଙ୍କ ଠାରୁ ମହାତ୍ମାଗାନ୍ଧୀଙ୍କ କଥା, ଗଡ଼ମ ପାନୁ ଉଠିଯିବା କଥା ସେ ଶୁଣିଲେ। କଂଗ୍ରେସରେ ମିଶିଲେ ଆଦିବାସୀ ମାନେ କଷ୍ଟ ପାଇବେ ନାହିଁ। ବେଠି ହାଟ ପାହାଗି ସପ୍ଲାଇ ଉଠିଯିବ। ବଗା ପୂଜାରୀ ମନ ଦେଇ ସବୁ କଥା ଶୁଣିଲେ। ତାଙ୍କ ସାଙ୍ଗରେ ଥାଆନ୍ତି ବକଡ଼ାବେଡ଼ା ଗାଁର ହରିଶ୍ଚନ୍ଦ୍ର ଗାଉଁଣ୍ଡିଆ ଓ ଭାମିନି ଗାଁର ସୁନାଧର ନାୟକ। ବଗା ପୂଜାରୀ କଂଗ୍ରେସରେ ମିଶିବା ଗାନ୍ଧୀ ଗୁମସ୍ତା ହେବା ଯେମିତି ଏ ଅଞ୍ଚଳ ପାଇଁ ଏକ ଯୁଗାନ୍ତକାରି ଘଟଣା। ସେ କଂଗ୍ରେସରେ ମିଶିବା ଉତ୍ସବ ଦେଖିବା ପାଇଁ ଗୁରୁମା ଗାଁର ଯୁଗନ୍ଦର ମାଝୀ, ବାଟିବେଡ଼ାର ରବି ସିଂ ମାଝୀ, ବୁଦୁରାମ ପୂଜାରୀ, ଜାମଗୁଡ଼ାର ଶିବ ମାଝୀ, ବକଡ଼ାବେଡ଼ାର ହରିଶ୍ଚନ୍ଦ୍ର ଗାଉଁଣ୍ଡିଆ, ଭାମିନିର ସୁନାଧର ନାୟକ, ଝରିଗାଁ ବଡ଼ନିର ସୁନାଧର ଭକ୍ତ, ଫୁଁଫୁଗାଁର ଘନ୍ଦରାମ ବୈପାରୀ, ଡାବୁଗାଁ କସମବନ୍ଧ ଗାଁର ସନୁମାଝୀ ତଥା ନବରଙ୍ଗପୁରର ମହମ୍ମଦବାଜୀ ଓ ସୀମାଞ୍ଚଳ ବେହେରା ଆସିଥିଲେ। ମହମ୍ମଦ ବାଜୀ ରସିଦ୍ କାଟି, ବଗାପୂଜାରୀଙ୍କ ଠାରୁ ଚାରିଅଣା ପଇସା ନେଇ ଯେତେବେଳେ ତାଙ୍କ ବେକରେ ହାତକଟା ସୂତାମାଳଟିଏ ପକାଇ ସେ ଗାନ୍ଧୀ ଗୁମସ୍ତା ହେଲେ ବୋଲି ଘୋଷଣା କଲେ, ଲୋକଙ୍କ ମନରେ କେମିତି ଗୋଟାଏ ଆବେଗ ଖେଳିଗଲା। ସେଦିନ ବଗାପୂଜାରୀଙ୍କ ଘରେ ୫୦୦ ଲୋକ ଖାଇଥିଲେ।

ନବରଙ୍ଗପୁର ଗାନ୍ଧୀ ଗୁମସ୍ତା ମାନଙ୍କ କଥା ଶୁଣି ବଗାପୂଜାରୀ ମହାତ୍ମା ଗାନ୍ଧୀଙ୍କୁ ଦର୍ଶନ କରିବାକୁ ସେବାଗ୍ରାମ ଯିବାକୁ ସ୍ଥିର କଲେ। ସେ ନିଜ ଗାଁ ଠକ୍କର ବାପା ଆଶ୍ରମର ପରିଚାଳକ ଲକ୍ଷ୍ମଣ ସାହୁ ଶ୍ରୀଧର ରେଡ଼୍ଡ଼ୀ ତଥା ଏ ଅଞ୍ଚଳର ବିଶିଷ୍ଟ କଂଗ୍ରେସ କର୍ମୀ ହରିଶ୍ଚନ୍ଦ୍ର ଗାଉଣ୍ଡିଆ ଓ ଜାମଗୁଡ଼ା ଗାଁର ଶିବ ମାଝୀଙ୍କ ସହ ସେବାଗ୍ରାମ ଯାତ୍ରା କଲେ। ଏମାନଙ୍କ ସହିତ ମିଶିଲେ ନବରଙ୍ଗପୁରର ମହମ୍ମଦ ବାଜୀ। ଏମାନେ ଉମରକୋଟ, ରାଇଘର ପାର ହୋଇ ମଧ୍ୟପ୍ରଦେଶର ଲିକ୍‌ମା ଠାରେ ପହଞ୍ଚିଲେ। ଏଠାରେ

(ବି.ଏନ.ଆର) ବେଙ୍ଗଲ୍-ନାଗପୁର-ରାୟପୁର ରେଳପଥ ପାଇଁ ସ୍ଲିପର କାଠ ପଠାଇବାର ଏକ ଡିପୋ ଥିଲା । ଲିକମା ଠାରୁ ଗୋଟିଏ ନେରୋଗଜ୍ ରେଳପଥ ବିଗିଲ୍ ଗଞ୍ଜ ଯାଏଁ ପଡ଼ିଥିଲା । ଲିକିମା ଡିପୋରୁ ସ୍ଲିପର ବୁହାକୋଚ୍‌ରେ ବସି ବିଗଲିଗଞ୍ଜରେ ପହଞ୍ଚି ସେଠାରୁ ରାୟପୁର, ନାଗପୁର, ୱାର୍ଦ୍ଧା ଦେଇ ସାବରମତୀ ଆଶ୍ରମରେ ପହଞ୍ଚିଲେ ।

ବଗା ପୂଜାରୀଙ୍କ ମନରେ ମହାତ୍ମାଗାନ୍ଧୀଙ୍କ ପ୍ରଥମ ଦର୍ଶନକି ପ୍ରତିକ୍ରିୟା ସୃଷ୍ଟି କରିଥିଲା କହିବା ସମ୍ଭବ ନୁହେଁ । ସେଠି ସେ ସାତଦିନ ରହିଲେ । ଦେଖିଲେ ବଡ଼ିଭୋରରୁ ସଞ୍ଜଯାଏ ଆଶ୍ରମର କାମ ସବୁ । ସେ ପାଲଟି ଗଲେ ଗାନ୍ଧୀ ମାପ୍ପୁଙ୍କ ଅନନ୍ୟ ପୂଜାରୀ । ତା'ପରଠୁ ଯେତେ ବାଧାବିଘ୍ନ ଆସିଲା, ଛାଡ଼ିଲେ ନାହିଁ, ସତ୍ୟ, ନ୍ୟାୟର ପକ୍ଷକୁ । ଡରିବା ତାଙ୍କ ଜନ୍ମ ଯାତକରେ ନଥିଲା ।

ବଗାପୂଜାରୀ ଫେରି ବଡ଼ ଭରଣ୍ଡିରେ ପହଞ୍ଚିବା ଦିନ ଆଖପାଖ ୧୧ ଖଣ୍ଡ ଗାଁ ଯଥା: ବଡ଼ଭରଣ୍ଡି, ସାନ ଭରଣ୍ଡି, ବକଡ଼ା ବେଡ଼ା, ବାସିନି ଭିଖିଆ, ଗୋରାମ୍ଭା, କୋଦ ଭଟ୍ଟା, ହୀରାପୁର, ବଡନି, ଭାମିନି,ବାଟିବେଡ଼ାର ବହୁ କଂଗ୍ରେସ କର୍ମୀ ତାଙ୍କ ଘରେ ଜମା ହେଲେ । ସମସ୍ତଙ୍କ ଉପସ୍ଥିତିରେ ବଗାପୂଜାରୀ ନିଜ ଅଗଣା ମଝିରେ ତ୍ରିରଙ୍ଗା ପତାକା ଉଡ଼ାଇ ନିଜ ପରିବାରର ସମସ୍ତଙ୍କ ସହ ଶପଥ କଲେ ଯେ ସେ ଓ ତାଙ୍କ ପରିବାରର କୌଣସି ବ୍ୟକ୍ତି ମାଛ ମାଂସ ଖାଇବେ ନାହିଁ । ନିଶାପାଣି ଛୁଇଁବେ ନାହିଁ । ସବୁଦିନ ସୂତା କାଟିବେ । ତନ୍ତରେ ଲୁଗା ବୁଣିବେ । କପା ଚାଷ କରିବେ । ଦିନକୁ ଦୁଇଥର ପ୍ରାର୍ଥନା କରିବେ । ବଡ଼ଭରଣ୍ଡି ଗାଁର ନାୟକ, ଗାଣ୍ଡା, ଚଲାଣକୁ ଛାଡ଼ିଦେଲେ ଗାଁର ସମସ୍ତେ ସେମିତି ଶପଥ କଲେ ବଡ଼ ଭରଣ୍ଡି ହୋଇଗଲା ସେହିଦିନ ଠାରୁ କଂଗ୍ରେସ ଗାଁ । ପୋଲିସ୍‌ର ଶତ୍ରୁ ଗାଁ । ରାଜକର୍ମଚାରୀଙ୍କ କୋପର ଗାଁ ।

୧୯୩୭-୩୮ ମସିହା ବେଳକୁ ବଡ଼ ଭରଣ୍ଡି ଗାଁର ଭତରା ଲୋକମାନେ, ବହୁତ ଘୁଷୁରି ପୋଷୁ ଥିଲେ । ସେ ଗୁଡ଼ିକର ମାଂସ ଖାଉଥିଲେ । ଘୁଷୁରି ମଳ ଗାଁର ଚାରିଆଡ଼େ ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲା । ବଗା ପୂଜାରୀ ସାବରମତୀରୁ ଫେରିବା ପରେ ଗାଁର ସମସ୍ତଙ୍କୁ ଡକାଇ ଗାନ୍ଧୀଙ୍କ କଥା କହିଲେ । ଅଗଣାରେ ପୋତିଥିବା କାଠ ଉପରେ ଉଡୁଥିବା ତ୍ରିରଙ୍ଗା ପତାକା ତଳେ ସମସ୍ତଙ୍କୁ ସେମାନଙ୍କ କୁଳଦେବୀ କଙ୍କାଳିନୀ ମାଇ ଓ ମାଉଲିଙ୍କ ନାମରେ ଶପଥ କରାଇଲେ ଯେ ସେମାନେ ଆଉ ଘୁଷୁରୀ ପାଳିବେ ନାହିଁକି ତା'ର ମାଂସ ଖାଇବେ ନାହିଁ । ସମସ୍ତେ ଶପଥ କଲେ ଏବଂ ସେହି ଦିନଠାରୁ ବଡ଼ ଭରଣ୍ଡି ଗ୍ରାମରୁ ଯୁଗ ଯୁଗରୁ ଚଳି ଆସୁଥିବା ଏକ ଖରାପ ପ୍ରଥା ଦୂର ହେବାର ଆରମ୍ଭ ହେଲା । ଏଥିରୁ ବଗା ପୂଜାରୀଙ୍କ ବ୍ୟକ୍ତିତ୍ୱର ପ୍ରଭାବ କେତେ ଥିଲା ଜଣାପଡ଼େ । ପୁଣି ସେ ଗାଁର କୁଳଦେବୀ କଙ୍କାଳିନୀ ମାତାଙ୍କ ନାମରେ ଲୋକଙ୍କୁ ଶପଥ କରାଇଲେ ଯେ

ସେମାନେ ପାଣି ଘେନି ଶୌଚ ହେବେ, ଦାନ୍ତ ଘଷିବେ ସବୁଦିନ ସୂର୍ଯ୍ୟୋଦୟ ପୂର୍ବରୁ ଗାଧୋଇ ସାରି ଆଶ୍ରମ ପ୍ରାର୍ଥନା ବୋଲିବେ ଓ ରାମଧୁନ ଗାଇ ଗାଁ ପରିକ୍ରମା କରିବେ। ସବୁଦିନ ଝାଡୁ ଓ ଝୁଡ଼ି ଧରି ଗାଁ ଦାଣ୍ଡ ସଫା କରିବେ। ତା ଛଡ଼ା ଗାଁର ସବୁ ଘରେ ତୁଳସୀ ଗଛ ଲଗାଇବେ। ସେ ସବୁଦିନ ଗାଧୋଇ ସାରି ତୁଳସୀପତ୍ର ଓ ତୁଳସୀପାଣି ପିଇବା ବିଧି ପ୍ରଚଳନ କଲେ। ରାତିରେ ଠକ୍‌କର୍ ବାପା ଆଶ୍ରମକୁ ଯାଇ ଦି' ଅକ୍ଷର ପାଠ ପଢ଼ିବା ପାଇଁ ପ୍ରେରଣା ଦେଲେ।

ସାବରମତୀ ଆଶ୍ରମର କାର୍ଯ୍ୟ ତଥା ଗାନ୍ଧିଜୀଙ୍କ ପ୍ରଭାବରେ ବଗାପୂଜାରୀ ଏତେ ଦୂର ପ୍ରଭାବିତ ହୋଇଥିଲେ ଯେ ସେ ନିଜ ଗାଁ ଓ ଗାଁ ଲୋକଙ୍କ ସମୂହ କଲ୍ୟାଣ ପାଇଁ କାର୍ଯ୍ୟ କଲେ। ସେ ହୋଇଗଲେ ଆଖପାଖ ଗାଁର ଲୋକଙ୍କ ଆଖିରେ ଦାଦି ବଗା ପୂଜାରୀ (ଦାଦି-ବାପାଙ୍କ ବଡ଼ଭାଇ) ସମ୍ମାନର ପାତ୍ର। ସେ ଯାହା କହୁଥିଲେ ସମସ୍ତେ ମାନୁଥିଲେ। ରବିସିଂ ମଧ୍ୟ ବଗା ପୂଜାରୀଙ୍କୁ ସମ୍ମାନ ଓ ଶ୍ରଦ୍ଧାର ସହିତ ଦାଦି ସମ୍ବୋଧନ କରୁଥିଲେ।

ଏହି ଅଞ୍ଚଳରେ ଏମିତି ଜଣେ ଗାନ୍ଧୀବାଦୀଙ୍କ ସହିତ ଉମରକୋଟ ଥାନା ଘେରାଉ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ୧୫-୯-୧୯୪୨ ରାତିରେ ରବିସିଂ ମାଝୀ ତାଙ୍କ ସହକର୍ମୀ ମାନଙ୍କ ସହିତ ବଡ଼ଭରଣ୍ଡି ଗାଁରେ ପହଞ୍ଚି ବଗା ପୂଜାରୀଙ୍କୁ ଜୋହାର ହେଲେ। ପିଣ୍ଡାର କାଠ ଅନ୍ତରା ଘରିପଟେ ହାତ ଚାପି (ସେକି) ସମସ୍ତେ ବସିଲେ। କଥା ପଡ଼ିଲା କର୍ମୀମାନେ ତା ୨୪.୮.୧୯୪୨ ଦିନ ଉମରକୋଟ ଥାନା ଘେରାଓ କରିବେ, ବଗା ପୂଜାରୀ ଏହି ଆନ୍ଦୋଳନକୁ ଆଶୀର୍ବାଦ ଦେବେ, ବାଟ ଦେଖାଇବେ କହିଦେବେ କ'ଣ କରିବାକୁ ହେବ।

ସବୁ ଶୁଣି ବଗା ପୂଜାରୀ ତାଙ୍କ ସ୍ୱଭାବ ସୁଲଭ ସ୍ୱରରେ କହିଲେ "ସବ୍ କର୍ମୀମନକେ ସାଙ୍ଗି ଦିଆସ। ପରସଲା ଖମନ ଚାନେ ଗୁଲାଲୋକ ଆଇବାଇ। ହାଏ ଦିନେ କାୟଟା କର୍‌ବାକେ ହେଇସି ପିରର କରୁ। ହଇନା ବୁଟି (ରବି ସିଂଙ୍କ ଡ଼ାକ ନାମ।) ତୁଇ ସବ ଲୋକ୍‌ମନ୍ କେ ଡଗରାଇ ଦେ।"

ଝିପ୍ ଝିପ୍ ବର୍ଷା ପଡୁଥିଲା। ଘରିଆଡ଼େ ଅନ୍ଧାର, ରାତି ବଢୁଥିଲା।

****

## ଚବିଶି

# ଉମରକୋଟ ଥାନା ଘେରାଓ

କର୍ମୀଗାଁ ବଡ଼ଭରଣ୍ଡିରୁ ଫେରି ରବି ସିଂ ମାଝୀ, ଦଲସାଇ ମାଝୀ, ଜୟରାମ ବାସୁ ଦେବଙ୍କ ସହିତ ୧୬.୮.୧୯୪୨ରୁ ୧୯.୮.୧୯୪୨ ଚାରିଦିନ ରାଇଘର ଅଞ୍ଚଳର ବିଭିନ୍ନ ଗାଁ ବୁଲି ବିଶ୍ୱାସ ରାୟ ପଠାଇଥିବା କଂଗ୍ରେସର ବାର୍ତ୍ତା ସଭା କରି ଗାଁ ଲୋକମାନଙ୍କୁ ବୁଝାଇବା ସଙ୍ଗେ ସଙ୍ଗେ ୨୪.୮.୧୯୪୨ରେ ଉମରକୋଟ ଥାନା ଘେରାଓରେ ଯୋଗଦେବା କଥା ମଧ୍ୟ କହିଲେ।

ବଡ଼ଭରଣ୍ଡି ଗାଁ ଠାରୁ ପୂର୍ବପଟେ ବହି ଯାଉଛି ପୋଡ଼ାଗଡ଼ରୁ ବାହାରି ଦକ୍ଷିଣରୁ ଉତ୍ତରାଭିମୁଖୀ ହୋଇ ପାହାଡ଼ୀ ନଈଟିଏ। ନଈର ଦୁଇତଟରେ ଘଞ୍ଚ ବେଣାଗଛ,ଶାଳଗଛ ଏହି ଜଙ୍ଗଲ ଭିତରେ ପରସଲା ଗ୍ରାମ, ଗ୍ରାମର ନାମ ଅନୁସାରେ ବଣର ନାମ ପରସଲା କମନ୍ (ବଣ) । ଏହି ବଣ ଭିତରେ ବଡ଼ଭରଣ୍ଡିର ଭାତନାୟକ, ଗାନ୍ଧୀ ଗୁମସ୍ତାଙ୍କ କଥା ଅନୁସାରେ କର୍ମୀମାନଙ୍କର ଏକ ଗୁପ୍ତ ବୈଠକ ବସିଲା ୨୦.୮.୧୯୪୨ ଅପରାହ୍ନ ବେଳକୁ। ସେଠି ସ୍ଥିର ହେଲା ଆସନ୍ତା ୨୪.୮.୧୯୪୨ ଦିନ କର୍ମୀମାନେ ଉମରକୋଟ ଥାନା ଘେରାଓ କରି ନିଜ ଇଚ୍ଛାରେ ଗିରଫ ହେବେ। ଏହା ଶାନ୍ତିପୂର୍ଣ୍ଣ ଉପାୟରେ କରାଯିବ। ଗାନ୍ଧୀଙ୍କ କହିଥିବା ଅହିଂସାରେ ହେବ। ଯାହା ଦୁଃଖ ପଡୁ, କଷ୍ଟ ପଡୁ କର୍ମୀମାନେ ସହିବେ, କାହାକୁ ହାତ ଉଠାଇବେ ନାହିଁ।

ଉମରକୋଟର କର୍ମୀମାନଙ୍କ ସହିତ ଯୋଗସୂତ୍ର ରଖିବା ଦାୟିତ୍ୱ ନିଜେ ବଗାପୂଜାରୀ ଓ ତାଙ୍କ ପୁଅ ବଳି ପୂଜାରୀ ନେଲେ। ସୁନାବେଡ଼ା ଅଞ୍ଚଳର ଦାୟିତ୍ୱ ନେଲେ ବାଲଚନ୍ଦ ନାୟକ, ବୁଟିସରଗି ଗାଁର ଘାସିରାମ ପନ୍‌କା ଓ ପୋଡ଼ାଗଡ଼ ଅଞ୍ଚଳର ସୁଦର୍ଶନ ପରଗଣିଆ ନିଜ ନିଜ ଅଞ୍ଚଳର କଥା ବୁଝିବା ପାଇଁ ବଗାପୂଜାରୀ କହିଲେ। ରବିସିଂ ମାଝୀ ତିରିଶ ଜଣ କର୍ମୀଙ୍କୁ ସାଙ୍ଗରେ ଧରି ଚାଲିଲେ ପୁଣିଥରେ ରାଇଘର କୁନ୍ଦେଇ ଅଞ୍ଚଳକୁ।

ମିଟିଂ ସରିଲା ରାତିର ଅନ୍ଧାର ଆଉ ଅନ୍ତରା ନିଆଁର ଦିକିଦିକି ଆଲୁଅରେ କର୍ମୀ ସବୁ ନିଜେ ଧରି ଆସିଥିବା ମାଣ୍ଡିଆ ପେଜ, କେହି କେହି ଆଣିଥିବା ଭାତ ଖାଇଲେ। ରାତି ଗଭୀର ହେଲା। କର୍ମୀମାନେ ପରସଲା ଗାଁ ଲୋକଙ୍କ ଘରେ ରାତି କଟାଇ ପାହାନ୍ତିଆ କୁକୁଡ଼ା ଡାକ ବେଳକୁ ନିଜ ନିଜ ଅଞ୍ଚଳକୁ ବାହାରିଲେ, ବଗାପୂଜାରୀଙ୍କୁ ଜୋହାର ହୋଇ।

ପୁରୁଷାର୍ଥକୁ ନେଇ ବଳିଷ୍ଠ ବ୍ୟକ୍ତିତ୍ୱ ବଗାପୂଜାରୀ କ'ଣ ସେଦିନ ଜାଣି ଥିଲେ ଯେ ଇତିହାସ ତାଙ୍କୁ ନିଜ ଛାତିର କୋଣରେ ବିନ୍ଦୁଏ ଯାଗା ଦେବାକୁ ଯାଉଛି। ଭବିଷ୍ୟତ କଥା କିଏ ଜାଣିପାରେ ସତେ ? କେମିତି ବର୍ତ୍ତମାନ ନିଜ ରୂପ ରଙ୍ଗ ବଦଳେଇ ଭବିଷ୍ୟତ ହୁଏ। ଏହି ନ ଜାଣିପାରିବାର ରହସ୍ୟ ହିଁ ବୋଧହୁଏ ମଣିଷକୁ ସଫଳତାର ସିଢ଼ି ଚଢ଼ିବାକୁ ପ୍ରେରଣା ଦିଏ। ସ୍ଥାନ, କାଳ,ପାତ୍ର ଓ ପରିବେଶ ତଥା ଘଟଣାର ପ୍ରଭାବ ଇତିହାସର ମୂଳପିଣ୍ଡ ହୁଏ।

ଏ ଭିତରେ ଚାରିଦିନ ବିତିଗଲା। ତା୨୧.୮.୧୯୪୨ରେ ମାତିଲି ଥାନା ଘେରାଓ କରି ପୋଲିସ୍‌ଗୁଳିରେ ୫ ଜଣ ସହୀଦ ହୋଇଗଲେ। ୨୪.୮.୪୨ଦିନ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ଆନ୍ଦୋଳନ କରି ଶହ ଶହ କର୍ମୀ ପାପଡ଼ାହାଣ୍ଡିରେ ପହଞ୍ଚିଲେ ଆଉ ସେହି ୨୪.୮.୧୯୪୨ ଦିନ ଉମରକୋଟ ଥାନା ଘେରାଓ କରାଗଲା ରବିସିଂ ମାଝୀଙ୍କ ନେତୃତ୍ୱରେ ଦିନ ପ୍ରାୟ ଦୁଇଟାବେଳକୁ।

ତା୨୪.୦୮.୧୯୪୨ ସୋମବାର। ସେଦିନ ଉମରକୋଟ ହାଟ। ହାଟ ବସେ ଦିନ ଦଶଟା ଏଗାରଟା ବେଳକୁ। ଲୋକ ଆସନ୍ତି କିଣାବିକା କରିବାକୁ। ଦଶରାପଦା (ପଡ଼ିଆ)ରେ ଏଠି ହାଟ ବସେ। ଭାରି ଗହଳି।

ଉମରକୋଟ ଥାନା ଘେରାଓ ଆଗ ଦିନ ରବିବାର। ତାରିଖ ୨୩.୮.୧୯୪୨। ସେଦିନ ସଞ୍ଜବେଳକୁ କର୍ମୀ ସବୁ ମହିଷମନ୍ଦା ଗାଁରେ ପହଞ୍ଚିବାକୁ ଲାଗିଲେ। ହାତରେ କଂଗ୍ରେସ ପତାକା। କାନ୍ଧରେ ଝୁଲାମୁଣି। ଆକାଶରେ ଗାଢ଼ କଳା ମେଘ। ଚାରିଆଡ଼େ ଅନ୍ଧାର। ମହୁଲ, ତେନ୍ତୁଳି ଗଛର ଘେରରେ ମହିଷମନ୍ଦା ଗାଁ। ଏଠି ସଞ୍ଜ ହେଲେ ଅଧରାତି। ଘରର ବେଶି ତାଟି (ବାଉଁଶବତାରେ ବୁଣା କବାଟ ପରି ପଟି) ପଡ଼ି ଯାଏ। କର୍ମୀମାନେ ଆଗରୁ ଠିକ୍ କରାଯାଇଥିବା ଘରମାନଙ୍କରେ କୁଣିଆ ହେଲେ।

ଯେତେବେଳେ ସକାଳ ହେଲା ମହିଷମନ୍ଦା (ଭଇଁଷି ମନ୍ଦା ଗାଁ)ର ଲୋକେ ଦେଖିଲେ ଶହ ଶହ କଂଗ୍ରେସ କର୍ମୀ ହାତରେ ତ୍ରିରଙ୍ଗା ପତାକା ଧରି, ହାତରେ ବାଉଁଶ ଠେଙ୍ଗା, କେହି କେହି କାନ୍ଧରେ ଟାଙ୍ଗିଆ ପକାଇ ରାମଧୂନ ଗାଇ ଗାଁରୁ ବାହାରିଲେ। ସେମାନେ ଯିବେ ମଇଁଷିମନ୍ଦା ଗାଁରୁ ବଡ଼ଭରଣ୍ଡି ଗାଁକୁ, ସେଠି ବଗାପୂଜାରୀଙ୍କୁ ମିଶି ଆଶୀର୍ବାଦ ନେବେ। ତା'ପରେ ବାଟ ଦୁଇକୋଶ ଚାଲି ପଶ୍ଚିମ ମୁହାଁ ଯିବେ ଉମରକୋଟକୁ, ସେଠାରୁ ହାଟପଦା। ସେଠି ସଭା କରି ଥାନା ଘେରାଓ କରିବାକୁ ଯିବେ।

ସେଦିନର ଉନ୍ମାଦନା ଏଦିନରେ କଳନା କରିହେବ ନାହିଁ। ଦେଶ ପାଇଁ ଲଢ଼େଇ କରିବାର ଶପଥ ଏବେ ଯେମିତି ସାକାର ହେବାକୁ ଯାଉଛି। କର୍ମୀ ସବୁ ଜମା ହେଲେ ବଡ଼ଭରଣ୍ଡି ଗାଁରେ। କର୍ମୀ ଆସିଥିଲେ ପୋଡ଼ାଗଡ଼, ସିଙ୍ଗସାରି ଗାଁରୁ ଆସିଥିଲେ ବକଡ଼ାବେଡ଼ା, କରମଗି, ଗୋରାମ୍ପା, ପୁରଲାରୁ ଆସିଥିଲେ। ଧଡ୍ରାପଦର, ବାଟିପେଢ଼ା, ଭାମିନି, ସୁନାବେଢ଼ା, ଅଞ୍ଚଳା, ଏକାମ୍ବା, ବଡ଼ବାସିନି ଗାଁରୁ। ଆଉ ଆସିଥିଲେ ସିନ୍ଦିଗାଁ, ରାଜପୁର, ବେନୋରା, ହୀରାପୁର, ବକଦା, ଖଡ଼୍କା, ମୁର୍ତ୍ତୁମା ଗାଁରୁ। ଏ ସ୍ରୋତରେ ସୀମା ନାହିଁ। ଏମାନେ ହାଟରେ ସମସ୍ତଙ୍କ ଆଗରେ ଘୋଷଣା କରିବେ।" ଗୋରା ସରକାର ଭାରତ ଛାଡ଼" ଆଉ ଗିରଫ ହେବେ ସ୍ୱେଚ୍ଛାରେ।

ତା ୨୪.୦୮.୧୯୪୨, ଦିନ ଦଶଟା ହେବ, ଶହ ଶହ କଂଗ୍ରେସକର୍ମୀ ବଡ଼ଭରଣ୍ଡି ଗାଁରେ ପହଞ୍ଚିଲେ। ଗାଁର ନାୟକ, ଗାଣ୍ଡା ଘଲାଣ ଏ ପଟୁଆର ଦେଖି ଛାନିଆ। ଗାଆଁର ନାୟକ ଗାଣ୍ଡାକୁ ଦେଖି କହିଲା । ଏ ଗାଣ୍ଡା ଗଦ୍‌ବଦି ଦେସ୍‌ନା ଉମରକୋଟ ଥାନା ଲଗେ। ଉବଡ଼ା ଇନିସ୍‌ପିଟିକେ ସାଙ୍ଗିଦେସ୍ କର୍ମୀମନ ବଡ଼ଭରଣ୍ଡି ଟାନେ ଗୁଣ୍ଡଲାଇ ବୋଲି, ନାଇଁ ହେଲେ ଜବରଜାଟି ହେଇ ଯାଇସିନା (ହଲରେ ଏ ଗାଣ୍ଡା ତୁ ଧାଇଁ ଯାଇ ଉମରକୋଟ ଯା, ସେଠି ଥାନାବାବୁଙ୍କୁ କହିଦେବୁ କର୍ମୀମାନେ ବଡ଼ଭରଣ୍ଡି ଗାଁରେ ଗୁଣ୍ଡ ହେଲେଣି ବୋଲି, ନ ହେଲେ ଆମେ ଭାରି ଅସୁବିଧାରେ ପଡ଼ିବା)।

ଗଣ୍ଡା ମୁହାଁଇଲା ଉମରକୋଟ ଆଡ଼େ। ଲୋକସଂଖ୍ୟା ବଢୁ ଥିଲା। ସମସ୍ତଙ୍କ ହାତରେ ପେଡ଼ାଗଡ଼ ପର୍ବତରୁ ହଣା ହୋଇଥିବା ସଜ ବାଉଁଶର ତିନି, ଘରିହାତିଆ ଠେଙ୍ଗା। ମୁହଁରେ ସ୍ଲୋଗାନ୍ ଗୋରା ସରକାର ଭାରତଛାଡ଼।" ଆଗରେ ରବିସିଂ ମାଝୀ, ବଳରାମ କଲାର, ସରାଧୁ ଗୌଡ଼, ହରିଶ୍ଚନ୍ଦ୍ର ଗାଉଣ୍ଟିଆ, ଶିବ ମାଝୀ, ପାସୁର ନାୟକ, ବାଲଚନ୍ଦ ନାୟକ, ଯୁଗଧର ମାଝୀ। ସଂଗ୍ରାମୀ ସତ୍ୟାଗ୍ରହୀ ମାନେ ଅଟକିଗଲେ ବଗାପୂଜାରୀଙ୍କ ଘର ଆଗରେ। ବଗାପୂଜାରୀ ସେମାନଙ୍କୁ ନ୍ୟାୟ ଓ ସତ୍ୟକୁ ମାନି, ନିଜର ହୋଇ କାମ କରିବାକୁ ଆଶୀର୍ବାଦ ଦେଲେ। ରବିସିଂ ମାଝୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀ ଦଳ ବଡ଼ଭରଣ୍ଡି ପାର ହୋଇ ସାନଭରଣ୍ଡି ଦେଇ ପହଞ୍ଚିଲେ ଉମରକୋଟର ପୂର୍ବଦିଗରେ ଥିବା ଡଙ୍ଗରିଗୁଡ଼ା ଗାଁର ଆମ୍ବତୋଟାରେ। ସେଠି ରବିସିଂ ମାଝୀ ସମସ୍ତଙ୍କୁ ବସିବାକୁ କହିଲେ। ସେ ଦେଖୁଥିଲେ ସମସ୍ତ ହାତର ବାଉଁଶ ଠେଙ୍ଗା ଓ କାନ୍ଧର ଟାଙ୍ଗିଆକୁ। ସେ ଅନୁମାନ କରି ନେଲେ ହାତରେ ବାଡ଼ି, ଠେଙ୍ଗା, ଟାଙ୍ଗିଆ ଥିଲେ ହିଂସା ହେବ, ଏଣୁ ସେ ସମସ୍ତଙ୍କୁ ବୁଝାଇ କହିଲେ –

ହେଦେନା ! ଆମେମନ କଂଗ୍ରେସ କର୍ମୀ। ନିୟାଅ, ସଚ କାତା କେ ମାନ୍‌ବା ଲୋକ୍। ଗାନ୍ଧି ମାପ୍ର ସାଙ୍ଗଲା ଆଚେ ହିଂସା ନା କରୁ। ମୋର ଗଟେକ୍ କାତା ନାମ୍‌ବାସ୍ କି, ତମର ହାତର ବାଡ଼ି ଠେଙ୍ଗା ମନ, ଟେଙ୍ଗିୟା ମନ ଡଙ୍ଗରିଗୁଡ଼ା ଆନେ ସଙ୍ଗାଇ ଦିଆସ। ହାତଆନେ ବାନା ମନ ଧରୁ ଆରି ହାଟ୍‌ପାଦାକେ ଯାଉଁବେ।

(ହେଇଟି ଆମେମାନେ ସବୁ କର୍ମୀଲୋକ। ନ୍ୟାୟ, ସତ୍ୟକୁ ମାନିବା ଲୋକ। ଗାନ୍ଧୀ ମହାପ୍ରୁ କହିଛନ୍ତି ହିଂସା କରିବା ନାହିଁ। ମୋର ଗୋଟେ କଥା ମାନିବ କି ? ତୁମ ହାତର ବାଡ଼ି ଠେଙ୍ଗା ଟାଙ୍ଗିଆ ସବୁ ଏହି ଡଙ୍ଗରିଗୁଡ଼ା ଗାଁରେ ସାଇତି ରଖିଦିଅ। ହାତରେ ପତାକା ଧରି ହାଟପଦାକୁ ଯିବା।)

ସତ୍ୟାଗ୍ରହୀ ଦଳ ରବିସିଂ ଙ୍କ କଥାମାନି ଠେଙ୍ଗା, ଟାଙ୍ଗିଆ ସବୁ ରଖିଦେଇ ଡଙ୍ଗରିଗୁଡ଼ା ଆମ୍ୱତୋଟାରୁ କଂଗ୍ରେସ ପତାକା ଧରି ପହଞ୍ଚିଲେ। କୁସୁମଗୁଡ଼ାଠାରେ। କୁସୁମଗୁଡ଼ାଠାରୁ ହାଟପଦା ଯାଏ ସୋରିଷ ପକାଇବାକୁ ଯାଗା ନାହିଁ, ଏତେ ଲୋକ।

ହାଟପଦାରେ ପହଞ୍ଚିଲା କର୍ମୀଙ୍କ ଦଳ। ହାଟ ମଝିରେ ଠିଆ ହୋଇ ରବିସିଂ ମାଝୀ ହାଟକୁ ଆସିଥିବା ଲୋକଙ୍କୁ ଶୁଣାଇବା ପାଇଁ ବଡ଼ପାଟିରେ କହିଲେ, ମୋର ଦାଦା, ଦାଦି, ବଡୁ ବୁଡ଼ା, ଆୟା, ଆଚା ମନ ଗାନ୍ଧି ମାପ୍ରୁ ସାଙ୍ଗଲା ଆଡ଼େ, ରାଜା ରାଜୋଡ଼ା ଉଟିଯିବାଇବେ। ଗଡ଼ମ୍, ପାନ୍ଥ, ସପ୍ଲାଇ ଦେବା କେ ନାଇପଡ଼େ। ସିସ୍ଥ, ପାନ୍ଥ, ଉଟିଯାଇସି। ଆମେ ଏମନର କାବା ଆରି ଶୁନ୍‌ବାକେ ନାଇ ହୁଏ। ଆମର ଲୋଡ଼ା ସ୍ୱରାଜ। ଆସା ଆମର ସାଙ୍ଗେ ବିଡ଼ା, କଂଗ୍ରେସ ଟାନେ ବିଡ଼ା, ଦୁଃଖ ଉଠି ଯାଇସି। ଆମର ବେଡ଼ା, ଖାଡ଼ା ଆମର ହେଇସି। ତା'ପରେ ମହାତ୍ମାଗାନ୍ଧୀଙ୍କ ଜୟଗାନରେ ହାଟପଦା ମୁଖରିତ ହୋଇଉଠିଲା।

ହଠାତ୍ ଦୁଇ ଚାରିଜଣ ପୋଲିସ୍ ଜମାନ୍ ସହିତ ଷାଠିଏ, ସତୁରି ଜଣ ଘାସିଆ ପାଞ୍ଚ ହାତିଆ ଘାଗୁଡ଼ି ବନ୍ଧା ଠେଙ୍ଗା ଧରି ସଭା ଭାଙ୍ଗିବାକୁ ଧାଇଁ ଆସିଲେ। ଠେଙ୍ଗାମାଡ଼ରେ କେତେ ଆହତ ହେଲେ। କେତେ ପ୍ରାଣ ବିକଳରେ ଧାଇଁ ପଳାଇଲେ। ପସରା ଛାଡ଼ି ସବୁ ଧାଇଁଲେ, ହାଟ ଖାଲି ହୋଇଗଲା, ରବିସିଂ ହାଟପଦାରୁ କର୍ମୀମାନଙ୍କ ସହିତ ଭିତରଗଡ଼ ଆଡ଼କୁ ଚାଲିଲେ ଉମରକୋଟ ଥାନା ଘେରାଓ କରି ଗିରଫ ହେବାକୁ।

ଥାନା ଆଗରେ ପହଞ୍ଚିଲାବେଳକୁ ଦିନ ଦି'ଟା ହେବ। ଆକାଶରେ ଶ୍ରାବଣର ମେଘ। ଝିପି ଝିପି ବର୍ଷା ହେଉଥିଲା। ସମସ୍ତଙ୍କ କଣ୍ଠରେ କେବଳ ଗୋଟାଏ କଥା, 'ଗୋରା ସରକାର ଭାରତ ଛାଡ଼। ଆମକୁ ଗିରଫ କର।' ଆନ୍ଦୋଳନକାରୀଙ୍କୁ ବୁଝାଇ ସୁଝାଇ ଫେରିଯିବା ପାଇଁ କହିବାକୁ ଥାନା ସର୍କଲ ଇନ୍‌ସପେକ୍ଟର ବେଣୁଧର ଗଡ଼ନାୟକ ବାହାରକୁ ଆସି ନେତାମାନଙ୍କୁ ଲକ୍ଷ୍ୟ କରି କହିଲେ -

'ଭାଇମାନେ ଆପଣମାନେ ନଅଦିନ, ଆଇନ ଅମାନ୍ୟ ଆନ୍ଦୋଳନ କରିବେ ବୋଲି ଲେଖି ଦେଇଥିଲେ। ଏବେତ ସାତଦିନ ବିତିଗଲାଣି। ଏଠି କିଏ ଗୋରା ଲୋକ ନାହାନ୍ତି। ଆମେ ସବୁ ତୁମରି ଭଳି। ଗୋରା ସରକାରର ଚାକିରି କରୁଛୁ। ଏଇ ଦେଶ ତୁମର ଯେତିକି, ଆମର ବି ସେତିକି। ଗୋରା ସରକାର ସାଙ୍ଗରେ ଆମେ ଯିବୁ ନାହିଁ। ଶାନ୍ତି ରଖି ଆପଣମାନେ ଫେରି ଯାଆନ୍ତୁ।'

ସଂଗ୍ରାମୀମାନେ ଶୁଣିଲେ ନାହିଁ ତାଙ୍କ କଥା। ଖାଲି ଗୋଟିଏ ଦାବୀ "ଆମ ମନ୍‌କେ ଜ଼ଇଲାଆନେ ଓଲାଇଦିଆ।" (ଆମକୁ ଜେଲ ଭିତରକୁ ନିଅ)।

ବେଳକୁ ବେଳ ଭିଡ଼ ଅସମ୍ଭାଳ ହୋଇ ଉଠୁଥିଲା। ତ୍ରିଲୋଚନ ମିଶ୍ରଙ୍କ ଆଦେଶରେ କେତେକ ପୋଲିସ୍ ଜମାନରିଜାର୍ (ରିଜର୍ଭ ପୋଲିସ୍) ଫରେଷ୍ଟ ଗାର୍ଡ଼ ଓ ଘାସିଆମନ୍ଦା ସମସ୍ତ କର୍ମୀଙ୍କୁ ନେଇ ଥାନା ଆଗ ପଡ଼ିଆରେ କାଠ ପୋତି ବାଉଁଶ ବନ୍ଧା ହୋଇଥିବା ଘେର (ବାରିକେଡ଼୍) ଭିତରେ ଖୁନ୍ଦି ଦେଲେ।

ଆକାଶରେ ମେଘ। ରହି ରହି ବିଜୁଳି ଚମକି ଯାଉଥିଲା। ଶୁଭୁଥିଲା ଘଡ଼ଘଡ଼ିର ଶବ୍ଦ। ସମୟ ଚାରିଟା ଖଣ୍ଡେ ହେବ, ଏ ସମୟରେ ଜୟପୁର ମହାରାଜାଙ୍କ ଦେବାନ ଆନ୍ଦୋଳନକାରୀ ବେଶି ଅଶାନ୍ତି କି ହିଂସା ଆଚରଣ କଲେ ସେମାନଙ୍କ ଭିତରକୁ ହାତୀ ଛାଡ଼ି ଦେବା ପାଇଁ ଜୟପୁର ରାଜାଙ୍କର 'ଜଗନ୍ନାଥ ପ୍ରସାଦ' ନାମକ ଏକ ହାତୀକୁ ପଠାଇଥିଲେ। ସେହି ହାତୀକୁ ଥାନା ପାଖ ଗଛରେ ବାନ୍ଧି ରଖା ଯାଇଥିଲା କର୍ମୀମାନଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଗୋଟିଏ ଗୁଜବ ପ୍ରଚାର କରାଇ ଦିଆଗଲା ଯେ ଉମରକୋଟ 'ନୁନ୍ ଜୋଡ଼ି" ନିକଟରେ ହାତୀ କେତେକ ଲୋକଙ୍କୁ ଓ ଜଣେ କର୍ମୀକୁ ଚକଟି ଦେଇ ମାରିଦେଇଛି। ଏହା ଶୁଣି କର୍ମୀମାନେ ଉତ୍‌କ୍ଷିପ୍ତ ହୋଇପଡ଼ିଲେ। ହଠାତ୍ ଜଣେ ଜମାନ ଉତ୍ୟକ୍ତ ହୋଇ ଦେଶୀନଳୀର କୁନ୍ଦା butt ରେ ଜଣେ କର୍ମୀକୁ କୁନ୍ଦି ଦେଲା, ସେ ତଳେ ପଡ଼ିଗଲା। ଅନ୍ୟ କର୍ମୀମାନେ ସହି ପାରିଲେ ନାହିଁ ଏହି ଅନ୍ୟାୟ ଆକ୍ରମଣକୁ। କେତେ ଜଣ କର୍ମୀ ପାଖରେ ଥିବା ପୋଲିସ୍‌ମାନଙ୍କୁ ଟଣାଓଟରା କରି ଅସ୍ତବ୍ୟସ୍ତ କରିଦେବାରୁ ହିଂସାର ଆଶଙ୍କା କରି ତ୍ରିଲୋଚନ ମିଶ୍ର ଦୁଇଟି ନଳୀରୁ ଦୁଇଟି ଗୁଳି ଆକାଶ ମୁହାଁ ଦାଗିଦେବାକୁ ଆଦେଶ ଦେଲେ।

ଗୁଳିର ଶବ୍ଦରେ ଥମକି ଗଲେ କର୍ମୀଗଣ, କେମିତି ଏକ ନିରବତା। ସଞ୍ଜ ହେଇ ଆସୁଥିଲା, ସୂର୍ଯ୍ୟ ଦିଶୁନଥିଲେ, ମାଳ ମାଳ ମେଘ, ଝିପି ଝିପି ବର୍ଷାରେ ସମସ୍ତେ ଓଦା ହେଉଥିଲେ। ଘେରର ଜନ୍ତାରେ ସବୁ କର୍ମୀ।

ଗୁଳିର ଫାଙ୍କା ଆବାଜ ଶୁଣି ରବିସିଂ ଧାଇଁ ଆସିଲେ ଆଗକୁ। ତାଙ୍କ ହାତକୁ ସରାଗୁଡ଼ାର ମଙ୍ଗଳୁ ପୂଜାରୀ ଧରି ପକାଇଲେ। ସେ କହିଲେ, ଆସୁଥିବା ସଞ୍ଜର ଅନ୍ଧାର

ଭିତରେ ହଇନା ଏ ବୁଟି, ତୁଇ ଛମେ ଗଲେ ତକେ ଧରି ପକାଇବେନା, ତୁଇ ଜଇଲ ଟାନେ ଓଲିଗଲେ, ସବୁ ନସି ଯାଇସି।" (ହଇରେ ବୁଟି ତୁ ଆଗକୁ ଗଲେ ତୋତେ ଧରି ପକାଇବେ, ତୁ ଯଦି ଜେଲ ଚାଲିଯିବୁ, ସବୁ ନଷ୍ଟ ହୋଇଯିବ।) ମଙ୍ଗଲୁ ପୂଜାରୀର କଥାଶୁଣି ରବିସିଂ, ମାଠ ଘୋଡ଼ି ହୋଇ ସଞ୍ଜର ଅନ୍ଧାର ଭିତରେ ମଙ୍ଗଲୁ ପୂଜାରୀ ସହ ବାଉଁଶ ଘେର ଭିତରୁ ବାହାରି ରଜାଘର ଧାନ ଗାଦିଆ ପାଖ ଦେଇ ସାନକୁମାରୀ ଗାଁକୁ ଚାଲିଗଲେ। ସେ ବାହାରେ ରହିଲେ ଆନ୍ଦୋଳନକୁ ବଞ୍ଚାଇ ହେବ ବୋଲି।

ସନ୍ଧ୍ୟା ସାଂତଟା ବେଳକୁ ରବିସିଂ ମାଝୀଙ୍କୁ ଖୋଜା ଚାଲିଲା। ସେ ମୁଖିଆ, ସେ କହିଲେ କର୍ମୀମାନେ ନିଶ୍ଚୟ ଶୁଣିବେ ଆଉ ଥାନା ଛାଡ଼ି ଚାଲିଯିବେ, ହେଲେ ରବିସିଂ ମାଝୀ ନଥିଲେ। ଆନ୍ଦୋଳନର ଦାୟିତ୍ୱ ଆସି ପଡ଼ିଥିଲା ଅନ୍ୟମାନଙ୍କ ଉପରେ। କିଏ ଜଣେ କହିଦେଲା 'ନଲି ଟିପି ଦେଲାଇନା, କି ଗଟେକ୍ ମୁନୁଷ୍ ମରିଗଲା ବେ।' (ଗୁଳି ଚଳାଇଦେଲେ, କିଏ ଜଣେ ମରିଗଲା) ରବିସିଂ ମାଝୀଙ୍କୁ ଖୋଜି ଆଣିବା ପାଇଁ ଘାସିଆମାନଙ୍କୁ ପଠାଇଦେଲେ।

ତା'ପରେ ସ୍ଥିର ହେଲା ମୁଖିଆ କର୍ମୀ ମାନଙ୍କୁ ଥାନା ଭିତରକୁ ଡକାଇ ରଖିଦେଲେ କର୍ମୀମାନଙ୍କର ସାହସ କମିଯିବ। ଏଣୁ ବେଣୁଧର ଗଡ଼ନାୟକଙ୍କ ପରାମର୍ଶରେ ତ୍ରିଲୋଚନ ମିଶ୍ର ସାତଜଣ ମୁଖିଆଙ୍କୁ ଥାନା ଭିତରକୁ ଡାକିଲେ କଥା ହେବେ ବୋଲି।

ବୁଟିସଇଗି ଗାଁର ଘାସିରାମ ପନ୍‌କା (ବାଣ୍ଡାକାଟିଆ), ଅଞ୍ଚଲା ଗାଁର ବାଲଚନ୍ଦ୍ର ନାୟକ ଓ ଲଇଖଣ ଜାନି, ବଡ଼ଭରଣ୍ଡିର ସୁକାନନ୍ଦ ପୂଜାରୀ, ଧଡ୍ରା କଇମରିର ସନୁଭତ୍ରା, ବରାଗୁଡ଼ାର ମସୁରାମ ଗଣ୍ଡ ଏବଂ ପଣସଗାଁର ବଳରାମ ସେଠିଆଙ୍କୁ ଥାନା ଭିତରେ ରଖିଦେବାରୁ କର୍ମୀମାନେ ପ୍ରତିବାଦ କଲେ। ପୁଣିଥରେ ଫାକା ଆବାଜ କରାଗଲା। କର୍ମୀମାନେ ବିପଦ ମଣିଲେ, ଏମିତି ରାତି ବଢୁଥିଲା ଘାସିଆ ମାନେ ହାତରେ ଠେଙ୍ଗା ଧରି ବାଉଁଶ ଘେର ବାହାରେ ଏପଟ-ସେପଟ ହେଉଥିଲେ ସୁଯୋଗ ଓ ଆଦେଶର ଅପେକ୍ଷାରେ।

ସେଦିନର ସେଇ କଥାକୁ ମନେ ପକାଇ ପଞ୍ଚସ୍ତରୀ ବର୍ଷର ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଅଞ୍ଚଳା ଗ୍ରାମରେ ବାଇଚନ୍ ନାୟକ କହିଲେ। ସଂଜ ବେଲା। ଟାଇମ୍ କେତେ କି ନାଇ ସାଙ୍ଗିପାରେ। ଭବଡ଼ା ଇନସ୍‌ପିଟି ଆମେକେ ପାଦାଏ ଭାର କଲା। ଗ୍ୟାସ ଲାଇଟ୍ ଲାଗାଇଲା। ସର୍କିଲି ବସ୍‌ଲା କୁର୍ଚ୍ଚି ଥାନେ। ଇନ୍‌ସିପିଟି ପାଦାଏ ପିଣ୍ଡାଥାନେ ବସ୍‌ଲା।

ଇନ୍‌ସପିଟି ତିରିଲୋଚନ ମିଶର୍ ସାଙ୍ଗଲା ଘର ଆନୁ ଗୋଟେକ୍ ଗୋଟେକ୍ ନିକରାବେ ସର୍କିଲ ସାଙ୍ଗଲା ନାଇଁ ସବ୍‌ଲୋକ୍ ମନ୍ ନିକରାବେ। ସାତ ଲୋକ ଆମେ ଘର ଥାନୁ ନିସ୍‌କି ଆସଲୁ। ସର୍କିଲା, ସାଙ୍ଗଲା, ଦେଖାନା, ଇଥାନେ କୋନି ଗୋରା

ସାଇବ ନାହିଁ। ତମର ଆମର ବିତରେ ଗଣ୍ଡଗୋଲ୍ କରଲେ ହାବ୍ ନାଇ। ତମେ ସବ୍‌ଲୋକେ ତମର ଗରେ ଯିବାସ୍ କି ଜଇଲଥାନେ ଯିବାସ୍ ବିଘର କରି ସାଙ୍ଗା।

ସାର୍କିଲ ଉଟିଗାଲା। ହାଏ ଉବଡ଼ା ଇନସ୍‌ପିଟି ଆରି ଜମାନ ମନ, ଘାସିଆମନ୍ଦା ମନ୍ ଆମ୍‌କେ ଜଗି ରେଲାଇ। ଆମ୍‌କେ ମାରବାରକି ନାଇ ଜାନି ପାରଲୁ। ପାନି ମାରତେ ରେଲା। ଗରକେ ଯିବାକେ ରାଜି ହେଲୁ।

ଇନିସ୍‌ପିଟି ସାଙ୍ଗଲା, "ତମେ ମନ୍ ଖଦଡ଼ କନାକେ ଭୂଇଁ ତାନେ ସର୍ଗୋୟ କରି ତାର ଉପରେ ଶୁଆ ଓତି ହୁଆ, ଓଚନା କରା। ଆରି ଖଦଡ୍ କନାକେ ପିନ୍ଧଲେ ମାଡ଼ ଖାଇ ଖାଇ ମରିଯିବାସ। ଆମେ ମନ୍ ଗରେ ଲେଉଟିଲୁ।

ସେଦିନ ରାତିରେ ରବିସିଂ ମାଝୀ ଥାନା ଘେରାଓ କରି ଥାନା ପୋଡ଼ିଦେବାକୁ ଆସିଥିବା ସରକାରୀ କର୍ମଚାରୀଙ୍କୁ ହଇରାଣ କରି, ଲୋକମାନଙ୍କୁ ସରକାର ବିରୋଧରେ ମତାଇବା ଅଭିଯୋଗରେ ତ୍ରିଲୋଚନ ମିଶ୍ର ବିଭିନ୍ନ ଦଫାରେ ଅଭିଯୋଗ କାଗଜ ତିଆରି କଲେ।

ସେତେବେଳକୁ ରବିସିଂ ମାଝୀ ମଙ୍ଗଲୁ ପୂଜାରୀ ଓ ପାସୁର ନାୟକ ସହିତ ସାନ କୁମାରୀ ଗାଁରେ ପହଞ୍ଚିଲେ। ସେଦିନ ପାହାନ୍ତିଆରେ ସାନ କୁମାରୀ ଗାଁ ଛାଡ଼ି ସେମାନେ ବାହାରିଲେ ସରାଗୁଡ଼ା ଗାଁକୁ।

****

## ପଚିଶି

# ରବିସିଂ ମାଝୀଙ୍କ ସ୍ତ୍ରୀ ବେଶରେ ପାପଡାହାଣ୍ଡି ଯାତ୍ରା

ପାପଡାହାଣ୍ଡି । ଆଜିକୁ ପନ୍ଦର ଶହ ବର୍ଷ ତଳେ ଏ ଗାଁ ବସାଇଥିଲେ ନନ୍ଦବଂଶ ରାଜା ଭବଦତ୍ତ ବର୍ମନ । ଦାନ ଦେଇଥିଲେ ଈଶ୍ୱର ମନ୍ଦିରରେ ପୂଜା କରିବା ପାଇଁ ଏହି ଗାଁକୁ ଦୁଇ ଜଣ ବ୍ରାହ୍ମଣକୁ ତମ୍ବାପଟାରେ ଲେଖି । ସେତେବେଳେ ଗାଁର ନାମ ଥିଲା ପାପ୍ପେଲଉଣ୍ଡି ଏବେ ହେଇଛି ଲୋକମୁଖରେ ପାପଡ଼ାହାଣ୍ଡି ।

୨୧.୮.୧୯୪୨ ପାପଡ଼ାହାଣ୍ଡି ତୁରି ନଈର କାଠପୋଲ ଉପରେ ଯେତେବେଳେ କଂଗ୍ରେସକର୍ମୀମାନେ ପାଦ ରଖିଲେ ଡାବୁଗାଁ ଯିବା ପାଇଁ ସେଠାରେ ସଭା କରି ଥାନା ଘେରାଓ କରିବେ ବୋଲି, ଆଗରୁ ସେଠାରେ ନଳୀ ଧରି ଜଗିଥିବା ପୋଲିସ୍‌ମାନେ ସେମାନଙ୍କୁ ଛାଡିଲେ ନାହିଁ । ଠେଲାପେଲାରେ ଜଣେ କର୍ମୀ ହାତରେ ଧରିଥିବା ଟାଙ୍ଗିଆର ଧାର ଜଣେ ପୋଲିସ ଜମାନର କାନରେ ବାଜି କାନ ଖଣ୍ଡିଆ ହୋଇ ରକ୍ତ ବାହାରିଲା । ରାଗରେ ଉକ୍ତ ଜମାନ ସେହି କର୍ମୀକୁ ବନ୍ଧୁକ କୁନ୍ଦାର ମାଡ଼ ମାରି ଦରମରା କରିଦେଲା । ଅବସ୍ଥା ଅସମ୍ଭାଳ ହୋଇ ପଡ଼ିଲା । ପୋଲିସକୁ ଗୁଳି ଚଳାଇବାକୁ ଆଦେଶ ଦିଆଗଲା । ୧୯ଜଣ କର୍ମୀ ପୋଲିସ ଗୁଳିରେ ପୋଲ ଉପରେ ଟଳିପଡ଼ିଲେ । ଭରା ନଈରେ ଡେଇଁ ଭାସିଯାଇ କେତେ ବୁଡ଼ି ମରିଗଲେ । ଏହି ପୋଲିସ୍ ବର୍ବରତାର କାହାଣୀ ଲୋକମୁହଁ ହୋଇ ରବିସିଂଙ୍କ ପାଖରେ ପହଞ୍ଚିଲା ।

ସବୁ ନେତା ଗିରଫ । କର୍ମୀମାନଙ୍କୁ ବଳ ଦେବାକୁ କେହି ନାହିଁ । ସେ ପାପଡାହାଣ୍ଡି କର୍ମୀମାନଙ୍କ ଦୁଃଖବେଳେ ପାଖରେ ଛିଡାହେବାକୁ ମନକଲେ । ମନର କଥା ପାସୁର ନାୟକକୁ କହିଲେ । ପୋଡ଼ାଗଡ ପର୍ବତ ଗୁମ୍ଫା ଭିତରେ ଅନ୍ତରା ନିଆଁରେ ହାତ ସେକୁଥିବା ବେଳେ ।

ଚାରିଆଡ଼େ ରବିସିଂ ମାଝୀଙ୍କୁ ଖୋଜା ଚାଲିଛି । ଯିଏ ରବିସିଂ ମାଝୀଙ୍କୁ ଧରି ଆଣିବ, ପୋଲିସ ତାକୁ ପୁରସ୍କାର ଦେବ । ଖାଲି ସେତିକି ନୁହେଁ ଯେଉଁମାନେ ଉମରକୋଟ ଥାନା ଘେରାଓ ପାଇଁ ଷଡଯନ୍ତ୍ର କରିଥିଲେ ସେହି ସମସ୍ତ କର୍ମୀମାନଙ୍କୁ ଧରିବା ପାଇଁ ମଧ୍ୟ ପୁରସ୍କାର ଘୋଷଣା କରାଗଲା । ଗାଁ ଗାଁର ନାୟକ ଗାଣ୍ଡାମାନଙ୍କୁ ତାଗିଦ୍ କରି ଦିଆଗଲା । ଏହା ଜାଣି ବନ୍ଦ୍‌ଡ଼ାବୋଡାର ହରିଶ୍ଚନ୍ଦ୍ର ଗାଉଁଣ୍ଡିଆ ଜାମ୍‌ଗୁଡ଼ାର ଶିବମାଝୀ ପଣସ ଗାଁର ବଳରାମ ସେଠିଆ ରବିସିଂ ମାଝୀ ଓ ପାସୁର ନାୟକ ସହିତ ସରଗୁଡା ବଣବାଟ ଦେଇ ସିଲାଟି ଜଙ୍ଗଲରେ ପହଞ୍ଚିଲେ । ସିଲାଟି ଜଙ୍ଗଲରୁ ପୋଡ଼ାଗଡ଼ ପର୍ବତର ଗୋଟିଏ କରପଣ (ଗୁମ୍ଫା) ଭିତରକୁ ଆତ୍ମଗୋପନ କରିବା ପାଇଁ ।

ପୋଡ଼ାଗଡ଼ ଜଙ୍ଗଲ । ବଘ, ଭାଲୁ, ବାରହା, କୁତ୍ରାଙ୍କ ଘର । ଅସୁମାରୀ ଝିଙ୍କ । ମାଙ୍କଡ଼ ବି ବହୁତ । କେତେପ୍ରକାର ଚଢ଼େଇ । ପାହାଡ଼ୀ ଝରଣାର କୁଳୁ କୁଳୁ । ସିଙ୍ଘାରୀ ନଈ ପୋଡାଗଡ ଜଙ୍ଗଲର ଛାତ ଚିରି ବହି ଯାଇଛି ପୂର୍ବ ଦିଗ ଆଡ଼କୁ । ଉପରେ ଆକାଶ । ଆକାଶ ତଳେ ମେଘ, କଳା ଘୁମର ତଳେ ପାହାଡ଼ର ଗୁମ୍ଫା ଭିତରେ ରବିସିଂ ମାଝୀଙ୍କ ସହିତ ବସିଥିଲେ ହରିଶ୍ଚନ୍ଦ୍ର ଗାଉଁଟିଆ, ବଳରାମ ସେଠିଆ, ଶିବମାଝୀ, ଘାସିରାମ ପନ୍‌କା, ପାସୁର ନାୟକ । ଜୀବନକୁ ବଞ୍ଚାଇ ଆନ୍ଦୋଳନ କରିବା ପାଇଁ ଆଦିବାସୀ ମଣିଷର ଏ ଦୁଃଖ ସହିବା ଯେମିତି ଭାଗ୍ୟ ହୋଇ ଯାଇଥିଲା । ଆଦିବାସୀ ଜୀବନଚର୍ଯ୍ୟାର ଏ ଦୁଃଖ ୧୯୪୨ ମସିହା ବେଳକୁ ବହୁତ ବଢ଼ି ଯାଇଥିଲା ।

ରବିସିଂ ମାଝୀ ସମସ୍ତଙ୍କୁ ଦେଖି କହିଲେ ଆମକୁ ଲୁଚି ଲୁଚି ସବୁ କାମ କରିବାକୁ ପଡ଼ିବ । ପୋଲିସ ହାତରେ ଧରାପଡ଼ିଲେ କାମ ଖଣ୍ଡିଆ ହୋଇଯିବ । ମୁଁ ପାପଡାହାଣ୍ଡି ଦୁଃଖର ବେଳାରେ ପାଖରେ ଛିଡ଼ା ହେବାର କଥା । ସମସ୍ତେ ରାଜି ହେଲେ । ଘରିଆଡେ ଗହନ ଅନ୍ଧାର । ବଣ ଓ ପାହାଡରେ ରାତି ଯେତିକି ଭୟଙ୍କର ସେତିକି ବିପଦପୂର୍ଣ୍ଣ । ସବୁ ନୀରବ ଚୁପଚାପ । ପୋଡାଗଡ଼ ପର୍ବତ ଗୁମ୍ଫାରୁ ବାହାରିଲେ ରବିସିଂ ମାଝୀ । ସାଙ୍ଗରେ ସରାଗୁଡ଼ାର ମଲସାଇ ମାଝୀ । ଭାରି ବଡ଼ ବାଣୁଆ । ହାତରେ ନଳୀ ଧରି ସେ ଚାଲିଲେ ରବିସିଂ ମାଝୀଙ୍କ ଆଗରେ ବାଟ କଢେଇ । ହାତରେ ସାନ ଟର୍ଚ୍ଚଟିଏ, ଜର୍ମାନ ତିଆରି । ରହି ରହି ଦପ୍ ଦପ୍ କରି ଜଳି ଉଠୁଥିଲା । ସେମାନେ ପୋଡାଗଡ଼ ବଣ ପାର ହୋଇ ପହଞ୍ଚିଲେ ବିରିସାଡ଼ି ଗାଁରେ । ସେଠୁ ମୁହାଁଇଲେ ରବିସିଂଙ୍କ ଜନମ ମାଟି ବାଟିବେଡା ଗାଁକୁ କିନ୍ତୁ କାଳେ ଶୁକ୍ରଚନ୍ଦ ପନ୍‌କାର ଲୋକ ଦେଖିଦେବେ ଏହି ଆଶଙ୍କାରେ ବାଟିବେଡ଼ା ନଯାଇ ରହିଗଲେ ସରାଗୁଡା ଗାଁରେ ।

ପାପଡ଼ାହାଣ୍ଡିରୁ ଖବର ବୁଝି ରବିସିଂ ଯିବେ ନବରଙ୍ଗପୁର । ପୋଲିସ ଆଖିରୁ ବର୍ତ୍ତିବା ପାଇଁ ସେ ସ୍ତ୍ରୀ ବେଶରେ ଯିବା ପାଇଁ ସ୍ଥିର କଲେ । ସରାଗୁଡ଼ାର ଜଣେ ଲୋକକୁ ପଠାଇ ରବିସିଂ ମାଝୀ ନିଜ ପତ୍ନୀ ଧନମତି ମାଝୀ ଠାରୁ ମାଗାଇଲେ ଶାଢ଼ୀ, ହାତ ପାଇଁ ଚୂଡ଼ି ଗୋଡର ବଳା ବେକ ପାଇଁ ରୂପା ଟଙ୍କାର ମାଳି, ହାତ ମୁଦି, ଗୋଡ ମୁଦି । ପାସୁର ନାୟକ ସଜାଇ ଦେଲା ରବିସିଂ ମାଝିଙ୍କୁ ସ୍ତ୍ରୀ ବେଶରେ ।

ପାସୁର ନାୟକ ପାଞ୍ଚହାତର ମଣିଷ । ରବିସିଂ ପାଞ୍ଚଫୁଟର ମଣିଷ । ସେ ଦୁହେଁ ପୁରୁଷ ସ୍ତ୍ରୀ ଭାବରେ ସରାଗୁଡ଼ାର ବାହାରିଲେ ପାପଡ଼ାହାଣ୍ଡିକୁ । ରବିସିଂ ମାଝୀଙ୍କ ମୁଣ୍ଡରେ ବନ୍ଧା ବୋଝଟିଏ । ପାସୁର ନାୟକ କାନ୍ଧ ଉପରେ ବାଡ଼ିରେ ଝୁଲୁଥିଲା ମାଣ୍ଡିଆ ଜାଉ ଭର୍ତ୍ତି ଲାଉତୁମ୍ବାଟିଏ । ହାତରେ ବାଉଁଶ ଠେଙ୍ଗା ଆଗରେ ରବିସିଂ ମାଝୀ, ପଛରେ ପାସୁର ନାୟକ ।

ସବୁ ଆଣ୍ଡରା-ବାଏଲ (ସ୍ୱାମୀ-ସ୍ତ୍ରୀ) ଯେମିତି ବନ୍ଧୁ ଘରକୁ ଯାଆନ୍ତି ସେମିତି ଏମାନେ ବି ବାହାରିଲେ । ସରାଗୁଡ଼ାରୁ ବାହାରି ବଣ ଧାରେ ଧାରେ ଚାଲି ଚାଲି ସେମାନେ ପହଞ୍ଚିଲେ ବାଉଁଶବେଡ଼ା ଗାଁରେ । ତାପରେ ଡୁମରଡ଼ା ଗାଁ । ଡୁମରଡା ଗାଁର ଡାହାଣ ପଟେ ଲମ୍ବି ଯାଇଚି ଧାନ ଜମି ବହୁତ ଦୂର ଯାଏ । ସବୁଜ ରଙ୍ଗ ଘୋଡେଇ ପକେଇଚି ଜମି ସବୁକୁ ।

ଧାନ କ୍ଷେତରେ ଧାନ ଓ ବାଲୁଂଗା । ପୁରୁଷ ଓ ସ୍ତ୍ରୀ ମାନେ ଅଣ୍ଟା ନୂଆଇଁ କ୍ଷେତରୁ ଘାସ ବାଲୁଙ୍ଗା ବାଛୁଛନ୍ତି । କେତେକ ଜମିରେ ଧାନ ରୋପା (ତଳିରୁଆ) ହେଉଛି । ସ୍ତ୍ରୀ ମାନେ ରାହା ଧରି ଗାଉଛନ୍ତି ପଲାରୋପା ଗୀତ । କାହା ମୁଣ୍ଡରେ ତଲାଗି ତ କାହାମୁଣ୍ଡରେ ନାହିଁ । ଗୀତ ଝରି ଯାଇଛି ବର୍ଷା ପାଣି ପରି । ପବନରେ ଭାସି ଆସି ଆସୁଚି ସେଇ ସ୍ୱର ଲହରୀ-

ପାଲା ରୋପା ଚାଲ୍‌ରେ ନନି
ପାଲା ରୋପା ଚାଲ
ଦେକ୍‌ତ ନନି କଦମ୍ ଫୁଲ କେଡେକ ନିମାନ ଦିଶେ
ମାଲତି ନନିର ଖୁସା ଆନେ ଜନ୍ ମାମୁଁ ପରା ଦିଶେ
ହଲିଆ ଦାଦାର ବାବରି ବାଲେ ଝୁଂପା ମଲିଫୁଲ
ପଲାରୋପା ଚାଲରେ ନନି ପଲାରୋପା ଚାଲ୍ ।

ଏମିତି ଖୁସିବାସିରେ ଗୀତ ଗାଉଛନ୍ତି ସେମାନେ । କାମର ବାଧା ବାଧିବ ନାହିଁ । କିଏ କାହାକୁ ଧୂଆଁପତ୍ର ଯାଚି ଦଉଚି ତ କିଏ ଧୂଆଁଗୁଣ୍ଡ । ଖିଲି ଖିଲି ହସରେ ଧାନକ୍ଷେତର ପବନ ବି ହସୁଚି ଯେମିତି ।

ଗତୁକୁ ନେଇ ଗୀତ ଭିତରେ ହଜିଯିବାର ମନ ଏବେ ନାଇଁ ରବିସିଂ ମାଝୀଙ୍କର । ପାସୁର ନାୟକ ଓ ରବିସିଂ ଜମି ପାଖରେ ପହଞ୍ଚିଲେ । ଜମିରେ ଘାସ ବାଛୁଥିବା, ବାଲୁଂଗା ନିଖାଣି (ବାଛିବା) କରୁଥିବା ସ୍ତ୍ରୀ ଲୋକମାନେ ଏ ଦୁହିଁଙ୍କ ଚାଲୁଥିବାର ଦେଖି ମୁହଁ ଉଠାଇ ଚାହିଁଲେ । ତାଙ୍କ ଭିତରୁ କିଏ ଜଣେ କହିଲା ଦେକାନିରେ ମାଇଜି-ମନୁଷ ହିଣ୍ଡବାଇ ଆଚତ୍ । ହାଏ ମାଇଜି ପିଲା ଛମେ ହିଣ୍ଡସି ଆଚେଯେ ଆଣ୍ଡରା ମୁନୁଷ ପରା । (ଦେଖରେ ଝିଅମାନେ ଏ ଯେଉଁ ଦୁଇ ପୁରୁଷ-ସ୍ତ୍ରୀ ଚାଲୁଛନ୍ତି ତାଙ୍କୁ ଦେଖ । ଆଗରେ ଚାଲୁଥିବା ସେ ମାଇକିନାଟୋ କେମିତି ଅଣ୍ଡିରା ଲୋକପରି ଚାଲୁଛି)

ଏମିତି କଥା ଶୁଣି ପାସୁର ନାୟକ ଚମକି ପଡ଼ିଲେ । ସେଠାରୁ ସେମାନେ ଚଞ୍ଚଳ ଚଞ୍ଚଳ ପାଦ ପକାଇ ଚାଲିଲେ । ଡୁମରଡ଼ାରୁ କାରାଗାଁରେ ପହଞ୍ଚିଲେ । ଚାରିଆଡେ ବଣ ଘଞ୍ଚ । କାରାଗାଁ ପାର ହେଲେ ପଡ଼େ ଭାସ୍କେଲ ନଈ । କାରାଗାଁ ଲୋକେ ନଈ ପାର

ହେବାରେ ସେମାନଙ୍କୁ ସାହାଯ୍ୟ କଲେ । ସେମାନେ ପହଞ୍ଚିଲେ ରାତି ହୋଇ ଆସୁଥିଲା ବେଳେ ଜାମଗୁଡ଼ାର କଂଗ୍ରେସକର୍ମୀ ଶିବା ମାଝୀ ଘରେ । ସେଠି ରାତି କଟାଇ ପାହାନ୍ତିଆରେ ବାହାରିଲେ ଖୋଲବେଡା ଗାଁ । ପାପଡାହାଣ୍ଡି ଘଟଣା କଥା ଶୁଣି ଖୋଲବେଡା ଗାଁ ଲୋକେ ଏତେ ଡରି ଯାଇଥିଲେ ଯେ ଏମାନଙ୍କୁ ରଖିବା ପାଇଁ କେହି ହେଲେ ରାଜି ହେଲେ ନାହିଁ। ସେମାନେ ଖୋଲବୋଡ଼ାରୁ ବିରିଗୁଡ଼ା ଛକ ଦେଇ କରକି ଗାଁ ନିକଟରେ ପହଞ୍ଚି ଶୁଣିଲେ କରକି ଗାଁର କଂଗ୍ରେସ କର୍ମୀ ସୁନାଧର ନାୟକ ଘରେ ପୋଲିସ୍ ଜଗିଛନ୍ତି ଏହା ଶୁଣି ସେମାନେ ଗାଁ ବାହାର ବଣ ଭିତର ଦେଇ ପିଲବାସିନି ଗାଁରେ ପହଞ୍ଚିଲେ । ପିଲବାସିନି ଗାଁର କଂଗ୍ରେସକର୍ମୀ ବଟସନ୍ ପୂଜାରୀଙ୍କ ଘରେ ପହଞ୍ଚିଲେ ତାଙ୍କୁ ଜୋହାର ହେଲେ । ପାସୁର ନାୟକ କହିଲେ ନବରଙ୍ଗପୁର ଯିବୁ ଆଛୁ ଦାଦି, ସଗା ଘରକେ, ଆଜି ଗୋଟେକ୍ ରାତି ତର ଆନେ ରେବୁ, ସକାଲୁ ସକାଲୁ ଉଟିଯିବୁ ।

ପୋଲିସ୍ ଟମଟମା ବଜାଇ ଗାଣ୍ଡାମାନଙ୍କ ଦ୍ୱାରା ଗାଁ ଗାଁରେ କୌଣସି ନୂଆ ଲୋକକୁ ଗାଁରେ ଥାନ ନଦେବା ପାଇଁ ସତର୍କ କରାଇ ଦେଇଥିବାରୁ ବଟସନ ପୂଜାରୀ ଅସହାୟ ଭାବେ ପାସୁର ନାୟକ ଓ ରବିସିଂ ମାଝୀଙ୍କୁ ରାତିକ ପାଇଁ ଘରେ ଆଶ୍ରା ଦେବା ପାଇଁ ମନା କରିଥିଲେ। ବଟସନ ପୂଜାରୀ କହିଲେ ଆଲେ ତମେ ଦୁଇଲୋକ ପିଲବାସିନି ଗାଁକେ ଛାଡ଼ା ଆରି ହାଏ ଡଙ୍ଗରି ପଛ ଖାପେ ପାଞ୍ଜି ଆଇ ଗୁଡ଼ାକେ ଯାଆ ଜମାନ୍ ମନ ନାଇ ଜାନି ପାରତ ।

ପାସରୁ ନାୟକ ରବିସିଂ ମାଝୀ ରାତିର ସେଇ ଅନ୍ଧାର ଭିତରେ କାଦୁଅ ପଚ୍ ପଚ୍ ବିଲହୁଡା ଦେଇ ଛୋଟ ପାହାଡ଼ ଆରପଟେ ଥିବା ପାଞ୍ଜିଆର ଗୁଡ଼ାରେ ପହଞ୍ଚିଲେ । ପାଞ୍ଜିଆର ଗୁଡ଼ା ଠାରୁ ପାପଡାହାଣ୍ଡି ପାଖ । ପାଞ୍ଜିଆର ଗୁଡ଼ାର କଂଗ୍ରେସକର୍ମୀ ମୁଦି ଚଲାଣ ଘରେ ସେମାନେ ପହଞ୍ଚିଲେ । ସେହି ଘରକୁ ଆସିଥିଲେ ପିଲବାସିନି ଗାଁର କେତେଜଣ । କଥା ପଡ଼ିଥିଲା ଝରିଆଡ଼ର । ସେମାନଙ୍କ ଭିତରୁ କମଲୁ ପୂଜାରୀ ସମସ୍ତେ ଶୁଣି ପାରିଲା ଭଳି କହିଲା ନାଇଁନା ଆମ୍‌କେ ସଦାଶିବ ତିରପାଠି ଅରି ଲକି ଚନ୍ଦର କାଇଲାଇ ବେ । ମିଟିଂ ମନ କରଲାଇ କାୟ ଏବେ କୋନ୍ ପିଟି ଟାନେ ପଡବାଇ ଆଚତ୍ । ଜମାନ୍ ମନ ବାନ୍ଧି ନେବାୟ ଆଚତ  । ପବଲ ଫିଟବାଇ ଆଚତ । ନାଇଁନା ସକାଳୁ ସକାଳୁ ପାପଡାହାଣ୍ଡି କୁ ଜମାନ୍ ମନ୍ ଲଗେ ସାଙ୍ଗିଦଉ ଆମେ ଆରି କଂଗ୍ରେସତାନେ ନା ବିଡୁ ବୋଲି । ଆମକୁ ଏହି ସଦାଶିବ ତ୍ରିପାଠୀ ଓ ଲକ୍ଷ୍ମୀଚନ୍ଦ୍ର ଦାସ ଖାଇଦେଲେ । ମିଟିଂ କରି ଆମକୁ ଆନ୍ଦୋଳନରେ ପୁରାଇଦେଲେ । ଗାଁ ଲୋକଙ୍କୁ ପୋଲିସ୍ ବାନ୍ଧି ନେଲେ । ଏବେ ଆମ ପିଠିରେ କିଏ ପଡୁଛି । ଜବର ମାଡ଼ ମାରୁଛନ୍ତି । ନା ସକାଳୁ ସକାଳୁ ଝଲ ପାପଡାହାଣ୍ଡି ଯାଇ ପୋଲିସକୁ କହିବା ଆମେ ଆଉ କଂଗ୍ରେସରେ ମିଶିବୁ ନାହିଁ ବୋଲି ।

ଅନ୍ଧାର ଯେ ଅନ୍ଧାର । ସେଇ ଅନ୍ଧାରକୁ ଟିକିଏ ଆଲୁଅ କରୁଥିଲା ପିଣ୍ଡାରେ ଜଳୁଥିବା କାଠର ଅନ୍ତରା (ନିଆଁ) । ଶୁଭୁ ଥିଲା ଅସହାୟ ଆଦିବାସୀ ମଣିଷର ଅସନ୍ତୋଷ ଭୟମିଶା କଥା । ପୋଲିସ୍ ପ୍ରତି ପାପଡାହାଣ୍ଡି ଘଟଣାରେ ଭୟ ଯେମିତି ବିଚିଯାଇ ଥିଲା ଶହେଗୁଣ ହେଇ । ରବିସିଂ ସେଠି ସେହି ସ୍ତ୍ରୀ ବେଶରେ କଣ ବା କରିଥାନ୍ତେ । ନିରବ ରହିଲେ । ରାତି ବଢୁଥିଲା । ପିଲବାସିନି ଗାଁର ଲୋକେ ମୁଦିଚଲାଣ ଘର ଛାଡ଼ିଲେ ।

ତାପରେ ମୁଦି ଚଲାଣ ପାସୁର ନାୟକକୁ ଋହିଁ କହିଲେ ଇଗାଁର ମତି ଗତି ମନ୍ ଠିକ୍ ନାଇଁ । ରେଲେ ସିନା ଜୀବନ ରେଇସି । ଇ ଆନୁ ପଲାଇ ଯାଆବେ ଆର୍ଡର ହେଲା ଆଚେ । ପୁଲିସ୍ ମାରି ପିଟି ପାକାଇସି । ସବୁ ଗାଁ ତାନେ ଜମାନ୍ ମନ୍ ଜଗଲାଇ ଆଚତ । ମାଇଜି ଲୋକ୍‌କେ ସାଙ୍ଗେ ଦାରି ଯିବାର ନାଇଁନା । ଜାତି ହେଇସି ଯାଆନେ ଗାଉଁକେ ପାଲା । ପାପଡାହାଣ୍ଡି ନା ଯାଆନି । (ଦେଖୁଲତ ଏଇ ଗାଁ ଲୋକଙ୍କ ମତିଗତି ଠିକ୍ ନାଇଁ । ନିଜେ ରହିଲେ ସିନା ଜୀବନ ରହିବ । ଏହି ସ୍ଥାନ ଛାଡି ଋଲିଯାଅ । ଅର୍ଡର ହେଇଛି ପୋଲିସ୍ ମାରି ପିଟି ପକାଇବ । ସବୁ ଗାଁରେ ଏବେ ପୋଲିସ୍ ଜଗିଛନ୍ତି । ସ୍ତ୍ରୀ ଲୋକଙ୍କ ସାଙ୍ଗରେ ଧରି ଯାଅ ନାହିଁ । ହଇରାଣରେ ପଡିବ । ଯାଅ ଗାଁକୁ ଋଲିଯାଅ ପାପଡ଼ାହାଣ୍ଡି ଯାଅ ନାହିଁ ।

ରବିସିଂ ଋହିଁଲେ ଅନ୍ତରା ନିଆଁର ଦିକି ଦିକି ଆଲୁଅରେ ମୁଦି ଚଲାଣଙ୍କ ମୁହଁକୁ । ମୁଦି ଚଲାଣ ନିର୍ବିକାର ହୋଇ ହାତ ସେକୁ ଥିଲେ ନିଆଁରେ । ବାହାରେ ଝିପି ଝିପି ବର୍ଷା ହୋଇଥିଲା । ରାତି ଧୀରେ ଧୀରେ ସରି ସରି ଆସିଲା । ଆଉ ପାପଡାହଣ୍ଡି ଯିବା ହେଲା ନାହିଁ । ସେମାନେ ଫେରିଗଲେ ପାଞ୍ଜିଆର ଗୁଡାର୍ ମହୁଲ ପଦର ଗାଁକୁ ।

ମହୁଲ ପଦର ଗାଁ ବଣ ପାଖରେ ପୋଲିସ ଜଗାଇଥିଲା ପାଞ୍ଚଜଣ ଲୋକଙ୍କୁ । ରବିସିଂକୁ ଧରି ଆଣିବା ପାଇଁ । ସେହି ପାଞ୍ଚଜଣ ଲୋକ ରବିସିଂ ମାଝୀଙ୍କୁ ଚିହ୍ନି ପାରିଲେ ନାହିଁ । ସେମାନଙ୍କ ମଧ୍ୟରୁ ଜଣେ ପାସୁର ନାୟକକୁ ପଋରିଲେ "କୋନତିଲେ ନା କେନେ ଯିବା ଆଋସ୍" (ତୁମେ କେଉଁ ଗାଁର କୁଆଡ଼େ ଯାଉଛ) ପାସୁର ନାୟକ ଉତ୍ତର ଦେଲେ ଆମେ ପାଞ୍ଜିଆର ଲୋକ୍ ନା ସମଦି ଗର୍ ଡୁମରଡ଼ା ଗାଇଁତାନେ ଯିବୁଆଡୁ" (ଆମେ ପାଞ୍ଜିଆର ମୁଦି ଚଲାଣ ଲୋକ ସମୁଦିଘର ଗାଁ ଡୁମରଡାକୁ ଯାଉଛୁ) ସେମାନେ ଅଟକାଇଲେ ନାହିଁ ଏହି ଦୁଇଜଣକୁ ସେମାନଙ୍କ ମୁଖିଆ କହିଲା । ପାଞ୍ଜିଆର ଲୋକ୍ ନା । ନାଇ ଧରୁବେ ନିନ୍ଦାର କାତା (ପାଞ୍ଜଆର ଲୋକ ବାକଏମାନେ । ଏମାନଙ୍କୁ ଧରିଲେ ନିନ୍ଦାର କଥା ହେବ।)

ମହୁଲ ପଦର ସେପଟେ ଜଙ୍ଗଲ ପାଖରେ ଗାଁ ଶେଷ ମୁଣ୍ଡରେ ବି ଦଳେ ଲୋକ ଜଗିଛନ୍ତି । ସେମାନେ ରବିସିଂ ଓ ପାସୁର ନାୟକକୁ ଦେଖି କହିଲେ "ରିଜାଇ ମନ୍

ହାଏବାଟେ ଗାଲା ଆଚତ୍ ନା । ହାଏବାଟେ ନାଇ ଯାଆ । ମାଇଜି ପିଲା ମନ୍‌କେ ଜାତି କରବାଇ । ଖମନେ ଲୁଚି ଦିଆସ୍" (ଏହି ବାଟରେ ରିଜର୍ଭ ପୋଲିସ୍ ଦଳ ଯାଇଛନ୍ତି । ତୁମେ ସେମାନେ ଯିବାବାଟରେ ଯାଅ ନାହିଁ । ସ୍ତ୍ରୀ ପିଲାମାନଙ୍କୁ ହଇରାଣ କରିବେ । ବଣ ଭିତରେ ଲୁଚି ରହିଯାଅ ।)

ପ୍ରତି ଗାଁରେ ପୋଲିସ୍‌ର ଲୋକ । ଗାଣ୍ଡା, ଚଲାଣ, ନାୟକଙ୍କର ଲୋକ । କର୍ମୀମାନଙ୍କ ଉପରେ ନଜର । କୋଉ ଗାଁକୁ କିଏ ନୂଆ ଲୋକ ଆସିଲା, କାହା ଘରକୁ ଗଲା । ସବୁଖବର ଦେବାକୁ ହେବ ଥାନାରେ ଯାଇ ।

ଜଙ୍ଗଲ ଭିତରେ ଝର ଝର ବର୍ଷାରେ ଓଦା ହୋଇ ରବିସିଂ ମାଝୀ ପାସୁର ନାୟକ ବାଟ ଚାଲୁଥିଲେ ବିରିଗୁଡ଼ା ଆଡକୁ । ବିରିଗୁଡ଼ାରୁ ରାବଣାଗୁଡ଼ା ଯିବାକୁ ସେମାନେ ସ୍ଥିର କଲେ । ସେଦିନ ରାତିରେ ରାବଣାଗୁଡ଼ାର କଂଗ୍ରେସ କର୍ମୀ ଗଙ୍ଗାଧର ଭତ୍ରାଘରେ ରହି ତା ଆରଦିନ ପହଞ୍ଚିଲେ ବକଡାବେଡ଼ା ଗାଁରେ । ସେଠାରୁ ପାସୁର ନାୟକ ଫେରିଗଲେ ନିଜ ଗାଁକୁ । ରବିସିଂ ରହିଲେ ସରାଗୁଡ଼ା ଗାଁରେ ।

****

## ଛବିଶି

# ଉମରକୋଟ ଥାନା ଘେରାଓ ଓ ଅତ୍ୟାଚାର

ସନ୍ଧ୍ୟାର ଅନ୍ଧାର ଓ ବର୍ଷା ଭିତରେ ରବିସିଂ ଉମରକୋଟ ଥାନା ଆଗରେ ହୋଇଥିବା ବାଉଁଶଘେର ଡେଇଁ । ମଙ୍ଗଲୁ ପୂଜାରୀ ସହ ଚାଲିଗଲେ ସାନକୁମାରୀ ଗାଁକୁ । ପୋଲିସ୍ ଖୋଜି ଖୋଜି ପାଇଲା ନାହିଁ ତାଙ୍କୁ । ୨୪-୦୮-୧୯୪୨ରୁ ରବିସିଂ ଏ ଗାଁରୁ ସେ ଗାଁ ହୋଇ ପାପଡାହାଣ୍ଡି ଗୁଳିକାଣ୍ଡ କଥା ଶୁଣି ପାସୁର ନାୟକ ସହିତ ପାର୍ଜିଆର ଗୁଡ଼ାଯାଏ ଯାଇ ସେଠୁ ଫେରିଲେ ସରାଗୁଡ଼ା ।

ସରାଗୁଡ଼ା ରେ ରବିସିଂ ଶୁଣିଲେ ବାଟିବେଡା ଗାଁରେ କେମିତି ତ୍ରିଲୋଚନ ମିଶ୍ରଙ୍କ ଆଦେଶରେ ଭାମିନି ଗାଉଣ୍ଟିଆ ଶୁକ୍ ଚନ୍ଦ ପାନକା ଅତ୍ୟାଚାର କରିଛି ତାର କାହାଣୀ ।

୦୮.୦୯.୧୯୪୨। ବାଟିବେଡ଼ା ଗାଁର କେଉକଲାର ଯାଇଥିଲା ଉମରକୋଟ, ଲୁଣ ତେଲ କିଣି । ସେ ଫେରୁଥିଲାବେଳେ ଉମରକୋଟର ଜଣେ ଘାସିଆ ତାକୁ ଧରି ପକାଇ ଥାନାକୁ ନେଇଗଲା । ଥାନାରେ ତାକୁ ରବିସିଂଙ୍କ ଲୁଚି ଥିବା ଯାଗାର ନାମ ପଚରାଗଲା । ସେ କହି ନପାରିବାରୁ ସୁବରାଓ ଜମାନ ଓ ପ୍ରେମଚାନ୍ଦ କାର୍ତିକ ଜମାନ ତାକୁ ମାଡ଼ ମାରି ଦରମରା କରିଦେଲେ । ତା'ର ପିଠି, ଗୋଡ଼, ମାଡ଼ରେ ଫୁଲି ଫାଟିଗଲା । ତାପରେ ତାକୁ ଛାଡିଦିଆଗଲା । ରାତିର ଘନଅନ୍ଧାର ଭିତରେ ପଡ଼ି ଉଠି କେଉ କଲାର ବାଟିବେଡା ଗାଁରେ ପହଞ୍ଚିଲା ବଡ଼ କଷ୍ଟରେ । ଘର ଆଗରେ ପାଟିକରି ସେ ପଡ଼ିଗଲା ଅଚେତ ହୋଇ ।

କୁସୁମତେଲ ଆଉ ହଳଦୀକୁ ଗରମ କରି ଗୋଡ ବଳାଗଣ୍ଠି ହାତ ପିଠିରେ ଲଗାଇଦେଲାବେଳେ କେଉକଲାର ବାଏଲ (ସ୍ତ୍ରୀ) ର ଆଖିରୁ ଝରି ଯାଉଥିଲା ଲୁହ । ବହୁକଷ୍ଟରେ କେଉକଲାର ସେଠି ଛିଡା ହୋଇଥିବା ଶୋଭାମାଳିକୁ ଚାହିଁ କହିଲା ।

ମକେ ମାରଲାଇନା ଜମାନ ମନ୍ । ଅପ୍ରାଜଲ ମାର୍‌ଲାଇ । ମକେ ସାଙ୍ଗଲାଇ ବାଟିବେଡ଼ା କର୍ମୀ ଗାଁ । କାଂଗ୍ରେସ କେ ଛାଡ଼ା ନାଇଁ ହେଲେ ମାଡ୍ ଖାଇ ମରା । ବୁଟିର ଲାଗି ଏତ୍‌କି ଡଂଣ୍ଡ ।" (ଜମାନ ମାନେ ମୋତେ ମାଡ଼ ମାରିଲେ । ଭୀଷଣ ମାଡ ମାରିଲେ । ମୋତେ କହିଲେ ବାଟିବେଡା କର୍ମୀ ଗାଁ । କଂଗ୍ରେସକୁ ଛାଡ଼ ନହେଲେ ମାଡ଼ ଖାଇ ମର । ବୁଟି (ରବିସିଂ ମାଝୀ) ଯୋଗୁଁ ଏତେ ଦଣ୍ଡ ସହିବାକୁ ହେଲା ।)

ଖମନ ଆନେ ପରାଉଁବେ । କେଉ କଲାର ଯନ୍ତ୍ରଣାରେ ଆଖି ବୁଜିଲା ।

ତା ୦୯.୦୯.୧୯୪୨ରିଖ

କର୍ମୀ ଗାଁ ବାଟିବେଡାରେ ସକାଳ ହେଲା । ଗୁହାଳରୁ ଗାଈ ଗୋରୁ ଫିଟିଲେ । ଛେଳି ମେଣ୍ଢା ବି । କୁକୁଡ଼ା ସବୁ ଚରା ଖୋଜିଲେ ପାଳ ଗଦା ମୂଳକୁ ଉଖାରି । ଗାଁ ଦାଣ୍ଡରେ ଦି ଚାରିଟା ଲଙ୍ଗଳା ପିଲା ଏପଟସେପଟ ହେଉଥିଲେ । ଘର ମାଇକିନେ ଅଗଣା ଓଳାଉ ଥିଲେ । ଗାଆଁର ପୂଜାରୀ ଘଟି ମାଝୀ ନିଜ ପିଣ୍ଡାରେ ବସି ପିକା ଟାଣୁଥିଲେ । ପଟୁମାଟୀ ଜମିଆଡେ ଯିବା ପାଇଁ ସଜ ହେଉଥିଲେ ।

ସୂର୍ଯ୍ୟ ଉଇଁଲା । ଅଧ ଲାଠି ବେଳ ହେବ । ଆକାଶରେ ମେଘ ବର୍ଷିବ ବର୍ଷିବ ହେଉଛି । ହଠାତ୍ ଗାଁ ଲୋକଙ୍କର କୋଳାହଳ ଦଉଡିବାର ଶବ୍ଦ ଶୁଭିଲା । ଭାମିନି ଗାଁ ଆଡୁ ଶୁଖ ଚନ୍ଦ ଗାଉଣ୍ଟିଆର ଦଶବାର ଲୋକ ଠେଙ୍ଗା ଧରି ଧାଇଁ ଆସୁଥିଲେ । ସେମାନଙ୍କ ସାଙ୍ଗରେ ଚାରିଜଣ ଉମରକୋଟ ଥାନାର ଜମାନ । ଦୁଇଜଣ ରିଜାର (ରିଜର୍ଭ ପୋଲିସ୍) ଏମାନଙ୍କୁ ଦେଖି କିଲିବିଲି ହୋଇ ଗାଁର ପୁରୁଷ-ସ୍ତ୍ରୀ ସବୁ ଜଙ୍ଗଲ ଆଡକୁ ଧାଇଁଲେ ।

ହଠାତ୍ ଦଉଡ଼ି ପଳାଇଥିଲାବେଳେ ବାଟିବେଡ଼ା ଗାଁର ଶୋଭାମାନି କୁ ଧରି ପକାଇଲେ ଶୁଖଚାନ୍ଦ ପାନ୍‌କାର ଲୋକ । ଠେଙ୍ଗା ମାଡ଼ରେ ତଳେ ପଡିଗଲା ଶୋଭା ମାଳି ଲୋଚାକୋଚା ହୋଇ । ତା'ର ଚିତ୍କାର ଶୁଣିବା ପାଇଁ ସେଠି କେହି ନଥିଲେ । ମାଡ଼ରେ ସେ ଚେତା ହରାଇ ପଡିଗଲା । ତାକୁ ସେଠି ସେମିତି ଛାଡ଼ି ପ୍ରାୟ କୋଡିଏ ଜଣ ଘାସିଆ ଜମାନ ରିଜାଇ ପହଞ୍ଚିଗଲେ ଘଟି ବଣୁଆ ଘରେ । ରବିସିଂ ମାଝୀଙ୍କ ଘରେ । ପଚାରିଲେ ରବିସିଂଙ୍କ ଠିକଣା ।

ଘଟି ମାଝୀ ଅଗଣା ମଝିରେ ଠିଆ ହୋଇଥିଲେ । ଶୁକଚାନ୍ଦ ଗାଉଣ୍ଟିଆର ଲୋକେ ଘର ଉପରେ ଚଢ଼ି ରିଗାରେ ଠେଙ୍ଗାରେ ପିଟି ଖପର ଗୁଡ଼ିକୁ ଭାଙ୍ଗି ପକାଇଲେ । ଆଟୁ(ମେର୍ଦ୍ଧା) ରେ ରଖା ହୋଇଥିବା କାନ୍ଦୁଲ, ବିରି, କୋଳଥ, ମାଣ୍ଡିଆ, ଜନ୍ଦର ସବୁ ବୋହି ନେଲେ । ମାଟିରେ ପୋତା ହୋଇଥିବା ମାଠିଆରୁ ନେଇଗଲେ କେତେକାଳର ସଞ୍ଚିତ ରୂପାଟଙ୍କା ସବୁ । ସବୁ ଲୁଟି ନେଲେ । ଜମାନ ଜଣେ ଘଟି ବାଣୁଆଙ୍କ ବେକରୁ ଛିଡାଇନେଲା ସୋରିଷିଆ ମାଳି ସୁନାର । କିଛି ରଖିଦେଲେ ଛେଳି, ମେଣ୍ଢା, ଗାଈ ଗୋରୁ ତଡିନେଲେ । ରବିସିଂ ମାଝୀଙ୍କ ସାନଭାଇ ଶୋଭାସିଂ ମାଝୀ ବାଡ଼ିପଟ ଜହ୍ନା ଓ ଜନ୍ଦରି (ମକା ଓ ବାଜରା) ବାଡ଼ରେ ମୂର୍ଚ୍ଛା ପ୍ରାୟ ହୋଇ ବସି ରହିଥିଲା ।

କୁଞ୍ଜ ଜମାନ ଗୁଳି ନଥିବା ଖାଲି ବନ୍ଧୁକର ପଛପଟ କୁନ୍ଦାଟାକୁ ଘଟି ବାଣୁଆ ଛାତିରେ ପିଟିଦେଲା । ରାଗି ଯାଇ ପଚାରିଲା ଶଳା କହ ରବିସିଂ କୁ କୋଉଁଠି ଲୁଚାଇଛୁ । କହିବୁନା ଶଳା ଚିପିଦେବି (ଗୁଳିକରି ଦେବି) ମରିଯିବୁ ।

ଘଟି ବାଣୁଆ ଉପର ଆକାଶକୁ ଚାହିଁଲେ । ଚାହିଁଲେ ପାଦତଳେ ଥିବା ମାଟି ମା'କୁ । ସେ କେବଳ ଏତିକି କହିଲେ ବୁଟିକେ ମୁଇଁ ଗାନ୍ଧି ମାପ୍ରୁକେ ସରପି ଦେଲିଆଁଚେ । ବୁଟି କୋନତି ଆଡ଼େ ମକେ ନାଇଁ ସାଙ୍ଗଲାର୍ । ମକେ ମାରିଦିଅ ଗୋଟେକ୍ ଦିନେ ମର୍‌ବା କେ ହେଇସି ତର ହାତେ ମରଲେ ନାମ ରେଇସି ।' (ମୁଁ ବୁଟିକୁ ଗାନ୍ଧୀ ମହାପ୍ରଭୁଙ୍କୁ ସମର୍ପି ଦେଇଛି । ସେ କେଉଁଠି ଅଛି ମୋତେ କହି ନାହିଁ । ମୋତେ ମାରିଦିଅ । ଦିନେ ନା ଦିନେ ତ ମରିବାକୁ ହେବ। ତୋ ହାତରେ ମଲେ ଅନ୍ତତଃ ନାଆ ରହିବ ।) ଘର ଉଜୁଡିଗଲା ଘଟିବାଣୁଆର । ସବୁ ସେମାନେ ଲୁଟି ନେଲେ । ଦିନ ମଇଧାନ୍ (ମଧ୍ୟାହ୍ନ) ହେଲା ବେଳ ବୁଡିଲା । ସାରା ଗାଁ ଖାଁ ଖାଁ । କେତେକ ବୁଢା ବୁଢୀ ଭୟରେ ଜଡ ସଡ । ସମସ୍ତେ ଯେମିତି ଜଡ ମୂକ ହୋଇ ଯାଇଥିଲେ । ଜୀବନ ଜୀଇବା ପାଇଁ ଯେମିତି ବାଟ ଖୋଜି ପାଇ ନଥିଲା ।

ରାତି ପହରେ ବେଳକୁ ଅଣ୍ଡିରା ବିଲୁଆଙ୍କ ରଡ଼ି ଗାଁ କୁକୁରଙ୍କ ବୋବାଳି ଝିପି ଝିପି ବର୍ଷା ଥଣ୍ଡା ପବନ ସବୁ ମିଶି ଯେମିତି ଏକ ଭୟର ଆସ୍ତରଣରେ ଘୋଡାଇ ପକାଇଲା ବାଟିବେଡ଼ା ଗାଁକୁ । ସେଦିନରେ ରାତି ସହଜରେ ସରୁନଥିଲା ।

୧୦.୯.୧୯୪୨ ସକାଳ ।

ଘଟି ବାଣୁଆ ଘରେ ଆଉ ଯାହା କିଛି ଥିଲା ତାକୁ ମଧ୍ୟ ଲୁଟି ନେବାକୁ ସେଦିନ ରାତିରେ ଭାମିନି ଗାଁରେ ରହି ଯାଇଥିବା ଦୁଇଣ ଜମାନ ଓ ଶୁକରଚାନ୍ଦ ପନ୍‌କାର ଲୋକ ପୁଣି ଥରେ ବାଟିବେଡା ଗାଁକୁ ଆସିଲେ ଝୁମୁକା ବାଡ଼ି ବଢେଇ । ପୁଣି ସେଇ ଅତ୍ୟାଚାର । ଘଟି ବାଣୁଆ ଓ ପଟୁ ମାଝୀ ପୁଣି ଅତ୍ୟାଚାରର ଶିକାର ହେଲେ । ଦୁଇଣ ଜମାନ ରବିସିଂ ମାଝୀଙ୍କ ମା ଦୁଃଖୀ ମାଝୀକୁ ଟାଣିନେଲେ ଚେଫଡାଗାଁର ବଣ ଭିତରକୁ । ଘଟି ବାଣୁଆ ଘରେ ଖଣ୍ଡିଆ ଛାଞ୍ଚୁଣୀ (ଠୁଟି ବାଡ଼ନି) ଟେ ମଧ୍ୟ ରହିଲା ନାହିଁ ।

କର୍ମୀଗାଁ ବୋଲି ଏତେ ଦୁଃଖ ଏତେ କଷ୍ଟ ପଡିଲାକି ଆଉ । ରବିସିଂ ସରାଗୁଡା ଗାଁରେ ଥାଇ ଏ ସବୁ ଶୁଣିଲେ ସେ ମନେ ମନେ ସ୍ଥିର କଲେ ଏସବୁ ବିଷୟ ସେ ଜଣାଇବେ ଉମରକୋଟ ସର୍କଲ ଇନ୍‌ସ୍ପେକ୍ଟର ବେଣୁଧର ଗଡ଼ନାୟକଙ୍କ ନ୍ୟାୟ ଲୋଡିବେ ଅନ୍ୟାୟର ପ୍ରତିବାଦ କରିବେ ।

****

## ସତେଇଶି

# ଗାଁର ମାଟି ଜନମ ମାଟି

ଦେଶ ପାଇଁ ସବୁଛାଡିବାକୁ ହ୍ଏ । ମାର ମମତା ବାପାଙ୍କର ସ୍ନେହ, ପତ୍ନୀର ସୋହାଗ ପୁଅଝିଅ ମୋହ । ମାୟା ଲାଗିଗଲେ ଦେଶ ପାଇଁ କିଛି କରି ହେବ ନାହିଁ । ରହି ରହି ରବିସିଂଙ୍କ ମନେ ପଡୁଥିଲା ଜେଜେବାପା ଘଟି ମାଝୀ ବାବା ପଟ୍ଟମାଝୀ ମା ଦୁଃଖୀ ମାଝୀ ଓ ସାନ ମା ବିଶୋଇ ମାଝୀଙ୍କ ମୁହଁ । ମନେପଡୁଥିଲା ପତ୍ନୀ ଧନମତି ଓ ଝିଅର ମୁହଁ ।

ରବିସିଂ ଜେଲ ଭିତରେ ଥିଲା ବେଳେ ତାଙ୍କର ପୁଅଟିଏ ହୋଇ ମରି ଯାଇଥିଲା । ତାର ମୁଁହ ଦେଖିବା ମଧ୍ୟ ସମ୍ଭବ ହୋଇନଥିଲା ତାଙ୍କ ପାଇଁ ସରାଗୁଡା ଗାଁରେ ଏକଥା ଶୁଣି ତାଙ୍କ ମନରେ ଯେ କି ଦୁଃଖ ହୋଇଥିବ ତାହା ଭାବିହୁଏ ନାହିଁ । ଘର ଲୋକଙ୍କ ମୁହଁ ଗାଁ ଲୋକଙ୍କ ମୁହଁ ଦେଖିବା ଯେମିତି କେତେ ଯୁଗ ହେଲା ହୋଇନାହିଁ । ରବିସିଂ ଉଦାସ ହୋଇଗଲେ । ସେ ଭାବିଲେ ଦେଶ ପାଇଁ ସମସ୍ତଙ୍କୁ ଦୁଃଖ ଦେଲେ କି ଆଉ । ମନରେ ଶୋଚନା ଆସିଲା ।

ସରାଗୁଡା ଗାଁ । ଦିନ ଦଶଟା ପାଖା ପାଖି ହେବ । ଜେଜେବାପା ଘଟି ମାଝୀ (ବାଣୁଆ) ରବିସିଂ ସରାଗୁଡ଼ାରେ ଥିବା ଶୁଣି ନାତି ପିଲାକୁ ଦେଖିବାକୁ ଆସିଲେ । ଲଢେଇ କରୁଥିବା ନାତି ପିଲାକୁ ଯୋଉ ନାତି ହେଇକେତେଦିନ ତେଲେ ଲେଙ୍ଗୁଟି ପିନ୍ଧି ଦଉଡୁଥିଲା ଏପଟ ସେପଟ, କେତେବେଳେ କୁକୁଡ଼ା ପଛରେ ତ କେତେବେଳେ, ଛେଳି ଛୁଆ ପଛରେ । ତାଙ୍କ ବେକରେ ଓହଳି ପଡୁଥିଲା । ସଞ୍ଜହେଲେ ଅନ୍ତରା ନିଆଁରେ ମକାପୋଡି ଖାଉଥିଲା ତ କାନ୍ଦୁଲି ଦିନେ କଞ୍ଚା କାନ୍ଦୁଲ ର ଛୁଇଁ । ଗାମୁଛା ପିନ୍ଧି ଭାମିନି ଗାଁକୁ ପାଠ ପଢିବାକୁ ,ଯାଉଥିଲା । ସେଇ ବୁଟି ଏବେ ଖଦଡ୍ ପିନ୍ଧି ଲଢେଇ କରୁଛି । କାହାକୁ ଡରୁନାହିଁ ।

ଜେଜେବାପାଙ୍କୁ ଦେଖି ରବିସିଂ ପିଣ୍ଡାରୁ ଉଠି ଜୋହାର ହେଲେ । ଆଉ ଯେତେ କର୍ମୀ ବସିଥିଲେ ସମ୍ମାନ ଜଣାଇଲେ । ରବିସିଂଙ୍କୁ ଦେଖି ଘଟିମାଝୀ ଆଖିରୁ ଲୁହ ଝରିଗଲା । ସେ ଗାମୁଛାରେ ଆଣି ପୋଛିଲେ । କେଡ଼େ କେଡ଼େ ବିପଦ ଆସିଛି ଘରକୁ । ରୋଗ ଆସିଚି । ଗାଈ ଗୋରୁ ମରିଛନ୍ତି । ଛେଳି ମେଣ୍ଢା କୁକୁଡାକୁ ବଣରୁ ଆସି ହେଟା ବାଘ (ଡୁରକା) ବିଲୁଆ ଟାଣ ନେଇଛନ୍ତି, ଘରେ ମଲା ଗଲା ଦୁଃଖ ବି ଆସିଛି ହେଲେ ଘଟି ମାଝୀ ଏମିତି ଲୁହ ଝରାଇ ବାର କେବେ ଦେଖିନଥିଲେ ରବିସିଂ ମାଝୀ ।

କିଛି ସମୟ ଏମିତି କଟିଗଲା ଭାବ ଅଭାବରେ । ଘଟିମାଝୀ ନାତିକୁ ଦେଖି କହିଲେ । ବୁଟି ତୁଇତ ଘର ଦୁଆର ଛାଡ଼ଲିସ୍ ତର ମା ମନ ତର କାଜେ ଅରନ୍ ପାନି ପିତା କରଲାଇ । ତକେ ହେତାଇ ମରଲାଇନି । ତ'ର କାତା ଦିନ ରାତି । ତର ଖାଦିପିଦିର କାତା ସାଙ୍ଗଲାଇନା ରବିସିଂ ଜେଜେବୋପାଙ୍କ ଠାରୁ ଶୁଣିଲେ ସବୁ ଦୁଃଖର କଥା । ଘରଜ୍ବର ହେବାର କଥା ।

ଦୁଇଦିନ ପରେ ଗୋରୁ ଗୋଠରୁ ଫେରୁଥିବା ବେଳେ, ସରାଗୁଡ଼ାରୁ ଆସି ରବିସିଂ ବାଟିବେଡା ଗାଁରେ ପାଦ ଦେଲେ । ସାଙ୍ଗରେ ପଣ୍ଡରୁ ଗଣ୍ଡ ତାଙ୍କ ପିଲାଦିନର ସାଥୀ ତା ପରେ ପରେ ପହଞ୍ଚିଲେ । ପଟୁମାଝୀ ଘଟିମାଝୀଙ୍କୁ ଜୋହାର ହେଲେ ।

ରାତି ହେଲା । ଘରେ କୁସୁମ ତେଲରେ ଦୀପ ଜଳିଲା । ପିଣ୍ଡାରେ ଗୋଟିଏ କୋଣରେ କୁକୁଡାଗୁଡିକ ନିଜ ବସା ଭିତରେ ଶୋଇପଡିଲେ । ପାରା ଭାଡିରେ ପାରା ଗୁମୁରିଲେ । ଦୀପର ମିଞ୍ଜି ମିଞ୍ଜି ଆଲୁଅରେ ପଟୁ ମାଝୀ ଚାହୁଁଥିଲେ ରବିସିଂ ମାଝୀଙ୍କୁ ନିଜର ବଡପୁଅକୁ । ମା ମାନଙ୍କ ଆଖିରେ ଲୁହ ଚିକ୍ ଚିକ୍ କରୁଥିଲା । ଧନମତି ଚୂଲି ପାଖରେ ବସି ଫୁଟିଲା ଭାତକୁ ଦେଖୁଥିଲା ନିବିଷ୍ଟ ମନରେ । ତାପରେ ରବିସିଂଙ୍କୁ । କେତେଦିନ ହୋଇଗଲାଣି ପଦେ କଥା ହେବା ପାଇଁ ବେଳ ନାହିଁ ବଡଝିଅ ରତନାବତୀ ଶୋଇ ପଡ଼ିଥିଲା । ସମସ୍ତେ ଚୁପଚାପ ।

ସେଦିନ ରାତିରେ ପୋଲିସର ଭୟରେ ଶୁକ୍ରଚାନ୍ଦ ଗାଉଣ୍ଟିଆର ଭୟରେ ବାଟିବେଡା ଗାଁର ଯେଉଁମାନେ ୯.୯.୧୯୪୨ ଦିନ ଘର ଦୁଆର ଛାଡ଼ି ବିରିସାଡି ସିଲାଟି ପୋଡାଗଡ଼ ବଣ ଭିତରେ ବାଘ ଭାଲୁ ମଶାଡାଆଁସର ଉତ୍ପାତ ଭିତରେ ଦୀର୍ଘ ଦଶଦିନ ହେଲା ମରି ମରି ଜୀଉଁଥିଲେ ଗାଁକୁ ଫେରିଲେ । ଆତଙ୍କ ଓ ଭୟ ସେମାନଙ୍କୁ ସେମିତି ଚାପି ରଖିଥିଲା ।

ରବିସିଂଙ୍କ ବାପା ପଟୁ ମାଝୀ ପୁଅକୁ ଚାହିଁ କହିଲେ ବୁଟି ଆମର ଗାଁର ଲୋକମନ୍ ଗାଁ ଚାନୁ ଉଟିଯିବାକେ ସାଙ୍ଗଲାଇନି ଗର ଗାଲା ଦୁଆର ଗାଲା ଗାଈ ଗୋରୁ ଛେଲି ମେଣ୍ଢା ବିକିଡା ଗାଲା ଖାଦି ନାଇଁକି ଗଜି ନାଇଁ (ଲୁଗା) ପାଟା ନାଇଁକି ଗମଛା ନାଇଁ । ହାଏମୁନ୍ ଗାଁ ଚାନେ ଆରି ରେବାକେ ମନ ନାଇ କରଚ ହୀରାପୁର ଗାଁର ଲୋକମନ୍ ସାଙ୍ଗେ ବିଡି ପୋଡ଼ାଗଡ଼ ସିଂସାରି ଖମ୍ନେ ଉଟିଯିବାକେ ମନ କରଲାଇ ବିଚାର କରଲାଇନି ତୁଇ ହାଏମନ୍‌କେ କାୟଟା ସାଙ୍ଗବୁସ୍ ସାଙ୍ଗ ।

ରବିସିଂ ଚାହୁଁଥିଲେ ଜଳୁଥିବା ଦୀପ ଶିଖାକୁ । ସେ ଭାବୁଥିଲେ ଜମା ହୋଇଥିବା ଡରି ଯାଇଥିବା ଦରମରା ବାଟିବେଡାର ଲୋକଙ୍କୁ ଦାଦି ବଡୁ, ସିଆନ ମାନଙ୍କୁ । ଏମାନଙ୍କ ଏହି ଅବସ୍ଥା ପାଇଁ ସେ ନିଜକୁ ଦାୟୀ ମନେକଲେ । କେମିତି ଗୋଟେ ଦୁଃଖ ଅସହାୟତା ଭିତରେ ସେ ବୁଡ଼ିଗଲେ ।

ଗାଁର ଜମା ହୋଇଥିବା ସବୁଲୋକଙ୍କୁ ସେ ଉହିଁଲେ କିଛି ସମୟ । ସମସ୍ତଙ୍କୁ ବୁଝାଇଲା ପରି ସେ କହିଲେ ଧୀରେ ଧୀରେ ଦାଦି ଆମର ଗାଓଁର ଲୋକ୍ ମନକେ ଡର୍ ଉପ୍ଲା ଆସେ । ଆମେ ସବୁ ବିଡିକରି ଗୋଟେକ୍ ହେଇରେଲେ ଦଶଟା କି କୋଡେଟା ଖଙ୍ଗର୍ ମନ୍ ପାରିତେ କି । ହାଏମନ୍ ସବୁଜୁରି ନେଲାଏ । ଆରେ ମନ୍ କମନ୍‌କେ ଗଦ ବଜିଦେଲୁ ।

ମୁଇଁ ଗୋଟେକ୍ କାତା ସାଙ୍ଗବି ଆଚେ ମୁନୁଷ ଜୀବନେ ଦୁକ୍ ଆଇସି ସୁକ୍ ଆଇସି । ଦୁକ୍ ର ଦିନ ବେଶି ଦିନ ନାଇରଏ । ରାତି ସାରଲେ ଉଜର ହେଇସି । କାୟ କାଜେ ଡରି ଡରି ମରବାକେ ମନ୍ । ଗାନ୍ଧି ମାପ୍ରୁ ସାଙ୍ଗଲା ଆଚେ ନାଇଁ ଡରା, ଅନିଆୟ କେ ଡରଲେ ଜବର ଡରାଇବାଏ । ସୁନା ବାଟିବେଡା ଆମର ଜନମ ମାଟି । ଆମର ଦାଦିର ଗାଓଁ ବଡୁର ଗାଓଁ ଗାଁ ମାଟି ଛାଡି ଉଟିଗଲେ ବାସ୍ ନା ମିଲେ । ଉଡିଗଲା କାଉକେ ବସ୍‌ବାକେ ଡାଲ ନାଇଁ ମିଲେ । ତମେ ଗାଓଁଟାନୁ ଉଟିଗାଲେ ଉଟିଯାଅ ମାତର ମୁଁଇ ମର ଗାଁ ମାଟି ଜନମ୍ ମାଟିକେ ନାଇଁଛାଡେ । ଯେତ୍‌କି ବଡ଼ ଦୁକ୍ ଆସୁପାଛେ ।

ରବିସିଂ ଏହି ପ୍ରକାର କଥା ଶୁଣି ଗାଁର ଲୋକେ ପରସ୍ପରଙ୍କ ମୁହଁକୁ ଉହିଁଲେ । ବଦଳି ଗଲା ସମସ୍ତଙ୍କ ମନ । ସେମାନେ ଭାବିଲେ ଗାଁ ମାଟିରେ ମରିବା ଭଲ । ଯେତେ ଦୁଃଖ ଆସୁପଛେ । ଆଉ କେବେ ସେମାନେ ବଣକୁ ଡରି ଲୁଚିବାକୁ ଯିବେ ନାହିଁ ।

****

## ଅଠେଇଶି

# ରାତିସାରା ନିଆଁଧାସରେ ରବିସିଂ ମାଝୀ

ସରାଗୁଡ଼ା ଗାଁରୁ ଘରକୁ ଫେରି ରବିସିଂ ମାଝୀ ପାଲଟି ଗଲେ ପୁଣି ସେଇ କୃଷକର ସନ୍ତାନ । ସେ ଦେଖୁଥିଲେ କେମିତି ବାପା ପ୍ରତି ବର୍ଷ ଚଇତ୍ର ମାସ ଗଲାପରେ ବୈଶାଖ ମାସ ଜନ ଉଦି ତିନ୍ ଦିନରେ (ବୈଶାଖ ଶୁକ୍ଳ ତୃତୀୟା) ମାଟି ମା'କୁ ପୂଜା କରିବା ପାଇଁ ନୂଆ ବାଉଁଶ ଟୋକେଇ ରେ ଦୀପ, ଫୁଲ, ଓଦା ଅରୁଆ ଚଉଳ ନେଇ ବିହନ ସହିତ ଗାଁ ଗୁଡ଼ି ମାତାଠାକୁରାଣୀଙ୍କ ଆସ୍ଥାନକୁ ବିହନ ପୂଜା କରି, ଯାଆନ୍ତି ଜମିକୁ । ଭଲ ଫସଲ ପାଇଁ ଧର୍ମଦେବତାଙ୍କୁ ପୃଥିବୀ ମାତାଙ୍କ ପୂଜା କରି ଜମିରେ କ୍ଷୀର ଢାଳି ଫୁଲ ଦେଇ ଚଉଳ ମନ୍ତୁରାଇ ମାଓଲିମାଙ୍କୁ ସୁମରଣା କରନ୍ତି । ପରିବାରର ଶୁଭ ମନାସନ୍ତି ।

ପରିବାରର ଭଙ୍ଗାଘରକୁ ସଜାଡିବା ପାଇଁ ସେ ଅଣ୍ଟା ଭିଡିଲେ । ପୋଲିସ୍ ଆଖିରୁ ନିଜକୁ ବଞ୍ଚେଇ ଶୁକରଚନ୍ଦ ପନ୍‌କାଉ ଲୋକଙ୍କ ଆଜିରୁ ଦୂରରେ ରହି ରବିସିଂ ପରିବାରକୁ ସମ୍ଭାଳିବେ କଂଗ୍ରେସର କାମ ବି କରିବେ ।

ପରିବାରକୁ ଦୁଃଖକଷ୍ଟରୁ ଉଦ୍ଧାରିବା ପାଇଁ ସେ ଏଚ୍.ଡ଼ି.ଆର. କମ୍ପାନୀ ଅଧୀନରେ କୁଲି କାମ କରିବା ପାଇଁ ସ୍ଥିର କଲେ । ଏଚ୍.ଡି.ଆର କମ୍ପାନୀ ୧୯୩୮ ମସିହା ପୂର୍ବରୁ ବି.ଏନ୍.ଆର (ବମ୍ବେ-ନାଗପୁର-ରାୟପୁର) ରେଲ ଲାଇନ ପାଇଁ ସ୍ଲିପର କାଠ ଯୋଗାଇବା ପାଇଁ ଠିକା ନେଇଥିଲା ଭାରତ ସରକାରଙ୍କ ଠାରୁ । ଓଡିଶା ଓ ମଧ୍ୟପ୍ରଦେଶ ସୀମାରେ ଏହି କମ୍ପାନୀ ଅନେକ ଗାଁରେ କାଠ ଜମା କରିବା ଡିପୋ ଖୋଲିଥିଲା । ଏମିତି ଏକ ଡ଼ିପୋ ଉମରକୋଟ ନିକଟସ୍ଥ ନାଗଝରି ବଣରେ ମଧ୍ୟ ଖୋଲାଯାଇଥିଲା । ରବିସିଂ ମୁଣ୍ଡରେ ଗାମୁଛା ବାନ୍ଧି ହାତରେ କୁରାଢୀ ଧରି ଦିନ ମଜୁରିଆ ଭାବେ କାମ ଆରମ୍ଭ କଲେ । ଦିନ ସାରା ବଣରେ ଗଛ କାଟି ସଞ୍ଜ ବେଳକୁ ଶଗଡ଼ରେ ଲଦି ସେ କାଠ ଡିପୋରେ ଜମା ଦିଅନ୍ତି । ଯାହା କୁଲି (ମଜୁରୀ) ମିଳେ ସେଥିରେ ଘର ଚଳେ ।

ଯେଉଁଘରେ ଅତିଥି ଆସିଲେ ବଣଜନ୍ତୁ କୁଟରା ମାଂସ ଖାଇବାକୁ ଦିଆଯାଉଥିଲା ସେ ଘରେ ଏବେ ମୁଠାଏ ଭାତ ମିଳିବା କଷ୍ଟ ହୋଇ ପଡୁଥିଲା । ବାଟିବେଡ଼ା କର୍ମୀ ଗାଁ, କଂଗ୍ରେସର ଗାଁ, ଏଣୁ ଏହି ଗାଁ କୁ କେହି ଆସିବାକୁ ପସନ୍ଦ କରୁନାହାନ୍ତି । ପୋଲିସ ଜାଟି କରିବ ଶୁକରଚନ୍ଦ ପନ୍‌କା ମାଡ଼ ମରାଇ ଜାଟି ନେବ । ବାଟିବେଡାର ଲୋକେ ନା ଶୁକ୍‌ରଚନ୍ଦ ତାନ୍‌କାଉ କଥା ଶୁଣୁଛନ୍ତି ନା ତାକୁ ସିସ୍ତୁ (ଖଜଣା) ଦେଉଛନ୍ତି । ଫରେଷ୍ଟ ଗାର୍ଡ଼

ମାନେ ଏ ଗାଁର ଶତ୍ରୁ । ଏମିତି ଦୁଃଖ ସମୟରେ ଉମରକୋଟର ଜଣେ ଫରେଷ୍ଟଗାର୍ଡ଼ ଦଳେଇ ବାବୁ ବୋଲି ତ୍ରିଲୋଚନ ମିଶ୍ରଙ୍କ କଥାରେ ଘଟି ବାଣୁଆ କାହାର ଅନୁମତି ନନେଇ ବଣରଗଛ ହାଣିଛି ବୋଲି କହି ଉମରକୋଟର ଚାରିଜଣ ଘାସିଆଙ୍କୁ ଧରି ବାଟିବେଡ଼ା ଘଟିବାଣୁଆ ଘରେ ପହଞ୍ଚି ତାଙ୍କର ଛଡେଇ ଆଣିଲା ହଳ, ବଳଦ, ଶଗଡ଼ ନିଜ ଘରକୁ ।

ଦୁଃଖ ଉପରେ ଦୁଃଖ । ଯେତେବେଳେ ତାଙ୍କ ଘର ଉପରେ ପୋଲିସ୍ ଓ ଶୁକଚାନ୍ଦ ପନ୍‌କା(ଗାଉଣ୍ଟିଆ) ର ଅତ୍ୟାଚାର ର କଥା ରବିସିଂ ମାଝୀ ରାତିର ଅନ୍ଧକାର ଭିତରେ ସର୍କଲ ଇନ୍‌ସ୍ପେକ୍ଟର ବେଣୁଧର ଗଡ଼ନାୟକଙ୍କୁ ଜଣାଇ ନ୍ୟାୟ କରିବାକୁ କହିଥିଲେ । ଏହା ଶୁଣି ତ୍ରିଲୋଚନ ମିଶ୍ର ମନେ ମନେ ରବିସିଂଙ୍କୁ ଯେମିତି ହେଲେ ଧରି ଦଣ୍ଡ ଦେବାର ନିଷ୍ପତ୍ତି ନେଲେ ।

ତ୍ରିଲୋଚନ ମିଶ୍ର ଗାଉଣ୍ଟିଆ ଶୁକଚାନ୍ଦ ପନ୍‌କାକୁ ଡକାଇ ପଠାଇଲେ ଥାନାକୁ ସଂଜବେଳକୁ । ଅଫିମ ନିଶାରେ ଟଳି ଟଳି ସେ ଆସିଲା କମଳ ଘୋଡି ହୋଇ ତାର ଡାହାଣ ହାତ ବଗାପୂଜାରୀକୁ ସାଙ୍ଗରେ ଧରି । ସଞ୍ଜ ମହୁଲି ମଦର କାଚଟିଏ ଶୁକଚାନ୍ଦ ପନ୍‌କା ଥାନାବାବୁଙ୍କ ଚଉକି ପାଖରେ ରଖି ପିଣ୍ଡା ତଳେ ଛିଡ଼ା ହୋଇ ରହିଲା ହାତଯୋଡି । ଦେଶୀ ମଦର ବାସ୍ନା ଯେତେବେଳେ ତାଙ୍କ ନାକପୁଡାଦେଇ ଦେହ ଭିତରକୁ ପଶିଗଲା ସେ ପାଲଟିଗଲେ ଆଉ ଜଣେ ମଣିଷରେ । ସେ କହିଲେ ଧୀରେ ଧୀରେ ଅଧାବନ୍ଦ ଆଖିରେ ଶୁକଚାନ୍ଦ ପନ୍‌କାକୁ । ବୁଟି ରବିସିଂଙ୍କୁ ଖୋଜି ଧରିଆଣ ତାକୁ ଶିକ୍ଷା ଦେବାକୁ ହେବ (ଜେଲସଜ୍ଜା) । ସରକାର ଏକହଜାର ଟଙ୍କା ଦେବେ ତାକୁ ଧରାଇଦେଲେ । ସବୁ ଗାଁକୁ ଖବର ପାଠାଇଦେ । ସବୁଗାଁରେ ତୋର ଲୋକ ଜଗାଇଦେ । ଗଣ୍ଡା ଚଲାଣ ମାନଙ୍କୁ ସତର୍କ କରିଦେ ।

ଶୁକଚାନ୍ଦ ପନ୍‌କା ନିଶାଗ୍ରସ୍ତ ଆଖିରେ ପିଣ୍ଡାରେ ଜଳୁଥିବା ଜର୍ମାନ ଲଣ୍ଠନ ର ଆଲୁଅକୁ ଦେଖିଲା । ତାର ମନେ ହେଲା ସତେ ଯେମିତି ସେ ରୂପା ଟଙ୍କାର ଗଦାରେ ବସିଛି । ତ୍ରିଲୋଚନ ମିଶ୍ରଙ୍କ କଥାଶୁଣି ସେ ମୁଣ୍ଡ ହଲାଇଲା ଆଲୋ ବାବୁ (ହଁ ବାବୁ) ସେତେବେଳକୁ ଥାନାବାବୁ ଢୁଳାଇ ପଡିଥିଲେ । ପ୍ରେମଚାନ୍ଦ କାର୍ତ୍ତିକ ଜମାନ ମଦ ବୋତଲକୁ ଚାହୁଁଥିଲା ଆଖିରେ ପଲକ ନପକେଇ ।

୧୯୪୨ ଅକ୍‌ଟୋବର ମାସ ସରିବାକୁ ଯାଉଥିଲା । ଆଶ୍ୱିନ ମାସର ଶେଷ ସପ୍ତାହ । ଆକାଶରେ ମେଘ ନାହିଁ । ନିର୍ମଳ ଚାରିଆଡ । ସଞ୍ଜ ହେଲା ବେଳକୁ ରବିସିଂ ମାଝୀ କାଠ ଡିପୋରେ କାଠ ଜମା କରି ଘର ଆଡ଼କୁ ଶଗଡ଼ ମୁହାଁଇଲେ । ସେତେବେଳକୁ ସରାଗୁଡ଼ାର ରାଏଧର କଳାର ଓ ସମ୍ବାରୁ ପୂଜାରୀ ଆସି ଖବର ଦେଲେ ସକାଳେ

ସକାଳେ ଉମରକୋଟ ମାନ ମନ ବାଟିବେଡ଼ା ଆସି ରେଲାଇନୀ । ତଳେ ଉଗରାଇବା କାଛେ । ପଟୁ ବାଣୁଆ ଆମମନ୍‌କେ ସାଙ୍ଗଲା । ତୁଇ ଆଜି ରାତି ଘରକେ ନା ଏହ କମନଥାନେ ଲୁଚିବସେ ।

ରବିସିଂ ସେମାନଙ୍କୁ ନଡରିବାର ବୋଧ ଦେଇ ଗାଁ ଆଡକୁ ହଳବଳଦ ଖେଦିଲେ । ସଞ୍ଜ ଅନ୍ଧାର ହେଲାବେଳକୁ ଗାଁ ସୀମାରେ ଆଗରୁ ଜଗି ରହିଥିବା ଦୁଇଜଣ ଜମାନ୍ ଓ ଶୁକଚାନ୍ଦ ପନକାର ଚାରିଜଣ ଲୋକ ଶଗଡକୁ ଘେରିଗଲେ । ରବିସିଂ ଯେମିତି ଶଗଡ଼ରୁ ଓହ୍ଲାଇଛନ୍ତି ଦୁଇ ଜଣ ତାକୁ ମାଡ଼ି ବସିଲେ ଆଉ ଦୁଇଜଣ ଦୁଇହାତ ଓ ଅଣ୍ଟାରେ ଦଉଡି ବାନ୍ଧି ବାଟିବେଡ଼ା ଗାଁ ବାହର ପାଖ ମହୁଲ ଓ ତିନ୍ତୁଳି ଗଛର ଗହଳି ଭିତରେ ଘୋଷାରି ଘୋଷାରି ନେଇଗଲେ ଭାମିନୀ ଗାଁକୁ । ଆବୁଡା ଖାବୁଡା ବାଟ ପଥର ରେ ଝୁଣ୍ଟି ରବିସିଂଙ୍କ ନଖ ଉଡିଗଲା । ଆଙ୍ଗୁଠି ସାରା ରକ୍ତ ସଲବଲ ଓ କାଦୁଅ ସଲବଲ ହୋଇଗଲା । ଭାମିନିରେ ପହଞ୍ଚିଲା ବେଳକୁ ଜହ୍ନ ଉଇଁ କେତେ ଉପରକୁ ଉଠି ସାରିଥିଲା । ଭାମିନୀ ଗାଁ ମଝିରେ ଥିବା ଶୁଖିଲା ମହୁଲ ଗଛର ଗଣ୍ଡିରେ ରବିସିଂଙ୍କ ଅଣ୍ଟାରେ ବନ୍ଧା ହୋଇଥିବା ଦଉଡିକୁ ପ୍ରେମଚାନ୍ଦ କାର୍ତ୍ତିକ ବାନ୍ଧିଦେଇ ଟିକିଏ ବସି ପଡ଼ିଲା ଫୁଣ୍ଡିବା ପାଇଁ (କ୍ଳାନ୍ତି ମେଣ୍ଟାଇବା ପାଇଁ) ରବିସିଂ ମାଝୀଙ୍କୁ ବାନ୍ଧି ଆଣିବାର ଖବର ଦେବା ପାଇଁ ଭାମିନୀ ଗାଁର ଗାଉଣ୍ଟିଆର ଜଣେ ଲୋକ ଧାଇଁଲା ଶୁକ୍‌ଚାନ୍ଦ ପନ୍‌କା ଘରକୁ । ଭାମିନି ଗାଁର ଯେତେକ ଲୋକ୍ ରବି ସିଂଙ୍କୁ ଦେଖିବା ପାଇଁ ଜମା ହୋଇଗଲେ ।

ତେଣେ ସେଦିନ ଶୁକଚାନ୍ଦ ପନ୍‌କା ଘରେ ଭୋଜି । ଖନ୍ଦାରେ ବସିଛି ଭାତ ହାଣ୍ଡି । ପାଖରେ ବାଉଁଶଜାଲି । ଭାତ ଭର୍ତ୍ତି । ହାଣ୍ଡିରେ ସିଝୁଛି ଖାସି ମାଂସ । ମାଂସର ବାସ୍ନା ବାସି ଯାଉଛି ଘର ପଛ ଯାଏ, ଯେଉଁଠି ମହୁଲ ଗଛ ମୂଳେ ବସି ଅଞ୍ଚଳଯାକର ଗାଣ୍ଡା, ଚଉକିଦାର, ପନ୍‌କା ଜାତିର କେତେଲୋକ ଶାଳପତ୍ର ଠେଲାରେ ମଦ ପିଉଥିଲେ ସଜ ଉଚୁରା ହୋଇ ଆସିଥିବା ମହୁଲୀମଦ ।

ଘର ଆଗରେ କେତେଜଣ ପନ୍‌କା (ଏଠା ହରିଜନ ଲୋକଙ୍କର ଏକ ସଂଜ୍ଞିଆ) ଝିଅ ଓ ପୁଅ ଢେମସା ଡେଗଉଛନ୍ତି (ନାଚୁଛନ୍ତି) ମହୁରୀର ତାନରେ ନାଗରାର ନାଦରେ କେତେବେଳେ ଗୋଡ଼ବେଟା ଡେମସା କେତେବେଳେ ଅଣ୍ଟା ମଲାକାନି ଡେମସା । ଆକାଶରେ ଜହ୍ନ ତଳେ ଜହ୍ନର ଆଲୁଅ ନାଚ ଜମି ଆସୁଥିଲା ବେଳେ ଶୁକଚାନ୍ଦ ପନ୍‌କା ଟେଲାଏ ଅଫିମକୁ ଗରମ କରି ପାଟିରେ ପକାଇଲା ଆଉ ଯେତେବେଳେ ଶୁଣିଲା ରବିସିଂ ମାଝୀ ଧରା ପଡ଼ିଛନ୍ତି ସେ ବସିବା ଜାଗାରୁ ଉଠି ପଡ଼ିଲା ।

ଗାଁ ମଝି ମହୁଲ ଗଛରେ ବନ୍ଧା ହୋଇଥିବା ରବିସିଂ ମାଝୀଙ୍କୁ ଦେଖିଲା ଶୁକଚାନ୍ଦ ପନ୍‌କା । ସେ ବାରଖଣ୍ଡ ଗାଁର ଗାଉଣ୍ଟିଆ, ମୁଖିଆ, ରଜାଘର ସିସ୍ତ ଆଦାୟକାରୀ । ତା କଥାକୁ ଅମାନ୍ୟ କରିବେ ବାଟିବେଡା ଗାଁର ଲୋକ ଏଇ କାଲିର ମେଞ୍ଚଡ ପିଲାର କଥା ଶୁଣି । କେତେଦିନେ ଧରାପଡ଼ିଚି ଆଜି । କେମିତି ଏକ ଘୃଣା କ୍ରୋଧ ତା ମନରେ । ଏତିକି ଦଣ୍ଡ ବେଶି ନୁହେଁ । ଆହୁରି ଅଧିକ ଦଣ୍ଡ ପାଇବା ଉଚିତ ଏ ପିଲା । ସେ ଚାହିଁଲା ପ୍ରେମଚାନ୍ଦ କାର୍ତ୍ତିକଙ୍କୁ । ବଗା ପୂଜାରୀକୁ ।

ଶୁକଚାନ୍ଦ କଥାରେ ଦୁଇଜଣ ଲୋକ ଟାଣି ଆଣିଲେ ଶଗଡଟିଏ ଗାଁ ମଝି ଦାଣ୍ଡକୁ । ପ୍ରେମଚାନ୍ଦ କାର୍ତ୍ତିକ ମହୁଲ ଗଛରୁ ଦଉଡି ଫିଟାଇଲା । ରବିସିଂଙ୍କୁ ଭିଡି ଆଣିଲା ଶଗଡ଼ ପାଖକୁ । ରବିସିଂଙ୍କର ହାତ ଦୁଇଟିକୁ ଲୋକ ବାନ୍ଧିଦେଲେ ଶଗଡ଼ ଚକାର ଓର ସହିତ । ବାନ୍ଧିଦେଲେ ଗୋଡ଼ ଦୁଇଟିକୁ । ଶଗଡ଼ ଚକାରେ ବନ୍ଧା ହୋଇ ରବିସିଂ ଚାହୁଁଥିଲେ ଭାମିନି ଗାଁର ଲୋକଙ୍କୁ । ଶୁକଚାନ୍ଦ ମନରେ ଘୃଣା, ଆକ୍ରୋଶ, ଆଦେଶ । ରବିସିଂ ମାଝୀ ଆଦିବାସୀ ଗଣ୍ଡ ଗୋଷ୍ଠୀର । ଏହି ଗୋଷ୍ଠୀ ପନ୍‌କା ଜାତିର ଲୋକଙ୍କୁ ପିଣ୍ଡା ମଡେଇ ଦେବେ ନାହିଁ । ପନ୍‌କା ଛୁଇଁଲେ ଜାତି ହେବେ । ଗୋବର ପାଣି ପିଇବେ । ପୂଜାରୀକୁ ଡାକି ମନ୍ତ୍ର ପଢିବେ । ମନର ଏଇ ଆକ୍ରୋଶ ଘୃଣା ହୋଇ ସଂଚରି ଗଲା ଶୁକଚାନ୍ଦ ମନରେ ରବିସିଂକୁ ଦେଖି । ଅଫିମର ନିଶା ପ୍ରତିହିଂସାର ପ୍ରଭାବ ଗାଉଣ୍ଟିଆ ହୋଇଥିବା କ୍ଷମତାର ନିଶା ମିଶି ତା ମନରେ ରବିସିଂ ପ୍ରତି ସୃଷ୍ଟି କଲା ଅମାପ ଘୃଣା । ସେ ଗର୍ଜି ଉଠିଲା । ଜୋଇ ଉସାଇ ଦିଆନା କାଲିର ପିଲା ମକେ (ନିଆଁ ଲଗାଇ ଦିଅରେ, କାଲିର ପିଲା ମତେ.....) କହି ପାରିଲାନି ସେ ତୀବ୍ର ଉତ୍ତେଜନାରେ ସେଠି ସେ ବସି ପଡ଼ିଲା ।

ବାପା ପୂଜାରୀ ହସିଲା ଶୁକଚାନ୍ଦର କଥା ଶୁଣି । ଦି'ଚାରିଜଣ ପନ୍‌କା ଲୋକ ଶଗଡ଼ ଚାରିପଟେ ଜମା କଲେ ଶୁଖିଲା କାଠ, ଛଣ, ଶୁଖିଲା ପତର । ନିଆଁ ଲଗାଇ ଦେଲେ । ପବନର ଛୁଆଁରେ ଯେତେବେଳେ ନିଆଁ ଜଳିଉଠିଲା ସାର ତାଉ (ଉତାପ) ରେ ଝୁଲସି ଗଲା ରବିସିଂ ମାଝୀଙ୍କ ଛାତି ମୁହଁ ଜଙ୍ଘ ଗୋଡ ପାଦ । କେମିତି ଏକ ଅସହାୟତା ଭିତରେ ରବିସିଂ ମାଝୀ ମୂର୍ଚ୍ଛା ହୋଇଗଲେ ।

ଦଶ'ବାର ଜଣ ଲୋକ ଶଗଡ଼ ଚାରିପଟେ ଠେଙ୍ଗାଧରି ଛିଡ଼ା ହୋଇଥିଲେ । ନିଶାରେ ସେମାନେ ଟଳୁଥିଲେ । ରବିସିଂଙ୍କୁ ଗାଳି କରୁଥିଲେ । ରାତି ବିତୁଥିଲା । ସେମିତି ନିଆଁ ଧାସରେ ଝୁଲସି ଯାଇ ରବିସିଂ ଶଗଡ଼ ଚକାରେ ବନ୍ଧାହୋଇ ଦରମରା ଭାବେ ଝୁଲି ରହିଲେ ସାରାରାତି ।

ଖବର ପହଞ୍ଚିଲା ବାଟିବେଡ଼ାରେ । ଘଟି ମାଝୀ ଶୋଇବା ସ୍ଥାନରୁ ଉଠି ବସିଲେ । ଗାଁ ସାରା ରୁଣ୍ଡ ହେଲେ, ଧାଇଁଲେ ଭାମିନି ଗାଁକୁ । ସମସ୍ତଙ୍କ ପାଟିରେ ଗୋଟିଏ କଥା-

ବୁଟିକେ ଜୋଇ ଡସାଇ ଦେଲା ଶୁକଚନ୍ଦ ଗାଉଁଣ୍ଟିଆ (ବୁଟିକୁ ଶୁକଚନ୍ଦ ଗାଉଁଣ୍ଟିଆ ନିଆଁ ଲଗାଇଦେଲା)

ଦୁଃଖୀ ମାଝୀ ରବିସିଂଙ୍କ ମା ଧନ ମତି ମାଝୀ ଛାତିରେ ହାତ ବାଡେଇ କାନ୍ଦୁଥିଲେ ।

ଟା ଆରଦିନ ସକାଳେ ରବିସିଂ ମାଝୀଙ୍କୁ ଉମରକୋଟ ଥାନାକୁ ପଠାଇ ଦିଆଗଲା । ଥାନା ଘେରାଓରେ ନେତୃତ୍ୱ ନେଇଥିବା ଅଭିଯୋଗରେ ।

****

## ଅଣଚାଳିଶ

# ବଗା ପୂଜାରୀ ଗିରଫ ହେଲେ

୨୪.୦୮.୧୯୪୨ ଦିନ ଉମରକୋଟ ଥାନା ଘେରାଓ ପାଇଁ କର୍ମୀଗାଁ ବଡ଼ଭରଣ୍ଡିର ଭାତନାୟକ ବଗାପୂଜାରୀ ଲୋକମାନଙ୍କୁ ମତାଇବା ଅଭିଯୋଗରେ ଉମରକୋଟ ଥାନାବାବୁ ତ୍ରିଲୋଚନ ମିଶ୍ର ତାଙ୍କୁ ଥାନାକୁ ଆଣିବା ପାଇଁ ବ୍ୟବସ୍ଥା କଲେ । ସେ ଡ଼କାଇ ପଠାଇଲେ ବଡ ଭରଣ୍ଡିର ଗଉଣ୍ଟିଆ ଜଗନ୍ନାଥକୁ ଥାନାକୁ ।

ଜଗନ୍ନାଥ ଗାଉଣ୍ଟିଆ ବଡଭରଣ୍ଡି ଗାଁର ମୁଖ୍ୟଲୋକ । ରାଜାଘରଙ୍କ ସରକାର ଲୋକ ଗାଁକୁ ଆସିଲେ ସେମାନଙ୍କ ରହିବା, ଖାଇବା, ପିଇବା, ଭେଟିଦେବା, ତାର ଦାୟିତ୍ୱ । ଏମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ଗାଁ ଓ ଆଖପାଖ ଗାଁ ଲୋକଙ୍କ ଠାରୁ ଗାଣ୍ଡାକୁ ପାଠାଇ ସପ୍ଲାଇ ଆଦାୟ କରେ, ତହିଁରୁ କିଛି ଦିଏ, ବଳକା ନିଜ ପାଇଁ ରଖେ । ଯିଏ ସପ୍ଲାଇ ନଦେଲା ସିଏ ତାର କୋପର ଶିକାର ହୁଏ । ତାର ମାଡ଼ରେ ନଦେବା ଲୋକର ପିଠି ଫାଟେ ଘର ଜୁର ହୁଏ ।

ବଡ଼ ଭରଣ୍ଡିର ଲୋକମାନେ ବଗାପୂଜାରୀଙ୍କ କଥା ମାନି ଗଡ଼ମ ସପ୍ଲାଇ ସିସ୍ଥୁ ଦେବାକୁ ମନା କରିଦେବାରୁ ଜଗନ୍ନାଥ ଗାଉଣ୍ଟିଆଁର କ୍ଷମତାରେ ଆଞ୍ଚ ଆସିଲା । ଗାଁ କୁ ଅମିନ ଜମାନ, ପରେଷ୍ଟବାଲା ଆସିଲେ ଏବେ ନିଜ ହାତରୁ ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କରିବା ଫଳରେ ସେ କେମିତି ବଗାପୂଜାରୀ ଓ ତାଙ୍କ ପରିବାର ଉପରେ ଦାଉ ସାଧିବ ସେଇ ଉପାୟମାନ ପାଞ୍ଚିଲା ।

୨୫-୦୮-୧୯୪୨ ଦିନ ତ୍ରିଲୋଚନ ମିଶ୍ର ଡକାଇ ପଠାଇଲେ ଜଗନ୍ନାଥ ଗାଉଣ୍ଟିଆକୁ । ମନରେ ଛନକା ପଶିଗଲା ତା'ର । କାୟ ଦୋଷ୍ କଲାକି ଏମିତି ଭାବନା ନେଇ ସେ ଆତଙ୍କ ମଣିଲା । ଖବର ନେଇ ଆସିଥିଲା ଏକଟା ପାନ୍ତରୁ । ତରବର ଦୁଇଟି କୁକୁଡା ସରୁ ଅରୁଆ ଚଉଳ ଦି'ମାଣ, କୋଡିଏଟି ରୂପା ଟଙ୍କା ଧରି ଜଗନ୍ନାଥ ପହଞ୍ଚିଲା ଉମର କୋଟ ଥାନାରେ । ତ୍ରିଲୋଚନ ମିଶ୍ରଙ୍କ ପାଖରେ ସେତକ ଥୋଇ ହାତ ଯୋଡି ଛିଡାହେଲା । ଗାଁର ଗାଉଣ୍ଟିଆ ପୋଲିସ ପାଖରେ ପାଲଟି ଗଲା ଗୋଡ ଠାରୁ ଆହୁରି ହୀନ, ସାନ ମନରେ ଡର, ଉପରକୁ ଲେଖିଦେଲେ ପଳେଇଯିବ ହାତରୁ ଗାଉଣ୍ଟିଆ ପଦ, ସମ୍ମାନ ଜୋହାର ବିହାର ।

ତ୍ରିଲୋଚନ ମିଶ୍ର କିଛି ସମୟ ଗୁମ୍ ମାରି ବସିଲେ । ତା ପରେ କହିଲେ ଶୁଣ ଗାଉଣ୍ଟିଆ ତୁଇ ରଜାଘର ଲୋକ । ଗାଁର ଭଲ-ମନ୍ଦ ତୋର ଉପରେ । ତମର ଗାଁର

ଲୋକ କଂଗ୍ରେସରେ ମିଶି ଆଇନ ନିୟମ ଭାଙ୍ଗୁଛନ୍ତି । ଏବେ ଆଉ କଂଗ୍ରେସ ନାଇଁ । ଯିଏ କଂଗ୍ରେସ ରେ ମିଶିଚି ସିଏ ଦ୍ରୋହୀ ସରକାରର । ତୋର ଗାଁର ବାଗା ପୂଜାରୀ ଲୋକମାନଙ୍କୁ ମତାଇ ଥାନା ଘେରାଓ କରିବାକୁ ପଠାଇଥିଲା ତାକୁ ଖବର ଦେ ସେ ଥାନାକୁ ଆସିବ । ତା'ର କାମର ଦଣ୍ଡ ପାଇଁ କୁକୁଡ଼ା ବକଡ଼ା ପାଞ୍ଚପୁଟି ଚାଉଳ ପାଞ୍ଚଟା ଟଙ୍କା ଧରି ଆସିବ । ନହେଲେ ତମର ଗାଁ ଲୋକମାନେ ମାଡଖାଇ ମରିଯିବେ । ଗାଁକୁ ହାତୀ ପଠାଇ ଦେବି । ସବୁଭାଙ୍ଗିରୁଜି ପକାଇବି । ସବୁ ଲୋକର ଦୁଆରେ ଘାସିଆର ବସେଇ ଦେବି ।

ଏତିକି ଶୁଣି ଜଗନ୍ନାଥ ଗାଉଣ୍ଡିଆ ପ୍ରତ୍ୟୁତ୍ତରରେ କହିଲା ସତ୍ ସତ୍ ବାବୁ ସତ୍ କାତାଏ ଇ ବଗା ଗାଓଁକେ ନସାଇଲା ଆଡେ ତାର ବେଟା ବାଲି ମିଶା । ମୁଇଁ ଗାଁ ଲୋକକେ ସାଙ୍ଗବି ତର ଦୟାର କୋପ୍ ନାଇ କରା ।

ତ୍ରିଲୋଚନ ମିଶ୍ର ହସିଲେ ମନେ ମନେ । ଏ ଦେଶିଆମାନଙ୍କୁ ନ ଡରେଇଲେ ଚଳିହେବ ନାଇଁ । ସେ ଚାହିଁଲେ ଜମାନ ପ୍ରେମଚାନ୍ଦ କାର୍ତ୍ତିକକୁ । ସେ ବୁଝିଗଲା ତାଙ୍କ ମନର କଥା । ରସ ଗିଲାସରେ ଗିଲାସେ ମହୁଲୀ ମଦ ଆଣି ବଢେଇଦେଲା ତାଙ୍କ ହାତକୁ ।

ଏବେ ନିକିରି ଯାଆବେ ନା । କାଲିକେ ଆସି ବାଗା ପୂଜାରୀର କାତା ସାଙ୍ଗବୁସ୍ ପ୍ରେମଚାନ୍ଦ କାର୍ତ୍ତିକ ଜଗନ୍ନାଥ ଗାଉଣ୍ଡିଆକୁ କହିଲା । ମାଟିଛୁଇଁ ଗାଉଣ୍ଡିଆ ଗାଣ୍ଡା ସାଙ୍ଗରେ ଗାଁ କୁ ଫେରିଲ ।

ସେଦିନ ରାତିରେ ଗାଁ ଲୋକଙ୍କ ବେହରଣ ବସାଇ ଜଗନ୍ନାଥ ଗାଉଣ୍ଡିଆ ତ୍ରିଲୋଚନ ମିଶ୍ରଙ୍କ କଥା ଫନ୍ଦେଇ ଫନ୍ଦେଇ କହିଦେଲା । ଘାସିଆ ଆସିବେ ଗାଁକୁ । ଲୁଟତରାଜ କରିବେ । ସମସ୍ତଙ୍କର ଜାତି ଯିବ । ମାନ ମହତ ଯିବ । କଂଗ୍ରେସର ମିଶିବାର ଫଳ ଏମିତି ବିପଦକୁ ଡାକି ଆଣିବ ଶୁଣି ଗାଁ ଲୋକେ ଆତଙ୍କିତ ହୋଇ ପଡ଼ିଲେ ।

ସମସ୍ତେ ନିଷ୍ପତ୍ତି ନେଲେ ବଗା ପୂଜାରୀକୁ ବୁଝାଇବାକୁ ହେବ । ସେ କଂଗ୍ରେସ ଛାଡି ପୋଲିସର କଥାମାନି ଚଳୁ, ନହେଲେ ଗାଁକୁ ବେଶି ଦଣ୍ଡ । ବେଶି କଷ୍ଟ । ଗାଁ ଲୋକେ ଖବର ପଠାଇଲେ ବଗା ପୂଜାରୀଙ୍କୁ ପରସୋଲା ବଣରୁ ଘରକୁ ଆସିବାକୁ । ବଡ଼ ସଙ୍କଟର ବେଳ ଏବେ ଧନ ଜୀବନ ନଷ୍ଟ ହେବାର ବେଳ ।

୨୭-୮-୧୯୪୨

ଖବର ପାଇ ପରସୋଲା ବଣରୁ ଘରକୁ ଆସିଲେ ବଗା ପୂଜାରୀ । ଆସିଲେ ତାଙ୍କ ପୁଅ ବଳି ପୂଜାରୀ ଖୁଟ୍‌ଗୁଡ଼ା ବଣରୁ । ବଡ଼ଭରଣ୍ଡି ଗାଁର ସବୁ ଲୋକ ଜମାହେଲେ ତାଙ୍କ ଘରେ । ବେହରଣ ବସିଲା । ଏହି ସମୟରେ ପହଞ୍ଚିଲେ ବାଟିବେଡ଼ାର ରବିସିଂ ମାଟୀ ସ୍ତ୍ରୀ ବେଶରେ ଅଞ୍ଚଳା ଗାଁର ପାସୁର ନାୟକ ଓ ଜାମ୍‌ଗୁଡ଼ାର ଶିବ ମାଝୀ ସହିତ ।

ସେଦିନର କଥା ମନେପକାଇ ବଗା ପୂଜାରୀଙ୍କ ବୋହୂ ବଳି ପୂଜାରୀଙ୍କ ପତ୍ନୀ ବାସନ୍ତି ପୂଜାରୀ କହନ୍ତି ବାଟିବେଡ଼ାର ବୁଟି (ରବିସିଂ ମାଝୀ) ଡମ୍ ବୁନା ପାଟା (ସ୍ତ୍ରୀ ଲୋକ ପିନ୍ଧୁଥିବା ଶାଢୀ) ପିନ୍ଧି ଆସିରେଲା ଗାଁ ଲୋକେ ନିଜ ନିଜର ଦୁଃଖ ଶୁଣାଇଲେ । ସେମାନେ ବଗାପୂଜାରୀଙ୍କୁ କଂଗ୍ରେସକୁ ଛାଡ଼ି ପୋଲିସ୍‌ର କଥାମାନି ଚଳିବାକୁ ଅନୁରୋଧ କଲେ । ନହେଲେ ଉମରକୋଟ ଘାସିଆକୁ ସାଙ୍ଗରେ ଧରି ଥାନାବାବୁ ଘୋଡା ଚଢ଼ି ଆସିବ ଘରେ ଠୁଟି ବାଡ଼ନି (ଖଣ୍ଡିଆ ଛାଞ୍ଚୁଣି) ମଧ୍ୟ ରହିବ ନାହିଁ । ମାଡ଼ରେ ପିଠି ଫାଟିବ ।

ଅଗଣାରେ ଜଳୁଥିବା ମୁଣ୍ଡାକାଠରେ ଅନ୍ତରା (ଜଳୁଥିବା ନିଆଁ)ରେ ହାତ ସେକି ବଗାପୂଜାରୀ ଶୁଣିଲେ ସବୁ କଥା ଧୀର ସ୍ଥିର ଭାବରେ । ସ୍ତ୍ରୀ ବେଶ ପଡ଼ିଥିବା ରବିସିଂ ମାଝୀ ବଗା ପୂଜାରୀଙ୍କୁ ପଚାରିଲେ 'ତୋର' ମନେ କାଇଟା ଆଚେ ସାଙ୍ଗିଦେସ୍ ଦାଦି । ବଡ ବରଣ୍ଡି କର୍ମୀ ଗାଁଏ । ପୁଲିସ୍ ସାଙ୍ଗଲାଚେ କାଂଗ୍ରେସ କେ ଛାଡିବା କି ?

ବଗା ପୂଜାରୀ ଚାହିଁଲେ ଅନ୍ତରାର ନିଆଁକୁ । ରବିସିଂ, ପାସୁର ନାୟକ ଓ ଶିବମାଝୀଙ୍କୁ ନିଜ ପୁଅ ବଳିକୁ । ମାଠ କମ୍ବଳ ଘୋଡି ହୋଇ ବସିଥିବା ଗାଁର ସବୁ ଦୁଃଖ ଭୋଗିଥିବା ଲୋକଙ୍କୁ ।

ନିଜର ସ୍ୱଭାବ ସୁଲଭ ଶାନ୍ତ ସ୍ୱରରେ ବଗାପୂଜାରୀ ସମସ୍ତଙ୍କୁ ଶୁଣାଇ କହିଲେ । "ଦୁକ ଆସକି ସୁକ" ମୁଇଁ କଂଗ୍ରେସତାନେ ବିଡିଲି ଆଚେ । ଗାନ୍ଧି ମାପ୍ରୁ କେ ନା ଚାଡ଼ି ପାରେ । ଗାଁର ଟେକି ନସି ଯାଇସି । ମୁଣ୍ଡ ଗଲେ ଯାଅ ବେକ କାଟଲେ କାଟ୍‌ତ ।

ବଗା ପୂଜାରୀ ଚୁପ ହୋଇଗଲେ । ରବିସିଂ ମାଝୀ କହିଲେ ଦାଦି ବେହୁରଣ ବସବା କାତା ସତ୍ । ଆମର ଲୋକମନ୍‌ର ଶତ୍ରୁ ଏ । କୋନିଜାନେ ଉମରକୋଟ ଥାନା ଲଗେ ଖବର ନେଲାଇକି ନାଇଁ । ବେରଣ୍ ଉଟାଇ ଦିଆବେ (ସଭା ଭାଙ୍ଗି ଦିଅ)

ବଗା ପୂଜାରୀ ପୁଅ ବଳି ପୂଜାରୀ କୁ ଘର ଛାଡି ଜଙ୍ଗଲରେ ରହି ସଂଗ୍ରାମ ଚଳାଇବାକୁ ଆଦେଶ ଦେଲେ । ରବିସିଂ, ପାସୁର ନାୟକ, ଶିବମାଝୀ, ବଗା ପୂଜାରୀଙ୍କ ଉପରଭାଇ ମୋହନ ପୂଜାରୀ ଘରକୁ ଶୋଇବାକୁ ଗଲେ ।

ଗାଁ ଲୋକେ ସ୍ଥିର ନିର୍ବାକ ହୋଇ କିଛି ସମୟ ସେମତି ବସି ରହିଲେ । ରାତିର ଅନ୍ଧକାର ବଢୁଥିଲା ।

ଏ ଭିତରେ ଉମରକୋଟ ଥାନା ଘେରାଓ ହୋଇ ଆଠଦିନ ବିତିଗଲାଣି । ନା ଧରାପଡ଼ିଛନ୍ତି ରବିସିଂ ମାଝୀ ନା ବଗା ପୂଜାରୀ । ସେଦିନ ଥିଲା ୧.୯.୧୯୪୨, ସଞ୍ଜ ଗଡ଼ି ଗଲାଣି । ବହଳ ଅନ୍ଧାର ଘରିଆଡ଼େ । ଥାନାର ଉଚ୍ଚ ପିଣ୍ଡାରେ ବସିଛନ୍ତି ତ୍ରିଲୋଚନ ମିଶ୍ର । ଗ୍ୟାସ ଲାଇଟ୍ ଜଳୁଛି । ତାଙ୍କୁ ନିଶା ଧରି ଆସିଲାଣି । ପିଲାହ କହିଲା କାହିଁ କେତେଦୂର ସମ୍ବଲପୁର ଜିଲ୍ଲାରେ କୋଉ ଗୋଟିଏ ଗାଁରେ । ଏଠି ସେ ଏକା ଆଉ

ତାଙ୍କର ସାଥି ବୋଇଲେ ଦେଶି ମହୁଲୀ ମଦ । ମଦ ନଥିଲେ ତାଙ୍କ ମନ ମିଜାଜ ପାଣିଚିଆ ଧରିଯାଏ ।

ଏମିତି ସମୟରେ ମୋଟା ଖଦଡ ମାଠ ଘୋଡି ହୋଇ ଥାନା ପିଣ୍ଡା ପାଖକୁ ଆସିଲା ତ୍ରିଲୋଚନ ମିଶ୍ରଙ୍କ ବୋଲକରା ଦଲାଲ । ଶଶିପାତ୍ର ସୁନାଧର । ଡମ୍ ଖୀରସ୍ତାନ ବୋଲି ଯାହାକୁ ଆଦିବାସୀମାନେ ବେଶି ଘୃଣା କରୁଥିଲେ । କଂଗ୍ରେସିଆମାନଙ୍କ ଗତିବିଧି ଉପରେ ନଜର ରଖି ତ୍ରିଲୋଚନ ମିଶ୍ରଙ୍କୁ ଜଣାଇବା ଥିଲା ତାର କାମ ।

ତାକୁ ଦେଖି ତ୍ରିଲୋଚନ ମିଶ୍ର ସଳଖି ବସିଲେ । କାଇ ଖବର ନା ସେ ପଚାରିଲେ । ଶଶି ପାତ୍ର ହାତଯୋଡ଼ି ଫିସ୍ ଫିସ୍ କରି କହିଲା ମୁଇଁ ବଡ଼ ବରଣ୍ଡି ଯାଇରେଲି ବାବୁ । ଗାଁ ତାନେ ବେରଣ ବସିରେଲା । ହାଏ ବଗାପୂଜାରୀ ବେରଣତେ ବସିରେଲା । କଂଗ୍ରେସ କେ ଛାଡ଼ବାକେ ନେତ୍ଲା । ମର୍ଲେ ମର୍ବି ପାଛେ କଂଗ୍ରେସ କେ ନାଇଛଡ଼ ବୋଲି ସାଙ୍ଗଲା । ଏକାଥରକେ ଏତକ କହି ସେ ଚୁପ ରହିଗଲା ।

କୋନତି ଆଟେନା ବଗା ପୂଜାରୀ ? ଥାନାବାବୁ ଜାଣିବାକୁ ଚାହିଁଲେ । ଧୀରେ ଶଶିପାତ୍ର କହିଲା, କମନ୍ ତାନୁ ଆସଲା ଆଟେ କାୟ ତାର ଗରେ ଆଟେ ।

ତ୍ରିଲୋଚନ ମିଶ୍ର ପକେଟରୁ ଟଙ୍କାଟିଏ ବାହାର କରି ଶଶିପାତ୍ର ସୁନାଧର ହାତରେ ଧରାଇଦେଲେ । ସେ କୃତକୃତ୍ୟ ହୋଇଗଲା ।

ତ୍ରିଲୋଚନ ମିଶ୍ରଙ୍କ ନିଶା ଛାଡ଼ିଗଲା ଯେମିତି, ସେ ପାଟିକରି ଡାକ ପକାଇଲେ ଥାନାରେ ଥିବା ତେଲେଙ୍ଗୀ ଜମାନଙ୍କୁ । ବିଦ୍ୟାଧର ନାରାୟଣ ପ୍ରହଲାଦ ସୁରିଆ ରାଓ ଦଉଡି ଆସିଲେ । ତ୍ରିଲୋଚନ ମିଶ୍ର ଆଦେଶ ଦେଲେ । କାଲି ସଞ୍ଜବେଳେ ଘାସିଆ ମାନଙ୍କୁ ଠେଙ୍ଗାଧରି ଆସିବାକୁ କହ ଜଗନ୍ନାଥ ଗାଉଣ୍ଟିଆକୁ କହ ବଗା ପୂଜାରୀ ଘର ଉପରେ ନଜର ରଖିଥିବ ।

ସେଦିନ ଥିଲା ତା୨.୦୯.୧୯୪୨ରିଖ । କୃଷ୍ଣପକ୍ଷର ସଞ୍ଜ । ବଡ଼ ଭରଣ୍ଡି ଗାଁ ମହୁଲ ଚିନ୍ତୁଳି ସର୍ଗି ଗଛର ଘେରାରେ ଚୁପଚାପ । ଘରେ ଘରେ ପୋଲାଙ୍ଗ ଦୀପର ଆଲୁଅ । ଗାଁର ଲୋକେ ସଞ୍ଜବେଳୁ ଖାଇ ସାରିଲେଣି । ଘରର ତାଟି କବାଟ ପଡ଼ିଗଲାଣି ।

ହଠାତ ଆକାଶରେ ମେଘ ଘୋଟିଗଲା । ପବନର ସାଇଁ ସାଇଁରେ ବର୍ଷା ଆସିଲା ଦୁଲୁକି । ବିଜୁଳି ଆଲୁଅରେ ଝଲସିଗଲା ଗାଆଁ ସାରା । ବେଶ ଅସରାଏ ବର୍ଷା ହୋଇ ଛାଡିଗଲା କିଛି ବେଳପରେ । ଘରିଆଡେ ନିଶବ୍ଦ ନିସ୍ତବ୍ଧତା । ଚଢ଼େଇର ଚେଁ ନାଇଁ କି କୁକୁଡାର କୁ ନାଇଁ । ଗାଁ ସାରା ପାଣି ଓ କାଦୁଅ ପଚ୍ ପଚ୍ । ହଠାତ କେତେଟା କୁକୁର ଭୁକି ଉଠିଲେ ଏକା ସାଙ୍ଗରେ ।

ଉମରକୋଟରୁ ପୂର୍ବ ପଟେ ବାଟ ତିନି ମାଇଲରେ ପଡେ ବଡଭରଣ୍ଡି ଗାଁ ଭତ୍ରା ଓ ସମରଥ ସମ୍ପ୍ରଦାୟର ଗାଁ, ଯେଉଁ ଗାଁର ଇଷ୍ଟଦେବୀ କଙ୍କାଳିନୀ ମାଈ ଓ ମାଓଲି ଦେବତାଙ୍କ ଗୁଡ଼ି ଗାଁର ଦକ୍ଷିଣ ପଟେ । ଉତ୍ତର ପଟେ ବଗା ପୂଜାରୀଙ୍କ ଘର । ସେଦିନ ଚାରି ପାଞ୍ଚଜଣ ଜମାନ ଛଅ ଆଠ ଜଣ ରିଝାର (ରିଜର୍ଭ ପୋଲିସ) ପଚାଶ ଷାଠିଏ ଜଣ ଘାସିଆ (ଯେଉଁମାନେ ସାଧାରଣତଃ ଚୋରି ଆଦି ଅପରାଧ କରି ଦଣ୍ଡ ଭୋଗିଥିବା ଅପରାଧୀ ହୋଇଥିବାରୁ ପୋଲିସର କୃପାପାତ୍ର ହେବା ପାଇଁ ପୋଲିସ୍ ସେବାରେ ସବୁବେଳେ ତତ୍ପର ରହୁ ଥିଲେ) ହାତରେ ଠେଙ୍ଗା ଧରି ଧାଉଁଥିଲେ । ବଡ଼ ଭରଣ୍ଡି ଗାଁକୁ । କେତେଦିନରେ ସୁଯୋଗ ମିଳିଛି ବଗା ପୂଜାରୀ ଘର ଲୁଟ କରିବାକୁ ।

ମାଟିରୋଡ । କାଦୁଅ ସରସର । ଜମାନ ମାନେ ଧରିଥିବା ବାଉଁଶ ଓ ବେତ ଠେଙ୍ଗାର ଉପରଭାଗରେ ବନ୍ଧା ଯାଇଥିବା ଘୁଙ୍ଗୁର ବାଜୁଥିଲା ଝୁମ୍ ଝୁମ୍ । ଏହି ଶବ୍ଦ ଯେତେବେଳେ ରାତିରେ ଛାତି ଚିରି ବଡ଼ ଭରଣ୍ଡି ଗାଁର ଲୋକମାନଙ୍କ କାନରେ ବାଜିଲା । ପ୍ରାଣ ବିକଳରେ ସେମାନେ ତାଟି କବାଟ ମେଲାକରି ବାଡ଼ ଡେଇଁ ପାଖ ବଣ ଆଡକୁ ଧାଇଁଲେ ।

ଘାସିଆ ମନ୍ଦା ଘେରିଗଲେ ବଗା ପୂଜାରୀ ଘରକୁ ଚାରିପଟରୁ । ବେଗି ତାଟି ଭାଙ୍ଗି ଜମାନମାନେ ଡାକ ପକାଇଲେ ବଗା ପୂଜାରୀଙ୍କୁ । ବଗା ପୂଜାରୀ ବାହାରି ଆସିଲେ ଘର ଭିତରୁ । ଜମାନମାନେ ଘେରି ଯାଇ ପୂଜାରୀଙ୍କ ଦୁଇହାତ ଓ ଅଣ୍ଟାରେ ଦଉଡିବାନ୍ଧି ଘୋଷାଡି ନେଲେ ଉମର କୋଟ ଥାନାକୁ ।

ଘର ଲୋକେ ସ୍ତବ୍ଧ । ବଗା ପୂଜାରୀଙ୍କ ସ୍ତ୍ରୀ ଖାଲି କହୁଥିଲେ ମତେ ବି ନିଅ ବୋଲି ।

ସେଦିନ ରାତିରେ ଜଗନ୍ନାଥ ଗାଉଣ୍ଟିଆର ଲୋକମାନଙ୍କ ସାହାଯ୍ୟରେ ବଗା ପୂଜାରୀ ଙ୍କ ଘରର ଧାନ ମାଣ୍ଡିଆ ବିରି କୋଳଥ ଲୁଗାପଟା କଂସାବାସନ ସବୁ ଲୁଟି ନେଇଗଲେ ଉମର କୋଟର ଘାସିଆ ଓ ଜମାନମାନେ ।

ଉମରକୋଟ ଥାନାରେ ରୁଲ ବାଡିରେ ମାଡ଼ ମାରି ବଗାପୂଜାରୀଙ୍କ ହାତ ଫଟାଇ ଦେଲେ ତ୍ରିଲୋଚନ ମିଶ୍ର । ରାଗରେ ସେ ଜଳୁଥିଲେ ଯେମିତି । ଡାହାଣ ବାହୁର ମଝିରେ ରୁଲବାଡି ଭାଙ୍ଗି ତାର ଧାର ଚିରି ଦେଇଗଲା ବାହୁର ମାଂସକୁ । ରକ୍ତ ବୋହି ତଳ ଓଦା ହୋଇଗଲା । ସତାବନ, ଅଠାବନ ବର୍ଷ ବୟସରେ ଗାନ୍ଧୀଙ୍କ ଆଦର୍ଶକୁ ନିଜର ଆଦର୍ଶ ମାନି ନେଇଥିବା ବଗା ପୂଜାରୀ ଏହି ଦଣ୍ଡ ଭୋଗିଲେ । ଡାହାଣ ଜଙ୍ଘରେ ମଧ୍ୟ ସେମିତି ମାଡ ହୋଇ ମାଂସ ଫାଟି ପାଚିଗଲା । ତଥାପି ସମସ୍ତ ସଞ୍ଚିତ କ୍ରୋଧ ଯେମିତି ଅଧିକରୁ ଅଧିକ ହୋଇ ଫାଟିପଡୁ ଥିଲା ମନରୁ ତ୍ରିଲୋଚନ ମିଶ୍ରଙ୍କର । ସେହି କ୍ଷତ ଉପରେ

ପ୍ରହାର ପରେ ପ୍ରହାର ବସୁଥିଲା । ଜୀବନ୍ମୃତ ଅବସ୍ଥାରେ ପଡ଼ି ରହୁଥିଲେ ବଗାପୂଜାରୀ । ଏମିତି ଦୀର୍ଘ ସାତ ଦିନ କାଳ ବଗା ପୂଜାରୀ ହେଲେ ତ୍ରିଲୋଚନ ମିଶ୍ରଙ୍କ କ୍ରୋଧର ଶିକାର ।

ଏହି ଅତ୍ୟାଚରକୁ ନିଜ ଆଖିରେ ଦେଖିଥିବା ତତକାଳୀନ ଥାନାରେ ଡ୍ୟୁଟି କରୁଥିବା ଉମରକୋଟ ଭିତରଗଡ଼ର ଗୋରୀ ପୂଜାରୀ କହନ୍ତି- "୧୯୪୨ରେ ବଗାପୂଜାରୀ କେ ଉମରକୋଟ ପୋଲିସ ଆରେଷ୍ଟ କରି ଥାନା ଥାନେ ଜବର ପିଟଲାଇ । ସେତକିବେଲେ ବଗା ସାଙ୍ଗତେ ରେଲା - ଆମ୍‌କେ ମାରଲେ ମାରା ଆମର ଜୀବନ ଯାଇସିତ । ଆମ୍‌କେ ଲାଛଲେ ଲାଛା ସବୁ ରଇତମନ୍‌କେ ଲାଛା, କାକେ ଧରି ବ୍ରିଟିଶ ରାଜ କରସି । ଆମେ ଗାନ୍ଧି ମାପ୍ରୁକେ ନାଛଡବେ ।

ସାତଦିନ କାଳ ଥାନା ଭିତରେ ବଗାପୂଜାରୀଙ୍କୁ ଅମାନୁଷିକ ଅଚ୍ୟାଚର କରାଗଲା । ମାଡ଼ରେ ପିଠି, ଗୋଡ ଫାଟି ରକ୍ତ ବୋହୁଥିଲା । କଷ୍ଟ ଯନ୍ତଣାରେ ବଗାପୂଜାରୀ ଲୋଥକୋଥ ହୋଇ ତଳେ ପଡିଗଲା ବେଳେ ଖୁସିରେ ପାଗଳ ହୋଇ ତ୍ରିଲୋଚନ ମିଶ୍ର କହୁଥିଲେ-

ହଇରେ ଶଳା କଂଗ୍ରେସରେ ମିଶିଚୁ ନାଇଁ । ରହରେ ଶଳା ମୁଇଁବି ଦେଖିବି ତୋର ପିଠିରେ କିଏ ପଡ଼ିବ ।

ବଗାପୂଜାରୀ ଲୋକଙ୍କୁ ମତାଇ ସରକାର ଆଦେଶକୁ ଅବମାନନା କରିଥିବାରୁ ଶାସନର ବିରୋଧ କରିଥିବାରୁ ରାଜାଙ୍କର ଲୋକମାନଙ୍କୁ ହଇରାଣ ହରକତ କରିଥିବାରୁ ଏବଂ ଝରିଗାଁ ରାଇଘର ଉମରକୋଟ କର୍ମୀମାନଙ୍କୁ ଡକାଇ ନିଜ ଘରେ ସଭା କରି ସିସ୍ତୁ ନଦେବାକୁ ମତାଇ ଥିବାରୁ ଏବଂ ସର୍ବୋପରି କର୍ମୀମାନଙ୍କୁ ପୋଡ଼ାଗଡ଼ ଜଙ୍ଗଲର ବାଉଁଶ ବଣ କାଟି ଠେଙ୍ଗା ଦେଇ ଉମରକୋଟ ଥାନା ଘେରାଓ ପାଇଁ ଷଡଯନ୍ତ୍ର କରିଥିବାରୁ ତାଙ୍କୁ ଗିରଫ କରାଗଲା ବୋଲି ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରିବା ପାଇଁ ତ୍ରିଲୋଚନ ମିଶ୍ରଙ୍କୁ ସାତଦିନ ସମୟ ଲାଗିଲା ।

୯.୯.୧୯୪୨ ତାରିଖ ଦିନ ବଗାପୂଜାରୀଙ୍କୁ ନବରଙ୍ଗପୁର ସବ୍ ଡିଭିଜନାଲ୍ ଥାନାକୁ ପଠାଇ ଦିଆଗଲା ।

****

## ତିରିଶି

# ବଗା ପୂଜାରୀ ଓ ରବି ସିଂଙ୍କ ବିଚାରଣା

ଉମରକୋଟ ଥାନା ଘେରାଓ ଅଭିଯୋଗରେ ବଗାପୂଜାରୀଙ୍କୁ ତା ୦୯.୦୯. ୧୯୪୨ରିଖ ଦିନ ଓ ରବି ସିଂ ମାଝୀଙ୍କୁ ତା ୨୪.୧୦.୧୯୪୨ରିଖ ଦିନ ତ୍ରିଲୋଚନ ମିଶ୍ର ନବରଙ୍ଗପୁର ଜେଲକୁ ବିଚାରାଧୀନ ବନ୍ଦୀ ଭାବେ ପଠାଇଦେଲେ। ପୋଲିସ୍ ରିମାଇଣ୍ଡରେ ବଗାପୂଜାରୀ ରହିଲେ ୯.୯.୧୯୪୨ ଦିନ ଠାରୁ ୨୧.୧୧.୪୨ଯାଏ ଦୀର୍ଘ ୨ ମାସ ୧୪ ଦିନ ଆଉ ରବିସିଂ ମାଝୀ ରହିଲେ ୨୪.୧୦.୧୯୪୨ରୁ ୨୧.୧୧.୧୯୪୨ଯାଏଁ, ଦୀର୍ଘ ୨୯ ଦିନ ବିନା ବିଚାରରେ ନବରଙ୍ଗପୁର ସବ୍ ଜେଲ ଭିତରେ।

ତା ୧୪.୧୧.୧୯୪୨ରିଖ ପୂର୍ବାହ୍ନ ସକାଳ ଆଠଟା ଅଧେ। ବଗାପୂଜାରୀ ରବି ସିଂ ମାଝୀ, ମହମ୍ମଦ ବାଜୀ, ସୀମାଞ୍ଚଳ ବେହେରା ଓ ନବରଙ୍ଗପୁର ସବ୍ ଡିଭିଜନର ଆଉକେତେକ ବନ୍ଦୀ ହୋଇଥିବା କର୍ମୀଙ୍କୁ ନବରଙ୍ଗପୁର ସବ୍ ଜେଲର କୋର୍ଟ ଇନ୍‌ସ୍‌ପେକ୍ଟର ଓ ଛଅଜଣ ପୋଲିସ୍ କନେଷ୍ଟବଲ୍ ଜେଲରୁ ବାହାର କଲେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ କେସ୍ ବିଚାରଣା ପାଇଁ ହାଜର କରାଇବା ପାଇଁ।

ଏବେ ଯେଉଁଠି ନବରଙ୍ଗପୁର ସଦରରେ ତହସିଲ ଅଫିସ୍ ଅଛି ୧୯୪୨ରେ ସେହି ଜାଗାରେ ଏକ ଅସ୍ଥାୟୀ କେମ୍ପକୋର୍ଟ ବସାଇ ଏହି କର୍ମୀମାନଙ୍କର ବିଚାର କରାଯାଉଥିଲା। ସେ ସମୟର କୋରାପୁଟ ଜିଲ୍ଲା ଡେପୁଟୀ ଟ୍ରେଜେରୀ ଅଫିସର ଓ ସବ୍‌ଡେ଼ପୁଟୀ ମାଜିଷ୍ଟ୍ରେଟ୍ ସୋମନାଥ ମିଶ୍ର ଏମାନଙ୍କର ବିଚାର କରିଥିଲେ।

ଦିନ ଦଶଟାରେ ବଗା ପୂଜାରୀଙ୍କୁ ବିଚାରଣା ପାଇଁ ଡକାଗଲା। ତାଙ୍କ ବିରୁଦ୍ଧରେ ଯେଉଁ ତିନିଜଣ ସାକ୍ଷୀ ଦେଲେ ସେମାନେ ହେଲେ ଦଶରଥ କୁମ୍ଭାର, ଝଟକୁ ଗଣ୍ଡ ଓ ପ୍ରହଲାଦ ଗଣ୍ଡ। ଏମାନେ ପୋଲିସ୍ କହିବା ଅନୁସାରେ ସାକ୍ଷୀ ଦେଉଥିଲେ।

ପୋଲିସ୍‌ର ଅଭିଯୋଗ ଫର୍ଦ୍ଦରେ ଲେଖାଥିଲା ଯେ ଗତ ୨୪.୮.୪୨ଦିନ ଅପରାହ୍ନ ୨ଟାରେ ଯେଉଁ କଂଗ୍ରେସ କର୍ମୀମାନେ ଉମରକୋଟ ବାଟିବେଡ଼ା ଗ୍ରାମର ରବିସିଂ ମାଝୀ ନେତୃତ୍ୱରେ ଥାନାକୁ ପୋଡ଼ି ଦେବାକୁ ଆସିଥିଲେ, ଥାନା ଘେରାଓ କରିଥିଲେ, ସରକାର ବିରୋଧୀ ଧ୍ୱନି ଦେଇଥିଲେ, ରଜାଘର ଲୋକମାନଙ୍କୁ ଆକ୍ରମଣ କରିଥିଲେ ଏହାର ମୂଳରେ ଥିଲେ ବଡ଼ଭରଣ୍ଡି ଗ୍ରାମର ବଗାପୂଜାରୀ। ଯଦି ସେ ପରସୋଲା ବଣ ଭିତରେ ଏତେ କର୍ମୀଙ୍କୁ ଜମା କରି ନଥାନ୍ତେ, ସଭା କରି ନଥାନ୍ତେ, ରାଜାରାଜୁଡ଼ା ଶାସନକୁ ନ ମାନିବା ପାଇଁ ଉସ୍‌କାଇ ନଥାନ୍ତେ ଲୋକମାନଙ୍କୁ, ସିସ୍ତୁ ଦେବାକୁ ମନା କରି

ନଥାନ୍ତେ ତାହା ହେଲେ ଥାନା ଘେରାଓ ହୋଇନଥାନ୍ତା । ସେ ସୁଚିନ୍ତିତ ଯୋଜନା ଅନୁସାରେ ସରକାରୀ ବିରୋଧୀ କାମ କରିଥିବାରୁ ତାଙ୍କ ଅପରାଧକୁ ଆଖି ଆଗରେ ରଖି ଦଣ୍ଡ ଦିଆଯାଉ ।

ଯେତେବେଳେ ସୋମନାଥ ମିଶ୍ର ବିଚାରକ ସେଦିନର କ୍ୟାମ୍ପକୋର୍ଟରେ ବଗାପୂଜାରୀଙ୍କୁ ଅଭିଯୋଗ ସମ୍ବନ୍ଧରେ ପଚାରିଲେ, ବଗାପୂଜାରୀ ଚାହିଁଲେ ଆଗକୁ । ନିଜର ଡେବରି ହାତ ପଟକୁ (ବାମ) ଭୁଜୁଣି ହାତ ପଟକୁ (ଡାହାଣକୁ) ଅନେକ ଖଦଡ୍ ପିନ୍ଧା କର୍ମୀଙ୍କ ଭିତରେ ଥିଲେ ରବିସିଂ ମାଝୀ, ମହମ୍ମଦ ବାଜୀ, ସୀମାଞ୍ଚଳ ବେହେରା, ହରିଶ୍ଚନ୍ଦ୍ର ଗାଉଁଣ୍ଡିଆ, ଶିବ ମାଝୀ ଓ ସାନୁ ମାଝୀ ଆଉ ଚିହ୍ନି ନଥିବା ଅନେକ କର୍ମୀ । ବଗା ପୂଜାରୀ ଜାଣିଥିଲେ କେବଳ ଗୋଟିଏ କଥା । ଗାନ୍ଧୀ କହିଛନ୍ତି ସ୍ୱରାଜ ପାଇଁ ନିଜର ସବୁ ଦେଇ ଲଢ଼େଇ କର ସତ୍ୟରେ, ଅହିଂସାରେ । ଡର ନାହିଁ ସତ କହିବା ଠାରୁ ବଡ଼ ପୁଣ୍ୟ ଆଉ କିଛି ନାହିଁ । ସାବରମତୀର ସନ୍ଥଙ୍କ ଠାରୁ ସେ କେବଳ ଏତିକି ଶିଖିଥିଲେ ।

ସେ ସ୍ୱୀକାର କଲେ ପରସୋଲା ବଣରେ ବେହରଣ କରିଥିବାର କଥା । କର୍ମୀଙ୍କୁ ଥାନା ଘେରାଓ କରିବା ପାଇଁ କହିଥିବା କଥା । ସେ ମାନିଗଲେ ସବୁ । ପୋଲିସ୍ ସାକ୍ଷୀଙ୍କ ସାକ୍ଷ, ବଗାପୂଜାରୀଙ୍କ ସ୍ୱୀକାରୋକ୍ତିକୁ ଭିତ୍ତି କରି ବିଚାରପତି ତାଙ୍କୁ ୪ ମାସ ସଶ୍ରମ କାରାଦଣ୍ଡ, ଟ. ୩୦/-ଙ୍କା ଅର୍ଥଦଣ୍ଡ ଦେଲେ । ଅର୍ଥଦଣ୍ଡ ଅନାଦାୟେ ଆଉ ଏକମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ଆଦେଶ ଦେଲେ ।

"Baga Pujari, S/o Mukunda Pujari of village Badabharandi, P.S. Umarkote in the district of Koraput is convicted and awarded to undergo R.I. for 4 months and a fine of Rs 30/- I/D R.I. for one month under section 17 (i) Criminal Act in T.R. 146 / 42."

ସେଦିନ ଏହି ଦଣ୍ଡ ଶୁଣି ବଗାପୂଜାରୀଙ୍କ ଆଉ କିଛି କହିବାର ନଥିଲା ।

୧୪.୧୧.୧୯୪୨ ଅପରାହ୍ନ ୨ଟା । ବିଚାରଣା ପାଇଁ ଡକାଗଲା ରବି ସିଂ ମାଝୀଙ୍କୁ । ତାଙ୍କ ବିରୋଧରେ ଉମରକୋଟ ଥାନା ଘେରାଓ କରିବା, ଗାଁ ଗାଁ ବୁଲି ସଭା କରିବା, ଲୋକମାନଙ୍କୁ ମତାଇବା, ସରକାର ବିରୋଧୀ ଧ୍ୱନି ଦେବା, ଆଇନ ଅମାନ୍ୟ କରିବା ଆଦି ଅଭିଯୋଗ ଫର୍ଦ୍ଦରେ ଲେଖାଥିଲା ଏବଂ ତାଙ୍କ ବିରୋଧରେ ଚାରିଜଣଙ୍କୁ ସାକ୍ଷୀ ଦେବା ପାଇଁ ପୋଲିସ୍ ଯୋଗାଡ଼ କରିଥିଲା ।

ବିଚାରପତି ସୋମନାଥ ମିଶ୍ର ରବି ସିଂ ମାଝୀଙ୍କୁ ପଚାରିଲେ ୨୪. ୮. ୪୨ ଦିନ ଥାନା ଘେରାଓ ପରେ ତୁମେ ଆଉ କଂଗ୍ରେସର କାମ କରିବ ନାହିଁ । ଗାନ୍ଧୀ ନେହେରୁ ନାମ ଧରିବ ନାହିଁ ବୋଲି ଉମରକୋଟ ଥାନାରେ ଲେଖି ଦେଇଥିଲ । ପୋଲିସ୍ ରେକର୍ଡ଼ ଅନୁସାରେ ତୁମେ ତାହାର ଖିଲାପ କରିଛ । ବକଦା ବେହେରାଙ୍କ ଖଡ଼କା

ଗାଁରେ ମିଟିଂ କରି ସରକାର ବିରୋଧିରେ ଯାଇଛ, ଏହା ସତ କି ? ପାଖରେ ଛିଡ଼ା ହୋଇଥିଲେ ତ୍ରିଲୋଚନ ମିଶ୍ର ଓ ନବରଙ୍ଗପୁର କୋର୍ଟ ଇନ୍‌ସପେକ୍ଟର।

ରବି ସିଂ ଚାହିଁଲେ ବିଚାରପତିଙ୍କ ମୁହଁକୁ। ତ୍ରିଲୋଚନ ମିଶ୍ରଙ୍କ ମୁହଁକୁ। ଦେଖିଲେ ସବୁ କର୍ମୀଙ୍କ ମୁହଁକୁ। ସବୁ ଯେ ମିଛକଥା ତାଙ୍କ ନାମରେ ତ୍ରିଲୋଚନ ମିଶ୍ର ଲେଖିଛନ୍ତି, ସେ ଏହା ଅନୁଭବ କରୁଥିଲେ। କେମିତି ସେ ଦିନ ରାତିରେ ଭାମିନି ଗାଉଁଣ୍ଟିଆ ଶୁକଚାନ୍ଦ ପନ୍‌କା ତାଙ୍କୁ ଶଗଡ଼ ଚକାରେ ବାନ୍ଧି ଦେଇ ନିଆଁ ଲଗାଇ ଦେଇଥିଲା। ଚାରିଆଡ଼େ, ପୋଲିସ୍ କେମିତି ସାରା ରାତି ନଳୀ ଧରି ଜଗିଥିଲା, କେମିତି ଉମରକୋଟର ଘାସିଆ ମାନେ ତ୍ରିଲୋଚନ ମିଶ୍ର ଓ ଶୁକଚାନ୍ଦର କଥା ଶୁଣି ତାଙ୍କ ଘର ଲୁଟତରାଜ କରିଥିଲେ, ଶୋଭାସିଂ ମାଝୀ ଶୋଭାମାଳୀ କେଚାକଲାଇ, ପଣ୍ଡୁରୁ ଗଣ୍ଡକୁ ମାଡ଼ ମାରି ଦରମରା କରି ଦେଇଥିଲେ ସବୁ ଗୋଟି ଗୋଟି ହୋଇ ରବି ସିଂଙ୍କର ମନରେ ଫୁଟି ଉଠିଲା। କେମିତି ଏକ ଘୃଣା ଓ ଆବେଶରେ ସେ ଥରିଗଲେ।

ରବି ସିଂ ମୁଣ୍ଡ ଉଠାଇ କହିଲେ, ମୁଇଁ କେନେ୍ ଆଡ଼େ ନାଇଁ ଯାଇ। ଘର କୁଟୁମର କାଜେ କାଠ ଡିପୋଟାକେ କାଠ କାଟି ଦେବାର ଲାଗି କମ୍ପାନୀ ଲଗେ କୁଲି କରଚେ ରେଲି। ଆନ୍ଦୋଳନ ଖବର ଦେବାଟା ସତ। ମିଟିଂ କରବା କାତା ମିଛ। ଖାଲି ମିଛ କାତା, ଧରମ୍ ନା ସହେ।'

ଉତ୍ତେଜିତ ହୋଇ ପଡ଼ିଲେ ରବିସିଂ ମାଝୀ, ତ୍ରିଲୋଚନ ମିଶ୍ରଙ୍କୁ ଦେଖି। ସମସ୍ତେ ଶୁଣି ପାରିଲା ଭଳି କହିଲେ, "ଏକରକମ୍ ଡକାଏତ ଇ ତିରିଲୋଚନ ମିଶର। ସବୁ ଚୁରି ମାରିନେଲା। ଠୁଟି ବାଡ଼ନି ମିଶା ନାଇଁ ଛାଡ଼ଲା। ଲଙ୍ଗଲ ଯୁଆଡ଼ି, ଶଗଡ଼ ହଳ ବଳଦ ଧାନ, ମାଣ୍ଡିଆ ସବୁ। ଘାସିଆ ମନ୍‌କେ ପାଠାଇ ରେଲା। ଏକା ନିଃଶ୍ୱାସରେ ସେ ଏତକ କହି ପକାଇଲେ।

କ୍ୟାମ୍ପକୋର୍ଟରେ ଏତିକି ସାହସରେ କଥା କହିବା ସେ କାଳରେ ସମ୍ଭବ ନଥିଲା କିନ୍ତୁ ରବି ସିଂ ମାଝୀ ଏହାର ବ୍ୟତିକ୍ରମ ଥିଲେ।

ଏତକ ଶୁଣି ସୋମନାଥ ମିଶ୍ର ତ୍ରିଲୋଚନ ମିଶ୍ରଙ୍କୁ ଚାହିଁ ପଚାରିଲେ "କେଉଁଥିପାଇଁ ତୁମେ ରବି ସିଂ ମାଝୀଙ୍କ ଘର ଲୁଟତରାଜ କରାଇଲ କହିବକି ?

ମୁଣ୍ଡ ପୋତିଲେ ଉମରକୋଟ ଥାନାର ପ୍ରବଳ ପ୍ରତାପୀ ଅଧିକାରୀ। କେମିତି ସେ କହିଥାନ୍ତେ ଯେ ଭାମିନି ଗାଉଁଣ୍ଟିଆ ଠାରୁ ମିଳୁଥିବା ସୁବିଧାକୁ ହାତଛଡ଼ା ନ କରିବା ପାଇଁ ବ୍ୟକ୍ତିଗତ ଇର୍ଷା ରଖି ରବିସିଂ ମାଝୀଙ୍କ ପରିବାରକୁ ତଳିତଳାନ୍ତ କରିଛନ୍ତି ବୋଲି। ସେତେବେଳର ହିଂସ୍ର ଆନନ୍ଦ ଏବେ ଯେମିତି ସାପ ହୋଇ ବେକରେ ଓହଳିଲା।

ରବି ସିଂଙ୍କୁ ଉତ୍ତେଜିତ ହୋଇ ପଡ଼ିବା ଦେଖି ବିଚାରପତି ସୋମନାଥ ମିଶ୍ର ସ୍ମିତ ହସ ହସି କହିଲେ। ହଇହେ ପଣ୍ଡିତେ ଧୀରେ ଧୀରେ କହ ଯାହା କହିବାର ଅଛି।

ରବି ସିଂ ଟିକିଏ ଥମକି ଗଲେ। "ସତ ସାଙ୍ଗବି ଆଚେ ବାବୁ। କର୍ମୀ ମୁଇଁ ସତ କାତା ସାଙ୍ଗବି। ପରାଣ ଯାଅ ପଛେ ସତ୍ କାତା ସାଙ୍ଗବି ମୋର ନାଆଁ ଯୋଡ଼ି ଇ ତ୍ରିଲୋଚନ ମିଶର୍ ଲେକ୍‌ବା କାତା ଖାଲି ମିଛଏ।

ବିଚାରପତି ରବିସିଂ ମାଝୀଙ୍କ କଥା ସତ୍ୟ ବୋଲି ହୃଦ୍‌ବୋଧ କଲେ। ତା'ପରେ ପଡ଼ିଲା ସାକ୍ଷୀମାନଙ୍କର ପାଳି। ଏହି ସାକ୍ଷୀମାନଙ୍କୁ ତ୍ରିଲୋଚନ ମିଶ୍ର କ'ଣ କହିବାକୁ ହେବ ଶିଖାଇଥିଲେ।

ପୋଲିସ୍ ନିଜ କେସ୍ ପ୍ରମାଣିତ କରିବା ପାଇଁ ପ୍ରଥମ ସାକ୍ଷୀ ଭାବେ ଦାମୋଦର କଲାରକୁ। ଦାମୋଦର କଲାର ରବି ସିଂ ମାଝୀ ତିଲଣ୍ଡି, ହୀରାପୁର, ସରାଗୁଡ଼ାରେ ଚାଳିଶି, ପଚାଶ କର୍ମୀଙ୍କୁ ସାଙ୍ଗରେ ନେଇ ମିଟିଂ କରିଥିବା ସେ ନିଜ ଆଖିରେ ଦେଖିଛି ବୋଲି କହିଲା। ଦାମୋଦର କଲାରର ମିଛ ସାକ୍ଷ୍ୟ ଶୁଣି ସମସ୍ତେ ପ୍ରତିବାଦ କଲେ। ଦ୍ୱିତୀୟ ସାକ୍ଷୀଭାବେ ଖଡ଼କା ଗାଁର କମା କଲାର ରବିସିଂ ମାଝୀ ପାସରୁ ନାୟକ, ରାଧୁ ଗୌଡ଼ ସହିତ ଆସି କର୍ମୀ ମିଟିଂ କରିଥିବାର କହିଲା। ଯେତେବେଳେ ସେ ମିଟିଂ କରିବା ପାଇଁ ମନା କଲା ରବିସିଂ ମାଝୀ ଆଉ ଅନ୍ୟ କର୍ମୀମାନେ ରାଗିଯାଇ ତା'ର ହଳ ବଳଦ ଲୁଟି ନେଲେ। ତୃତୀୟ ସାକ୍ଷୀ ଖଡ଼କାର ଗାଣ୍ଡା କଟୁଆଲ କେମା କଲାର କଥାକୁ ସମର୍ଥନ କଲା। ଚତୁର୍ଥ ସାକ୍ଷୀ ଭାବେ ଉମରକୋଟ ଥାନାର ଜମାନ ପ୍ରେମଚାନ୍ଦ କାର୍ତ୍ତିକ ସାକ୍ଷୀ ଦେଇ କହିଲା ଯେ ସେ ସେଦିନ ବିଟି ଯାଇଥିଲା, ଦାମୋଦର କଲାର ଠାରୁ ରବି ସିଂ ଖଡ଼କାରେ ମିଟିଂ କରୁଥିବାର ଶୁଣି ସେଠାକୁ ଯାଇ ଦେଖିଲେ ଏବଂ ଘଟଣା ସତ ହୋଇଥିବାରୁ ରବି ସିଂଙ୍କୁ ଧରିଆଣି ଭାମିନି ଗାଁକୁ ଆସିଲା।

ଦିନ ଦୁଇଟାର ଚାରିଟା ଯାଏ ଜମାନବନ୍ଦୀ ନିଆଗଲା। ସଞ୍ଜବେଳକୁ ବିଚାରପତି ରବିସିଂଙ୍କୁ କହିଲେ ମୁଁ ସର୍କଲ ଇନ୍‌ସେପେକ୍ଟର ବେଣୁଧର ଗଡ଼ନାୟକଙ୍କ ଠାରୁ ତୁମ ବିଷୟରେ ରିପୋର୍ଟ ମଗାବି, ତୁମେ ଆହୁରି ଆଠ ଦିନ ପୋଲିସ୍ ରିମାଣ୍ଡରେ ରହିବ। ତା ୨୧.୧୧.୧୯୪୨ ଦିନ ପୁଣିଥରେ ବିଚାରଣା ହେବାର ତାରିଖ ବିଚାରପତି ଘୋଷଣା କଲେ।

**୨୧.୧୧.୧୯୪୨**

ସେଦିନ, ୨୪.୦୮.୧୯୪୨ ପାପଡ଼ାହାଣ୍ଡି ଗୁଳି ନଇ ହତ୍ୟାକାଣ୍ଡର ୯୨ ଜଣ ସାକ୍ଷୀଙ୍କୁ ଜେରା କରାଯିବାର ଥିଲା। ଡେପୁଟୀ ଟ୍ରେଜେରୀ ଅଫିସର ସୋମନାଥ ମିଶ୍ରଙ୍କ ଅସ୍ଥାୟୀ କ୍ୟାମ୍ପକୋର୍ଟରେ ଯେଉଁ ୯୨ ଜଣ ଅଭିଯୁକ୍ତଙ୍କୁ ପେଶ୍ କରାଗଲା, ସେହି

ସମସ୍ତେ କଂଗ୍ରେସର ଚାରିଅଣିଆ ସଭ୍ୟ ଥିଲେ। ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ପୋଲିସ୍ ଦ୍ୱାରା ଗିରଫ ହୋଇଥିଲେ। ସେହି ୯୨ ଜଣ ଅଭିଯୁକ୍ତଙ୍କୁ ମୈଜଲପୁର ଥାନା ପକ୍ଷରୁ ଆଗତ ମୋକଦ୍ଦମା ନମ୍ବର ୫୫ । ୪୨ରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ୧୪୭ / ୧୪୮ / ୧୪୯/ ୩୦୭ ଓ ୩୩୨ ଧାରାରେ ଅଭିଯୁକ୍ତ କରାଯାଇଥିଲା।

ଏହି ଅଭିଯୁକ୍ତଙ୍କ ବିଚାର କରିବା ପୂର୍ବରୁ ଉମରକୋଟ ଥାନାର ସର୍କଲ ଇନ୍‌ସ୍‌ପେକ୍ଟର ବେଣୁଧର ଗଡ଼ନାୟକଙ୍କ ରିପୋର୍ଟ ପାଇ ସାରିଥିଲେ ବିଚାରପତି ସୋମନାଥ ମିଶ୍ର। ରବି ସିଂ ମାଝୀଙ୍କ ବୟାନ, ଗଡ଼ନାୟକଙ୍କ ରିପୋର୍ଟକୁ ଭିତ୍ତିକରି ରବି ସିଂ ମାଝୀ ଉମରକୋଟ ଥାନା ଘେରାଓ କରିବାର ନେତୃତ୍ୱ ନେଇଥିବାର ଓ ଥାନା ପରିସରରେ ଉପସ୍ଥିତ ଥିବାର କୌଣସି ଆପତଯୋଗ୍ୟ ପ୍ରମାଣ ନ ଥିବାର ଉପଲବ୍ଧି କରି ତାଙ୍କୁ ଇଜ୍ଜତର ସହିତ ଖଲାସ କରିଦେଇଥିଲେ।

୨୧.୧୧.୧୯୪୨ ଦିନ ଦୁଇଟାରେ ରବି ସିଂ ମାଝୀଙ୍କୁ ମୁକ୍ତ କରାଗଲା ଏବଂ ୨୨.୧୧.୧୯୪୨ ସକାଳେ ସେ ନବରଙ୍ଗପୁର ସବ୍ ଜେଲରୁ ଖଲାସ ହୋଇ ବାଟିବେଡ଼ାକୁ ଫେରିଲେ, ପୁଣି ଏକ ନୂତନ ସଂଗ୍ରାମ ପାଇଁ।

ବଡ଼ଭରଣ୍ଡି, କର୍ମୀଗାଁର ଭାତ ନାୟକ ବଗାପୂଜାରୀଙ୍କୁ ଅନ୍ୟ କର୍ମୀମାନଙ୍କ ସହ ୪ ମାସ ସଶ୍ରମ ସଜା ଭୋଗିବା ପାଇଁ କୋରାପୁଟ ଜିଲ୍ଲା ଜେଲକୁ ୨୨.୧୧.୧୯୪୨ ଦିନ ପଠାଇ ଦିଆଗଲା। ବଗାପୂଜାରୀ କୋରାପୁଟ ଜେଲ ଭିତରେ ୧୧. ୦୨.୪୩ ଦିନ ଶହୀଦ ମୃତ୍ୟୁବରଣ କଲେ।

****

## ଏକତିରିଶି

# କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ପ୍ରଭାବ

ଭାରତଛାଡ଼ ଆନ୍ଦୋଳନର ପ୍ରଭାବ ଏତେ ସୁଦୂର ପ୍ରସାରୀ ହେଲା ଯେ ଗୋରା ସରକାର ଭାରତ ଦେଶ ହରାଇବା ଭୟରେ ଦମନଚକ୍ରକୁ ଦୁର୍ଦ୍ଦଷ ଭାବରେ ଲାଗୁ କଲେ। ଏହାର ପ୍ରଭାବ କୋରାପୁଟ ଜିଲ୍ଲାରେ ଯେପରି ଭାବରେ ପଡ଼ିଥିଲା ତାହାର ବର୍ଣ୍ଣନା ନ କଲେ ଏଠା ମଣିଷଙ୍କ ମୁକ୍ତିକାମୀ ସଂଗ୍ରାମକୁ ବୁଝିବା ସହଜ ହେବ ନାହିଁ। ଏହି ଆନ୍ଦୋଳନ ଫଳରେ ସବୁଠୁ ବେଶି ଦଣ୍ଡ ଭୋଗିଥିଲେ ଆଦିବାସୀ ମଣିଷମାନେ ୧୯୪୨ ଅଗଷ୍ଟ ଠାରୁ ୧୯୪୩ ମଧ୍ୟରେ।

ଅଗଷ୍ଟ ଆନ୍ଦୋଳନ ଯୋଗୁଁ କୋରାପୁଟ ଜିଲ୍ଲାର ଆଗ ଧାଡ଼ିର ସମସ୍ତ ନେତାଙ୍କୁ ଗିରଫ କରି ନିଆଗଲା। ୧୧.୦୮. ୪୨ ଦିନ ଜୟପୁର ଠାରେ ରାଧାକୃଷ୍ଣ ବିଶ୍ୱାସରାୟ ଓ ରାଧା ମୋହନ ସାହୁ, ୧୩.୮.୪୨ରେ ସଦାଶିବ ତ୍ରିପାଠୀ, ୧୬.୮. ୪୨ ଦିନ ଜୟପୁରର ବ୍ରଜବନ୍ଧୁ ନନ୍ଦ, କୃଷ୍ଣଚନ୍ଦ୍ର ସାଆନ୍ତାରା, ନରସିଂହ ଦାଶ (ଆଠଗଡ଼) କୋରାପ୍ରସାଦ ପଟ୍ଟନାୟକ, ନୀଳକଣ୍ଠ ସାହୁ, ବିଶ୍ୱନାଥ ମହାପାତ୍ର (କୋଟପାଡ଼), ୧୭.୮.୪୨ ଦିନ ଭେଜାହାଣ୍ଡିରୁ ଦାମୋଦର ମନ୍ତ୍ରୀ, ଗୁମର ଗାଁରୁ ନୀଳକଣ୍ଠ ପାତ୍ର, ୨୪.୮.୪୨ଦିନ କପିଳ ପାତ୍ର ଓ ଗୋପୀନାଥ ସାହୁ, ୨୮.୮.୪୨ ଦିନ କୋଟପାଡ଼ର ବି. ଗୋପାଳରାଓ ତଥା ସଦାଶିବ ପ୍ରଧାନୀଙ୍କୁ ଭାରତ ରକ୍ଷା ଆଇନ ର ୧୨୯ ଧାରା ଅନୁଯାୟୀ ବନ୍ଦୀ କରାଗଲା।

କୋରାପୁଟ ଜିଲ୍ଲାର ସମଗ୍ର ଅଞ୍ଚଳକୁ ଆନ୍ଦୋଳନ ଦମନ କରିବା ପାଇଁ ପୋଲିସ୍ ବାହିନୀ ପଠାଗଲା। ସରକାରୀ କର୍ମଚାରୀମାନେ ଯେମିତି ଦୃଢ଼ ହସ୍ତରେ ଆନ୍ଦୋଳନକୁ ଦମନ କରିବେ ସେଥିପାଇଁ ନିର୍ଦ୍ଦେଶ ମାନ ଦିଆଗଲା। ସେତେବେଳକୁ ଜୟପୁରରେ ବ୍ରିଟିଶ ସରକାର, ଜୟପୁର ରାଜା ବିକ୍ରମଦେବ ବର୍ମା ଚତୁର୍ଥଙ୍କ ଦେୱାନ ଭାବେ ସି.ଭି. ରାଓ ଏମ.ବି.ଇ. ଏମ.ଏ (ଏଡ଼ିନ୍) ବାର୍ ଏ ଟ୍.ଲ.ଙ୍କୁ ନିଯୁକ୍ତି ଦେଇଥିଲେ। ଏହି ଦେୱାନ୍‌ଙ୍କ ନିର୍ଦ୍ଦେଶରେ ଜୟପୁର ରାଜାଙ୍କ ଆଠଗୋଟି ହାତୀକୁ ଦମନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ତା ୨୧.୦୮.୧୯୪୨ ଦିନ ଭୈରବ ପ୍ରସାଦ ହାତୀକୁ ନନ୍ଦପୁର ଜଗନ୍ନାଥ ପ୍ରସାଦକୁ ଉମରକୋଟ, ନିହାର ବାବାଙ୍କୁ ବୋଲିଗୁମା ଶଙ୍କର ପ୍ରସାଦକୁ କୋଟପାଡ଼, ବିକ୍ରମ ପ୍ରସାଦ ଓ ରାଜେନ୍ଦ୍ର ପ୍ରସାଦକୁ ରାମଗିରି ଓ ଲକ୍ଷ୍ମୀକୁ ନବରଙ୍ଗପୁର ଅଞ୍ଚଳକୁ ପ୍ରେରଣ କରାଗଲା। ଏହା ଯେ ଏକ ଅମାନୁଷିକ ଓ ବର୍ବର ପଦକ୍ଷେପ ଥିଲା ଏଥିରେ ସନ୍ଦେହ ନାହିଁ।

ତା ୨.୯. ୧୯୪୨ ଦିନ ମାଟିଲି ଥାନା ଅନ୍ତର୍ଗତ ଅଞ୍ଜଳଗୁମା ଗ୍ରାମର ଲକ୍ଷ୍ମଣ ନାୟକ ଓ ତାଙ୍କ ସହ ମାଟିଲି ଥାନା ଘୋରାଓ ଓ ଫରେଷ୍ଟ ଗାର୍ଡ଼ ଜି ରାମେୟାର ମୃତ୍ୟୁ ପାଇଁ ଦାୟୀ କରି ଅନ୍ୟ ୫୩ ଜଣଙ୍କୁ ଗିରଫ କରାଗଲା ଏବଂ ମାଟିଲି ଥାନାର କେସ୍ ନଂ ୫୮/୧୯୪୨ ଅନୁଯାୟୀ ସେମାନଙ୍କୁ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୩୦୨, ୧୪୮, ୧୪୯, ୧୨୦ (ଖ) ୩୨୩, ୩୨୫, ଅନୁସାରେ ଅଭିଯୁକ୍ତ କରାଯାଇଥିଲା।

ଏହି ଫୌଜଦାରୀ ମୋକଦ୍ଦମାର ପ୍ରାଥମିକ ଶୁଣାଣୀ ମାନ୍ୟବର ସୋମନାଥ ମିଶ୍ର, ସେତେବେଳର (୧୯୪୨) ଡେପୁଟି କଲେକ୍ଟର ତଥା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍, କୋରାପୁଟଙ୍କ ଅଦାଲତରେ ବିଚାର କରାଯାଇ ଆପତଯୋଗ୍ୟ ପ୍ରମାଣ ଥିବାର ଉପଲବ୍ଧି କରି ଅଧିକ ବିଚାର ଓ ଦଣ୍ଡ ବିଧାନ ପାଇଁ କୋରାପୁଟର ଅତିରିକ୍ତ ଦୌରାଜଜ୍ ଭି. ରାମନାଥନଙ୍କ ଅଦାଲତକୁ ପଠାଇ ଦିଆଗଲା। ଲକ୍ଷ୍ମଣ ନାୟକ ଓ ବଳରାମ ପୂଜାରୀଙ୍କୁ ଭାରତୀୟ ଦଣ୍ଡବିଧିର ୩୦୨ ଧାରା ଅନୁସାରେ ୩୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଅନୁସାରେ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କରାଗଲା।

ଯେଉଁମାନେ ଏକ ସଂଗ୍ରାମୀମାନଙ୍କ ବିରୁଦ୍ଧରେ ସାକ୍ଷୀ ଦେଇ ଥିଲେ ସେମାନେ ହେଲେ ତତ୍‌କାଳୀନ ମାଲକାନଗିରି ସବ୍ ଡିଭିଜନ୍‌ର ମାଜିଷ୍ଟ୍ରେଟ୍ ମୁଜିବର ରହମାନ୍, ସବ୍‌ଡ଼ିଭିଜନ ପୋଲିସ୍ ଇନ୍‌ସ୍‌ପେକ୍ଟର ବି.ଏସ. ନନ୍ଦ, ମାଟିଲି ଥାନା ସବ୍ ଇନ୍‌ସ୍ପେକ୍ଟର ଜଗା ନାଇକୁଲୁ ଦୋରା, ସବ୍ ଇନ୍‌ସପେକ୍ଟର କେ. ରାମମୂର୍ତ୍ତି, ଜୟପୁର ଜମିଦାରଙ୍କ ରାଜସ୍ୱ ନିରୀକ୍ଷକ ନରସିଂହମ୍, ଜଣେ ଅବକାରୀ ସବ୍ ଇନ୍‌ସ୍‌ପେକ୍ଟର, ପୂର୍ତ୍ତ ବିଭାଗର ଜଣେ ଅଧିକାରୀ, ଜଣେ ମଦ ବେପାରୀ ଏନ. ଶଙ୍କରାୟା, ଦୁଇଜଣ ମାଟିଲି ହାଟ ନିଲାମଧାରୀ ନରସିଂହ ପୂଜାରୀ ଓ ହାଇଦର ଜେଇଗ, ଦୁଇଜଣ ମହାଜନୀ କାରବାର କରୁଥିବା ମାଧବ ବଳରାମ ଓ ଅବଦୁଲ୍ ପିରଖାନ୍। ଏମାନଙ୍କ ଛଡ଼ା ଜଣେ ସ୍ଥାନୀୟ ଡାକ୍ତର, କମ୍ପାଉଣ୍ଡର, ଅବକାରୀ ବିଭାଗର କେତେଜଣ ପିଅନ ଓ କେତେକ ପୋଲିସ କନେଷ୍ଟବଲ ମଧ୍ୟ ସାକ୍ଷ୍ୟ ଦେଇଥିଲେ।

ସରକାରୀ ଓକିଲ ଭାବେ ଜୟପୁର ରାଜାଙ୍କ ଅଧୀନରେ କାମ କରୁଥିବା ଆର୍. ଜଗନ୍ନାଥ ରାଓ କେସ ଲଢିଥିଲେ। ଲକ୍ଷ୍ମଣନାୟକ ଓ ଅନ୍ୟ ଅଭିଯୁକ୍ତଙ୍କ ସପକ୍ଷରେ ମୋକଦ୍ଦମା ଲଢିବା ପାଇଁ କୌଣସି ଓକିଲ ଙ୍କୁ ନିଯୁକ୍ତ କରାଯାଇନଥିଲା।

ସରକାରୀ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ନେଇ ୧୩-୧୧-୧୯୪୨ ଦିନ ଅତିରିକ୍ତ ଦୌରା ବିଚାରପତି ଭି. ରାମନାଥନ ଲକ୍ଷ୍ମଣ ନାୟକ ଙ୍କୁ ଭାରତୀୟ ଦଣ୍ଡବିଧିର ୩୦୨ ଧାରା ଅନୁସାରେ ଜି. ରାମେୟା ମୃତ୍ୟୁ ପାଇଁ ଦାୟୀ କରି ଫାଶୀ ଦଣ୍ଡରେ ଆଦେଶ ଦେଲେ ଏବଂ ଅନ୍ୟ ୪୯ ଜଣଙ୍କୁ ଯାବତଜୀବନ ସଶ୍ରମ କାରାଦଣ୍ଡର ଆଦେଶ ଦେଲେ। ୫୪ଜଣଙ୍କୁ ମଧ୍ୟରୁ ୪ ଜଣଙ୍କୁ ପ୍ରମାଣିତ ହୋଇ ନପାରିବା ଫଳରେ ଖଲାସ କରି ଦିଆଗଲା।

୧୬.୧୧.୧୯୪୨ ଦିନ ଲକ୍ଷ୍ମଣ ନାୟକ ଙ୍କୁ କୋରାପୁଟ ଜେଲରୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରି ଦିଆଗଲା ଏବଂ ୨୯.୩.୧୯୪୩ ଦିନ ସକାଳ ୫ଟାରେ ଜେଲ ଡାକ୍ତର ପ୍ରାଣନାଥ ଛୋଟରାୟଙ୍କ ଉପସ୍ଥିତିରେ ଫାଶୀ ଦିଆଗଲା ଏବଂ ବ୍ରିଟିଶ୍ ମାଜିଷ୍ଟ୍ରେଟ ସ୍ୱାନ, ଲକ୍ଷ୍ମଣ ନାୟକ ମୃତ୍ୟୁଦଣ୍ଡର ରିପୋର୍ଟ ରେ ଦସ୍ତଖତ କରିଦେଲେ ।

ଏହି ମହାନ ଗରିମାମୟ ଗାନ୍ଧୀବାଦୀ, ଅହିଂସାର ପୂଜାରୀ ଲକ୍ଷ୍ମଣ ନାୟକ ଦେଶ ପାଇଁ ଶହୀଦ ହୋଇଗଲେ । ସେଦିନର ବ୍ରହ୍ମପୁର ଜେଲ୍‌ରେ ଅନ୍ତେବାସୀଙ୍କ ନିଜ ମଧ୍ୟରୁ ଜଣେ ପ୍ରିୟବ୍ୟକ୍ତିକୁ ଉଠାଇବାର ତୀବ୍ର ବେଦନାରେ ଅଶ୍ରୁମୟ ହୋଇଗଲା ।

୧୯୪୨-୪୩ ମଧ୍ୟରେ କୋରାପୁଟ ଜିଲ୍ଲାର ମାତିଲି, ମନ୍ତ୍ରୀପୁଟ, ଚିକନପୁଟ୍, ବାଗୁରୁଗୁଡ଼ା, ଆପାଗୁଡ଼ା, ନନ୍ଦପୁର, ପାଡ଼ଆ, ବନାରଗୁଡ଼ା, ଚଟାପୁଟ, ରାନ୍ଧାଗୁଡ଼ା, ବୈପାରୀଗୁଡ଼ା, ଖିଲଗୁଡ଼ା, ଗାଲିଆଗୁଡ଼ା, ପୋଡ଼ାଗଡ଼, ଗୁମୀଡ଼ୋଲା, ଚନ୍ଦ୍ରପଡ଼ା, ରିଡ଼ଲ, ଗୌଡ଼ବୁଡ଼ା, ମିନାର ବାଲି, ଜୟପୁର ପୋଲିସ୍ ଥାନା ଅର୍ନ୍ତଗତ ବହୁ ଗ୍ରାମ, ବୋରିଗୁମା-ବି ସିଙ୍ଗିପୁର, ବାନାଞ୍ଚଳ, ଗୁମୀଡୋଲା ଚନ୍ଦ୍ରାପଡ଼ା ରିଡ଼ଲ, ଗୌଡ଼ଗୁଡ଼ା ମିନାର, ବାଲି, ଜୟପୁର ପୋଲିସ୍ ମାନାଅନ୍ତ ଗଚ ବହୁ ଗ୍ରାମ, ବୋରିଗୁମା ବି ସିଙ୍ଗପୁର ବନାଞ୍ଚଳ ଚେପଟାଆମ୍। ଲଦିଯୋଡ଼ି, ମଝିଆ ମୁଖାଗ୍ରାମ, ନୂଆଁଗାଁ କୋରାପୁଟ-ପଟାଙ୍ଗି ଥାନାର ବହୁ ଗ୍ରାମ, ନବରଙ୍ଗପୁର, ଡ଼ାବୁ ଗାଁ ଉମରକୋଟ ଥାନା, କୋଟପାଡ଼-କୋଡ଼ିଙ୍ଗା ଥାନାର ଅନେକ ଗ୍ରାମର ସଂଗ୍ରାମୀମାନଙ୍କ ପ୍ରତି ପୋଲିସ୍ ଅବକାରୀ ଜଙ୍ଗଲ ବିଭାଗ ରାଜକର୍ମଚାରୀମାନେ ଯେଉଁ ଅତ୍ୟାଚର କରିଥିଲେ, ତାହା ଯେତିକି ମର୍ମନ୍ତୁଦ ସେତିକି ଲୋମହର୍ଷଣ କାରୀ ଥିଲା।

ଏହି ସମ୍ବନ୍ଧରେ କଲିକତାରୁ ପ୍ରକାଶିତ ଦୈନିକ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼ ୨୨-୧୦-୧୯୪୫ରେ ଲେଖିଥିଲା -

"The ugly story of blood writting atrocities committed by the police of Koraput District of Orissa during the trouble days of 1942 are indeed shocking.

ଶହ ଶହ ଆଦିବାସୀଙ୍କ ସ୍ୱାଧୀନତା ସାଗ୍ରାମର ଏହି କାହାଣୀ ଏବେ ମଧ୍ୟ ସମ୍ପୂର୍ଣ୍ଣ ଅନୁସନ୍ଧାନର ଅପେକ୍ଷାରେ ରହିଛି।

ଏହି ଦମନ ଓ ଲୁଣ୍ଠନର କଥା ଶୁଣି ଓ ଉମରକୋଟ ଅଞ୍ଚଳରେ ଦେଖି ଆଦିବାସୀ ଗାନ୍ଧୀ ମଣିଷ ରବି ସିଂ ମାଝୀ ମର୍ମାହତ ହୋଇପଡ଼ିଲେ।

*****

## ବତିଶି

# ଆମର ଦେଶ ଆମର ହେଲା

ମହାତ୍ମାଙ୍କ ଡାକରାରେ ଯେତେବେଳେ ସାରା ଭାରତ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲା ଆଉ ଗାନ୍ଧୀଜୀଙ୍କ 'କର ଅବା ମର'ର ଆହ୍ୱାନ କନ୍ୟାକୁମାରୀରୁ କାଶ୍ମୀର ଯାଏ ସାରା ଦେଶରେ ବିଦ୍ୟୁତର ଚମକ ପରି ବ୍ୟାପିଗଲା, ଗୋରା ସରକାର ବାଧ ହୋଇ ଭାରତକୁ ସ୍ୱାଧୀନତା ଦେବା ପାଇଁ ନିଷ୍ପତ୍ତି କଲେ।

୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା। ବିଜୁଳୀ ବେଗରେ ଏହି ଖବର ଭାରତର ସବୁ ପୁରପଲ୍ଲୀରେ ପହଞ୍ଚିଗଲା। ଏହା ଥିଲା ଉନ୍ମାଦନାର ଖବର। ଭାରତ ସ୍ୱାଧୀନ ହେଲା ସ୍ୱରାଜ ହେଲା ଏହି ବାଣୀ ଜୟପୁର-ନବରଙ୍ଗପୁର, ଡାବୁଗାଁ ହୋଇ ଉମରକୋଟ ପହଞ୍ଚିଲା।

କୋରାପୁଟ ଜିଲ୍ଲାର ଆଦିବାସୀ ମଣିଷ ଏହି ଘୋଷଣାରୁ ଏତିକି ବୁଝିଲେ ଯେ ଆଉ ରାଜରାଜୁଡ଼ାଙ୍କ ଅତ୍ୟାଚାର ରହିବ ନାହିଁ। ପୋଲିସ, ଫରେଷ୍ଟବାଲା ଆଉ ଡରାଇ ପାରିବେ ନାହିଁ। ଗଡ଼ମ୍ ସପ୍ଲାଇ ଉଠିଯିବ। ଲଙ୍ଗଳପାନୁ (ଖଜଣା), ବଣପାନୁ ସବୁଦିନ ପାଇଁ ଉଠି ଯିବ। ରାଜାଙ୍କୁ ବର୍ଷକୁ ତିନିଥର ସିସ୍ତୁ (ଜମି ଖଜଣା) ଦଶରା ଭେଟି ଦେବାକୁ ପଡ଼ିବ ନାହିଁ। ସମସ୍ତଙ୍କ ମନରେ କେମିତି ଏକ ବିସ୍ମୟ ଭାବ।

ସତେ ଯେମିତି ଅଗଷ୍ଟ ମାସ (ଶ୍ରାବଣ)ର ବର୍ଷା ଧୋଉଥିବା ରାତିର ଛାତିର ଦୀର୍ଘ ଆଠଶହ ବର୍ଷର ଗୋଲାମୀ ଓ ଶହେ ଅଶୀ ବର୍ଷର ଗୋରା ଶାସନର ସମସ୍ତ ଆତଙ୍କ, ଭୟ, ଅତ୍ୟାଚାର, ଶୋଷଣ, ପେଷଣ, ଧର୍ଷଣ, ମରଣର ଜମାଟ ବନ୍ଧା ପଙ୍କ ସବୁ ଧୋଇ ହୋଇ ସଫା ହୋଇଗଲା ଗୋଟିଏ ମୁହୂର୍ତ୍ତରେ।

ଭାରତର ରାଜଧାନୀ ଦିଲ୍ଲୀର କଥା ସେଦିନ ଥିଲା ନିଆରା। ଏଣେ ଉମରକୋଟରେ ଜମା ହୋଇଥିବା ବକଡ଼ାବେଡ଼ା ଗ୍ରାମର ଗାନ୍ଧୀବାଦୀ ସଂଗ୍ରାମୀ ହରିଶ୍ଚନ୍ଦ୍ର ଗାଉଁଣ୍ଡିଆ ବାଣୁଆଗୁଡ଼ାର ଦେବ ସିଂ ମାଝୀ, ବଡ଼ନୀର ଉଦର ଜାନୀ, ଖାଣ୍ଡା ଗ୍ରାମର ସରାଧୁ ପୂଜାରୀ, ବୈପାରୀଭଟ୍ଟାର ଡମ୍ବରୁଧର ନାୟକ, ବାଟିବେଡ଼ାର ଜୟରାମ ବାସୁଦେବ, ପଲସ୍ ଗାଁର ଗୁରୁଗୌଡ଼, ସରାଙ୍କୁ ଗୌଡ଼, ବୁଟି ସର୍ଗିର ଘାସିରାମ ପନ୍‌କା ଧାଇଁଲେ ରବିସିଂ ମାଝୀଙ୍କ ଘରକୁ। ଶୁଣିବା କଥା ସତକି ମିଛ ଜାଣିବା ପାଇଁ ସମସ୍ତେ ସେଇ ଶ୍ରାବଣର ବର୍ଷାଭିଜା ରାତିରେ ନବରଙ୍ଗପୁର ଯିବା ପାଇଁ ସ୍ଥିର କଲେ। ଉମରକୋଟରୁ ନବରଙ୍ଗପୁର ବାଟ କୋଡ଼ିଏ କୋଶ, ବାଟସାରା ବଣ, ବାଘ, ଭାଲୁ, ନଈର ଭୟ, ସେମାନେ ଗଲେ ନବରଙ୍ଗପୁର।

ସ୍ୱରାଜ ହେବା କଥା ସହଜରେ ବିଶ୍ୱାସ କରି ହେଉ ନାହିଁ। ସେଦିନ ରାତିରେ ରବି ସିଂ ମାଝୀ ଓ ଅନ୍ୟମାନେ, ଯେତେ ସବୁ ଗାନ୍ଧୀ ଗୁମସ୍ତା କର୍ମୀମାନେ ୧୪-୮-୧୯୪୭ ରାତିରେ ବାଟରେ ସ୍ୱରାଜ ହେବାର କଥା ଶୁଣି ଫେରିଲେ ଉମରକୋଟ। ୧୫.୮.୧୯୪୭ ଦିନ ଉମରକୋଟ ଦଶରାପଦାରେ ଉଡ଼ା ହେବ ସ୍ୱାଧୀନ ଭାରତର ତ୍ରିରଂଗା ପତାକା।

ସେଦିନ ସମଗ୍ର ଭାରତବାସୀ ନିଜ ଭାଗ୍ୟରେ ନିଜେ ବିଧାତା ହେଲେ। ଜନଗଣ ମନର ଏହି ଯେ ଭାରତ ଭୂମି ଯାହାର ଉତ୍ତରରେ ଗିରିରାଜ ହିମାଳୟ ଯାହାର ଚରଣ ତଳେ ହିନ୍ଦୁ ମହାସାଗର, ପୂର୍ବରେ ଆସାମ ଓ ପଶ୍ଚିମରେ ପଞ୍ଜାବ, ଯାହାର ବନ୍ଦନା କରେ ନିଜ କଳ କଳ ଧ୍ୱନିରେ ଗଙ୍ଗା, ପୁନରାବୃତ୍ତି କରେ ନୀଳଜଳ ମୁଣ୍ଡିତା ଯମୁନା, ଯାହାର ଯଶୋଗାନରେ ମୁଖରିତ ହୁଏ ପଞ୍ଜାବ, ସିନ୍ଧୁ, ଗୁଜରାଟ, ମହାରାଷ୍ଟ୍ର, ବଙ୍ଗ ଓ ଦକ୍ଷିଣାଞ୍ଚଳ, ଯାହାର ପୂର୍ବ ତଟକୁ ସ୍ପର୍ଶ କରି ବଙ୍ଗୋପସାଗର ଓ ପଶ୍ଚିମ ତଟକୁ ସ୍ପର୍ଶ କରି ଆରବସାଗର ନିଜକୁ ଧନ୍ୟ ମନେ କରନ୍ତି, ସେଇ ଭାରତ ଯେ କି ଜନଗଣ ମଙ୍ଗଳର ପ୍ରତୀକାତ୍ମା ଭାବେ ଚିର ଭାସ୍ୱର, ସେଇ ଜନ୍ମଭୂମି ଆକାଶଠୁ ବଡ଼ ଯିଏ ସ୍ୱର୍ଗ ଠୁଁ ସୁନ୍ଦର ଯାହାର ମନ୍ଦ ମଳୟରେ ଅଫୁରନ୍ତ ଆନନ୍ଦର ଉଷ୍ମ, ଯାହାର ଗ୍ରୀଷ୍ମରେ ସୃଷ୍ଟିର ଅଙ୍କୁର ସୁପ୍ତ, ଯାହାର ବାରିପାତରେ ଋତୁମତୀ ହୁଏ ମାଟି, ସେଇ ପୁଷ୍ପ ଫଳ, ଧନ, ଧାନ୍ୟ ଭରା ଭାରତର ସ୍ୱାଧୀନ ପତାକା ଉଡ଼ାଇବା ପାଇଁ ଯେମିତି ସମସ୍ତେ ଉନ୍ମାଦ।

୧୫.୦୮.୧୯୪୭

ଆକାଶରେ ଶ୍ରାବଣର ମେଘ। ରାତିରୁ ବର୍ଷା ହୋଇ ଛାଡ଼ି ଯାଇଛି। ପାଣି ଜୀବନର ପ୍ରତୀକ। ପାଣି ଉର୍ବରିତ କରେ ମାଟିକୁ। ଏଣୁ ଭାରତର ସ୍ୱାଧୀନତା ଦିବସର ପାଣି ପାଗ ଯେମିତି ଗାଉଥିଲା ବର୍ଷା ମଙ୍ଗଳର ଗୀତ ବିହନ ସବୁ ଫଳିବାର ଗୀତ।

କୋରାପୁଟ ଜିଲ୍ଲା ପଶ୍ଚିମ ସୀମାନ୍ତରେ ଉମରକୋଟ ଅଞ୍ଚଳ। ଏହି ଅଞ୍ଚଳର ବଡ଼ ଗାଁ ବୋଇଲେ ଉମରକୋଟ। ଭିନ୍ନ ଭିନ୍ନ ଭାଷା ଓ ଭିନ୍ନ ଭିନ୍ନ ଲୋକଙ୍କ ଉପସ୍ଥିତିରେ ଯେଉଁ ଗ୍ରାମର ଭାଷା ଓ ସଂସ୍କୃତି ବିପନ୍ନ, ଯେଉଁଠି ସରକାରୀ କର୍ମଚାରୀଗଣ ଓ ରାଜାଙ୍କ ନିଯୁକ୍ତ ହୁକୁମଦାରମାନେ କେବଳ ଗୋଟିଏ ଭାଷା ବୁଝିଥିଲେ ସ୍ୱାର୍ଥର ଭାଷା, ଗୋଟିଏ କାମ ଜାଣିଥିଲେ ଲୁଟ୍‌ତରାଜ କରିବା, ସେମାନେ ଶିଖିଥିଲେ ସରଳ ବନବାସୀଙ୍କୁ ଭୟର କେରାଡ଼ାରେ ପିଠି ଫଟାଇ ସେମାନଙ୍କ ବୋହୂ ଝିଅଙ୍କୁ ଧର୍ଷଣ କରି, ଆଦିବାସୀଙ୍କୁ ମଦ ଭିତରେ ବୁଡ଼ାଇ ନିଜର ଦାୟଦମାନଙ୍କୁ ହାତ ପୈଠ କରି ନିଜର ମେଢ଼ ମଣ୍ଡପ ସଜାଇବା, ଏହି ପରାଙ୍ଗପୁଷ୍ଟ ଦଳ ମଧ୍ୟ ସେଦିନ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଅଣ୍ଟାଭିଡ଼ି ଆଗ ଧାଡ଼ିରେ ଛିଡ଼ା ହୋଇ ପଡ଼ିଥିଲେ।

ଚାରିଆଡ଼େ ଖବର ବ୍ୟାପିଗଲା। ଆଖ ପାଖ ଗାଁ ଗୁଡ଼ିକରୁ ଆସିଲେ ଶହ ଶହ ଆଦିବାସୀ ନରନାରୀ ପତାକା ଉଡ଼ା ଦେଖିବାକୁ । ସେମାନେ ଆସିଲେ ନିଜ ନିଜ ପାରମ୍ପରିକ ବେଶରେ। ସ୍ତ୍ରୀ, ପୁରୁଷ, ଡକରା; ଡକରି ରଥ ଯାତରା, ଦଶରା ଯାତ୍ରାଠୁ ବେଶି ଲୋକ। ସେମାନେ ଆସିଲେ ବାଟିବେଡ଼ା, ବିରିସାଡ଼ି, ହୀରାପୁର ଗାଁରୁ। ଆସିଲେ ବଡ଼ନୀ ମୁଡ଼ା, ବଡ଼ ଭରଣ୍ଡି ଗାଁରୁ। ଆସିଲେ ହରେକ୍ ରକମର ବାଜା ବଜେଇ, ନାଚ କରି କରି। ଉମରକୋଟ ଦଶରାପଦା (ଏବର ହାଟପଦା)ରେ ସୋରିଷ ପକାଇବାକୁ ଜାଗା ନାହିଁ। ବେଳକୁ ବେଳ ଲୋକ ଗହଳି ବଢୁଥିଲା।

ଉମରକୋଟର ସବୁ ରାସ୍ତା ଜନମୟ।

ଚିର ପ୍ରପୀଡ଼ିତ, ମୁକ୍ତିର ଆନନ୍ଦ ଜାଣି ନଥିବା ଆଦିବାସୀ ମଣିଷ ମନରେ ବିସ୍ମୟ, କିଏ ଉଡ଼ାଇବ ଆଜି ଏ ପବିତ୍ର ଦିନରେ ପତାକାକୁ? ଯୁଗ ଯୁଗର ଅନ୍ଧକାରକୁ ଦୂର କରି ଆଲୁଅର ରାସ୍ତା ଯେଉଁମାନେ ଦେଖାଇ ଥିଲେ ସେମାନଙ୍କ ନାମରେ ସମର୍ପିତ ହେବ ଆଜିର ଏଇ ଦିନ। ସେଇ ଅନାମ ଶହୀଦର ନାମରେ ଯିଏ ନିଜର ଧନ,ଜନ, ଜୀବନ, ଯୌବନ, ସମର୍ପି ଦେଇ ବି ହୋଇ ପାରିଲା ନାହିଁ ଇତିହାସର ମଣିଷ ଯାହାର ପୋତା ମାଟି ଉପରେ କି, କେବେ ଦୀପଟିଏ ଜଳାଇବ ନାହିଁ, ସାଦରରେ ରଖିବ ନାହିଁ ଫୁଲଟିଏ ସ୍ମରଣ କରି ଝରାଇବ ନାହିଁ ବୁନ୍ଦେ ଲୁହ। ଆଜି ସେମାନଙ୍କ କଥା ମନେ ପଡ଼ିବ ଯେଉଁମାନେ ସଂଗ୍ରାମ କରି ପୋଲିସ୍ ଗୁଳିରେ ଟଳି ପଡ଼ିଲେ ମାଟି ମା'ର ଛାତିକୁ ରକ୍ତରେ ଭିଜାଇ। ଭାସିଗଲେ ପ୍ରଖର ନଈସ୍ରୋତରେ, ମରି ହଜିଗଲେ। ଯିଏ ହସି ହସି ଚଢ଼ିଗଲା ଫାଶୀଖୁଣ୍ଟରେ ସ୍ୱାଧୀନ ଦେଶକୁ ଦେଖିବାର ସ୍ୱପ୍ନ ନେଇ। ଆଜି ସେମାନଙ୍କ ପାଇଁ ଦୁଇବୁନ୍ଦା ଲୁହ ଝରାଇବାର ଦିନ। ନୂତନ ସ୍ୱପ୍ନ ଓ ସମ୍ଭାବନାର କଳ୍ପନାକୁ ସାକାର କରିବା ପାଇଁ ସଂକଳ୍ପ କରିବାର ଦିନ, ଗାନ୍ଧୀଜୀଙ୍କ ରାମରାଜ୍ୟ ପାଇଁ ପୁନାଦି (ନିଅଁ ଭିତ୍ତି) ପଡ଼ିବାର ଦିନ।

ମଧ୍ୟାହ୍ନ ସମୟ। ଆକାଶରେ ମେଘ। ବର୍ଷା ନାହିଁ। ରବିସିଂ ମାଝୀ, ଆଦିବାସୀ ମଣିଷଙ୍କୁ ଆଦରର ବୁଟି ଆସିଲେ ଦେହରେ ଖଦଡ଼ ଲୁଗା, କାନ୍ଧରେ ଖଦଡ଼ ଗାମୁଛା, ଆଖିରେ ତେଜ। ଓଠାରେ ସେଇ ସବୁଦିନିଆ ସରୁହସ। ହାତରେ ସୁତାର ମାଳ, ନିଜ ହାତରେ କଟା ଓ ତିଆରି।

ସମସ୍ତେ ଚାହୁଁଥିଲେ ସେଇ ୨୫ ବର୍ଷର ଯୁବକକୁ ଯିଏ ସଂଗ୍ରାମ କରି ଜେଲ ଯାଇଛି, ଶୁକଚାନ୍ଦ ପନ୍‌କା, ତ୍ରିଲୋଚନ ମିଶ୍ରର ଅତ୍ୟାଚାର ସହିଛି। କେତେ କଷ୍ଟ, କେତେ ଦଣ୍ଡ ନପଡ଼ିଛି ତା ଉପରେ ସତେ। ସେମାନେ ପତାକା ଉଡ଼ାଇବା ଲୋକଟିକୁ ପାଇଗଲେ। ଯେମିତି ମୁଣ୍ଡ ଉପରେ ଉଦାର ବିସ୍ତୃତ ନୀଳ ଆକାଶ। ମେଘ ମେଦୁରିତ।

ପାଦତଳେ ବର୍ଷାଭିଜା ମାଟିର ସୁଗନ୍ଧ। ପବନରେ ଧାନକ୍ଷେତର ବାସ୍ନା। ମନରେ ସମସ୍ତଙ୍କର କେମିତି ଏକ ନୂଆ ଅନୁଭବରେ ମୁକ୍ତିର ଆନନ୍ଦ।

ଶହ ଶହ କର୍ମୀ ଓ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ବର୍ଷିୟାନ ଗାନ୍ଧୀ ଗୁମସ୍ତା ବକଦା ଗାଁର ସ୍ୱାଧୀନତା ସଂଗ୍ରାମୀ ଯୁଗଧର ମାଝୀଙ୍କ ପ୍ରେରଣାରେ ୨୫ ବର୍ଷର ଯୁବକ ରବି ସିଂ ମାଝୀ ଉମରକୋଟ ମାଟିରେ ତ୍ରିରଙ୍ଗ ପତାକା ଉଡାଇଲେ। ଜନଗଣ ମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟବିଧାତାର ସମୂହ ଗାନରେ ବିହ୍ୱଳ ହୋଇ ଉଠିଲେ। ରବି ସିଂ ମାଝୀ, ସମସ୍ତ ଜନତା।

ପ୍ରଥମ ସ୍ୱାଧୀନତା ଦିବସର ପତାକା ଉଡ଼ାଇ ୧୫.୮.୧୯୪୭ ଦିନ ରବିସିଂ ମାଝୀ ଦେଶିଯା-ଓଡ଼ିଆ ଭାଷାର ମିଶାମିଶି ଶବ୍ଦରେ ଜନସମୁଦ୍ରକୁ ଯାହା କହିଥିଲେ ତାହାର ମର୍ମ ଏମିତି ଥିଲା:

"ଭାଇମାନେ! କେତେ ଦୁଃଖ କଷ୍ଟ ସହି ଅନେକ ଅମୂଲ ମୂଲ ଦେଇ ଆମେ ସ୍ୱାଧୀନତା ପାଇଛୁ। ଏହି ଦିନ ପାଇଁ କେତେ ଲୋକ ଅତ୍ୟାଚର ସହିଛନ୍ତି। ଜୀବନ ଦେଇଛନ୍ତି। କେତେ ଲୋକ ଶହୀଦ ହୋଇଛନ୍ତି। ଏହି ଦିନକୁ ଦେଖି ପାରିଲେ ନାହିଁ ଲକ୍ଷ୍ମଣ ନାୟକ, ଦେଖିପାରିଲେ ନାହିଁ ବଗା ପୂଜାରୀ। ଆମେ ସ୍ୱରାଜ ପାଇଲେ। ଆମର ଦେଶ ଆମର ହେଲା। ଭାଇମାନେ ଆମେ ସତ୍ ଜୀବନ ଜୀଇଁବା। ସତକଥା କହିବା, ହିଂସା କରିବା ନାଇଁ। କାହାକୁ ଡରିବା ନାଇଁ। ଦେଶ ଥିଲେ ସବୁ । ତା'ର ନାମ ଟେକ ରଖିବା।"

ତା'ପରର ଜୟଧ୍ୱନିରେ ପବନ ଥରିଲା। ରବିସିଂ ମାଝୀ ଚାହୁଁଥିଲେ ଉପରେ ଉଡୁଥିବା ପତାକାକୁ ଅପଲକ ଆଖିରେ।

****

## ତେତିଶ

# ଦୁଃଖର ସାଗର ରେ ରବିସିଂ ମାଝୀ

ବାଟିବେଡା: ରବିସିଂ ଙ୍କ ଜନ୍ମମାଟି । ଦେଶ ସ୍ୱାଧୀନ ହେବା ଦିନରୁ ଯେମିତି ଅପେକ୍ଷା କରିଥିଲେ ତାଙ୍କ ଜେଜେବାପା ଘଟୀ ମାଝୀ । ଯେଉଁମାନେ ଏହି ଦିନକୁ ଦେଖିବା ପାଇଁ ବଞ୍ଚିଥିଲେ ସେମାନେ ହେଲେ ତାଙ୍କ ବାପା ପଟ୍ଟମାଝୀ, ସାନଭାଇ ଶୋଭା ସିଂ ମାଝୀ, ସାଙ୍ଗ ପଣ୍ଡରୁ ମାଝୀ (ଗଣ୍ଡ) ଜୟରାମ ସୁଖଦେବ ।

ବିତିଗଲା ଦିନ ଯେମିତି ଉଡିଗଲା ପାଣିପରି । ସେ ଦିନ ଅଗଷ୍ଟ ୧୫,୧୯୪୭ ଖବର ଶୁଣି ଗାଁ ସାରା ଲୋକଙ୍କ ଖୁସି କହିଲେ ନସରେ । ସାରା ରାତି ଗାଁରେ ନାଚ ଗୀତର ଆସର । କାହା କଣ୍ଠରେ ଚଇତ ପରବ ଗୀତର ମନଦିଆ ନିଆ ଗୀତ, ଫୁଲ, ଫଳ, ମେଘ, ଦେହ, ଦାହର ଗୀତ । ମୁଦି ମାଗାମଗିର ଗୀତ । ପଟ୍ଟମାଝୀ ଗୀତ ଫାନ୍ଦୀ ଗାଁ ସ୍ତ୍ରୀ ମାନଙ୍କୁ ଦେଖି ଗାଇ ଦେଲେ ।

ଝରିଜେଟ ମାସ ଗୋଡ଼ରେ ଛିପୁଲ
ବରଷା କାଳରେ ଛତା
ଆଗେ ହୋଇରେଲୁ ପର ଅନ୍ତର
ଏବେ କାଂୟ ନାତାଗୋଟା
ତମେତ ଆମର ଆମେତ ତମର
କୋନି ନାଇଁ ବିନାବିନ
ଏ ବାସିନି କାଗିନି ତମେ ଛାଡ଼ିଗଲେ ମିଶା
ତମର ଉପରେ ମନ ।

ଜ୍ୟେଷ୍ଠ ଖରାରେ ପାଦରେ ଚପଲ, ବରଷା ଦିନରେ ଛତା ପରି ଆମର ସମ୍ପର୍କ ଯେ, ଆଗେ ସିନା ଆମେ ପର ଥିଲେ । ଦୂରରେ ଥିଲେ ଏବେତ ଏକାନ୍ତ ନିଜର ହେଲେ । ଏବେ ତୁମେ ମୋର ମୁଁ ତୁମର, ଭିନ୍ନ ଭିନ୍ନ ନୋହୁଁ । ଗୋ ବାସିନି ଗାଁର ଯୁବତୀ ତୁମେ ଯଦି କେବେ ମୋତେ ଛାଡ଼ି ଚାଲି ଯାଅ ତୁମଠାରେ ସଦା ମୋର ମନ ରହିଥିବ । ଗୀତ ଶୁଣି ରୁଣ୍ଡ ହୋଇଥିବା ସ୍ତ୍ରୀମାନଙ୍କ ଭିତରୁ ଜଣେ ଗମାଚ ଦେଖିବା ପାଇଁ ଗୀତରେ ପଚାରି ଦେଲା ।

ବଇଶାକ ମାସ ହେମଗିରି ଖରା
ଧୋବା ପୁଡ଼ାଇଲା ଛାର

ମନ ପ୍ରାଣ ସବୁ ସରପି ଦେବି

ଦେକା ତମର ପାରିବାର ।

ବଇଶାଖ ମାସର ଟାଣଖରା ଦେହକୁ ଜାଳି ଦେଉଛି ଯେମିତି ଧୋବା ଗଛ ପୋଡି ପାଉଁଶ କଲାପରି, ଏବେ ମୋର ଜଳୁଥିବା ମନ ଯେ ତୁ ଯଦି ମତେ ସଂଭୋଗରେ ସନ୍ତୁଷ୍ଟ କରିପାରିବୁ । ମୁଁ ମୋର ମନପ୍ରାଣ ସବୁ ତୋତେ ସମର୍ପି ଦେବି । ଏବେ କେବଳ ତାର ପାରିବାର ପଣିଆ ଦେଖିବାକୁ ରହିଲା ।

ଏମିତି କେତେ ଗୀତ, କେତେ କଥାରେ ରସ ଖାଲି ଖୁସି ବାସି, ରାତି ସରିଗଲା । ଝଲରେ ଝାଲିଆ ଗଞ୍ଜାର ଡାକ । ସକାଳ ହେବାକୁ ଯାଉଥିଲା ।

ରବିସିଂ ହଜିଗଲେ ସେଇ ଆନନ୍ଦ ଭିତରେ । ସବୁଠୁ ବଡ଼ ଶରଧାର ଦିନ ଘଟିମାଝୀ ପାଇଁ । ଏଇ ଭିତରେ ରବିସିଂଙ୍କ ସ୍ତ୍ରୀ ଧନମତୀ ଝିଅକୁ କାଖରେ ଧରି ଦେଖୁଥିଲା ଏହି ଆନନ୍ଦକୁ ।

ଖୁସି ପଛରେ ଯେମିତି ଲୁଚିଥିଲା ହଜିଯିବାର ଦୁଃଖ ରବିସିଂଙ୍କ ପାଇଁ । ୧୯୪୭ ମସିହାରେ କୋରାପୁଟିଆ ଜାଡ଼ । କାର୍ତ୍ତିକର ଶୀତ, ଦେହ ଥରେଇ ଦଉଚି । ଶୀତଦିନ ଏଠି ଆରମ୍ଭରୁ ହେମାଳ । ସେଦିନ ନଭେମ୍ବର ଏଗାର ତାରିଖ । ଜୀବନ ସହିତ ଲଢେଇ କରି ଦୁଃଖ ସହିଥିବା ପରାଧୀନ ମଣିଷ ଘଟୀ ମାଝୀ ଦେଶର ସ୍ୱାଧୀନତାକୁ ଦେଖି ଶେଷ ନିଃଶ୍ୱାସ ଛାଡ଼ିଲେ ।

ଦୁଃଖର ଭାଙ୍ଗି ପଡ଼ିଲେ ରବିସିଂ ମାଝୀ । ଯେମିତି ଏକ ଛେଉଣ୍ଡପଣିଆ ଆବୋରି ଗଲା ତାଙ୍କୁ । ଦୁଃଖର ସାଗରରେ ଭାସିଗଲେ ଯେମିତି । ଘଟି ମାଝୀଙ୍କ ଦାହ ସଂସ୍କାର, ଦଶାହ ପାରମ୍ପରିକ ରୀତିରେ ହେଲା । ଗାଁର ବୟସ୍କ ବୁଢୀମାନେ ଘଟିମାଝୀଙ୍କ କଥା ମନେ ପକାଇ ଗାଉଥିଲେ ମରଣ ଗୀତ ।

****

## ଚଉତିରିଶ

# ଡାକବଙ୍ଗଳାରେ ରବିସିଂଙ୍କ ମନର କଥା

ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିଲା ଦେଶ ସ୍ୱାଧୀନ ହେଲା । ୧୯୪୭ରେ ସରକାର ଗଢ଼ିବା ପାଇଁ ନିର୍ବାଚନ ହେଲା । କଂଗ୍ରେସ ଦଳ ୬୦ରୁ ୪୭ଟି ଆସନ ପାଇଲା । ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ । ମନ୍ତ୍ରୀ ମଣ୍ଡଳରେ କୋରାପୁଟ ଜିଲ୍ଲାରୁ ରାଧାକୃଷ୍ଣ ବିଶ୍ୱାସରାୟ ମନ୍ତ୍ରୀ ହେଲେ । ତାଙ୍କୁ ଆଦିବାସୀ ଓ ପୂର୍ତ୍ତ ବିଭାଗ ର ମନ୍ତ୍ରୀ କରାଗଲା ।

୧୯୪୭ ମସିହା ଶେଷ ଆଡର କଥା । ମନ୍ତ୍ରୀ ହେବାପରେ ବିଶ୍ୱାସରାୟ ବାବୁ କର୍ମୀମାନଙ୍କୁ ମିଶିବା ପାଇଁ ଜିଲ୍ଲା ଗସ୍ତ କଲେ । ସେ ନବରଙ୍ଗପୁର ଆସିଲେ । କଥା ହେଲା ସେ ନବରଙ୍ଗପୁର ତାଲୁକର କଂଗ୍ରେସ କର୍ମୀଙ୍କୁ ମିଶି ସୁଖ-ଦୁଃଖ ବୁଝିବେ ସମସ୍ୟାମାନ ଶୁଣିବେ ।

ନବରଙ୍ଗପୁର ଡାକ ବଙ୍ଗଳାରେ ଜମାହେଲେ ତାଲୁକ ସାରାରେ  କର୍ମୀ । ଭାତ, ଡାଲମାର ବ୍ୟାବସ୍ଥା ହେଲା । ଜିଲ୍ଲାର ଯେତେ ନେତା କର୍ମୀ ପଂକ୍ତି ଭୋଜନରେ ବସିଲେ । ଖିଆ ସରିବା ପରେ ମନଖୋଲା କଥାବାର୍ତ୍ତା ଆରମ୍ଭ ହେଲା । କଥା ପଡ଼ିଲା ଦେଶ ସ୍ୱାଧୀନ ହେଲାପରେ ଯେଉଁ ସରକାରୀ କର୍ମଚାରୀମାନେ ଅତ୍ୟାଚାର କରୁଥିଲେ ସେମାନଙ୍କୁ କ୍ଷମା କରିଦିଆଯାଉ । ଯେତେହେଲେ ବି ସେମାନେ ଆମ ଲୋକ ।

ରବିସିଂ ଶୁଣୁଥିଲେ ମନ ଦେଇ ଏହି କଥା । କିଛି ସମୟ ପରେ ସେ ମୁଣ୍ଡ ଉଠାଇ କେମିତି ଏକ ଆବେଗରେ କହିଲେ:

"ହଇ ବାବୁ!" ତମେ ମନ ଜଇଲ ଥାନୁ ଲେଓଟିଲା ବେଲକେ ତମର ଘର ଦୁଆର ବେଡା ଖାଡ଼ା ରେଲା । ଯେନ ଲୋକର ଘର ଦୁଆର ଏମନ୍ ଜୁର ଲାଏ ଠୁଟି ଜାଡନ ବି ଜୁରି ନେଲାଇ, ଝି ମାଇଜି ମନ୍‌କେ ନସାଏଲାଏ, ଲୋକମନ୍ କେ ଗୋରୁ କେ ମାରଲା ପରା ପିଟଲାଇ ମରାଇଲାଏ, ହାଇମନ୍ କେ କାଏ, କାଜେ କ୍ଷମା ଦେବାକେ ସାଙ୍ଗଲାସ୍‌ନି । ଏ ମନର କାଜେ ଆମେ ମନ ଯାଏ ଡଣ୍ଡ ନାଇଡାନ୍‌ଲୁ ଆଛୁ ।

ଏହା ଯେମିତି ସେଠି ଜମା ହୋଇଥିବା ସମସ୍ତ କର୍ମୀଙ୍କର ଅଙ୍ଗେ ଭୋଗିବାର ଉଚ୍ଚାରଣ ଥିଲା । ରବିସିଂ ଙ୍କର ନିର୍ଭୀକତା ଓ ସ୍ପଷ୍ଟବାଦିତା ରାଧାକୃଷ୍ଣ ବିଶ୍ୱାସରାୟ ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ   ଚକିତ କରି ଦେଇଥିଲା । ଜୀବନ ଏମିତି ରଙ୍ଗ ବଦଳାଏ

ସ୍ୱାଧୀନତା ଆଗରୁ ଯେଉଁମାନଙ୍କୁ ଘୃଣା କରିବା ପାଇଁ କୁହାଯାଉଥିଲା । ଏବେ ସେମାନଙ୍କୁ ଭଲ ପାଇବାର କଥା ଶୁଣି ରବିସିଂ ମାଝୀ ଯେଉଁ ପ୍ରତିବାଦ କରିଥିଲେ ତାହା ସେଠି ଜମା ହୋଇଥିବା ସମସ୍ତଙ୍କର କଥା ଥିଲା ଯେମିତି ।

ପ୍ରଥମ ଶ୍ରେଣୀର ନେତାମାନେ ରବିସିଂଙ୍କ ଏହି ଉଦ୍‌ଗାରକୁ ବାଆଁରେଇ ଦେଲେ । କୌଣସି ଗୁରୁତ୍ୱ ଦେଲେ ନାହିଁ ।

ସେଦିନ ରାତିରେ ଯେଉଁ କଂଗ୍ରେସ କର୍ମୀମାନେ ଆନ୍ଦୋଳନ କରି ଜେଲ ଯାଇଥିଲେ କ୍ଷତି ସହି ଥିଲେ ସେମାନଙ୍କୁ ଥଇଥାନ କରିବା ପାଇଁ ବିଚର ବିମର୍ଷ ହେଲା । ଯେହେତୁ ରାଧାକୃଷ୍ଣ ବିଶ୍ୱାସରାୟ ଆଦିବାସୀ ବିଭାଗର ମନ୍ତ୍ରୀ ଥିଲେ କୋରାପୁଟ ଜିଲ୍ଲାର ଆଦିବାସୀ ଛାତ୍ର ମାନଙ୍କ ଶିକ୍ଷାର ଉନ୍ନତି ପାଇଁ ସେବାଶ୍ରମ ଖୋଲି ପାଠ ପଢିଥିବା କଂଗ୍ରେସ କର୍ମୀ ମାନଙ୍କୁ ସେବକ ଭାବେ ନିଯୁକ୍ତି ଦେବାର ସ୍ଥିର ହେଲା । ଉଦ୍ଦେଶ୍ୟ ଥିଲା ସରକାରୀ ସ୍ତରରେ କ୍ଷତି ସହିଥିବା କର୍ମୀମାନେ କିଛିଟା ଆର୍ଥିକ ସାହାଯ୍ୟ ପାଇପାରିବେ । ସେଠି ଜମା ହୋଇ କର୍ମୀମାନଙ୍କ ମଧ୍ୟରୁ ସେବକ ଭାବେ ନିଯୁକ୍ତି ଦେବାପାଇଁ ତାଲିକା ତିଆରି ହେଲା । ରବିସିଂ ତୃତୀୟ ଶ୍ରେଣୀ ପାଠ ପଢିଥିବାରୁ ସେ ତାଲିକାରେ ସ୍ଥାନ ପାଇଲେ ।

କିଛି ଦିନ ପରେ ରବିସିଂ ମାଝୀ ନିଜଗାଁ ବାଟିବେଡା ଠାରେ ସେବାଶ୍ରମ ଟିଏ ଖୋଲିଲା । ବଣ ଜଙ୍ଗଲ ଘେରା ବାଟିବେଡ଼ା ଅଞ୍ଚଳରେ ଆଦିବାସୀ ହରିଜନ ପିଲାଙ୍କୁ ଜ୍ଞାନର ଆଲୁଅ ଦେଖାଇ ମଣିଷ ଗଢିବାର ଦାୟିତ୍ୱ ରବିସିଂଙ୍କ ଉପରେ ନ୍ୟସ୍ତ ହେଲା ।

ତା୦ ୧-୧୧-୧୯୪୮ ରିଖ ଦିନ ଆନ୍ଦୋଳନ ଓ ସଂଗ୍ରାମୀ ଜୀବନରୁ ସେ "ଗୁରୁଜୀ" ଜୀବନରେ ଯୋଗ ଦେଲେ । ରବିସିଂ ହେଲେ ବାଟିବେଡ଼ା ସେବାଶ୍ରମର ପ୍ରଥମ ସେବକ ଯାହାଙ୍କ ପ୍ରେରଣା ସୃଷ୍ଟି କଲା ତାଙ୍କର ବହୁ ଛାତ୍ରଙ୍କୁ ସମାଜ ସେବା କରିବା ପାଇଁ । ତାଙ୍କୁ ମାସକୁ ୩୦/-ଟଙ୍କା ଦରମାରେ ଦିଆଗଲା । ଦୀର୍ଘ ଦୁଇବର୍ଷ ଶିକ୍ଷକତା ଭିତରେ ସେ ଯେଉଁ ଛାତ୍ରମାନଙ୍କୁ ପାଠ ପଢାଇଥିଲେ ସେମାନଙ୍କ ଭିତରୁ ଅନେକ ଛାତ୍ର ଏବେ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ସେମାନେ ହେଲେ ବିଶ୍ୱନାଥ ପାଣ୍ଡେ, ଝିଟ୍ରୁରାମ ବିଶୋଇ, ଜଗମୋହନ କଲାର, ରାମସିଂହ ମାଝୀ । ନିଜ ଜୀବନ କାଳ ମଧ୍ୟରେ ରବିସିଂ ମାଝୀ କେତେ ଆଦିବାସୀ ପିଲାଙ୍କୁ ନିଜ ଖର୍ଚ୍ଚରେ ପାଠ ପଢାଇଛନ୍ତି । ମଣିଷ କରିଛନ୍ତି ସେ ବୁଝିଥିଲେ ଶିକ୍ଷା ନଥିଲେ ସବୁ ଅସାର ।

୧୯୪୬ ରୁ ୧୯୫୦ ମସିହା ଭିତରେ ଓଡ଼ିଶାର ଅନ୍ୟ ଅଞ୍ଚଳ ପରି କୋରାପୁଟ ଜିଲ୍ଲାରେ ମଧ୍ୟ ଗାନ୍ଧୀଙ୍କ ଆଦର୍ଶ ଓ କଂଗ୍ରେସ ଦଳର ନୀତି ନିୟମ ଯେମିତି ଅଲଗା ହୋଇଗଲା । ପ୍ରାୟ ସମସ୍ତେ ୱାର୍ଡ ମେମ୍ବର ଠାରୁ ମନ୍ତ୍ରୀ ଯାଏ ପଦ ପଦବୀ ଲୋଡ଼ିଲେ । ସବୁ ସ୍ଥାନରେ କେବଳ ସେମାନେ ହିଁ ମୁଖ୍ୟ ହେବେ । ଆଉ ସବୁ ତାଙ୍କ ବୋଲକରା ହେବେ । ଏମିତି ଏକ ମନୋଭାବ ସୃଷ୍ଟି ହେଲା । କଂଗ୍ରେସିଆଙ୍କ (ବିଶେଷତଃ ସହରିଆ କଂଗ୍ରେସିଆ) ଏହି ପ୍ରବୃତ୍ତି ଦେଖି ନିଷ୍ଠାପର କଂଗ୍ରେସ କର୍ମୀ ନବରଙ୍ଗପୁରର ଲକ୍ଷ୍ମୀଚନ୍ଦ୍ର ଦାସ ମର୍ମାହତ ହୋଇ ପଡ଼ିଲେ । ତାଙ୍କ ଉଦ୍ୟମରେ ରବିସିଂ ମାଝୀ ପୁଣି ଲୋକଙ୍କ ଭିତରେ କଂଗ୍ରେସର ବାଣୀ ଆଦର୍ଶକୁ ପ୍ରଚାର କରିବା ପାଇଁ ବାଟିବେଡ଼ା ସେବାଶ୍ରମର ଗୁରୁଜୀ ପଦ ତ୍ୟାଗକରି ପୁଣିଥରେ ପୂର୍ବର ଅଥକି ପଦଯାତ୍ରୀ ଓ କଂଗ୍ରେସ କର୍ମୀ ହୋଇଗଲା ।

****

## ପଇଁତିରିଶି

# ବାଟିବେଡା ଗ୍ରାମ ଓ ଭୂଦାନ ଆନ୍ଦୋଳନ

ଭାରତର ସମ୍ବିଧାନ ତିଆରି ହେଲା । ୧୯୫୦ ମସିହା ଜାନୁଆରୀ୨୬ତାରିଖରେ ଭାରତ ତାର ପ୍ରଥମ ସାଧାରଣ ତନ୍ତ୍ର ଦିବସ ପାଳନ କଲା । ଓଡିଶାରେ ମଧ୍ୟ ଏହା ମହା ଆଡ଼ମ୍ବର ରେ ପାଳିତ ହେଲା । ୧୯୫୨ ମସିହାରେ ଭାରତରେ ସାଧାରଣ ନିର୍ବାଚନ ହେବାର ଘୋଷଣା ହେଲା । ରବିସିଂ ମାଝୀ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରାଧାକୃଷ୍ଣ ବିଶ୍ୱାସରାୟଙ୍କ କଥା ମାନି ଓଡିଶା ବିଧାନସଭା ପ୍ରାର୍ଥୀ ରାଧା ମୋହନ ସାହୁଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ମାଲକାନାଗିରି ଗଲେ । ତାଙ୍କ ସହିତ ଯାଇଥିଲେ ଗୁରୁବାରୁ ମାଝୀ (ପରବର୍ତ୍ତୀ ସମୟରେ ଉମରକୋଟ ବିଧାନ ସଭା ମଣ୍ଡଳୀରୁ ନିର୍ବାଚିତ ସଭ୍ୟ) । ସେଠି ସେ କବି ଓ ସାହିତ୍ୟିକ, ସଂଗଠକ ରଘୁନାଥ ପଟ୍ଟନାୟକଙ୍କ ସମ୍ପର୍କରେ ଆସିଲେ । ଦୁହେଁ ପାଲଟିଗଲେ ଅଭିନ୍ନ ବନ୍ଧୁ । ପରବର୍ତ୍ତୀ ରାଜନୈତିକ ଜୀବନରେ ରଘୁନାଥ ପଟ୍ଟନାୟକ ରବିସିଂ ମାଝୀଙ୍କ ଉପଦେଷ୍ଟା କାମ କରିଥିଲେ ।

୧୯୫୨-୧୯୫୬ ମଧ୍ୟରେ କଂଗ୍ରେସ ଗାନ୍ଧୀଆଦର୍ଶରୁ ବିଚ୍ୟୁତ ହେବା ଲକ୍ଷଣ ଦେଖାଗଲା । ଓଡିଶାର କଂଗ୍ରେସ ଦଳରେ ବ୍ୟକ୍ତିଗତ ସ୍ୱାର୍ଥ କ୍ଷମତାକୁ ଜାବୁଡ଼ି ଧରି ଶାସନ କରିବାର ବ୍ୟାକୁଳତା, ନିର୍ବାଚନରେ ମାରପେଞ୍ଚ । ନୀତି ରବିସିଂ ମାଝୀଙ୍କ ପରି ଗାନ୍ଧୀବାଦ ମଣିଷକୁ  ନିରାଶ ଭିତରକୁ ଠେଲି ଦେଲା । ରାମରାଜ୍ୟ ପ୍ରତିଷ୍ଠା ସ୍ୱପ୍ନ ଯେମିତି ଭାଙ୍ଗି ଭାଙ୍ଗି ଯାଉଥିଲା ।

ସେତେବେଳକୁ ବିନୋବାଭାବେଙ୍କ ନେତୃତ୍ୱରେ ଭୂଦାନ ଆନ୍ଦୋଳନ ଆରମ୍ଭ ହେଲା । ଜମିହୀନ ଓ ଦରିଦ୍ରଙ୍କୁ ଜମିଥିବା କୃଷକଙ୍କ ଠାରୁ ଜମିଦାନ ନେଇ ବାଣ୍ଟିବା ଓ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଏକ ସକରାତ୍ମକ ଆନ୍ଦୋଳନ ଦେଶସାରା ମୁଣ୍ଡ ଟେକିଲା । ଓଡିଶାର ଏହି ଆନ୍ଦୋଳନର ନେତୃତ୍ୱ ନେଲେ ଗୋପବନ୍ଧୁ ଚୌଧୁରୀ, ମା ରମାଦେବୀ, ନବକୃଷ୍ଣ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ, ମାଳତୀ ଦେବୀ, ବିଶ୍ୱନାଥ ପଟ୍ଟନାୟକ, ମନମୋହନ ଚୌଧୁରୀ, ମହମ୍ମଦ ବାଜୀ, କଂଗ୍ରେସର ଅନୁଗାମୀ ଯେଉଁମାନେ ରାଜନୀତିର ଶାସନ ଭିତରେ ନରହି ଲୋକସେବାକୁ ବାଣ୍ଟି ନେଇଥିଲେ ।

୧୯୫୪ ମସିହା ଶେଷବେଳକୁ ଦିନେ ମହମ୍ମଦ ବାଜୀ (ନବରଙ୍ଗପୁର କଂଗ୍ରେସ ନେତା) ବିନୋବାଙ୍କ ଓଡିଶା ଗ୍ରସ୍ତ ସମ୍ବନ୍ଧରେ ଆଲୋଚନା ସମୟରେ ନବରଙ୍ଗପୁର ତାଲୁକାରେ ଗ୍ରାମଦାନ କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କଲେ । ଶରତ ଚନ୍ଦ୍ର ମହାରଣା ଓଡିଶା ଭୂଦାନ ଯଜ୍ଞ ସମିତିର ସମ୍ପାଦକ ହେଲେ । ତା୦୫-୦୭-୧୯୫୫ ରିଖ ସନାତନ ବିନୋବାଜୀ ବହୁ ଭୂଦାନ ଯଜ୍ଞ ସମିତିର କର୍ମକର୍ତ୍ତାଙ୍କ ସହ ନବରଙ୍ଗପୁରରେ ପହଞ୍ଚିଲେ । ଶହ ଶହ ସର୍ବସେବା ସଂଘର କର୍ମୀ ତାଙ୍କୁ ସ୍ୱାଗତ ଜଣାଇଲେ । ନବରଙ୍ଗପୁରରେ ସଦାଶିବ ତ୍ରିପାଠୀ, ଲକ୍ଷ୍ମୀଚନ୍ଦ୍ର ଦାସ, ଗୋବିନ୍ଦ ବ୍ରହ୍ମା, ସୀମାଞ୍ଚଳ ବେହେରା, ସଦାନନ୍ଦ ମହାନ୍ତି, ଜଗନ୍ନାଥ ତ୍ରିପାଠୀ ଏଥିରେ ସହଯୋଗ କଲେ ।

ରବିସିଂମାଝୀ ବିନୋବାଜୀଙ୍କୁ ଡାବୁଗାରେ ସାକ୍ଷାତ କଲେ । ମହମ୍ମଦ କାଜୀ, ରବିସିଂ ମାଝୀଙ୍କ କଂଗ୍ରେସ କାମ, ଜେଲଯାତ୍ରା ସମ୍ବନ୍ଧରେ ବିନୋବାଜୀଙ୍କୁ କହିଲେ । ବିନୋବାଜୀଙ୍କ ପ୍ରେରଣାରେ ରବିସିଂ ମାଝୀ ନିଜ ଋଷ ଗାଁ ବଡ଼ଗାଁ ଠାରେ ସର୍ବସେବା ସଂଘର ଗୋଟିଏ ଶାଖା ଖୋଲି ତାର ଦାୟିତ୍ୱରେ ରହିଲେ ।

ଭୂମିହୀନ ଋଷୀ ଓ ନାମକୁ ମାତ୍ର ଋଷୀ ମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ ସର୍ବସେବା ସଂଘ ମାଧ୍ୟମରେ ଅନେକ କାମ ହାତକୁ ନିଆଗଲା । ସୂତା କାଟିବା, ଲୁଗା ବୁଣିବା, ଗାଁରେ କୂଅ ଖୋଳିବା, ଋଷୀ ମାନଙ୍କୁ ହଳ, ବଳଦ, ବିହନ ଯୋଗାଇବା, ଜମି ମରାମତି କରିବା ପାଇଁ ଆର୍ଥିକ ସହାୟତା ଦିଆଗଲା । ରବିସିଂ ମାଝୀ ନିଷ୍ଠାର ସହ ନିଜର ଅନୁଗାମୀଙ୍କ ସହାୟତାରେ ଏହି କାମ ଗୁଡ଼ିକୁ ଭଲ ଭାବରେ ତୁଲାଇଥିଲେ ।

୧୯୫୬ ମସିହାରେ ମହମ୍ମଦ କାଜୀଙ୍କ ପ୍ରେରଣାରେ ଉଦବୁଦ୍ଧ ହୋଇ ରବିସିଂ ମାଝୀ ବାଟିବେଡ଼ା ଗାଁର ଲୋକମାନଙ୍କୁ ଭୂଦାନ ଯଜ୍ଞର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ଏହା ଗ୍ରାମବାସୀଙ୍କ ଉନ୍ନତି ରେ ସହାୟକ ହେବ ବୁଝାଇଲେ । ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଆଋର୍ଯ୍ୟ ହରିହରଙ୍କ ଉପସ୍ଥିତିରେ ରବିସିଂ ମାଝୀଙ୍କ ଜନ୍ମଗାଁ ବାଟିବେଡ଼ା କୁ ଭୂଦାନ ସମିତି କୁ ଗ୍ରାମଦାନ କରିଦିଆଗଲା । ଯାହା ଏକ ଇତିହାସ ହୋଇଗଲା । ନିଃସଂକୋଚରେ (ଗ୍ରାମଦାନ କରିଦେବାର ମନସ୍ଥିତି ଓ ଆଗ୍ରହକୁ ଆକଳନ କରେ ଗାନ୍ଧୀ ବିନୋବାଙ୍କ ମାର୍ଗ ଅନୁସରଣ କରିବାରେ ଲୋକଙ୍କ ବ୍ୟାକୁଳତା ସହଜରେ ଜଣାପଡ଼େ ।)

ସାଧାରଣ ଆଦିବାସୀ ପରିବାର ରେ ଜନ୍ମହୋଇ ରାଜତନ୍ତ୍ର ଓ ଶାସନତନ୍ତ୍ରର ସମସ୍ତ ପ୍ରକାର ଅତ୍ୟାଚରକୁ ଭୋଗି ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମରେ ଯୋଗଦେଇ, ଜେଲ ଦଣ୍ଡ ଭୋଗ କରିବା ଏହା ସ୍ୱାଧୀନତା ପରେ କୌଣସି କ୍ଷମତା ପାଇଁ ଲାଳାୟିତ ନହୋଇ ଜନସେବାର ଦିନ କଟାଇ ଦେବା ମଣିଷ ରବିସିଂ ମାଝୀ ୧୯୪୭ ରୁ ୧୯୬୨ ଯାଏ ଆଦିବାସୀ ମଣିଷର ଶିକ୍ଷା, ଦୀକ୍ଷା ଓ ଉନ୍ନତିରେ ମନପ୍ରାଣ ଢାଳିଦେଲେ । ଲୋକେ ତାଙ୍କୁ ସ୍ନେହରେ ଶ୍ରଦ୍ଧାରେ ଡାକିଲେ "ଉମର କୋଟର ଗାନ୍ଧୀ" ।

****

ଛତିଶି

# ରବିସିଂ ମାଝୀଙ୍କ ରାଜନୀତିକ ଜୀବନ : ବିଧାୟକ ଓ ଉପମନ୍ତ୍ରୀ

୧୯୬୨ ମସିହାରେ ନବରଙ୍ଗପୁର ସବ୍ ଡିଭିଜନ୍ ଉମରକୋଟ ବିଧାନସଭା ଆସନଟିକୁ ଆଦିବାସୀମାନଙ୍କ ପାଇଁ ସଂରକ୍ଷିତ ଆସନଭାବେ ଘୋଷଣା କରାଗଲା ।

ଭାରତ ସ୍ୱାଧୀନ ହେବାର ୧୯ ବର୍ଷ ପରେ ଉମରକୋଟ ବିଧାନ ସଭା ମଣ୍ଡଳୀରୁ ରବିସିଂ ମାଝୀ କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚିତ ହେଲେ । ସେ ଜଣେ ସରଳ ନିଷ୍କପଟ ସାଧୁ ସତ୍ୟବାଦୀ ଓ ସଚ୍ଚୋଟ ମଣିଷ ଭାବେ ନିର୍ବାଚିତ ହେବା କମ ଗୌରବର କଥା ନଥିଲା । ତାଙ୍କ ସାଧୁତା, ସରଳତା ସତକହିବା ପଣିଆ ଯୋଗୁଁ ସେ ଜିଲ୍ଲା ଓ ପ୍ରଦେଶ ସ୍ତରରେ ସମସ୍ତଙ୍କର ଆଦରର ପାତ୍ର ଥିଲେ । ନିଜ ଦୋଷ ଦୁର୍ବଳତାକୁ ସ୍ୱୀକାର କରିବାର ସ୍ୱଭାବ ଯୋଗୁଁ ସେ ଲୋକପ୍ରିୟ ଥିଲେ । ସେ କ୍ରମେ କ୍ରମେ ଦେଖିଲେ ଯେ କଂଗ୍ରେସଦଳ ତା'ର ପୂର୍ବ ଆଦର୍ଶକୁ ଭୁଲି କ୍ଷମତା ପଛରେ ଗୋଡ଼ାଇଲା ପ୍ରବୃତ୍ତିକୁ ଗ୍ରହଣ କରି ନେଉଛି ।

୧୯୬୭ ରୁ ୧୯୭୧ ଯାଏ ରବିସିଂ ମାଝୀ ବିଧାନ ସଭା ସଭ୍ୟ ରହିଲେ । ୧୯୭୧ ରେ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ପରାମର୍ଶରେ ରାଷ୍ଟ୍ରପତି ମଧ୍ୟବର୍ତ୍ତୀ ନିର୍ବାଚନର ଘୋଷଣା କଲେ । ୧୯୭୨ ରେ ଶ୍ରୀଯୁକ୍ତ ବିଜୟାନନ୍ଦ ପଟ୍ଟନାୟକ କଂଗ୍ରେସର ଉଚିତ ମୁକାବିଲା କରିବା ପାଇଁ ଉତ୍କଳ କଂଗ୍ରେସ ନାମରେ ଏକ ଆଞ୍ଚଳିକ ଦଳଗଠନ କଲେ । କଂଗ୍ରେସ ଦଳ, ନିଜର ଆଦର୍ଶ ଓ ଲକ୍ଷ୍ୟ ହରାଇ ସ୍ୱାର୍ଥ ସର୍ବସ୍ୱ ହେବାର ଉପଲବ୍ଧ କରି ଉତ୍କଳ କଂଗ୍ରେସରେ ଯୋଗଦେଇ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନ ପରେ ରବିସିଂ ମାଝୀ ଓଡିଶା ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ବିଭାଗର ଉପମନ୍ତ୍ରୀ ଭାବେ ଛ ମାସ କାର୍ଯ୍ୟ କରିଥିଲେ । ୬ ମାସ ପରେ ଓଡିଶା ମନ୍ତ୍ରୀମଣ୍ଡଳକୁ ଭାଙ୍ଗି ଦେଇ ରାଷ୍ଟ୍ରପତି ଶାସନ ଜାରି କରାଗଲା ।

୧୯୭୨ ମସିହାରେ ସ୍ୱାଧୀନତା ସଂଗ୍ରାମରେ କାରାଦଣ୍ଡ ଭୋଗକରି ଦେଶ ମାତୃତାକୁ ବନ୍ଧନ ମୁକ୍ତ କରିବା ଉଦ୍ୟମ ପାଇଁ ଭାରତ ସରକାର ରବିସିଂ ମାଝୀଙ୍କୁ ତାମ୍ରଫଳକ ଓ ସନନ୍ଦ ଉପଢୌକନ ଦେଇ ସମ୍ମାନିତ କଲେ । ଓଡିଶା ସରକାର ମଧ୍ୟ ମାନପତ୍ର ଦେଇଥିଲେ ଯହିଁରେ ଲେଖାଥିଲା – "ଭାରତୀୟ ମୁକ୍ତି ସଂଗ୍ରାମରେ ଆପଣଙ୍କ ଉଲ୍ଲେଖନୀୟ ଅବଦାନ ଅବିସ୍ମରଣୀୟ । ଏହାର ସ୍ମାରକ ରୂପେ ଓଡିଶାସରକାରଙ୍କ ପକ୍ଷରୁ ଆପଣଙ୍କୁ ଏହି ସମ୍ମାନ ସୂଚକ ମାନପତ୍ର ପ୍ରଦାନ କରାଯାଇଛି ।"

୧୯୬୭ ମସିହାରେ ଓଡିଶାର ଜନତାଦଳର ବିପୁଳ ବିଜୟ ଫଳରେ ନୀଳମଣି ରାଉତରାୟଙ୍କ ମନ୍ତ୍ରୀମଣ୍ଡଳରେ ଜନତାଦଳ ସରକାର ଗଠିତ ହେଲା । ରବିସିଂ ମାଝୀ, ଉମରକୋଟ ବିଧାନ ସଭା ଆସନରୁ କଂଗ୍ରେସଦଳର "ଚମରୀମାଝୀ"ଙ୍କୁ ପରାସ୍ତ କରି ଜୟଯୁକ୍ତ ହେଲେ । ସେ ନୀଳମଣି ରାଉତରାୟଙ୍କ ମନ୍ତ୍ରୀମଣ୍ଡଳରେ ଅବକାରୀ ବିଭାଗ ଉପମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ।

ଅବକାରୀ ଉପମନ୍ତ୍ରୀ ଭାବେ ରବିସିଂ ମାଝୀ ଯେତେବେଳେ ଉମରକୋଟ ପରିଦର୍ଶନରେ ଆସିଲେ ତାଙ୍କ ସମ୍ମାନାର୍ଥେ ଉମରକୋଟ ବଣ ବିଭାଗ ଡାକ ବଙ୍ଗଳାରେ ଏକ ବଡ଼ ଭୋଜିର ଆୟୋଜନ କରାଯାଇଥିଲା । ଅବକାରୀ ଇନସ୍ପେକ୍ଟର ଙ୍କ ଦ୍ୱାରା ଉପମନ୍ତ୍ରୀ ସେଠି ଭୋଜି ନଖାଇ ଉମରକୋଟରେ ଥିବା ନିଜଝିଅ ଘରେ ଖାଇଲେ । ସରୁ ଅରୁଆ ଚାଉଳର ଭାତ, ମୁଗଡାଲି, ତୁରୁଣ୍ଡା, ଶୁଖୁଆ, ବାଇଗଣ, କଞ୍ଚାମରିଚ ବଟାର ତରକାରୀ ଖାଉ ଖାଉ ରବିସିଂ ମାଝୀ ତାଙ୍କ ବନ୍ଧୁ ରଘୁନାଥ ପଟ୍ଟନାୟକ ଙ୍କୁ କହିଲେ – "ପଟ୍ଟନାୟକ ବାବୁ, ମନ୍ତ୍ରୀ ହେଲା ଦିନୁ ଖାଇବା ସୁଖ ଗଲା"

୧୯୮୦ ମସିହାରେ ଜନତାଦଳ ପ୍ରାର୍ଥୀ ଭାବେ କଂଗ୍ରେସଦଳର ପ୍ରାର୍ଥୀନୀ ଶ୍ରୀମତୀ ପରମା ପୂଜାରୀଙ୍କ ଠାରୁ ପରାସ୍ତ ହେଲା ପରେ ସେ ସକ୍ରିୟ ରାଜନୀତିରୁ ଅବସର ନେଇଗଲେ । ଏହିପରି ଭାବରେ ୧୬ବର୍ଷରେ ଗାନ୍ଧୀଙ୍କ ଡାକୁଶୁଣି କଂଗ୍ରେସର ୪ ଅଣିଆ ସଭ୍ୟ ହେବା ଖଦଡ ପିନ୍ଧିବା, ୧୯୪୧ରେ ବ୍ୟକ୍ତିଗତ ସତ୍ୟାଗ୍ରହ କରି କୋରାପୁଟ ଜେଲରେ ସଜା କାଟିବା । ୧୯୪୨ ରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ବହୁ ଅତ୍ୟାଚାର ସହିବା, ଜେଲଯିବା, ସ୍ୱାଧୀନ ଭାରତର ପରବର୍ତ୍ତୀ ଦିନଗୁଡ଼ିକରେ ଆଦର୍ଶ ଓ ମୂଲ୍ୟବୋଧରୁ ଦେଖି ଅବକ୍ଷୟ ମ୍ରିୟମାଣ ହେବା ରବିସିଂ ମାଝୀ ରାଜନୀତିର ପଶା ପାଲିରେ ଅସ୍ତବ୍ୟସ୍ତ ହୋଇ ୧୯୮୦ ମସିହାରୁ ଜନସେବା ଓ ସମାଜସେବାରେ ବ୍ୟୟିତ କଲେ ।

****

## ସଇଁତିରିଶ

# ମରଣ ନୁହେଁ ସେ ଅମର ହେବାର ବେଳା

ଗ୍ରାମ ସ୍ୱରାଜ ଓ ରାମରାଜ୍ୟର ସ୍ୱପ୍ନ ଦେଖୁଥିବା ସେଇ ବୁଟି(ବାଙ୍ଗରା) ମଣିଷଟି ଶାସନ କ୍ଷେତ୍ରକୁ ଯାଇ ଦୁର୍ନୀତିର ଗନ୍ତାଘର ହୋଇ ପଡ଼ିଥିବା ମଣିଷ ମାନଙ୍କୁ ଦେଖି ହତାଶ ହୋଇ ପଡ଼ିଲା । ୧୯୬୭ ରୁ ୧୯୮୦ ମଧ୍ୟରେ ଘରିଥର ବିଧାନ ସଭା ସଦସ୍ୟ ତଥା ସେଭିତରେ ଦୁଇଥର ଉପମନ୍ତ୍ରୀ ପଦବୀ ପାଇ ମଧ୍ୟ କ୍ଷମତାର ପଶାପାଲିରୁ ଦୂରେଇ ରହି ଦୁର୍ନୀତିମୁକ୍ତ ରହିବା ବୋଧହୁଏ ତାଙ୍କର ଗାନ୍ଧୀ ଆଦର୍ଶପ୍ରତି ଐକା ନିଷ୍ଠା ଯୋଗୁଁ ସମ୍ଭବ ହୋଇ ପାରିଲା ।

ସାରାଜୀବନ ସାଦାସିଧା ଜୀବନ କଟାଇଥିବା ରବିସିଂ ମାଝୀ ନିଜ ସମାଜର ସଂସ୍କାର, ସଂସ୍କୃତିକୁ ବେଶୀ ଭଲପାଉଥିବା ରବିସିଂ ମାଝୀ, ଚଇତ ପରବ ଗୀତ ଓ ନାଚରେ ହଜି ପାରୁଥିବା ରବିସିଂ ମାଝୀ ଆଦିବାସୀ ଜନ ଜୀବନର ଦୁଃଖ, ଅଭାବ, କୁସଂସ୍କାର, ଅଶିକ୍ଷାକୁ ଦେଖି କାତର ହୋଇପଡୁଥିବା ରବିସିଂ ମାଝୀ; ଦୋଣ ପାଇଁ ସ୍ୱାଧୀନତାର ମନ୍ତ୍ର ଗାଇ କାରାବରଣ କରିଥିବା ରବିସିଂ ମାଝୀ (ରବିବାବୁ) ତା ୨୪-୦୬-୨୦୦୩ ରିଖରେ ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍ପିଟାଲରେ ୮୨ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ତାଙ୍କ ମୃତ୍ୟୁ ଖବର ଶୁଣି ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମନ୍ତ୍ରୀମଣ୍ଡଳର ବହୁ ସଦସ୍ୟ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଧାୟକବୃନ୍ଦ ପୁଷ୍ପ ମାଲ୍ୟ ଦେଇ ଶେଷ ସମ୍ମାନ ଜଣାଇଲେ ।

ସେହିଦିନ ଓଡିଶାରାଜ୍ୟ ସରକାରଙ୍କ ବିମାନରେ ତାଙ୍କ ମରଶରୀରକୁ ଜୟପୁରକୁ ପଠାଇଦିଆଗଲା । ଜୟପୁର ବିମାନ ଅବତରଣ ପଡ଼ିଆରେ ଯଥା ସମ୍ମାନ ସହ ନବରଙ୍ଗପୁର ଜିଲ୍ଲାପାଳ ଶ୍ରୀ ଅରବିନ୍ଦ ପାଢୀ, ରବିସିଂଙ୍କ ମର ଶରୀରକୁ ଗ୍ରହଣ କରି ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତାଙ୍କ ଉମରକୋଟ  ଝରିଗାଁ ରୋଡ଼ ସ୍ଥିତ ବାସ ଭବନକୁ ଅଣାଯିବା ସମୟରେ ହଜାର ହଜାର ନରନାରୀ ବୋରିଗୁମ୍ମା, ନବରଙ୍ଗପୁର, ପାପଡାହାଣ୍ଡି, ଡାବୁଗାଁ, ଉମରକୋଟଠାରେ ପୁଷ୍ପାଞ୍ଜଳି ଦେଇ ଏହି ଦିବଂଗତ ଆତ୍ମାର ସଦଗତି କାମନା କଲେ ।

ତା ୨୪-୦୬-୦୩ ରିଖ ଅସ୍ତଗାମୀ ସୂର୍ଯ୍ୟଙ୍କ କିରଣର ଶେଷ ଆଭା ଆଉ ଅଳ୍ପ ସମୟ ପରେ ଦିଶିବ ନାହିଁ । ସେତିକି ବିଗୁଲର କରୁଣ ଧ୍ୱନି ଓ ପୋଲିସ ବନ୍ଧୁକର ସଲାମରେ ଏକ ଭାବ ଗମ୍ଭୀର ପରିବେଶ ଭିତରେ ଜମା ହୋଇଥିବା ପାଟିବେଡ଼ା ଓ ଅନ୍ୟ ଆଖପାଖ ଗାଁର ହଜାର ହଜାର ନରନାରୀଙ୍କ ଅଶ୍ରୁସିକ୍ତ ହା ହା କାରିତାକୁ ନେଇ କୁଳରିବାଜ ଅନୁସାରେ ଯେତେବେଳେ ରବିସିଂ ମାଝୀଙ୍କ ମରଶରୀରକୁ ଜୁଇ (ଚିତା)ରେ ରଖି ତୁଳସୀ ଡାଙ୍ଗ ସମର୍ପି ମୁଖାଗ୍ନି ଦିଆଗଲା, ଅନ୍ଧାର ହୋଇ ଆସିଲା ।

ସମବେତ ମଣିଷ ଆର୍ଦ୍ର ଆଖି ଆଉ ଓଦା ହୃଦୟକୁ ନେଇ ଦେଖୁଥିଲେ ଏକ ଯୁଗ ପୁରୁଷର ଶେଷ ଯାତ୍ରାକୁ । ଏକ ପୁରୁଷାର୍ଥର ଅନ୍ତିମ ବିଲୟକୁ, ନୀରବରେ ଦେଖୁଥିଲେ ଜୀବନର ଏକ ମହାସତୀକୁ ।

ସତେ ଯେମିତି ଧୂଆଁ ହୋଇ ଉଡି ଯାଉଥିଲା ତାର ପ୍ରାୟାଣ ପରଷ , ସରଳତା, ମଣିଷ ପ୍ରୀତି, ଆତିଥ୍ୟ ପରାୟଣତା, ସତ୍ୟବାଦୀତା, ନିର୍ଭୀକତାକୁ ନେଇ ଗଢି ହୋଇଥିବା ତାର ମାଟିପିଣ୍ଡ ଓ ବ୍ୟକ୍ତିତ୍ୱ ସବୁଦିନ ପାଇଁ ।

ଅମରତ୍ୱର ସ୍ପର୍ଶରେ ଏହି ମୃତ୍ୟୁକେତେ ଯେ ମହୀୟାନ । ଅମ୍ଳାନ ସଂଗ୍ରାମୀ ରବିସିଂ ମାଝୀ ଦଳିତ ପ୍ରାଣର ଗୋଟିଏ ଖୋଲା ମହାକାବ୍ୟ ।

****

# ଅଠତିରିଶି

## ରବିସିଂ ମାଝୀଙ୍କ ବ୍ୟକ୍ତିତ୍ୱ: ସେମାନଙ୍କ ଆଖିରେ

ତାଙ୍କ ବ୍ୟକ୍ତିତ୍ୱରେ ଆକଳନ କରି ୧ ୯ ୯ ୩ ମସିହାରେ ଭୂତପୂର୍ବ ବାଚସ୍ପତି ଯୁଧିଷ୍ଠିର ଦାସ ଲେଖିଥିଲେ -" ମଣିଷ ପରି ମଣିଷଟିଏ । କ୍ଷମତାରେ ରହି ମଧ୍ୟ ସେ କଲେ ନାହିଁ କିଛି । ଏବେ ବି ତାଙ୍କର ସେଇ ମାଟି ଝିଙ୍କର ଘର ।

ସ୍ୱାଧୀନତା ସଂଗ୍ରାମୀ ର ବିଶ୍ୱାନାଥ ପଟ୍ଟନାୟକ - ରବିସିଂ ମାଝୀଙ୍କ ଜୀବନ ଏକ ପ୍ରେରଣାଦାୟକ ଜୀବନ ।

ସ୍ୱାଧିନତା ସଂଗ୍ରାମୀ  ମହମ୍ମଦ କାଜୀ:ରବିସିଂ ମାଝୀ ସେବା ଓ ତ୍ୟାଗର ଜ୍ୱଳନ୍ତ ପ୍ରତୀକ ।

୰ ରାମନାଥ ପଣ୍ଡା ଓଡିଶା କଂଗ୍ରେସ ଦଳ ସଂପାଦକ - ମୁଁ ଯେତେଦୂର ତାଙ୍କୁ ଜାଣେ ତାଙ୍କ ଭଳି ସତ୍ୟନିଷ୍ଠ ମେଳାପି ବନ୍ଧୁ ବତ୍ସଳ, ନିରଳସ, ସରଳ, ପରଦୁଃଖ କାତର ବ୍ୟକ୍ତି ଆମ ସମୟରେ ବହୁତ କମ୍ ଅଛନ୍ତି । ସ୍ୱାଧୀନତା ଆନ୍ଦୋଳନ ସମୟରୁ କୋରାପୁଟ ଜିଲ୍ଲା ତଥା ସମଗ୍ର ଦେଶ ପାଇଁ ତାଙ୍କର ନିଃସ୍ୱାର୍ଥପର ଅବଦାନ ସମୂହ ଅବିଶ୍ୱସନୀୟ ହୋଇରହିବ ।

ଶ୍ରୀ ରଘୁନାଥ ପଟ୍ଟନାୟକ ଭୂତପୂର୍ବ ଆଇନମନ୍ତ୍ରୀ ଓଡିଶା : ରବିସିଂ ମାଝୀଙ୍କ ସହ ମୋର ପରିଚୟ ଦୀର୍ଘ ଦିନର । ଗର୍ବ ଅହଂକାର, ବଡ଼ଲୋକୀ ପଣିଆ ତାଙ୍କଠାରେ ଦେଖିବାକୁ ମିଳେ ନାହିଁ । ସେ ଅତ୍ୟନ୍ତ ମେଳାପୀ, ଜଣେ ଅତିଭଦ୍ର ଲୋକ , ମିଷ୍ଟଭାଷୀ, ସତ୍ୟବାଦୀ ଓ ସରଳ  ଆଦିବାସୀ ନେତା ହିସାବରେ ସେ ସବୁ ବୟସର ସବୁ ସମ୍ପ୍ରଦାୟର ଆସ୍ଥାଭାଜନ ଓ ଆଦରଣୀୟ ହୋଇ ପାରିଛନ୍ତି ।

୰ ଅଧ୍ୟାପକ ଶିବରାମ ପାତ୍ର- ଜାରା ଶବରଙ୍କ ମହାନ ପରମ୍ପରାର ସୁପୁରୁଷ ନବରଙ୍ଗପୁର ଜିଲ୍ଲା ବାଟିବେଡା ଗାଁର ସ୍ୱାଧୀନତା ସଂଗ୍ରାମୀ ରବିସିଂ ମାଝୀ( ୧ ୯ ୨ ୨ ) ଙ୍କ ତ୍ୟାଗପୂତ ଜୀବନ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ସଂଘର୍ଷମୟ ଗାଥା । ସେ ଇତିହାସର ଏକ କ୍ଷୁଦ୍ର ଅଥଚ ଉଜ୍ଜ୍ୱଳ ଅଧ୍ୟାୟ ରବିସିଂଙ୍କ ଜୀବନ ।

ଛନ୍ଦକବି ରଘୁନାଥ ପଟ୍ଟନାୟକ-
ହେ ବିପ୍ଳବୀ  ସ୍ୱାଧୀନ ସଂଗ୍ରାମୀ
ଆଜି ତୁମ ଜୟନ୍ତୀ ବାସରେ
ଅରପୁଛି ପ୍ରୀତି ଶ୍ରଦ୍ଧାଞ୍ଜଳି
ଘେନ ବନ୍ଧୁ ସାଦର ଚିତ୍ତରେ
ଚାଲିଥିଲା ବିଦେଶୀ ଶାସନ
ବିତିଥିଲା ଶୋଷଣ ଧର୍ଷଣ
ସେତେବେଳେ ଦେଶମୁକ୍ତି ପାଇଁ
କରିଥିଲ  ସ୍ୱାଧୀନ ସଂଗ୍ରାମ  ॥

****

# ରବିସିଂ ମାଝୀଙ୍କ ବଂଶାବଳୀ

ଷଡବଂଶୀ ଗଣ୍ଡକୁଳ । ଜନ୍ମଗ୍ରାମ: ବାଟିବେଡ଼ା, ପୋ: ଭାମିନି ଥାନା ଉମରକୋଟ, ଜିଲ୍ଲା- ନବରଙ୍ଗପୁର

ରବିସିଂଙ୍କ ଜେଜେବାପା: ଘଟି ମାଝୀ (ଡାକନାମ : ଘଟି ବାଣୁଆ)

ଜନ୍ମ: ଆନୁମାନିକ ୧୮୮୦ ରୁ ୧୮୮୫ ମଧ୍ୟରେ

ମୃତ୍ୟୁ: ତା୧୩-୧୧-୧୯୪୭ ରିଖ

ଜେଜେମା- ସୋନି ମାଝୀ

ବାପା (ପିତା)- ପଟୁ ମାଝୀ (ପଟୁ ବାଣୁଆ)

ଜନ୍ମ: ଆନୁମାନିକ ୧୯୦୦ରୁ ୧୯୦୫

ମୃତ୍ୟୁ ତା ୨୫-୦୨-୧୯୮୦

ରବିସିଂଙ୍କ ନିଜ ମା: ଦୁଃଖୀ ମାଝୀ

ସାନ ମା- ବିଶୋଇ ମାଝୀ

ରବିସିଂ ମାଝୀ ଜନ୍ମ ତା ୧୨-୧୦-୧୯୨୨ ରିଖ

ମୃତ୍ୟୁ ତା ୨୪-୦୨-୨୦୦୩ ରିଖ

ରବିସିଂଙ୍କ ଭଉଣୀ ମଙ୍ଗଳ ଦେଇ (୧୯୨୫)

ରବିସିଂଙ୍କ ସାନଭାଇ ଶୋଭା ସିଂ ମାଝୀ(୧୯୨୮)

ରବିସିଂଙ୍କ ପ୍ରଥମପତ୍ନୀ : ଧନମତୀ ମାଝୀ (୧୯୨୪)

ପିତା ସମ୍ଭାରୁ ମାଝୀ ବାଣୁଆଗୁଡ଼ା ଗ୍ରାମ

ଝରିଗାଁ (ବିବାହ ୧୯୩୮)

ଦ୍ୱିତୀୟ ପତ୍ନୀ: ଶ୍ରୀମତୀ ଫୁଲେଶ୍ୱରୀ ମାଝୀ

ପିତା: ରଘୁନାଥ ଗଣ୍ଡ, ତୁପଇବେଡ଼ା

ଉମରକୋଟ

ରବିସିଂଙ୍କ ପ୍ରଥମ ପତ୍ନୀଙ୍କ ଗର୍ଭଜାତ

ବଡ଼ଝିଅ ଭାରତୀ (୧୯୪୩)


ସାନଝିଅ ରତ୍ନାବତୀ (୧୯୪୯)

ଦ୍ୱିତୀୟ ପତ୍ନୀଙ୍କ ଗର୍ଭଜାତ

ପୁତ୍ର ସନ୍ତାନ (୧୯୫୧) ୬ବର୍ଷ ବୟସରେ ମୃତ ।

ପୋଷ୍ୟପୁତ୍ର: ରବିସିଂ ମାଝୀଙ୍କ ସାନଭାଇ ଶୋଭାସିଂ ମାଝୀଙ୍କ ପୁତ୍ର ଦାମୋଦର ମାଝୀଙ୍କୁ ରବିସିଂ ଦତ୍ତପୁତ୍ର ଭାବେ ଗ୍ରହଣ କରିଥିଲେ ।

****


ରବିନ୍ଦ୍ର ମାଝୀ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ